# ସାହିତ୍ୟିକା

## ଅଷ୍ଟମଶ୍ରେଣୀ

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ
ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ,
ଓଡ଼ିଶା, ଭୁବନେଶ୍ୱର

ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ,
ଭୁବନେଶ୍ୱର

# ସାହିତ୍ୟିକା

## ଅଷ୍ଟମଶ୍ରେଣୀ


**ସଂପାଦନା ଓ ସମୀକ୍ଷକମଣ୍ଡଳୀ:**

ଡକ୍ଟର ଚକ୍ରଧର ବିଶ୍ୱାଳ (ସମୀକ୍ଷକ)

ଡକ୍ଟର ବିଜୟାନନ୍ଦ ସିଂହ

ସୁଦର୍ଶନ ଦାଶ

ଡକ୍ଟର ସବିତା ଜେନା

ଡକ୍ଟର ମୀନାକ୍ଷୀ ଦାସ

**ନୂତନ ସଂପାଦନା ଓ ସମୀକ୍ଷକମଣ୍ଡଳୀ :**

ଡକ୍ଟର କୈଳାସ ଚନ୍ଦ୍ର ଟିକାୟତରାୟ

ଡକ୍ଟର ବସନ୍ତ କୁମାର ପଣ୍ଡା

ଡକ୍ଟର ସନ୍ତୋଷ କୁମାର ତ୍ରିପାଠୀ

ଡକ୍ଟର ମୀନାକ୍ଷୀ ଦାସ

ଡକ୍ଟର ସଞ୍ଜୁଲତା ପାତ୍ର

ସୁଶ୍ରୀ ବିଦ୍ୟୁଲ୍ଲତା ମିଶ୍ର

ଶ୍ରୀ ସୁବାସ ଚନ୍ଦ୍ର ମିଶ୍ର

ଡକ୍ଟର ଲକ୍ଷ୍ମୀକାନ୍ତ ଖୁଣ୍ଟିଆ

ସଂଯୋଜନା : ଡ. ସବିତା ସାହୁ



ପ୍ରକାଶକ : ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର

ମୁଦ୍ରଣ ବର୍ଷ : ୨୦୧୮, ୨୦୧୯

**ପ୍ରସ୍ତୁତି :**

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର

ଓ

ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର

**ମୁଦ୍ରଣ :** ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଓଡ଼ିଶା, ଭୁବନେଶ୍ୱର



ଅଦ୍ୟାବଧି ଜଗତମାତାଙ୍କର ଚରଣରେ ମୁଁ ଯେଉଁଯେଉଁ ଭେଟି ଦେଉଅଛି, ସେଗୁଡ଼ିକ ମଧ୍ୟରେ ମୌଳିକ ଶିକ୍ଷା ମୋତେ ସବୁଠାରୁ ଅଧିକ କ୍ରାନ୍ତିକାରୀ ଓ ମହତ୍ତ୍ୱପୂର୍ଣ୍ଣ ମନେ ହେଉଛି । ଏହାଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଓ ମୂଲ୍ୟବାନ ଭେଟି ମୁଁ ଯେ ଜଗତ ସମ୍ମୁଖରେ ଥୋଇପାରିବି, ତାହା ମୋର ପ୍ରତ୍ୟୟ ହେଉନାହିଁ । ଏଥିରେ ରହିଛି ମୋର ସମଗ୍ର ରଚନାତ୍ମକ କାର୍ଯ୍ୟକ୍ରମକୁ ପ୍ରଯୋଗାତ୍ମକ କରିବାର ଚାବିକାଠି । ଯେଉଁ ନୂଆ ଦୁନିଆ ପାଇଁ ମୁଁ ଛଟପଟ ହେଉଛି, ତାହା ଏହିଥିରୁ ହିଁ ଉଦ୍ଭବ ହୋଇପାରିବ । ଏହା ମୋର ଅନ୍ତିମ ଅଭିଳାଷ କହିଲେ ଚଳେ ।

**ମହାତ୍ମା ଗାନ୍ଧୀ**

# ମୁଖବନ୍ଧ

ମାତୃଭାଷା ଓଡ଼ିଆରେ ଛାତ୍ରଛାତ୍ରୀମାନଙ୍କର ବିଷୟଗତ ଓ ବ୍ୟାବହାରିକ ଦକ୍ଷତାର ଅଭିବୃଦ୍ଧିପାଇଁ ଜାତୀୟ ପାଠ୍ୟକ୍ରମ ଆଧାର-୨୦୦୫କୁ ଭିତ୍ତିକରି ମାଧ୍ୟମିକ ଶିକ୍ଷା ପରିଷଦଦ୍ୱାରା ଅଷ୍ଟମଶ୍ରେଣୀ ନିମିତ୍ତ ବିଶଦ ପାଠ୍ୟ ରୂପେ **ସାହିତ୍ୟିକା** ପୁସ୍ତକଟି ପ୍ରସ୍ତୁତ କରାଯାଇଥିଲା । ପରିବର୍ତ୍ତିତ ଶିକ୍ଷାବ୍ୟବସ୍ଥା ଅନୁସାରେ ଅଷ୍ଟମଶ୍ରେଣୀଟି ପ୍ରାଥମିକ ସ୍ତରରେ ଅନ୍ତର୍ଭୁକ୍ତ ହେବାପରେ ସାହିତ୍ୟିକାର ନିର୍ବାଚିତ ପ୍ରସଙ୍ଗଗୁଡ଼ିକ ମଧ୍ୟରୁ ୫ଟି ପଦ୍ୟ, ୬ଟି ଗଦ୍ୟ, ୨ଟି ଗଳ୍ପ ଓ ୨ଟି ଏକାଙ୍କିକାର ଅଭ୍ୟାସ କାର୍ଯ୍ୟ ସମନ୍ୱିତ ସଂପାଦନା ଓ ସମୀକ୍ଷାକରି ପୁସ୍ତକଟି ପ୍ରସ୍ତୁତ କରାଯାଇଛି । ସରକାରୀ ନିଷ୍ପତ୍ତି ଓ ନିର୍ଦ୍ଦେଶ ଅନୁସାରେ ଶିକ୍ଷାର୍ଥୀମାନଙ୍କ ମନରେ ସାମାଜିକ କୁସଂସ୍କାର ଓ ଅନ୍ଧବିଶ୍ୱାସ ଦୂରକରିବା ସହିତ ବୈଜ୍ଞାନିକ ଦୃଷ୍ଟିକୋଣର ଉଦ୍ରେକପାଇଁ **"ଟେଙ୍କ-ଆତଙ୍କ"** ବିଷୟଟି ସଂଯୋଜିତ ହୋଇଛି । ଏହାକୁ ଆଧାର କରି ଶିକ୍ଷକଶିକ୍ଷୟିତ୍ରୀମାନେ ଶିକ୍ଷାର୍ଥୀମାନଙ୍କ ମନରେ ଭାଷାଦକ୍ଷତା ଓ ସାହିତ୍ୟାନୁରାଗର ଅଭିବୃଦ୍ଧି କରାଇ ପାରିଲେ ଆମର ଶ୍ରମ ସାର୍ଥକ ହେବ । ପୁସ୍ତକଟିର ପ୍ରକାଶନ ଅବସରରେ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ରାଜ୍ୟ ଶିକ୍ଷା ଗବେଷଣା ଏବଂ ପ୍ରଶିକ୍ଷଣ ପରିଷଦ ଏବଂ ପୂର୍ବରୁ ଏହି ପୁସ୍ତକର ପ୍ରସ୍ତୁତକାରୀ ସଂସ୍ଥା ମାଧ୍ୟମିକଶିକ୍ଷା ପରିଷଦକୁ ଆନ୍ତରିକ ଧନ୍ୟବାଦ ଜଣାଉଛୁ ।

**ସଂପାଦକ ଓ ସମୀକ୍ଷକମଣ୍ଡଳୀ**

# ଭୂମିକା

ଅଷ୍ଟମଶ୍ରେଣୀ ପାଠ ମାଧ୍ୟମିକସ୍ତରରୁ ପ୍ରାଥମିକଶିକ୍ଷାରେ ଅନ୍ତର୍ଭୁକ୍ତ ହେବାପରେ ଏହାର ଶିକ୍ଷାଦାନ ଶୈଳୀରେ ଆବଶ୍ୟକ ପରିବର୍ତ୍ତନପାଇଁ ବିଶେଷଜ୍ଞମାନଙ୍କଦ୍ୱାରା ପୁନଃ ନିରୀକ୍ଷଣ, ସଂଶୋଧନ, ପରିବର୍ତ୍ତନ ଓ ପରିମାର୍ଜନ କାର୍ଯ୍ୟ ହାତକୁ ନିଆଗଲା । ନିର୍ବାଚିତ ବିଷୟଗୁଡ଼ିକ ଛାତ୍ରଛାତ୍ରୀମାନଙ୍କୁ ମୂଲ୍ୟବୋଧ ଭିତ୍ତିକ ଜ୍ଞାନ ପ୍ରଦାନ କରିବା ସଙ୍ଗେସଙ୍ଗେ ଓଡ଼ିଆଭାଷାର ବ୍ୟବହାରପାଇଁ ସୁଯୋଗ୍ୟ ଭାବେ ଗଢ଼ିତୋଳିବାରେ ବିଶେଷ ସହାୟକ ହୋଇପାରିବ ବୋଲି ଆଶା ।

ବିଷୟଗୁଡ଼ିକର ଲେଖକ, ସଂପାଦନାମଣ୍ଡଳୀ ଓ ସମୀକ୍ଷକମାନେ ଶ୍ରମସ୍ୱୀକାର କରି ପୁସ୍ତକର ପ୍ରକାଶନପାଇଁ ସହଯୋଗ କରିଥିବାରୁ ସେମାନଙ୍କୁ ଧନ୍ୟବାଦ ଜଣାଉଛି । ଏହି ପୁସ୍ତକର ଗୁଣାତ୍ମକ ବୃଦ୍ଧିପାଇଁ ଶିକ୍ଷକଶିକ୍ଷୟିତ୍ରୀ, ଅଭିଭାବକ ଓ ବିଦ୍ୱାନ୍ ଶିକ୍ଷାବିଦ୍‌ଗଣ ପରାମର୍ଶ ପ୍ରଦାନକଲେ ଏଥିନିମିତ୍ତ ଆବଶ୍ୟକ ପଦକ୍ଷେପ ନିଆଯିବ ।

**ନିର୍ଦ୍ଦେଶକ**

## ସୂଚିପତ୍ର


| କ୍ର.ନଂ. | ବିଷୟ | କବି / ଲେଖକ | ପୃଷ୍ଠା |
|---|---|---|---|
| | **ପଦ୍ୟ** | | |
| ୧. | ବୃକ୍ଷ ମାହାତ୍ମ୍ୟ | ଜଗନ୍ନାଥ ଦାସ | ୧ |
| ୨. | ଉଦ୍‌ବୋଧନ | ଗଙ୍ଗାଧର ମେହେର | ୭ |
| ୩. | ଶିକ୍ଷାଦୀକ୍ଷା | ବୈଷ୍ଣବ ପାଣି | ୧୪ |
| ୪. | ଜାତୀୟ ପତାକା | ଗୋଦାବରୀଶ ମିଶ୍ର | ୨୦ |
| ୫. | ବଶିଷ୍ଠ ଓ ବିଶ୍ୱାମିତ୍ର | ଅନନ୍ତ ପଟ୍ଟନାୟକ | ୨୫ |
| | **ଗଦ୍ୟ** | | |
| ୬. | ରୋଗୀସେବା | ଉଦୟନାଥ ଷଡଙ୍ଗୀ | ୩୩ |
| ୭. | ଗୁରୁ - ଶିଷ୍ୟ ସମ୍ପର୍କ | ଶତ୍ରୁଘ୍ନ ନାଥ | ୪୩ |
| ୮. | ଦରିଆ ଦଖଲ | ଅନ୍ନପୂର୍ଣ୍ଣା ମହାରଣା | ୫୨ |
| ୯. | ପ୍ରଗତି ଓ ମାନବଧର୍ମ | ବୈଦ୍ୟନାଥ ମିଶ୍ର | ୫୭ |
| ୧୦. | ବୈଜ୍ଞାନିକ ମନୋବୃତ୍ତି | ଶରତ କୁମାର ମହାନ୍ତି | ୬୩ |
| ୧୧. | ଟେଙ୍କ-ଆତଙ୍କ | ସଂପାଦନାମଣ୍ଡଳୀ | ୭୧ |
| | **ଗଳ୍ପ** | | |
| ୧୨. | ଡାକମୁନ୍‌ସି | ଫକୀରମୋହନ ସେନାପତି | ୭୫ |
| ୧୩. | ଦଶହରା ଭେଟି | ରାଜକିଶୋର ରାୟ | ୮୩ |
| | **ଏକାଙ୍କିକା** | | |
| ୧୪. | ସୁନା ନେଉଳ | ମଙ୍ଗୁଳୁ ଚରଣ ବିଶ୍ୱାଳ | ୯୧ |
| ୧୫. | ଆହୁତି | କାର୍ତ୍ତିକ ଚନ୍ଦ୍ର ରଥ | ୧୦୩ |

ପଦ୍ୟ

IJNFBH

# ବୃକ୍ଷ ମାହାତ୍ମ୍ୟ

● ଜଗନ୍ନାଥ ଦାସ

**କବି ପରିଚୟ :**

ଓଡ଼ିଆ ସାହିତ୍ୟରେ ଜଗନ୍ନାଥ ଦାସ (ପଞ୍ଚଦଶ ଶତାବ୍ଦୀ ଶେଷାର୍ଦ୍ଧ-ଷୋଡ଼ଶ ଶତାବ୍ଦୀ ପ୍ରଥମାର୍ଦ୍ଧ) ହେଉଛନ୍ତି ଜଣେ ଅମର ସ୍ରଷ୍ଟା । ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ ଓଡ଼ିଆଜାତିପାଇଁ ଏକ ଶ୍ରେଷ୍ଠ ଅବଦାନ । ଭାଗବତ ଓଡ଼ିଆ-ଜାତିର ଜାତୀୟ ମହାକାବ୍ୟ । ସଂସ୍କୃତଭାଷାରେ ରଚିତ "ଶ୍ରୀମଦ୍‌ଭାଗବତ"ର ଛାୟାରେ ରଚିତ ଏହି ପୁରାଣ-ମହାକାବ୍ୟରେ କବି ଜଗନ୍ନାଥ ଓଡ଼ିଆ ସାମାଜିକ ଜୀବନକୁ ନେଇ ମୌଳିକ ବିଷୟ ବିନ୍ୟାସ କରିଛନ୍ତି । ଲୋକପ୍ରିୟତା ଦୃଷ୍ଟିରୁ ଜଗନ୍ନାଥ ଦାସଙ୍କ ଭାଗବତ ଓଡ଼ିଶାର ଘରେଘରେ ଆଦୃତ । ଓଡ଼ିଆ ଭାଗବତ ବ୍ୟତୀତ ଜଗନ୍ନାଥ ଦାସଙ୍କର ଆଉ କେତେକ ଜଣାଶୁଣା ରଚନା ହେଉଛି 'ତୁଳାଭିଣା', 'ଅର୍ଥକୋଇଲି', 'ଦାରୁବ୍ରହ୍ମ ଗୀତା' ଓ 'ମୃଗୁଣୀ ସ୍ତୁତି' ଇତ୍ୟାଦି ।

ପ୍ରସ୍ତୁତ ପାଠ୍ୟାଂଶଟି ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତର ଦଶମସ୍କନ୍ଧ (ଗୋପଲୀଳା) ଅନ୍ତର୍ଗତ ତ୍ରୟୋବିଂଶ ଅଧ୍ୟାୟରୁ ଅଣାଯାଇଛି । ଏହି ଅଂଶରେ କବି ଶ୍ରୀକୃଷ୍ଣଙ୍କ ମୁଖରେ ବୃକ୍ଷର ମାହାତ୍ମ୍ୟ ବିଷୟରେ ବର୍ଣ୍ଣନା କରିଛନ୍ତି ।

ଏମନ୍ତେ କୃଷ୍ଣ ଆଜ୍ଞା ପାଇ ।
କନ୍ୟାଏ ଗଲେ ତୋଷ ହୋଇ ॥
ଗୋବିନ୍ଦ ପାଦେ ମନ ଥୋଇ ।
ମିଳିଲେ ନିଜ ଘରେ ଯାଇ ॥
ଗୋପାଳ ମେଳେ ଦାମୋଦର ।
ଗାଈ ଚରାଇ ଗଲେ ଦୂର ॥
ନିଦାଘ ରବି ତେଜ ଲାଗି ।
ପୋଏ ହୋଇଲେ ଦୁଃଖଭାଗୀ ॥
ଚରାନ୍ତି ଗୋରୁ ଗୋପମେଳେ ।
ଶୀତଳ ଛାୟା ବୃକ୍ଷତଳେ ॥

ବୃକ୍ଷକୁ ଚାହିଁ ଦାମୋଦର ।
ବୋଲନ୍ତି ଗୋପଙ୍କ ଆଗର ॥
ହେ ସ୍ତୋକକୃଷ୍ଣ ମିତ ମୋର ।
ଶ୍ରୀଦାମ ଅର୍ଜୁନ ସୁବଳ ॥
ଅଂଶୁ ବିଶାଳ ଦେବପ୍ରସ୍ଥ ।
ଦେଖ ଏ ବୃକ୍ଷଙ୍କ ମହତ୍ତ୍ୱ ॥
ପରେ କରନ୍ତି ଉପକାର ।
ସୁଜନ ପ୍ରାଣୀଙ୍କ ବେଭାର ॥
ଶୀତ ବରଷା ଘର୍ମ ଦୁଃଖ ।
ସହି ଆମ୍ଭଙ୍କୁ ଦ୍ୟନ୍ତି ସୁଖ ॥
ଧନ୍ୟ ଜୀବନ ଏହାଙ୍କର ।
ଜୀବିକା ହୋନ୍ତି ପ୍ରାଣୀଙ୍କର ॥
ସୁଜନଘରେ ଯେହ୍ନେ ଯାଇ ।
ଅତିଥି ନିରାଶ ନୁହଇ ॥
ପତ୍ର କୁସୁମ ଫଳ ଛାଇ ।
ମୂଳ ବକଳ ଦାରୁ ଦେଇ ॥
କ୍ଷାର, ଅଙ୍ଗାର, ଭସ୍ମ, ଅଠା ।
ଗୃହକୁ ସାଜି ବାଡ଼ କଣ୍ଟା ॥
ଏତେ ପ୍ରକାରେ ସେବା କରି ।
ନିତ୍ୟେ ଏ ପର ଉପକାରୀ ॥
ଏହାଙ୍କ ପ୍ରାୟେ ଯେବେ ହୋଇ ।
ସଂସାର ମଧ୍ୟେ ଦେହ ବହି ॥
ମନ ବଚନ ଧନେ କରି ।
ଯେ ହୋଏ ପର ଉପକାରୀ ॥
ଦିନ ହରନ୍ତି ଦୁଃଖ ସୁଖେ ।
ସେ ଧନ୍ୟ ଇହ ପରଲୋକେ ॥
ପୁଷ୍ପ ପଲ୍ଲବ ଫଳ ଦଳେ ।
ତରୁର ଲମ୍ବ ଡାଳ ତଳେ ॥

ଗୋରୁ ଗୋପାଳ ଘେନି ସଙ୍ଗେ ।
ମିଳିଲେ ଯମୁନାର ଲାଗେ ॥
ଶୀତଳ ଜଳ ପାନ କରି ।
ବୃକ୍ଷର ତଳେ ନରହରି ॥
କୃଷ୍ଣଙ୍କୁ ଦେଖି ଗୋପବାଳେ ।
କହନ୍ତି କ୍ଷୁଧାର ବିକଳେ ॥
ସେ ରାମ କୃଷ୍ଣର ଅଗ୍ରତ ।
ନମଇଁ ଦାସ ଜଗନ୍ନାଥ ॥

**ସୂଚନା :**

| | |
|---|---|
| କନ୍ୟାଏ | - ଗୋପବାଳାମାନେ |
| ଗୋବିନ୍ଦ | - ଶ୍ରୀକୃଷ୍ଣଙ୍କର ଏକ ନାମ |
| ଦାମୋଦର | - ଦାମ+ଉଦର = ଦାମୋଦର । 'ଦାମ' ଶବ୍ଦର ଅର୍ଥ ଦଉଡ଼ି, ପିଲାଦିନେ ଅମାନିଆ ଶ୍ରୀକୃଷ୍ଣଙ୍କୁ ମାତା ଯଶୋଦା ଥରେ ଦଉଡ଼ିରେ ବାନ୍ଧିଥିଲେ । ଶ୍ରୀକୃଷ୍ଣଙ୍କ ଶରୀରରେ ସେହି ଦଉଡ଼ିର ଚିହ୍ନ ରହିଯାଇଥିଲା । ସେହି କାରଣରୁ ଶ୍ରୀକୃଷ୍ଣଙ୍କର ଗୋଟିଏ ନାଁ ହେଉଛି 'ଦାମୋଦର' । |
| ନିଦାଘ | - ଗ୍ରୀଷ୍ମକାଳ |
| ପରେ | - ପରପାଇଁ, ଅନ୍ୟପାଇଁ |
| ପୋଏ | - ଶ୍ରୀକୃଷ୍ଣଙ୍କ ସହିତ ଗୋଚାରଣ କରୁଥିବା ପୁଅମାନେ ବା ଗୋପବାଳକମାନେ |
| ବେଭାର | - ବ୍ୟବହାର |
| ଗୋପଙ୍କ | - ଗୋପାଳ ବାଳକମାନଙ୍କ |
| ସ୍ତୋକକୃଷ୍ଣ | - ଶ୍ରୀକୃଷ୍ଣଙ୍କର ଜଣେ ସଖା (ଯିଏ କୃଷ୍ଣଙ୍କ ଭଳି କପଟ ବେଶଭୂଷା ହୋଇଥାଏ) |
| ଶ୍ରୀଦାମ, ଅର୍ଜୁନ, ସୁବଳ, ଅଂଶୁ, ବିଶାଳ, ଦେବପ୍ରସ୍ଥ | - ଏମାନେ ଶ୍ରୀକୃଷ୍ଣଙ୍କର ଜଣେଜଣେ ସଖା |
| ଘର୍ମ | - ଝାଳ |
| ଦ୍ୟନ୍ତି | - ଦିଅନ୍ତି |
| ଦାରୁ | - କାଠ |
| ଦଳ | - ପତ୍ର |
| ଲାଗେ | - ନିକଟରେ |

## ଆସ, ଜାଣିବା କେତୋଟି ନୂତନ ଶବ୍ଦ

| |
|---|
| ମାହାତ୍ମ୍ୟ, କ୍ଷାର, ନିତ୍ୟେ, ତୋଷ, ଇହପରଲୋକ |

## ଅଭ୍ୟାସକାର୍ଯ୍ୟ

### (୧) ଆସ, କଥାବାର୍ତ୍ତା ହେବା

(କ) ଓଡ଼ିଆ ଭାଗବତ ରଚୟିତା କିଏ ?

(ଖ) କବି ଜଗନ୍ନାଥ ଦାସ କେଉଁ ଶତାବ୍ଦୀରେ ଜନ୍ମ ଗ୍ରହଣ କରିଥିଲେ ?

(ଗ) ଓଡ଼ିଆ ଭାଗବତର କେଉଁ ସ୍କନ୍ଧରୁ 'ବୃକ୍ଷ ମାହାତ୍ମ୍ୟ' କବିତାଟି ଆଣାଯାଇଛି ?

(ଘ) କେଉଁମାନଙ୍କ ଆଗରେ ଶ୍ରୀକୃଷ୍ଣ ବୃକ୍ଷର ମହିମା କଥା କହୁଥିଲେ ?

(ଙ) ଯମୁନା ବିଷୟରେ କ'ଣ କୁହାଯାଇଛି ?

### (୨) ଆସ, ଦୁଇ ବା ତିନୋଟି ବାକ୍ୟରେ ତଳ ପ୍ରଶ୍ନର ଉତ୍ତର ଲେଖିବା ।

(କ) ଶ୍ରୀକୃଷ୍ଣଙ୍କ ନାମ 'ଦାମୋଦର' ହୋଇଛି; ଏହାର କାରଣ କ'ଣ ?

(ଖ) ଗୋପବାଳକମାନେ ଦୁଃଖ ଅନୁଭବ କରୁଥିଲେ କାହିଁକି ?

(ଗ) ବୃକ୍ଷକୁ ସୁଜନଙ୍କ ସହିତ ତୁଳନା କରାଯିବାର କାରଣ କ'ଣ ?

(ଘ) 'ଜୀବିକା ହୋନ୍ତି ପ୍ରାଣୀଙ୍କର' - ଏହି ଧାଡ଼ିରୁ ବୃକ୍ଷର ଉପକାରିତା ସମ୍ପର୍କରେ ତୁମେ କ'ଣ ଜାଣିବାକୁ ପାଉଛ ?

(ଙ) କେଉଁ ସ୍ଥାନକୁ ଗଲେ ଅତିଥିଙ୍କୁ ନିରାଶ ହେବାକୁ ପଡ଼େ ନାହିଁ ?

### (୩) ଆସ, ୧୦୦ରୁ ୧୨୦ଟି ଶବ୍ଦ ମଧ୍ୟରେ ତଳ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖିବା ।

(କ) 'ବୃକ୍ଷମାନଙ୍କ ଜୀବନ ଧନ୍ୟ' - କବି ଏପରି କାହିଁକି କହିଛନ୍ତି ?

(ଖ) ଅବିଚାରିତ ଭାବରେ ବୃକ୍ଷଛେଦନ ଫଳରେ ସମାଜରେ କି ପ୍ରକାର କ୍ଷତି ଘଟୁଛି ?

(ଗ) ବୃକ୍ଷମାନେ ପରର ଉପକାର କିପରି କରନ୍ତି ?

**ଆସ, କବିତାର ପଦ ପୂରଣ କରିବା ।**

(କ) କ୍ଷାର, ଅଙ୍ଗାର, ଭସ୍ମ, ଅଠା।

---------------------------

(ଖ) ଧନ୍ୟ ଜୀବନ ଏହାଙ୍କର।

---------------------------

(ଗ) ପତ୍ର କୁସୁମ ଫଳ ଛାଇ।

---------------------------

**(୪) ଏହି କବିତାରୁ ଭଲ ଲାଗୁଥିବା ପଦଗୁଡ଼ିକ ନିର୍ବାଚନ କରି ଆବୃତ୍ତି କରିବା ?**

**(୫) ଆସ, ସରଳଭାଷାରେ ବୁଝାଇ ଲେଖିବା :**

(କ) ଏହାଙ୍କ ପ୍ରାୟେ ଯେବେ ହୋଇ
ସଂସାର ମଧ୍ୟେ ଦେହ ବହି ।

(ଖ) ମନ ବଚନ ଧନେ କରି
ଯେ ହୋଏ ପର ଉପକାରୀ ।
ଦିନ ହରନ୍ତି ଦୁଃଖ ସୁଖେ
ସେ ଧନ୍ୟ ଇହପର ଲୋକେ ।

**(୬) ତଳ ଲିଖିତ ନାମମାନଙ୍କ ମଧ୍ୟରୁ ଯେଉଁଗୁଡିକ ଶ୍ରୀକୃଷ୍ଣଙ୍କ ସଖାଙ୍କ ନାମ ନୁହେଁ, ତାହାକୁ ବାଛି ଲେଖିବା ।**

ଶ୍ରୀଦାମ, ଅର୍ଜୁନ, ସୁବଳ, ବିଶାଳ, ପ୍ରାଂଶୁ, ଦେବପ୍ରସ୍ଥ।

**(୭) ତଳେ ଦିଆଯାଇଥିବା ଶବ୍ଦର ଅର୍ଥ ଡାହାଣପଟରେ ଥିବା ବନ୍ଧନୀ ମଧ୍ୟରୁ ବାଛି ଲେଖିବା।**

(କ) ଘର୍ମ (ବର୍ଷା, ଝାଳ, ଲାଳ, ଚମଡ଼ା)

(ଖ) ଦାରୁ (ସୁନ୍ଦର, କର୍କଶ, ମଠ, କାଠ)

(ଗ) ଦ୍ୟନ୍ତି (ଥୁଅନ୍ତି, କୁହନ୍ତି, ନିଅନ୍ତି, ଦିଅନ୍ତି)

## ଆସ, ନୂତନ ଶବ୍ଦ ଲେଖିବା:

(୮) 'ମହତ' ଶବ୍ଦରେ 'ତ୍ୱ' ପ୍ରତ୍ୟୟ ଯୋଗ କଲେ ଶବ୍ଦଟି ହୁଏ 'ମହତ୍ତ୍ୱ' । ସେହିପରି ନିମ୍ନଲିଖିତ ଶବ୍ଦମାନଙ୍କର 'ତ୍ୱ' ପ୍ରତ୍ୟୟ ଯୋଗ କରି ନୂଆ ଶବ୍ଦ ଗୁଡ଼ିକୁ ଲେଖିବା ।

(ଗୁରୁ, ବିଶେଷ, ସତ୍, କ୍ଷୁଦ୍ର, ଦୂର, ସ୍ୱ)

(୯) ବନ୍ଧନୀ ମଧ୍ୟରୁ ଠିକ୍ ଶବ୍ଦ ବାଛି ପଦ ପୂରଣ କରିବା ।

(କ) ମନ ବଚନ __________ କରି
ଯେ ହୋଏ __________ ଉପକାରୀ ।
(ଏକ, ନିଜ, ଧନେ, ବନେ, ସର୍ବ, ଜନେ, ପର, ତୋର)

(ଖ) ଶୀତ ବରଷା __________ ଦୁଃଖ
ସହି __________ ଦ୍ୟନ୍ତି ସୁଖ ।
(କର୍ମ, ମର୍ମ, ତୁମ୍ଭଙ୍କୁ, ଆମ୍ଭଙ୍କୁ, ଘର୍ମ, ସଭିଙ୍କୁ)

(୧୦) ରେଖାଙ୍କିତ ଶବ୍ଦଗୁଡ଼ିକର ଅର୍ଥ ପାଖ କୋଠରିରେ ଲେଖିବା ।

| | | |
|---|---|---|
| (କ) | ନିଦାଘ ରବି ତେଜ ଲାଗି | |
| | ଝୁରୁଛି ମୁହିଁ ପୁତ୍ର ଲାଗି | |
| (ଖ) | ମିଳିଲେ ଯମୁନାର ଲାଗେ | |
| | ସଂଚିତ ଧନ କର୍ମେ ଲାଗେ | |

(୧୧) ପ୍ରତିଶବ୍ଦ ଲେଖିବା -

ରବି __________, ବୃକ୍ଷ __________, ପୁଷ୍ପ __________, ପଲ୍ଲବ __________

(୧୨) ତୁମପାଇଁ କାମ : -

(କ) ଓଡ଼ିଆ ଭାଗବତ ସମ୍ପର୍କରେ ତଥ୍ୟ ସଂଗ୍ରହ କରି ତୁମ ସାହିତ୍ୟ ଶିକ୍ଷକଙ୍କୁ ଦିଅ ।

(ଖ) ବୃକ୍ଷର ଉପକାରିତା ସଂପର୍କରେ ଲେଖାଯାଇଥିବା ବିଭିନ୍ନ କବିତା, ପ୍ରବନ୍ଧ ଓ ପାଠ୍ୟ ପୁସ୍ତକରୁ ତଥ୍ୟ ସଂଗ୍ରହକରି ଖାତାରେ ଲେଖି ରଖିବା ଓ ଶ୍ରେଣୀରେ ଆଲୋଚନା କରିବା ।

***

# ଉଦ୍‌ବୋଧନ

IJXBD5

● ଗଙ୍ଗାଧର ମେହେର

**କବି ପରିଚୟ :**

ସ୍ୱଭାବକବି ଗଙ୍ଗାଧର ମେହେର (୧୮୬୨-୧୯୨୪) ବର୍ତ୍ତମାନର ବରଗଡ଼ ଜିଲ୍ଲା ବରପାଲିଠାରେ ଜନ୍ମଗ୍ରହଣ କରିଥିଲେ । ଓଡ଼ିଆ ସାହିତ୍ୟର ଆଧୁନିକ ଯୁଗର କବି ଓ ଲେଖକମାନଙ୍କ ମଧ୍ୟରେ ଗଙ୍ଗାଧର ଏକ ବିଶିଷ୍ଟ ସ୍ଥାନର ଅଧିକାରୀ । 'ଇନ୍ଦୁମତୀ', 'କୀଚକ ବଧ', 'ଉତ୍କଳଲକ୍ଷ୍ମୀ', ପ୍ରଣୟବଲ୍ଲରୀ', 'ତପସ୍ୱିନୀ', 'ଅର୍ଘ୍ୟଥାଳୀ', ମହିମା' ଓ 'କୃଷକ ସଙ୍ଗୀତ' ଇତ୍ୟାଦି ତାଙ୍କର କେତୋଟି ଅତି ଜଣାଶୁଣା ରଚନା । 'ଉଦ୍‌ବୋଧନ' କବିତାଟି ଗଙ୍ଗାଧରଙ୍କ 'ଅର୍ଘ୍ୟଥାଳୀ' କବିତା ସଂକଳନରୁ ସଂଗୃହୀତ ।

ତାଙ୍କ ସମୟର ଓଡ଼ିଶାର ଜନମାନସରେ କବି ଯେଉଁ ଜଡ଼ତା ଓ ଉଦ୍ୟମହୀନତା ଲକ୍ଷ୍ୟ କରିଥିଲେ, ତାହା ତାଙ୍କୁ ମର୍ମାହତ କରିଥିଲା । ନିଜର ଭାଷା ଓ ଦେଶବାସୀଙ୍କ ଉନ୍ନତି ଉଦ୍ଦେଶ୍ୟରେ କବି ଦେଇଥିବା ଆହ୍ୱାନ ଏହି କବିତାରେ ପ୍ରତିଫଳିତ ହୋଇଛି ।

ନବ ରବିକରେ ଫୁଟଇ କମଳ,
ଉତ୍‌ଫୁଲ୍ଲେ ଉଠନ୍ତି ବିହଙ୍ଗମଦଳ ।
ଆହାର ବିହାର ପାଇଁ ତେଜି ପୁର,
ଉଡ଼ି ଯାଇଥାନ୍ତି କେତେକେତେ ଦୂର ।
ମହୁମାଛି ମଧୁ ସଞ୍ଚୟ ଲାଳସେ,
ବହୁ ଦୂର ବନ ପର୍ବତେ ବିଳସେ ।
ବଳ ଥାଉଁ କେହି ନିଶ୍ଚୟ ମଉନ,
ଥାଇ ନ କରନ୍ତି ଜୀବନ ନିଉନ ।
ସୁପ୍ତ ସିଂହ ମୁଖେ ନ ପଶେ ଆହାର,
ଶ୍ରମେ ପିପୀଲିକା ପୂରାଏ ଭଣ୍ଡାର ।

ମେଲିଥିଲେ ପାଟି ଶୋଇ ବୃକ୍ଷ ତଳେ,
ବୃକ୍ଷଚ୍ୟୁତ ଫଳ ନ ପଡ଼େ କବଳେ ।
ଗଜ ସିଂହ ବ୍ୟାଘ୍ର ଦେହେ ଅଛି ବଳ,
ତାଙ୍କୁ ବାନ୍ଧେ ନର ପ୍ରକାଶି କୌଶଳ ।
କୌଶଳଜନକ ଜ୍ଞାନ ଅଟେ ସିନା,
ଜନମି ନ ପାରେ ଜ୍ଞାନ ଭାଷା ବିନା ।
ଭାଷା ଯୋଗୁଁ ସିନା ଦମି ଜୀବଗଣ,
ମାନବ କରଇ ବିଶ୍ୱେ ରାଜପଣ ।
ଯା ଭାଷା ଦୁର୍ବଳା ସେ ନିଶ୍ଚେ ଅଧମ,
କାହିଁ ହେବ ଆନେ ପ୍ରତିଯୋଗେ କ୍ଷମ ?
ଉଚ୍ଚଭାଷୀ ଲୋକେ ତାକୁ ନୀଚ ଗଣି,
ଉଚ୍ଚ ସମାଜରେ ହୁଅନ୍ତି ଅଗ୍ରଣୀ ।
ଯେ ନର ନ ବୁଝେ ମାନ ଅପମାନ,
ନୁହଇ କି ସେହୁ ପଶୁର ସମାନ ?
ଯା ଭାଷା ଦୁର୍ବଳା କାହିଁ ତା'ର ଜ୍ଞାନ ?
କାହିଁ ତା'ର ରାଜଦୁଆରେ ସମ୍ମାନ ?
ଉଚ୍ଚ ହେବାପାଇଁ କର ଯେବେ ଆଶା,
ଉଚ୍ଚ କର ଆଗେ ନିଜ ମାତୃଭାଷା ।
ନାହିଁ ଯେବେ ହୃଦେ ଉଚ୍ଚ ଅଭିଳାଷ,
କର ଆମୋଦର ପଲଙ୍କେ ବିଳାସ ।
ପ୍ରତିବେଶୀଙ୍କର ଚରଣ ପ୍ରହାର-
ଚିହ୍ନଶ୍ରେଣୀ କର ବକ୍ଷଦେଶେ ହାର ।
ଉଚ୍ଚ ପଦ ପାଇଁ ଡାକିଲେ ରାଜନ,
କେତେ ଜଣ ଅଛ ତହିଁକି ଭାଜନ ?
ପ୍ରତିବେଶୀଙ୍କର ସହିତ ତୁଳନା,

ତହିଁରୁ ବୁଝିବ ନିଜେ କେଡ଼େ ଦୀନ,
କରିଅଛ ପୁଣି ମାତୃଭାଷା ହୀନ ।
ମାତୃଭାଷା ପୋଥି ଛୁଇଁବାକୁ କରେ,
ଅନ୍ୟ କେଉଁ ଜାତି ଲଜ୍ଜାବୋଧ କରେ ?
ଉଠ ଭାଇ, ଉଠ ନବୀନ ଆଲୋକେ,
ଶୋଇଥିଲେ ଚାହିଁ ହସୁଥିବେ ଲୋକେ ।
ଶୁଭ କର୍ମପଥେ ହୁଅ ଅଗ୍ରସର,
ଚକ୍ଷୁ ମଳିବାକୁ ନାହିଁ ଅବସର ।
ମାତୃଭୂମି ମାତୃଭାଷାର ବଦନ,
ଦୀପ୍ତ କର ଦେଇ ଧନ ଧ୍ୟାନ ମନ ।
ଶୁଭ ପଥେ ବିଭୁ କରିବେ ମଙ୍ଗଳ,
ଶୁଭ କର୍ମେ ହେବ ଜୀବନ ସଫଳ ।

**ସୂଚନା :**

ଉଦ୍‌ବୋଧନ - ବର୍ତ୍ତମାନର ଦୁରବସ୍ଥାକୁ ଦେଖି ତହିଁରେ ଉନ୍ନତି ଆଣିବା ଉଦ୍ଦେଶ୍ୟରେ ଦେଶବାସୀଙ୍କ ମଧ୍ୟରେ ଚେତନା ସୃଷ୍ଟି କରିବା ଏବଂ ଜାଗରଣ ଆଣିବା ନିମନ୍ତେ ଦିଆଯାଉଥିବା ପରାମର୍ଶ । ଅଥବା- ଜାଗରଣ ନିମିତ୍ତ ପ୍ରଦତ୍ତ ଉତ୍ସାହବାଣୀ ।

ରବିକରେ - ସୂର୍ଯ୍ୟଙ୍କ କିରଣରେ

ଉତ୍‌ଫୁଲ୍ଲେ - ଆନନ୍ଦରେ

ବିହଙ୍ଗମ - ପକ୍ଷୀ (ଏମାନେ ବିହାୟସ ଅର୍ଥାତ୍ ଆକାଶରେ ଗମନ କରିପାରୁଥିବା ହେତୁ ଏମାନଙ୍କୁ ବିହଙ୍ଗମ କୁହାଯାଏ ।)

ବିଳସେ - ବିହାର କରେ, ବୁଲେ ।

ପିପୀଲିକା - ପିମ୍ପୁଡ଼ି

କବଳେ - ପାଟିରେ, ମୁଖଗହ୍ୱରରେ, ହାବୁଡ଼ରେ

ଦମି - ଦମନ କରି

ରାଜଦୁଆର - ରାଜାଙ୍କ ଦରବାର, ସରକାରୀ ଦପ୍ତର

ଆମୋଦ - କ୍ରୀଡ଼ାକୌତୁକ, ମଜା, ଆନନ୍ଦ

ପ୍ରତିବେଶୀ - ପଡ଼ୋଶୀ

**ଆସ, କେତୋଟି ନୂତନ ଶବ୍ଦ ଜାଣିବା :**

| |
|---|
| ତେଜି, ଅଧମ, ଭାଜନ, କଳନା, ଅବସର |

## ଅଭ୍ୟାସକାର୍ଯ୍ୟ

**(୧) ଆସ, କଥାବାର୍ତ୍ତା ହେବା :**

(କ) କାହା କିରଣର ସ୍ପର୍ଶରେ ପଦ୍ମଫୁଲ ଫୁଟିଥାଏ ?

(ଖ) 'ଉଦ୍‌ବୋଧନ' କବିତାରେ ମହୁମାଛି ବିଷୟରେ କବି କ'ଣ କହିଛନ୍ତି ?

(ଗ) ପିମ୍ପୁଡ଼ିଠାରୁ ଆମର କ'ଣ ଶିଖିବାର ଅଛି ?

(ଘ) ଜାତିର ଉନ୍ନତି ସାଧନ ପାଇଁ କବି କ'ଣ କହିଛନ୍ତି ?

(ଙ) 'ମାତୃଭାଷା ପୋଥି ଛୁଇଁବାକୁ କରେ, ଅନ୍ୟ କେଉଁ ଜାତି ଲଜ୍ଜାବୋଧ କରେ' ? କେଉଁ ମାନଙ୍କୁ ଲକ୍ଷ୍ୟ କରି ଏହା କୁହାଯାଇଛି ?

**(୨) ଆସ, ଦୁଇ ବା ତିନୋଟି ବାକ୍ୟରେ ତଳ ପ୍ରଶ୍ନର ଉତ୍ତର ଲେଖିବା ।**

(କ) ଶୋଇ ରହିଥିବା ସିଂହ କି ଅସୁବିଧା ଭୋଗ କରେ ?

(ଖ) ନିଜଠାରୁ ଅଧିକ ବଳଶାଳୀ ଜନ୍ତୁମାନଙ୍କୁ ମଣିଷ ଆୟତ୍ତ କରି ପାରିଛି, ଏହାର କାରଣ କ'ଣ ?

(ଗ) ମଣିଷର ଉନ୍ନତି ସହିତ ଭାଷାର କି ସଂପର୍କ ରହିଛି ?

(ଘ) କ'ଣ ପାଇଁ ଆମେ ହୃଦୟରେ ଉଚ୍ଚ ଅଭିଳାଷ ପୋଷଣ କରିବା ?

(ଙ) କବି ଦେଶବାସୀଙ୍କୁ କି ଆହ୍ୱାନ ଦେଇଛନ୍ତି ?

**(୩) ତୁମକୁ ଭଲ ଲାଗୁଥିବା ପଦଗୁଡ଼ିକ ଆବୃତ୍ତି କରି ସାଙ୍ଗମାନଙ୍କୁ ଶୁଣାଅ ।**

**(୪) ଆସ, ତଳ ପ୍ରଶ୍ନଗୁଡ଼ିକର ଉତ୍ତର ୧୦୦ରୁ ୧୨୦ ଶବ୍ଦ ମଧ୍ୟରେ ଲେଖିବା ।**

(କ) ଜୀବନକୁ ସଫଳ କରିବାପାଇଁ କବି ଦେଶବାସୀଙ୍କୁ କି ପରାମର୍ଶ ପ୍ରଦାନ କରିଛନ୍ତି ?

(ଖ) 'ମାତୃଭାଷାର ଉନ୍ନତି ନ ହେଲେ ଜାତିର ଉନ୍ନତି ଆସିବା ଅସମ୍ଭବ' ଏ ଉକ୍ତିଟିକୁ ଉଦାହରଣ ସହ, ବୁଝାଇ ଲେଖିବା ।

(ଗ) ଏହି କବିତାର ନାମ 'ଉଦ୍‌ବୋଧନ' ରଖାଯିବାର କି ଯଥାର୍ଥତା ରହିଛି ?

**(୫) ଆସ, ସରଳ ଭାଷାରେ ବୁଝାଇ ଲେଖିବା ।**

(କ) ସୁପ୍ତ ସିଂହ ମୁଖେ ନ ପଶେ ଆହାର,
ଶ୍ରମେ ପିପୀଲିକା ପୂରାଏ ଭଣ୍ଡାର ।

(ଖ) ଉଚ୍ଚ ହେବାପାଇଁ କର ଯେବେ ଆଶା,

ଉଚ୍ଚ କର ଆଗେ ନିଜ ମାତୃଭାଷା ।

(ଗ) ଶୁଭ ପଥେ ବିଭୁ କରିବେ ମଙ୍ଗଳ,

ଶୁଭ କର୍ମେ ହେବ ଜୀବନ ସଫଳ ।

**(୬) ଆସ, କବିତାର କେତେକ ପଦ ପୂରଣ କରିବା ।**

(କ) ଯା ଭାଷା ଦୁର୍ବଳ କାହିଁ ତାର ଜ୍ଞାନ ?

------------------------

(ଖ) ------------------------

ଚକ୍ଷୁ ମଳିବାକୁ ନାହିଁ ଅବସର ।

**(୭) 'କ' ସ୍ତମ୍ଭରେ ଦିଆଯାଇଥିବା ଧାଡ଼ି ସହିତ 'ଖ' ସ୍ତମ୍ଭରେ ଥିବା ଉପଯୁକ୍ତ ଧାଡ଼ିକୁ ଯୋଗ କରି କବିତାଂଶଟିକୁ ସଜାଡ଼ି ଲେଖିବା ।**

| | |
|---|---|
| ଗଜ ସିଂହ ବ୍ୟାଘ୍ର ଦେହେ ଅଛି ବଳ, | ଜନମି ନ ପାରେ ଜ୍ଞାନ ଭାଷା ବିନା । |
| କୌଶଳ ଜନକ ଜ୍ଞାନ ଅଟେ ସିନା, | କାହିଁ ହେବ ଆନେ ପ୍ରତିଯୋଗେ କ୍ଷମ ? |
| ଭାଷା ଯୋଗୁଁ ସିନା ଦମି ଜୀବଗଣ, | ନୁହଁଇ କି ସେହୁ ପଶୁର ସମାନ ? |
| ଯା ଭାଷା ଦୁର୍ବଳା ସେ ନିଶ୍ଚେ ଅଧମ, | ତାଙ୍କୁ ବାନ୍ଧେ ନର ପ୍ରକାଶି କୌଶଳ । |
| ଯେ ନର ନ ବୁଝେ ମାନ ଅପମାନ, | ମାନବ କରଇ ବିଶ୍ୱେ ରାଜପଣ । |

**(୮) ଆସ, ନିମ୍ନଲିଖିତ ଶବ୍ଦଗୁଡ଼ିକର ଗଦ୍ୟରୂପ ଲେଖିବା ।**

ମଉନ [redacted]

ନିଉନ [redacted]

ଦୁଆର [redacted]

ଜନମି [redacted]

**(୯) ଶ୍ରୁତିମଧୁର କରିବାପାଇଁ ନିମ୍ନଲିଖିତ ଶବ୍ଦଗୁଡ଼ିକୁ ପଦ୍ୟରେ କିପରି ଲେଖିବା ?**

ପ୍ରକାଶ [redacted]

କୌଶଳ [redacted]

ଦୁର୍ବଳ [redacted]

ମୂର୍ଚ୍ଛନା [redacted]

ପର୍ବତ [redacted]

**(୧୦) ତଳେ ପ୍ରତ୍ୟେକ ଧାଡ଼ିରେ ଚାରୋଟିଲେଖାଏଁ ଶବ୍ଦ ଲେଖାଯାଇଛି । ପ୍ରତିଧାଡ଼ିରେଥିବା ଭିନ୍ନ ଜାତୀୟ ଶବ୍ଦଟିକୁ ଚିହ୍ନଟ କରି ଲେଖିବା ।**

(କ) ଭଜନ, ଭୋଜନ, ପୂଜନ, ରାଜନ

(ଖ) ଟାଣପଣ, ରାଜପଣ, ଷୋଳପଣ, ବଡ଼ପଣ

(ଗ) ହିନ୍ଦୀଭାଷୀ, ଉଚ୍ଚଭାଷୀ, ସ୍ୱଷ୍ଟଭାଷୀ, ମିଷ୍ଟଭାଷୀ

**(୧୧) ଆସ, ତଳ ଲିଖିତ ଶବ୍ଦଗୁଡ଼ିକର ବିପରୀତ ଅର୍ଥବୋଧକ ଶବ୍ଦ ଲେଖିବା**

ସୁପ୍ତ ——, ଦୁର୍ବଳ ——, କ୍ଷମ ——, ନୀଚ ——, ଆଶା ——, ଶୁଭ ——, ମଙ୍ଗଳ ——

**(୧୨) ଆସ, ତଳ ଲିଖିତ ଶବ୍ଦଗୁଡ଼ିକର ପ୍ରତିଶବ୍ଦ ଲେଖିବା ।**

କମଳ ——, ପକ୍ଷୀ ——, ସିଂହ ——, ଚକ୍ଷୁ ——, ମଣିଷ ——

**(୧୩) ଆସ, ସମୋଚ୍ଚାରିତ ଶବ୍ଦର ଅର୍ଥ ଲେଖିବା ।**

କର – [redacted] ପୁର – [redacted]

କର – [redacted] ପୂର – [redacted]

**(୧୪) ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କରିବା ।**

(କ) ________ ଲୋକେ ତାକୁ ________

ଉଚ୍ଚ ସମାଜରେ ________ ।

(ଲୋକେ, ଉଚ୍ଚଭାଷୀ, ଗଣି, ଅଗ୍ରଣୀ, ହୁଅନ୍ତି, ନୀଚ)

(ଖ) ଯା ଭାଷା ________ ସେ, ________ ଅଧମ।

କାହିଁ ହେବ ________ ପ୍ରତିଯୋଗେ ________ ?

(ସବଳା, ନିଶ୍ଚଳା, ଦୁର୍ବଳା, ପରା, ନିଶ୍ଚେ, ସତେ, ଆନେ, ମନେ, ଦିନେ, କ୍ଷମ, ସମ, ବାମ)

**(୧୫) କାହିଁ ତା'ର ରାଜଦୁଆରେ ସମ୍ମାନ ? - ଏଠାରେ 'ରାଜଦୁଆର' ଶବ୍ଦର ଠିକ୍ ଉତ୍ତରଟି ବାଛି ଲେଖିବା ।**

(କ) ରାଜା ରହୁଥିବା ଘରର ଦ୍ୱାର

(ଖ) ଯେଉଁ ଦ୍ୱାରବାଟେ ରାଜା ଯିବା ଆସିବା କରନ୍ତି

(ଗ) ରାଜା ବସାଉଥିବା ଦରବାର

(ଘ) ଅନ୍ୟମାନଙ୍କୁ ରାଜା ଦେଖାଦେବା ସ୍ଥାନ

**(୧୬) ସିନା, ବିନା, ପ୍ରହାର, ଜୁହାର, ବଦନ, ସପନ, ଦୀନ, ହୀନ, ଆହାର, ବିହାର - ଏହି ଶବ୍ଦଗୁଡ଼ିକୁ ବିଭିନ୍ନ ଧାଡ଼ିରେ ଶେଷ ଶବ୍ଦ ଭାବରେ ବ୍ୟବହାର କରି ଛୋଟ କବିତାଟିଏ ଲେଖିବାକୁ ଚେଷ୍ଟା କରିବା ।**

**(୧୭) ମାତୃଭାଷା ପୋଥି ଛୁଇଁବାକୁ କରେ,**
**ଅନ୍ୟ କେଉଁ ଜାତି ଲଜ୍ଜାବୋଧ କରେ ?**

ଏହା କହିବା ମୂଳରେ କବିଙ୍କର ଉଦ୍ଦେଶ୍ୟଟି କ'ଣ ? ପ୍ରଦତ୍ତ ଉତ୍ତର ଗୁଡ଼ିକ ମଧ୍ୟରୁ ଠିକ୍ ଉତ୍ତରଟି ବାଛିବା ।

(କ) ପ୍ରଶଂସା କରିବା

(ଖ) ନିନ୍ଦା କରିବା

(ଗ) ପରିହାସ କରିବା

(ଘ) ଖୋସାମତ କରିବା

**(୧୮) ତୁମପାଇଁ କାମ :**

(କ) ମାତୃଭାଷାର ଗୁରୁତ୍ୱ ସଂପର୍କରେ ବିଭିନ୍ନ କବି ଲେଖିଥିବା କବିତା ପଢ଼ି ତହିଁରୁ ଉଦ୍ଧୃତିଯୋଗ୍ୟ ପଦ ଗୁଡ଼ିକୁ ଲେଖି ମନେ ରଖିବା ।

(ଖ) କବି ଗଙ୍ଗାଧର ମେହେରଙ୍କ ଅନ୍ୟାନ୍ୟ କବିତାରୁ ତୁମକୁ ଭଲ ଲାଗୁଥିବା ପଦଗୁଡ଼ିକ ଟିପା ଖାତାରେ ଲେଖିରଖି ସାଙ୍ଗମାନଙ୍କ ସମ୍ମୁଖରେ ଆବୃତ୍ତି କର ଓ କବି ପରିଚୟ ସଂପର୍କରେ ଅନୁଚ୍ଛେଦଟିଏ ଲେଖ ।

(ଗ) ବିଦ୍ୟାଳୟରେ ଅନ୍ୟାନ୍ୟ ବିଷୟ ପଢ଼ିବା, ବୁଝିବା ଓ ଉତ୍ତର ଲେଖିବା କ୍ଷେତ୍ରରେ ଓଡ଼ିଆ ଭାଷାଜ୍ଞାନ ତୁମକୁ କିପରି ସାହାଯ୍ୟ କରୁଛି ସେ ବିଷୟ ବର୍ଣ୍ଣନା କରି ସାଙ୍ଗ ନିକଟକୁ ପତ୍ର ଲେଖ ।

***

# ଶିକ୍ଷାଦୀକ୍ଷା

IK77ES

● ବୈଷ୍ଣବ ପାଣି

**କବି ପରିଚୟ :**

ପ୍ରସିଦ୍ଧ ଗୀତିନାଟ୍ୟ ରଚୟିତା ବୈଷ୍ଣବ ପାଣି (୧୮୮୨-୧୯୫୬) କଟକ ଜିଲ୍ଲାର ମାହାଙ୍ଗା ଅଞ୍ଚଳରେ ଥିବା କୋଠପଦା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ନିଜର ପ୍ରତିଭା ଓ ସାଧନା ବଳରେ ସେ ବହୁ ଗୀତିନାଟ୍ୟ, ପାଲା, ଭଜନ ଓ ଜଣାଣ ଇତ୍ୟାଦି ରଚନା କରିଯାଇଛନ୍ତି । ତାଙ୍କ ରଚନାର ଲାଳିତ୍ୟ ଓ କଥିତ ଶବ୍ଦ ସଂଯୋଜନା ପାଠକମାନଙ୍କୁ ମୁଗ୍ଧ କରେ । ଓଡ଼ିଆ ସାହିତ୍ୟରେ ବୈଷ୍ଣବ ପାଣି 'ଗଣକବି' ଭାବରେ ପରିଚିତ । 'ମେଘନାଦ ବଧ', 'ରଙ୍ଗସଭା', 'କାର୍ତ୍ତବୀର୍ଯ୍ୟ ସଂହାର', 'ପ୍ରହ୍ଲାଦ ଚରିତ', 'ରାମ ବନବାସ', 'କର୍ଣ୍ଣ ବଧ' ଓ 'ଦକ୍ଷଯଜ୍ଞ' ପ୍ରଭୃତି ତାଙ୍କର କେତୋଟି ସ୍ମରଣୀୟ ରଚନା ।

ଏହି କବିତାରେ ପିତାପୁତ୍ର ଓ ଭାଇଭାଇର ସଂପର୍କ, ସତ୍ୟନିଷ୍ଠା, ଅହଂକାରଶୂନ୍ୟତା, ନାରୀର ପତିଭକ୍ତି ଏବଂ ଭଗବତ୍ ପ୍ରେମର ମହିମା ବର୍ଣ୍ଣିତ । ଏଥିରେ ଦର୍ଶକମାନଙ୍କୁ ସମ୍ବୋଧନ କରି ରାମବନବାସ ବିଷୟଟିରୁ କିକି ପ୍ରକାର ମହାନ ଶିକ୍ଷା ଓ ଉପଦେଶ ମିଳିପାରେ ତାହା ଉଲ୍ଲେଖ କରାଯାଇଛି ।

**ଶି**କ୍ଷା କର ପିତୃଭକ୍ତି, ଦୀକ୍ଷା କର ଏହି ନୀତି,
ଭିକ୍ଷା କର ପଛେ ସତ୍ୟ ବାଟ ନ ଛାଡ଼ ।
ଭାଇରେ ଭାଇରେ ସ୍ନେହ, କେମନ୍ତ ଦେଖିଲ କହ,
ବୃଥା ଅହଂକାରେ ନରେ ଆଉ ନ ପଡ଼ । ପଦ ।
ସୀତାଠାରୁ ପତିବ୍ରତା, ଶିକ୍ଷା କର ଏହି କଥା,
ଶିଖାଇ ମହିଳାଗଣେ ସୁଯଶ ଲୋଡ଼ ।
ପୁତ୍ରେ ପିତା-ସ୍ନେହ କେଡ଼େ, ପୁତ୍ର ବିନେ ପ୍ରାଣ ଛାଡ଼େ,
ଭାଙ୍ଗି କେ ପାରିବ ଗୂଢ଼ ସ୍ନେହର ବାଡ଼ ।୧।

ଦେବତା ହୋଇଲେ ସୁଦ୍ଧା, ନ ଛାଡ଼ଇ ବିଘ୍ନ-ବାଧା,
ଯେତେ ସାବଧାନେ ଗଲେ ଖସଇ ଗୋଡ଼ ।
ପୀଡ଼ନା ମନକୁ କେଭେ, ଜଡ଼ି ମାୟା-ମୋହ ଲୋଭେ,
ସବୁ ସୁଖ ମିଳେ ଚିତ୍ତ କରିଲେ ଦୃଢ଼ ।
ରାମବନବାସ ଦେଖି, ହେ ଦର୍ଶକେ ହୁଅ ସୁଖୀ,
ସେ ପଦପଙ୍କଜେ ଧ୍ୟାୟି କରକୁ ଯୋଡ଼ ।
ମୂଢ଼ ବଇଷ୍ଣବ ଆଶ, କରିଛି ହେବାକୁ ଦାସ,
ଯା ଯୋଗେ ଜିଣିଲା ହନୁ ସୁବର୍ଣ୍ଣ ଗଡ଼ ।

## ସୂଚନା :

ଏହି କବିତାଟି ବୈଷ୍ଣବ ପାଣିଙ୍କ 'ରାମବନବାସ' ଗୀତିନାଟ୍ୟରୁ ସଂଗୃହୀତ । ପିତୃସତ୍ୟ ପାଳନ ଉଦ୍ଦେଶ୍ୟରେ ଦଶରଥନନ୍ଦନ ଶ୍ରୀରାମ ବନଗମନ କରିଥିଲେ । ସାଙ୍ଗରେ ଯାଇଥିଲେ ପତ୍ନୀ ସୀତା ଓ ଅନୁଜ ଲକ୍ଷ୍ମଣ । ରାମଙ୍କ ବନଗମନ ବେଳେ ଭରତ ଥିଲେ ମାମୁଘରେ । ରାମଙ୍କ ବନଗମନ ଦୁଃଖକୁ ସହି ନ ପାରି ଦଶରଥ ପ୍ରାଣତ୍ୟାଗ କରିଥିଲେ । ଅଯୋଧ୍ୟାକୁ ଫେରିବା ପରେ ଭରତ ସବୁ କଥା ଜାଣିବାକୁ ପାଇଲେ । ଶ୍ରୀରାମଙ୍କୁ ଫେରାଇ ଆଣିବା ପାଇଁ ସେ ତାଙ୍କ ଅନ୍ୱେଷଣରେ ଅରଣ୍ୟକୁ ଯାଇଥିଲେ । ଚିତ୍ରକୂଟ ନାମକ ସ୍ଥାନରେ ଭାଇମାନଙ୍କ ସହ ଦେଖା ହେଲା । ଅଯୋଧ୍ୟା ଫେରିବାଲାଗି ଭରତ ଯେତେ ଅନୁନୟ କଲେ ମଧ୍ୟ ଶ୍ରୀରାମ ରାଜି ହୋଇ ନ ଥିଲେ । ନିଜ ସାନଭାଇ ଭରତ ପ୍ରତି ଅଧିକ ସ୍ନେହ ଥିବାରୁ ତାଙ୍କୁ ଶ୍ରୀରାମ ନିଜର ପାଦୁକା ପ୍ରଦାନ କରିଥିଲେ । ପ୍ରବୋଧନା ଦେଇ ତାଙ୍କୁ ଅଯୋଧ୍ୟାକୁ ବାହୁଡ଼ାଇ ଦେଇଥିଲେ । ଶ୍ରୀରାମଙ୍କ ପାଦୁକାକୁ ସିଂହାସନରେ ସ୍ଥାପନ କରି ଭରତ ତାଙ୍କ ସେବକ ଭାବରେ ଚଉଦବର୍ଷକାଳ ରାଜ୍ୟଶାସନ କରିଥିଲେ । ରାମାୟଣରେ ବର୍ଣ୍ଣିତ ଏହି ଆଖ୍ୟାୟିକାର ଶିକ୍ଷଣୀୟ ଦିଗ ଉପରେ 'ରାମ ବନବାସ' ଗୀତିନାଟ୍ୟଟି ରଚିତ । ଏହି ଗୀତିନାଟ୍ୟର ଶିକ୍ଷଣୀୟ ଦିଗକୁ ପଠିତ କବିତାରେ ପ୍ରତିପାଦନ କରାଯାଇଛି । ଏଥିରେ ଭ୍ରାତୃପ୍ରେମ, ପିତୃଭକ୍ତି, ପତିବ୍ରତାଧର୍ମ, ଜୀବନରେ ବାଧାବିଘ୍ନଙ୍କୁ ଗ୍ରହଣ କରିବାର ଇଚ୍ଛାଶକ୍ତି ଓ ଆଦର୍ଶ ବିଷୟରେ ବର୍ଣ୍ଣନା କରାଯାଇଛି ।

| | | | |
|---|---|---|---|
| ଦୀକ୍ଷା | - କାର୍ଯ୍ୟ ପାଇଁ ଦୃଢ଼ ସଂକଳ୍ପ, ଉପଦେଶ | | |
| ଅହଙ୍କାର | - ନିଜକୁ ଖୁବ୍ ବଡ଼ ଭାବିବା, ଗର୍ବ, ଆତ୍ମବଡ଼ିମା | | |
| ନରେ | - ଲୋକମାନେ | | |
| ପତିବ୍ରତା | - ଯେଉଁ ସ୍ତ୍ରୀ ନିଜର ସ୍ୱାମୀଙ୍କ ପ୍ରତି ବିଶ୍ୱସ୍ତା ହୋଇ ଭକ୍ତି କରେ | | |
| ଗୂଢ଼ | - ଅପ୍ରକାଶିତ, ଗୁପ୍ତ, ପ୍ରଗାଢ଼, ରହସ୍ୟପୂର୍ଣ୍ଣ | | |
| ମାୟା | - ଭ୍ରାନ୍ତି, ଛଳନା | ଦାସ | - ସେବକ |
| ମୋହ | - ଆସକ୍ତି | ଆଶ | - ଆଶା, ଅଭିଳାଷ |
| ମୂଢ଼ | - ଜ୍ଞାନହୀନ, ନିର୍ବୋଧ | ସୁବର୍ଣ୍ଣ ଗଡ଼ | - ଲଙ୍କାନଗରୀ |

**ଆସ, ଜାଣିବା କେତୋଟି ନୂତନ ଶବ୍ଦ**

| |
|---|
| କେଡ଼େ, ସୁଯଶ, ବିଘ୍ନ, ଚିତ୍ତ, ଧାୟି |

## ଅଭ୍ୟାସକାର୍ଯ୍ୟ

### (୧) ଆସ, କଥାବାର୍ତ୍ତା ହେବା ।

(କ) ଶ୍ରୀରାମଙ୍କ ପିତାଙ୍କ ନାମ କ'ଣ ?

(ଖ) ରାମଙ୍କ ସହିତ ଆଉ କିଏକିଏ ବନବାସକୁ ଯାଇଥିଲେ ?

(ଗ) ଭରତଙ୍କୁ ପ୍ରବୋଧନା ଦେବାପାଇଁ ରାମ କ'ଣ କରିଥିଲେ ?

(ଘ) ଦଶରଥଙ୍କ ପ୍ରାଣତ୍ୟାଗ ଘଟଣାରୁ କେଉଁ ବିଷୟରେ ସୂଚନା ମିଳେ ?

(ଙ) ସେ ପଦପଙ୍କଜେ ଧାୟି କରକୁ ଯୋଡ଼ - ଏହା କିଏ କହିଛନ୍ତି ?

### (୨) ଆସ, ଦୁଇଟି ବାକ୍ୟରେ ତଳ ପ୍ରଶ୍ନର ଉତ୍ତର ଲେଖିବା ।

(କ) 'ଶିକ୍ଷାଦୀକ୍ଷା' କବିତାରେ ରାମାୟଣ ବର୍ଣ୍ଣିତ କେଉଁ ଘଟଣାର ପରବର୍ତ୍ତୀ ପ୍ରସଙ୍ଗ ବର୍ଣ୍ଣନା କରାଯାଇଛି ?

(ଖ) 'ଭାଇରେ ଭାଇରେ ସ୍ନେହ, କେମନ୍ତ ଦେଖିଲ କହ, - ଏଠାରେ କେଉଁକେଉଁ ଭାଇଙ୍କ ବିଷୟରେ କୁହାଯାଇଛି ?

(ଗ) ଚିତ୍ତ ଦୃଢ଼ କରିବା ନିମନ୍ତେ କବି ପରାମର୍ଶ ଦେବାର କାରଣ କ'ଣ ?

(ଘ) କବି କାହାର ଦାସ ହେବାପାଇଁ ଅଭିଳାଷ ପୋଷଣ କରିଛନ୍ତି ?

(ଙ) କାହା କରୁଣାରୁ ହନୁମାନ ସୁବର୍ଣ୍ଣ ଗଡ଼କୁ ଜିଣିପାରିଥିଲେ ?

### (୩) ଆସ, ୧୦୦ରୁ ୧୨୦ ଶବ୍ଦ ମଧ୍ୟରେ ତଳ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖିବା ।

(କ) 'ଶିକ୍ଷାଦୀକ୍ଷା' କବିତାରୁ ଆମର ଯାହାଯାହା ଶିକ୍ଷା କରିବାର ଅଛି ବର୍ଣ୍ଣନା କରି ଲେଖିବା ।

(ଖ) ରାମାୟଣର ବର୍ଣ୍ଣନା ଅନୁସାରେ ପିତାପୁତ୍ରର ସଂପର୍କ ଏବଂ ଭାଇଭାଇର ସଂପର୍କ ବିଷୟରେ ଆଲୋଚନା କରି ଲେଖିବା ।

### (୪) ଆସ, ସରଳଭାଷାରେ ବୁଝାଇ ଲେଖିବା ।

(କ) ଭାଇରେ ଭାଇରେ ସ୍ନେହ     କେମନ୍ତ ଦେଖିଲ କହ,
ବୃଥା ଅହଂକାରେ ନରେ ଆଉ ନ ପଡ଼ ।

(ଖ) ପୀଡ଼ନା ମନକୁ କେଡେ     ଜଡ଼ି ମାୟା-ମୋହ ଲୋଡେ,
ସବୁ ସୁଖ ମିଳେ ଚିତ୍ତ କରିଲେ ଦୃଢ଼ ।

**(୫) ଆସ, କବିତାଟିକୁ ଆବୃତ୍ତି କରିବା ।**

'ଶିକ୍ଷାଦୀକ୍ଷା' କବିତାରେ କବି ଏପରି କିଛି ଶବ୍ଦ ବ୍ୟବହାର କରିଛନ୍ତି ଯେଉଁମାନଙ୍କ ଯୋଗୁଁ କବିତାଟି ଶ୍ରୁତିମଧୁର ହୋଇପାରିଛି । କବିତାଟିକୁ ମନଦେଇ ପଢ଼ି ସେହି ଶବ୍ଦଗୁଡ଼ିକୁ ବାଛି ଲେଖିବା ।

ଉଦାହରଣ : ଶିକ୍ଷା, ଦୀକ୍ଷା

**(୬) ଆସ, ଶୂନ୍ୟସ୍ଥାନ ପୂରଣ କରିବା ।**

(କ) ଶିକ୍ଷାକର ପିତୃଭକ୍ତି, ____________

ଭିକ୍ଷା କର ପଛେ ସତ୍ୟ ବାଟ ନ ଛାଡ଼ ।

(ଖ) ଦେବତା ହୋଇଲେ ସୁଦ୍ଧା, ____________

ଯେତେ ସାବଧାନେ ଗଲେ ଖସଇ ଗୋଡ଼ ।

**(୭) ବଡ଼ କୋଠରିରେ କେତେଗୁଡ଼ିଏ ଶବ୍ଦ ରହିଛି । ଯେଉଁ ଶବ୍ଦଗୁଡ଼ିକ ଗୁଣକୁ ବୁଝାଉନାହିଁ, ସେଗୁଡ଼ିକୁ ବାଛି ସାନ କୋଠରିରେ ଲେଖିବା ।**

ସତ୍ୟ, ଭକ୍ତ,
ଦାସ
ଭକ୍ତି, ସ୍ନେହ,
ସୁଖ,
ଯଶ, ପୀଡ଼ା,
ଶିକ୍ଷା, ଦୀକ୍ଷା

**(୮) ତଳେ ଦିଆଯାଇଥିବା ଉକ୍ତି ମଧ୍ୟରୁ ଯେଉଁଟି କବିଙ୍କର ପରାମର୍ଶ ନୁହେଁବୋଲି ଭାବୁଛ, ତାକୁ କୋଠରି ମଧ୍ୟରେ ଲେଖ ।**

(କ) ସତ୍ୟର ବାଟ ନ ଛାଡ଼ିବା ପାଇଁ

(ଖ) ଅହଂକାରରେ ନ ପଡ଼ିବା ପାଇଁ

(ଗ) ଚିତ୍ତ ଦୃଢ଼ ନ କରିବା ପାଇଁ

(ଘ) ସୁଯଶ ଲୋଡ଼ିବା ପାଇଁ

(୯) ସ୍ନେହର ବାଡ଼, ମମତାର ଡୋର, ସ୍ନେହର ସୂତା, ବିଘ୍ନବାଧା, ଭାଇଭାଇ, ପିତାପୁତ୍ର, ମାୟାମୋହ, ଦୃଢ଼, ଚିତ୍ତ, ଭକ୍ତି, ସତ୍ୟ, ଶବ୍ଦ/ଶବ୍ଦପୁଞ୍ଜିକୁ ନେଇ କବିତାଟିଏ ରଚନା କରିବା ।

(୧୦) 'ଲୋଭ' ଶବ୍ଦରୁ ନାମଧାତୁ କ୍ରିୟା ଗଠନ କଲେ ହୁଏ 'ଲୋଭାଇବା ବା ଲୋଭେଇବା' । ନିମ୍ନରେ ପ୍ରଦତ୍ତ ଶବ୍ଦରୁ ନାମଧାତୁ କ୍ରିୟା ଗଠନ କରି ସେମାନଙ୍କୁ ବାକ୍ୟରେ ବ୍ୟବହାର କରିବା ।

| *ଶବ୍ଦ* | *ନାମଧାତୁ କ୍ରିୟା* | *ବାକ୍ୟ* |
|---|---|---|
| ବାଟ | [redacted] | ________________ |
| ଗୋଡ଼ | [redacted] | ________________ |
| ମନ | [redacted] | ________________ |
| ଆଖି | [redacted] | ________________ |
| ହାତ | [redacted] | ________________ |

(୧୧) ଏକାଭଳି ଶୁଭୁଥିବା ଅଲଗା ଅର୍ଥଥିବା କେତେଗୁଡ଼ିଏ ଶବ୍ଦ ତଳେ ଲେଖାଯାଇଛି । ସେମାନଙ୍କର ସ୍ପଷ୍ଟ ଅର୍ଥ ପ୍ରକାଶ କରିବାନିମନ୍ତେ ସେମାନଙ୍କୁ ବାକ୍ୟରେ ବ୍ୟବହାର କରିବା ।

ସୁଧା ________________

ସୁଦ୍ଧା ________________

ଆଶ ________________

ଆସ ________________

ନିତି ________________

ନୀତି ________________

(୧୨) ମୋହମାୟା, ବାଧାବିଘ୍ନ ଭଳି ଆଉ ଚାରୋଟି ଯୁଗ୍ମଶବ୍ଦ ଲେଖିବା ।

[redacted] [redacted] [redacted] [redacted]

(୧୩) ଲକ୍ଷ୍ମଣଙ୍କ ମା'ଙ୍କ ନାମ ସୁମିତ୍ରା । ସୁମିତ୍ରାଙ୍କ ପୁଅ ହୋଇଥିବାରୁ ଲକ୍ଷ୍ମଣଙ୍କର ଆଉ ଗୋଟିଏ ନାଁ ହେଉଛି 'ସୌମିତ୍ରି' । ନିଜ ମା' ଙ୍କ ନାମ ଅନୁସାରେ ନାମ ଧାରଣ କରିଥିବା ଆଉ ପାଞ୍ଚଜଣ ପୌରାଣିକ ଚରିତ୍ରଙ୍କ ନାମ ଲେଖିବା ।

କୁନ୍ତୀଙ୍କ ପୁତ୍ର [redacted]

ପୃଥାଙ୍କ ପୁତ୍ର [redacted]

ବିନତାଙ୍କ ପୁତ୍ର [redacted]

ରାଧାଙ୍କ ପୁତ୍ର [redacted]

ଗଙ୍ଗାଙ୍କ ପୁତ୍ର [redacted]

**(୧୪) 'ଭିକ୍ଷା କର ପଛେ ସତ୍ୟ ବାଟ ନ ଛାଡ଼' ।**

ଏହି ଧାଡ଼ିଟିର ପ୍ରକୃତ ଅର୍ଥକୁ ନିମ୍ନରେ ପ୍ରଦତ୍ତ ଉତ୍ତର ମଧ୍ୟରୁ ବାଛି ଲେଖିବା ।

(କ) ପରେ ଭିକ୍ଷା ମାଗିବା ଆଗ ସତ୍ୟକୁ ବାଟ ଛାଡ଼ିଦିଅ ।

(ଖ) ପରେ ଭିକ୍ଷା ମାଗିବ କିନ୍ତୁ ସତ୍ୟର ବାଟ ଛାଡ଼ ନାହିଁ ।

(ଗ) ଯେତେ ଅସୁବିଧା ହେଲେ ବି ସତ୍ୟପଥରୁ ଘୁଞ୍ଚ ନାହିଁ ।

(ଘ) ଭିକ ମାଗି ବଂଚିବାକୁ ହେଲେ ମଧ୍ୟ ସତ୍ୟପଥକୁ ଛାଡ଼ ନାହିଁ ।

**(୧୫) ତୁମପାଇଁ କାମ :**

(କ) ତୁମ ପରିବାରରେ ପରସ୍ପର ମଧ୍ୟରେ ରହିଥିବା ସୁସଂପର୍କ ବିଷୟରେ ଲେଖି ଶ୍ରେଣୀରେ ଶିକ୍ଷକ ଓ ସାଙ୍ଗମାନଙ୍କୁ ପଢ଼ି ଶୁଣାଅ ।

(ଖ) ମନରେ ଅହଙ୍କାର ରହିଲେ ଜଣେ କିକି ଅସୁବିଧାର ସମ୍ମୁଖୀନ ହେବ ସେ ସମ୍ପର୍କରେ ଅନୁଚ୍ଛେଦଟିଏ ଲେଖ ।

(ଗ) ବିଦ୍ୟାଳୟର ଉତ୍ସବରେ ବୈଷ୍ଣବପାଣିଙ୍କ ଗୀତିନାଟ୍ୟ ଅଭିନୟର ଆୟୋଜନ କର ।

***

IKG3GF

# ଜାତୀୟପତାକା

● ଗୋଦାବରୀଶ ମିଶ୍ର

**କବିପରିଚୟ :**

ପଣ୍ଡିତ ଗୋଦାବରୀଶ ମିଶ୍ର (୧୮୮୬-୧୯୫୬) ଅବିଭକ୍ତ ପୁରୀ ଜିଲ୍ଲା ଅନ୍ତର୍ଗତ (ଆଧୁନିକ ଖୋର୍ଦ୍ଧା ଜିଲ୍ଲାର) ବାଣପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ଏକାଧାରରେ ସେ ଜଣେ କବି, ନାଟ୍ୟକାର, ଔପନ୍ୟାସିକ, ଗାଳ୍ପିକ ଓ ଅନୁବାଦକ ଥିଲେ । ସେ ଥିଲେ ପଣ୍ଡିତ ଗୋପବନ୍ଧୁଙ୍କର ଶିଷ୍ୟ ଓ ସହକର୍ମୀ, ସତ୍ୟବାଦୀ ବନବିଦ୍ୟାଳୟର ଶିକ୍ଷକ ଓ ଜାତୀୟତାବାଦୀ ନେତା । ତାଙ୍କର ରଚନା ମଧ୍ୟରେ 'ଆଲେଖିକା', 'କିଶଳୟ' ଓ 'ଗୀତାୟନ' (କାବ୍ୟଗ୍ରନ୍ଥ) 'ମୁକୁନ୍ଦଦେବ ଓ ପୁରୁଷୋତ୍ତମଦେବ' (ନାଟକ) ଏବଂ '୧୮୧୭', 'ଅଭାଗିନୀ' (ଉପନ୍ୟାସ) ଇତ୍ୟାଦି ଲୋକପ୍ରିୟ । ଆତ୍ମଜୀବନୀ ' ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ' ପାଇଁ ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ । ସେ ପିଲାମାନଙ୍କ ପାଇଁ 'ପିଲାଙ୍କ କାହିଁକି', 'ରାମାୟଣ କଥା', 'ମହାଭାରତ କଥା', 'ଦକ୍ଷିଣ ଆଫ୍ରିକା', 'ଗ୍ରେଟ୍‌ବ୍ରିଟେନ୍' ଓ 'ମଧ୍ୟଆମେରିକା' ପ୍ରଭୃତି ପୁସ୍ତକ ରଚନା କରିଥିଲେ ।

ଜାତୀୟପତାକା ପ୍ରତି ସମ୍ମାନ, ସ୍ୱଦେଶପ୍ରେମ ଓ କବିଙ୍କର ସୌନ୍ଦର୍ଯ୍ୟ ଚେତନା ଏହି କବିତାରେ ପ୍ରତିଫଳିତ ।

ଏହି ଯେ ଆମର ଜାତୀୟପତାକା,
ଉଡ଼େ ଫରଫର ପବନ ସୁଏ,
ଜାତିର ଏ ଅଟେ ଅମୂଲ୍ୟ ସମ୍ପଦ,
କନା ଛେକା ଖଣ୍ଡେ କେବଳ ନୁହେ ।
ଏ ପତାକା ତଳେ ତିରିଶ ବରଷ,
ହୋଇଛନ୍ତି ଜାତି ସଇନେ ରୁଣ୍ଡ,
ଜାତୀୟ ସମରେ ଶତଶତ ବୀର,
ଲଢ଼ି ତ ହରାଇ ଅଛନ୍ତି ମୁଣ୍ଡ ।

ତହୁଁ ସ୍ୱାଧୀନତା ଆସିଛି ରାଇଜେ,
ଯାଇଛନ୍ତି ଚାଲି ବିଦେଶୀ ରଜା,
ଛାର କନା ଖଣ୍ଡେ ନ ମଣ ଏହାକୁ,
ଏ ତ ଆମ ପ୍ରିୟ ଜାତୀୟ ଧ୍ୱଜା ।
ସ୍ଥଳେ ଉଡ଼ାଇଲେ ପଦାତିକ ସେନା,
ଉଡ଼ିବ ସାଗରେ ସମର-ପୋତେ,
ବ୍ୟୋମେ ଯୁଦ୍ଧ-ବ୍ୟୋମଯାନେ ଏ ଶୋଭିବ,
ବାଟ କାଟିଯିବ ସମୀର ସ୍ରୋତେ ।
ରଖିବ ଏ ଆମ ମାନ ଏ ସଂସାରେ,
ବଢ଼ାଇବ ଆମ ଜାତିର ଟେକ,
କରିବ ନିକର ଦେଶୁ ଦେଶେ ଯାହା,
କରିଅଛି ମର୍ତ୍ତ୍ୟେ ଜାତି ବୈରଖ ।
ତେଣୁ ଏ ଯେ ଆମ ଜାତିର ଦେବତା,
ଜୁହାରିବା ଆଜି ଚାଲରେ ସର୍ବେ,
ଯେତେ ଫରଫର ଉଡ଼ିବ ଏ ସେତେ,
ହୃଦୟ ଆମର ନାଚିବ ଗର୍ବେ ।

**ସୂଚନା :**

ଧ୍ୱଜା - ପତାକା

ନିକର - ନିଶ୍ଚୟ

ବୈରଖ - ପତାକା

ଛେକା - ସାଧାରଣ କନାଖଣ୍ଡିଏ

**ଆସ, ଜାଣିବା କେତୋଟି ନୂତନ ଶବ୍ଦ**

| | | |
|---|---|---|
| ଛେକା | ପୋତେ | ଜୁହାରିବା |
| ପଦାତିକ | ବ୍ୟୋମ | ଛାର |

## ଅଭ୍ୟାସକାର୍ଯ୍ୟ

**(୧) ଆସ, କଥାବାର୍ତ୍ତା ହେବା।**

(କ) ଜାତୀୟପତାକା ପବନର ସ୍ରୋତରେ କିପରି ଉଡ଼ିଥାଏ ବୋଲି କବିତାରେ କୁହାଯାଇଛି ?

(ଖ) ଜାତୀୟପତାକାକୁ ଜାତିର ଅମୂଲ୍ୟ ସଂପଦ ବୋଲି କୁହାଯିବାର କାରଣ କ'ଣ ?

(ଗ) କେଉଁ କେଉଁ ସ୍ଥାନରେ ଜାତୀୟପତାକା ଉଡ଼ିଥାଏ ?

(ଘ) ଜାତୀୟପତାକା ଆମ ଜାତିର ଟେକ କିପରି ରଖିବ ?

**(୨) ଆସ, କବିତାରୁ ଭଲଲାଗୁଥିବା ପଦ କେତୋଟିକୁ ଆବୃତ୍ତି କରି ଶୁଣାଇବା ।**

**(୩) ଆସ, ଦୁଇ ବା ତିନୋଟି ବାକ୍ୟରେ ତଳ ପ୍ରଶ୍ନର ଉତ୍ତର ଲେଖିବା ।**

(କ) 'ବାଟ କାଟିଯିବ ସମୀର ସ୍ରୋତେ' – ଏହା କୁହାଯିବାର କାରଣ କ'ଣ ?

(ଖ) ଜାତୀୟପତାକାକୁ ପ୍ରଣାମ କରିବା ପାଇଁ କବି କାହିଁକି କହିଛନ୍ତି ?

(ଗ) ଜାତୀୟପତାକା ଯେତେ ଫରଫର ଉଡ଼ିବ ଆମର ହୃଦୟ ଗର୍ବରେ ନାଚି ଉଠିବ ବୋଲି କହିବାର କାରଣ କ'ଣ ?

(ଘ) ଆମେ କିପରି ସ୍ୱାଧୀନତା ହାସଲ କରିଛୁ ବୋଲି କବିତାରେ କୁହାଯାଇଛି ?

**(୪) ଆସ, ସରଳଭାଷାରେ ବୁଝାଇ ଲେଖିବା।**

(କ) ଛାରକନା ଖଣ୍ଡେ ନ ମଣ ଏହାକୁ,
ଏତ ଆମ ପ୍ରିୟ ଜାତୀୟ ଧ୍ୱଜା ।

(ଖ) କରିବ ନିକର ଦେଶୁ ଦେଶେ ଯାହା
କରିଅଛି ମର୍ତ୍ତ୍ୟେ ଜାତି ବୈରଖ ।

**(୫) ଆସ, ଅସଜଡ଼ା ପଦକୁ ସଜାଡ଼ି ଲେଖିବା।**

(କ) ଅମୂଲ୍ୟ ଏ ଅଟେ ସମ୍ପଦ ଜାତିର
କେବଳ ଖଣ୍ଡେ ନୁହେଁ ଛେକା କନା ।

(ଖ) ସମରେ ଶତଶତ ବୀର ଜାତୀୟ

ମୁଣ୍ଡ ଲଢ଼ିତ ହରାଇ ଅଛନ୍ତି ।

(ଗ) ତହୁଁ ରାଇଜେ ଆସିଛି ସ୍ୱାଧୀନତା

ରାଜା ଯାଇଛନ୍ତି ବିଦେଶୀ ଚାଲି।

**(୫) ଆସ, 'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭର ଉପଯୁକ୍ତ ପଦକୁ ଯୋଡ଼ି ଲେଖିବା ପରେ 'ଗ' ସ୍ତମ୍ଭରେ ଥିବା ଗଦ୍ୟରୂପକୁ ଯୋଡ଼ିବା ।**

| 'କ' | 'ଖ' | 'ଗ' |
|---|---|---|
| ଲଢ଼ିତ ହରାଇ | ଜାତିର ଟେକ | ଏହାକୁ ମାମୁଲି କନା ଖଣ୍ଡେ ଭାବିବା ଉଚିତ ନୁହେଁ |
| ଛାର କନା ଖଣ୍ଡେ | ମାନ ଏ ସଂସାରେ | ଜାତିର ସମ୍ମାନ ବୃଦ୍ଧି କରିବା |
| ବଢ଼ାଇବ ଆମ | ଚାଲରେ ସର୍ବେ | ଯୁଦ୍ଧକରି ମୃତ୍ୟୁ ବରଣ କରିଛନ୍ତି |
| ରଖିବ ଏ ଆମ | ନମଣ ଏହାକୁ | ଏହା ସଂସାରରେ ଆମର ସମ୍ମାନ ରକ୍ଷା କରିବ |
| ଜୁହାରିବା ଆଜି | ଅଛନ୍ତି ମୁଣ୍ଡ | ଆଜି ଚାଲ ସମସ୍ତେ ମିଶି ପ୍ରଣାମ କରିବା |

**(୬) ଆସ, ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦବାଛି ଶୂନ୍ୟସ୍ଥାନ ପୂରଣକରିବା ।**

(କ) ରଖିବ ଏ ଆମ __________ ଏ __________ ,

ବଢ଼ାଇବ ଆମ ଜାତିର __________ ;

କରିବ ନିକର ଦେଶୁ ଦେଶେ ଯାହା,

କରିଅଛି __________ ଜାତି __________ ।

(ଜଗତେ, ସଂସାରେ, ଯଶ, ମାନ, ମର୍ତ୍ତ୍ୟେ, ମନ, ଟେକ, ପତାକା, ବୈରଖ)

(ଖ) ଯେତେ __________ ଉଡ଼ିବ ଏ ସତେ,

__________ ଆମର ନାଚିବ ଗର୍ବେ ।

(ଫୁର୍‌ଫୁର୍, ଫରଫର, ମନ, ପ୍ରାଣ, ହୃଦୟ)

**(୭) ତଳେ ଦିଆଯାଇଥିବା ଶବ୍ଦପାଇଁ କବିତାରେ ପ୍ରୟୋଗ କରାଯାଇଥିବା ଶବ୍ଦବାଛି ଲେଖିବା ।**

(କ) ପତାକା ____________________

(ଖ) ଆକାଶ ____________________

(ଗ) ପବନ ______________

(ଘ) ଜାହାଜ ______________

(ଙ) ସୈନ୍ୟ ______________

(ଚ) ଯୁଦ୍ଧ ______________

**(୮) | ରଜା, ଧ୍ୱଜା, ଟେକ, ବୈରିଖ, ସର୍ବେ, ଗର୍ବେ |**

ଏହି ଶବ୍ଦଗୁଡ଼ିକୁ ବ୍ୟବହାର କରି 'ଜାତୀୟପତାକା' ସଂପର୍କରେ ଆସ ଛୋଟ କବିତାଟିଏ ଲେଖିବା ।

**(୯) ତଳେ ଦିଆଯାଇଥିବା ଶବ୍ଦ ଗୁଡ଼ିକର ବିପରୀତ ଅର୍ଥବୋଧକ ଶବ୍ଦଗୁଡ଼ିକୁ ଲେଖିବା ।**

ବାଟ ____________

ମାନ ____________

ବୀର ____________

ବିଦେଶୀ ____________

ସମ୍ପଦ ____________

ସ୍ୱାଧୀନତା____________

**(୧୦) ଭୁଲଥିବା ଶବ୍ଦକୁ ତା' ପାଖରେ ଠିକ୍ କରି ଲେଖିବା-**

| | | | |
|---|---|---|---|
| ତିରୀସ | ____________ | ଅମୁଲ୍ୟ | ____________ |
| ରୂଣ୍ଡ | ____________ | ବିଦେଶି | ____________ |
| ସ୍ୱାଧିନତା | ____________ | ସମିର | ____________ |
| ପତକା | ____________ | ପ୍ରୀୟ | ____________ |

**ତୁମପାଇଁ କାମ :**

ଜାତୀୟପତାକାର ଟେକ ରଖିବା ନିମନ୍ତେ ତୁମର ଅଭିଳାଷ ବର୍ଣ୍ଣନା କରି ସାଙ୍ଗ ନିକଟକୁ ଚିଠିଟିଏ ଲେଖ ।

***

# ବଶିଷ୍ଠ ଓ ବିଶ୍ୱାମିତ୍ର

● ଅନନ୍ତ ପଟ୍ଟନାୟକ

**କବି ପରିଚୟ :**

କବି ଅନନ୍ତ ପଟ୍ଟନାୟକ (୧୯୧୨-୧୯୮୭) ଓଡ଼ିଆ ସାହିତ୍ୟରେ ପ୍ରଗତିଶୀଳ ଚିନ୍ତାଧାରାର ଜଣେ ବିଶିଷ୍ଟ ପ୍ରବକ୍ତା । 'ରକ୍ତଶିଖା', 'ଶାନ୍ତିଶିଖା', 'ତର୍ପଣ କରେ ଆଜି', 'ଅଲୋଡ଼ାଲୋଡ଼ା', 'ଛାଇର ଛିଟା' ପ୍ରଭୃତି କବିତାଗ୍ରନ୍ଥ କବିଙ୍କ ମହାନ୍ ସ୍ରଷ୍ଟାପଣର ଏକଏକ ପରିପ୍ରକାଶ । ତାଙ୍କର କବି-ଦୃଷ୍ଟି ଅଧିକ ସମାଜ ସଚେତନ । ଶ୍ରେଣୀହୀନ ସମାଜ ପ୍ରତିଷ୍ଠା, ଅଶିକ୍ଷା, ଧର୍ମାନ୍ଧତା, ଅନ୍ଧବିଶ୍ୱାସ ଆଦିର ଦୂରୀକରଣ ଓ ଅତ୍ୟାଚାର ବିରୋଧରେ ସ୍ୱରଉତ୍ତୋଳନ ତାଙ୍କ ସାହିତ୍ୟର ମୁଖ୍ୟସ୍ୱର । କବିଙ୍କ ଅଧିକାଂଶ କବିତାରେ ନୂତନ ଯୁଗ ଓ ସମାଜ ପାଇଁ ଦାୟବଦ୍ଧ ଆହ୍ୱାନ ଦେଖିବାକୁ ମିଳେ ।

ଏହି କବିତାଟି ଏକ ପୌରାଣିକ ଆଖ୍ୟାୟିକା ଉପରେ ଆଧାରିତ । ଏହି କବିତାରେ ହିଂସା, କ୍ରୋଧ, ଅସହିଷ୍ଣୁତା ଉପରେ ସଦ୍‌ଭାବ, ପ୍ରେମ ଓ କ୍ଷମାର ବିଜୟ ଘୋଷଣା କରାଯାଇଛି । ପାରସ୍ପରିକ ବୁଝାମଣା ଓ ସଂପ୍ରୀତି, ବ୍ୟକ୍ତିବ୍ୟକ୍ତି ମଧ୍ୟରେ ନିବିଡ଼ ସମ୍ବନ୍ଧ ସ୍ଥାପନ ଏହି କବିତାର ଅନ୍ତର୍ନିହିତ ବାର୍ତ୍ତା ।

ଶ୍ରାବଣର ବର୍ଷା ପଡ଼େ ଝରି
ଆଶ୍ରମର ତରୁ ତୃଣ ପରେ,
ଇଙ୍ଗୁଦୀର ଦୀପ ଉଠେ ଥରି
ମହର୍ଷିର ତିମିରିତ ଘରେ ।
ମୃଦୁ ଭାଷେ ସୂଚାଇଲେ ଆସି
ଋଷିପତ୍ନୀ ସତୀ ଅରୁନ୍ଧତୀ,
"ରନ୍ଧନ ଯେ କରିବି କିପରି
ଲବଣ ତ ନାହିଁ ମହାମତି ?"

ଉତ୍ତରିଲେ ମହର୍ଷି ବଶିଷ୍ଠ
ପ୍ରଶାନ୍ତିର ମଧୁମୟ ସୁରେ,
"ମାଗିଆଣ କିଞ୍ଚିତ ଲବଣ
ପାଶେ ଯାଇ ବିଶ୍ୱାମିତ୍ର ଘରେ ।"
ରୋଷେ ଦେବୀ ସ୍ଫୁରିତ ଅଧରେ
ଜଣାଇଲେ, "କାହିଁ ଯିବି କାହିଁ ?
ଗୋଟିଗୋଟି ପୁତ୍ରଗଣ
ହତ୍ୟା କଲା ଯେଉଁ ଆତତାୟୀ !

ଜନନୀ ମୁଁ ଶୋକାତୁରା
ତା' ଆଶ୍ରମେ ଯିବି କେଉଁପରି ?
ଅଦ୍ଭୁତ ଏ ଆଦେଶ ମହର୍ଷି,
ଭାଗ୍ୟର ଏ ଉପହାସ ପରି ।"

"ଭାଗ୍ୟର ଏ ନୁହେଁ ଉପହାସ
ତା'ର ଧର୍ମେ କଲ୍ୟାଣ ମୁଁ ଚାହେଁ,
ମୋ ଆଖିରେ ନୁହେଁ ଆତତାୟୀ
ଭଲ ପାଏ, ତାକୁ ଭଲ ପାଏ ।"

"ଭଲ ପାଅ, ଭଲ ପାଅ ଯଦି
ଡାକିଥିଲେ ମହର୍ଷି ତାହାରେ,
ଜୀବନ ଏ ରକ୍ତେ ଅରୁଣିତ
ନୋହିଥାନ୍ତା ଆର୍ତ୍ତ ହାହାକାରେ ।"

"ମହର୍ଷି ମୁଁ ଡାକି ନାହିଁ ତାକୁ
ପ୍ରାଣେପ୍ରାଣେ ଭଲ ପାଏ ବୋଲି ।"
ଜଣାଇଲେ ସଧୀରେ ବଶିଷ୍ଠ
ଶ୍ମଶ୍ରୁ ତଳୁ ସ୍ମିତ ରେଖା ତୋଳି ।

"ଭଲ ପାଏ, ଭଲ ପାଏ ଯେଣୁ"
ମହର୍ଷିର ମୁଖେ ଥାଉଁ ବାଣୀ,
ବାତ୍ୟା ନିକି ଶାଳବୃକ୍ଷ କାହୁଁ
ପଦପ୍ରାନ୍ତେ ପିଟିଦେଲା ଆଣି ।

ଅରୁନ୍ଧତୀ ପଡ଼ିଲେ ଚମକି
ନୀଡ଼େ ପକ୍ଷୀ ଉଠିଲେ ଚିତ୍କାରି,
ଇଙ୍ଗୁଦୀର ତୈଳଦୀପ ଶିଖା
ଅନ୍ଧକାର ନାଶିଲା ଫୁତ୍କାରି ।
କାହୁଁ ଏକ କୃତାନ୍ତ କୃପାଣ
ଲୋଟିଗଲା କୁଟୀର ଚତ୍ୱରେ,
ସ୍ପର୍ଶ କରି ମହର୍ଷିର ପଦ
ବିଶ୍ୱାମିତ୍ର ଅଶ୍ରୁ ଉତ୍ତରଳେ ।

ନିର୍ଝରର ରୁଦ୍ଧ ଘୋଷ ସମ
ଜଣାଇଲେ ଆବେଗ ଉଚ୍ଛ୍ୱାସ,
"କ୍ଷମାକର, କ୍ଷମାକର ମୋତେ
ନାଶ ମୋର ପାଶବ-ପ୍ରୟାସ ।

ଭଲ ପାଅ, ଭଲ ପାଅ ତୁମେ
ଭଲ ପାଅ ପୁତ୍ର ତହୁଁ ବଳି,
ନୁହଁ ତ ଏ ରତ ପରିହାସ
ଝିଙ୍ଗାସି ତ କହୁ ନାହଁ ଛଳି ?

ଶାଣିତ ଏ କରବାଳ କରେ
ଜାଣି ମୁଁ ଯେ ଆସିଥିଲି ଆଜି,
ଛିନ୍ନ କରି ମସ୍ତକ ତୁମର
ରଖିବାକୁ ଜୀବନର ବାଜି ।"

विश्वामित्रे ତୋଳି ଭୂମିତଳୁ

ସତେ ଅବା ଅମୃତ ବରଷି,

ସ୍ନେହଭରେ କହିଲେ ବଶିଷ୍ଠ,

"ଉଠ ଏବେ ଉଠ ହେ ମହର୍ଷି ।"

ଅରୁନ୍ଧତୀ ନେତ୍ରୁ ଅଜାଣତେ

ଶ୍ରାବଣର ବର୍ଷା ଗଲା ଝରି,

"ମହୀୟାନ୍ ଦେବତାରେ ଭଲା

ଜାଣିଥାନ୍ତି ମୁହିଁ କେଉଁପରି !"

**ସୂଚନା :**

ଇଙ୍ଗୁଦୀ - ଏକପ୍ରକାର ଗଛ, ଏହି ଗଛର ଫଳରୁ ତେଲ ବାହାର କରାଯାଏ ।
ଏହାର ତୈଳ ମୁନିମାନେ ଜଟାରେ ବ୍ୟବହାର କରୁଥିବାରୁ ଏହାକୁ ତାପସତରୁ ମଧ୍ୟ କୁହାଯାଏ ।

କୃତାନ୍ତ - ଯମ

କୃପାଣ - ଖଡ୍‌ଗ

ଚତ୍ୱର - ଅଗଣା , ଚଉତରା

ଋତ - ସତ୍ୟ

ଝିଙ୍ଗାସି - ଭର୍ତ୍ସନା କରି, ଧିକ୍କାର କରି

ଉତ୍ତରଳ - (ଉତ୍-ତରଳ) ଅତି ଚଞ୍ଚଳ

ଆବେଗ - ହୃଦୟର ଭାବ

ଉଚ୍ଛ୍ୱାସ - (ଉତ୍-ଶ୍ୱସ୍-ଅ) ଶୋକହେତୁ ଦୀର୍ଘଶ୍ୱାସ

ପାଶବ-ପ୍ରୟାସ - ପଶୁତୁଲ୍ୟ ଚେଷ୍ଟା (ବିନା ବିଚାରରେ କରୁଥିବା କାର୍ଯ୍ୟ)

ଆତତାୟୀ - ଆକସ୍ମିକ ଆକ୍ରମଣକାରୀ, ହତ୍ୟା କରିବାକୁ ଉଦ୍ୟମ କରୁଥିବା ବ୍ୟକ୍ତି, ହତ୍ୟାକାରୀ

### ଆସ, ଜାଣିବା କେତୋଟି ନୂତନ ଶବ୍ଦ

ତୃଣ, ତିମିରିତ, ମହାମତି, ଉତ୍ତରିଲେ, ପ୍ରଶାନ୍ତି, ରୋଷ,

ସ୍ଫୁରିତ, ଅରୁଣିତ, ଆର୍ଦ୍ର, ଶ୍ମଶ୍ରୁ, ନିକି, ଶାଣିତ

## ଅଭ୍ୟାସକାର୍ଯ୍ୟ

**(୧) ଆସ, କଥାବାର୍ତ୍ତା ହେବା ।**

(କ) ଏହି କବିତାରେ ବର୍ଣ୍ଣିତ ଘଟଣାଟି କେଉଁଠାରେ ଘଟିଥିଲା ?

(ଖ) ଅରୁନ୍ଧତୀ କାହାକୁ ଲକ୍ଷ୍ୟ କରି 'ଆତତାୟୀ' ବୋଲି କହିଛନ୍ତି ?

(ଗ) ବଶିଷ୍ଠ ଓ ଅରୁନ୍ଧତୀ କଥାବାର୍ତ୍ତା ହେଉଥିବା ବେଳେ କି ଘଟଣା ଘଟିଲା ?

(ଘ) ଅନୁତପ୍ତ ବିଶ୍ୱାମିତ୍ରଙ୍କୁ ଆଲିଙ୍ଗନ କରି ବଶିଷ୍ଠ କ'ଣ କହିଲେ ?

(ଙ) ବଶିଷ୍ଠଙ୍କୁ ଅରୁନ୍ଧତୀ 'ମହୀୟାନ ଦେବତା' ବୋଲି କହିବାର କାରଣ କ'ଣ ?

(ଚ) 'ନାଶ ମୋର ପାଶବ-ପ୍ରୟାସ' - ଏ କଥା କିଏ କାହାକୁ କହିଥିଲେ ?

(ଛ) କେଉଁ କଥାଟିକୁ ଏଠାରେ ପାଶବ-ପ୍ରୟାସ ବୋଲି କୁହାଯାଇଛି ?

**(୨) ଆସ, ଦୁଇଟି ବା ତିନୋଟି ବାକ୍ୟରେ ଉତ୍ତର ଲେଖିବା ।**

(କ) ବିଶ୍ୱାମିତ୍ରଙ୍କୁ 'ଆତତାୟୀ' ବୋଲି କହିବାର କାରଣ କ'ଣ ?

(ଖ) ବଶିଷ୍ଠ ବିଶ୍ୱାମିତ୍ରଙ୍କୁ 'ମହର୍ଷି' ବୋଲି କାହିଁକି ସମ୍ବୋଧନ କରି ନଥିଲେ ?

(ଗ) ଅରୁନ୍ଧତୀ ଚମକି ପଡ଼ିବାର କାରଣ କ'ଣ ?

(ଘ) ବିଶ୍ୱାମିତ୍ରଙ୍କ ମନରେ ଅନୁତାପ ଜାତ ହେଲା କାହିଁକି ?

(ଙ) ବଶିଷ୍ଠଙ୍କ କଥାକୁ ବିଶ୍ୱାମିତ୍ର ପରିହାସ ବୋଲି ଭାବିଲେ କାହିଁକି ?

(ଚ) ଶେଷରେ ବଶିଷ୍ଠ ବିଶ୍ୱାମିତ୍ରଙ୍କୁ 'ମହର୍ଷି' ବୋଲି ସମ୍ବୋଧନ କଲେ କାହିଁକି ?

(ଛ) ବିଶ୍ୱାମିତ୍ରଙ୍କ ଘରକୁ ଲୁଣ ମାଗିଯିବାକୁ ଅରୁନ୍ଧତୀ ଆପତ୍ତି କରିଥିଲେ କାହିଁକି ?

(ଜ) ବଶିଷ୍ଠଙ୍କ ଆଗରେ କିଛି କହିବାବେଳେ ବିଶ୍ୱାମିତ୍ରଙ୍କ ଆଖିରୁ ଲୁହ ଝରିଯାଉଥିଲା କାହିଁକି ?

**(୩) ସରଳଭାଷାରେ ବୁଝାଇ ଲେଖିବା ।**

(କ) "ମୋ ଆଖିରେ ନୁହେଁ ଆତତାୟୀ

ଭଲପାଏ, ତାକୁ ଭଲପାଏ" ।

(ଖ) "ମହୀୟାନ୍ ଦେବତାରେ ଭଲା

ଜାଣିଥାନ୍ତି ମୁହିଁ କେଉଁ ପରି" ।

(ଗ) "କ୍ଷମାକରେ, କ୍ଷମାକର ମୋତେ

ନାଶ ମୋର ପାଶବ-ପ୍ରୟାସ" ।

**(୪) ଆସ, ୧୦୦ରୁ ୧୨୦ ଶବ୍ଦ ମଧ୍ୟରେ ତଳ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖିବା ।**

(କ) ପଠିତ କବିତାକୁ ଆଧାର କରି ବଶିଷ୍ଠଙ୍କ ଚରିତ୍ରର ମହନୀୟତା ବର୍ଣ୍ଣନା କର ।

(ଖ) ବିଶ୍ୱାମିତ୍ରଙ୍କୁ 'ମହର୍ଷି' ସମ୍ବୋଧନ କରିବାପାଇଁ ବଶିଷ୍ଠ ଏତେ ବିଳମ୍ବ କଲେ କାହିଁକି ?

**(୫) ଅସଂପୃକ୍ତ ଶବ୍ଦଟିକୁ ବାଛି ପାଖ କୋଠରିରେ ରଖିବା ।**

(କ) ମାଧବ, କେଶବ, ବାସବ, ପାଶବ [redacted]

(ଖ) ଉତ୍ତରିଲେ, ସଞ୍ଚରିଲେ, ପଚାରିଲେ, ଉଚ୍ଚାରିଲେ [redacted]

(ଗ) ମହାମତି, ମହାଭୀତ, ମହାସତୀ, ମହାଯତି [redacted]

**(୬) ନିମ୍ନରେ ଦିଆଯାଇଥିବା ଅସଜଡ଼ା ଶବ୍ଦଗୁଡ଼ିକୁ ଠିକ୍ ଭାବରେ ଲେଖିବା ।**

(କ) ଦେବତାରେ ଭଲା ମହୀୟାନ କେଉଁ ପରି ମୁହିଁ ଜାଣିଥାନ୍ତି ।

(ଖ) ବିଶ୍ୱମିତ୍ର ଯାଇ ପାଶେ କିଞ୍ଚିତ ଲବଣ ମାଗିଆଣ ଘରେ ।

(ଗ) କରବାଳ କରେ ଏ ଶାଣିତ ଜାଣି ମୁଁ ଆଜି ଆସିଥିଲି ଯେ ।

**(୭) ଯେପରି ଉତ୍ + ତରଳ = ଉତ୍ତରଳ ହେଉଛି, ସେହିପରି 'ଉତ୍' ପୂର୍ବରେ ବ୍ୟବହାର କରି ଆଉ ଦୁଇଟି ଶବ୍ଦ ଲେଖିବା ।**

**ଉ:** ______________________________

______________________________

**(୮) 'ଅରୁନ୍ଧତୀ ନେତ୍ରୁ ଅଜାଣତେ ଶ୍ରାବଣର ବର୍ଷା ଗଲା ଝରି' - ଏହି ପଂକ୍ତିରେ ଶ୍ରାବଣର ବର୍ଷା କେଉଁ ଭାବକୁ ସୂଚାଉଛି, ତାହା ନିମ୍ନରୁ ବାଛି ଲେଖିବା ।**

(କ) ଅରୁନ୍ଧତୀଙ୍କ ଆନନ୍ଦ (ଗ) ଅରୁନ୍ଧତୀଙ୍କ ଦୁଃଖ

(ଗ) ଅରୁନ୍ଧତୀଙ୍କ ଅନୁତାପ (ଘ) ଶ୍ରାବଣ ମାସର ବର୍ଷା

**(୯) ଆସ, ନିମ୍ନରେ ଦିଆଯାଇଥିବା ପଦଗୁଡ଼ିକୁ ଗଦ୍ୟରେ ଲେଖିବା ।**

(କ) ନିର୍ଝରର ରୁଦ୍ଧ ଘୋଷ ସମ ଜଣାଇଲେ ଆବେଗ ଉଚ୍ଛ୍ୱାସ ।

(ଖ) ଅଦ୍ଭୁତ ଏ ଆଦେଶ ମହର୍ଷି, ଭାଗ୍ୟର ଏ ଉପହାସ ପରି ।

(ଗ) ବାତ୍ୟା ନିକି ଶାଳବୃକ୍ଷ କାହୁଁ ପଦପ୍ରାନ୍ତେ ପିଟିଦେଲା ଆଣି ।

(ଘ) ନୁହଁ ତ ଏ ଋତୁ ପରିହାସ ଝିଙ୍ଗାସି ତ କହୁ ନାହିଁ ଛଳି ?

**(୧୦) 'ପାଶବ - ପ୍ରୟାସ' କହିଲେ କେଉଁ ଅର୍ଥକୁ ବୁଝାଏ, ତାହା ତଳେ ଥିବା ଉତ୍ତରରୁ ବାଛି ଲେଖିବା ।**

(କ) ଜୀବନରୁ ମାରିଦେବା (ଖ) ଖଣ୍ଡାରେ ହାଣିବା

(ଗ) ହତ୍ୟା କରିବା (ଘ) ପଶୁତୁଲ୍ୟ ଚେଷ୍ଟା

**(୧୧) 'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭରେ ଥିବା ଯେଉଁ ଶବ୍ଦର ଉପଯୁକ୍ତ ସଂପର୍କ ରହିଛି ତାକୁ ଯୋଡ଼ିବା ।**

| 'କ' | 'ଖ' |
|---|---|
| ମଧୁମୟ | ଅଧର |
| ତିମିରିତ | ଜନନୀ |
| ସ୍ଫୁରିତ | ପ୍ରୟାସ |
| ଶୋକାତୁରା | ଲବଣ |
| ଉତ୍ତରଳ | ଅଶ୍ରୁ |
| ପାଶବ | ଘର |
| | ସୁର |

**(୧୨) କ୍ଷମାର ମହତ୍ତ୍ୱ ସଂପର୍କରେ ବର୍ଣ୍ଣନା କରି ଗୋଟିଏ ଛୋଟ ଅନୁଚ୍ଛେଦ ଲେଖିବା ।**

**(୧୩) ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକର ଅର୍ଥକୁ ପାଖ କୋଠରିରୁ ଖୋଜି ସେହି ଶବ୍ଦ ପାଖରେ ଲେଖିବା ।**

| | |
|---|---|
| ଆବେଗ | ଝିଙ୍ଗାସି |
| ରତ | ଉତ୍ତରଳ |
| କୃପାଣ | ଚତ୍ୱର |

[redacted]

**(୧୪) ଠିକ୍ ଉକ୍ତି ପାଖରେ '√' ଚିହ୍ନ ଓ ଭୁଲ୍ ଉକ୍ତି ପାଖରେ 'X' ଚିହ୍ନ ଦେବା ।**

(କ) ଅନ୍ଧାର ଯୋଗୁଁ ଅରୁନ୍ଧତୀଙ୍କୁ ରନ୍ଧନ କରିବାରେ ଅସୁବିଧା ହେଉଥିଲା । [redacted]

(ଖ) ବଶିଷ୍ଠଙ୍କ ମହାନତା ଦେଖି ବିଶ୍ୱାମିତ୍ର ଅନୁତାପ କରିଥିଲେ । [redacted]

(ଗ) ବିଶ୍ୱାମିତ୍ରଙ୍କ ଆଶ୍ରମକୁ ଯିବାଲାଗି ଅରୁନ୍ଧତୀଙ୍କର ଇଚ୍ଛା ନଥିଲା । [redacted]

(ଘ) ବଶିଷ୍ଠଙ୍କ ଆଶ୍ରମରେ ବିଶ୍ୱମିତ୍ର ନିଆଁ ଲଗାଇ ଦେଇଥିଲେ । [redacted]

**(୧୫) ନିମ୍ନଲିଖିତ କବିତାଂଶଟିକୁ ମନେ ପକାଇ ପୂରଣ କରିବା ଓ ତାକୁ ଆବୃତ୍ତି କରିବା ।**

(କ) ଜୀବନ ଏ ରକ୍ତେ ଅରୁଣିତ

_______________ ।।

(ଖ) _______________

ଋଷିପତ୍ନୀ ସତୀ ଅରୁନ୍ଧତୀ ।।

(ଗ) ଗୋଟି ଗୋଟି ପୁତ୍ରଗଣ

_______________

**ତୁମପାଇଁ କାମ :**

୧. ତୁମେ ତୁମ ସାଙ୍ଗ ନିକଟରେ ଏକ ଭୁଲ କରି ଦେଲ । ସେଥିପାଇଁ ଅନୁତାପ କରୁଛ ବୋଲି ଜଣାଇ ସାଙ୍ଗ ନିକଟକୁ ଏକ ପତ୍ର ଲେଖ ।

୨. ଅନନ୍ତ ପଟ୍ଟନାୟକଙ୍କ ଫଟୋ ସଂଗ୍ରହକରି ଶ୍ରେଣୀଗୃହରେ ଟାଙ୍ଗିବା ।

୩. କବି ଅନନ୍ତ ପଟ୍ଟନାୟକଙ୍କ ଅନ୍ୟାନ୍ୟ କାବ୍ୟ କବିତା ସଂଗ୍ରହ କରି ପଢ଼ିବା ।

୪. ପୁରାଣବର୍ଣ୍ଣିତ ଅନ୍ୟାନ୍ୟ ଶିକ୍ଷଣୀୟ ଆଖ୍ୟାୟିକାଗୁଡ଼ିକୁ ସଂଗ୍ରହ କରି ଶ୍ରେଣୀରେ ପାଠକରିବା ।

***

# ରୋଗୀସେବା

● ଉଦୟନାଥ ଷଡ଼ଙ୍ଗୀ

**ଲେଖକ ପରିଚୟ :**

ଉଦୟନାଥ ଷଡ଼ଙ୍ଗୀ (୧୯୦୫-୧୯୯୯) ଶିଶୁସାହିତ୍ୟିକ ଭାବରେ ଖ୍ୟାତି ଅର୍ଜନ କରିଛନ୍ତି । ତାଙ୍କ ରଚିତ 'ଟୁଉକୁମୂଷି', 'ଚକାଚକା ଭଉଁରୀ', 'ଜହ୍ନମାମୁ', 'ବିଲୁଆନନାର ବାହାଘର', 'ମିନିର ମନକଥା', 'ଆମ ଗ୍ରହ ଉପଗ୍ରହ', 'ଜଳଜନ୍ତୁ ସିରିଜ୍' ଓ 'ଆଦିବାସୀ କଥା' ଆଦି ଶିଶୁସାହିତ୍ୟ, ଅନୁବାଦ ଉପନ୍ୟାସ 'ଟମକକାଙ୍କ କୁଟୀର' ଓଡ଼ିଆ ସାହିତ୍ୟର ପାଠକମାନଙ୍କ ପାଖରେ ଅତି ପରିଚିତ ।

ସେବା ମଣିଷର ପରମ ଧର୍ମ । ସେବା କଲେ ଆନନ୍ଦ ମିଳେ । ଏହି ରଚନାରେ ନିଜ ଜୀବନର ଅନୁଭବକୁ ସେ ସାର୍ବଜନୀନ ଅନୁଭବରେ ରୂପାନ୍ତରିତ କରି ଦେଇଛନ୍ତି । ଏହି ଲେଖାଟି ଲେଖକଙ୍କ ଆତ୍ମଜୀବନୀ 'ଗାନ୍ଧି ମହାରାଜାଙ୍କ ଶିଷ୍ୟ' ପୁସ୍ତକରୁ ସଂଗୃହୀତ ।

**ଗାଁ** ଚାଟଶାଳୀର ଛାତ୍ର, ସାନ ପିଲା । ତେଣୁ ରାତିରେ ବାପାଙ୍କ ପାଖରେ ଶୋଉଥିଲି ।

ଚାଟଶାଳୀରୁ ଆସି ଦେଖିଲି, ବାପା ଦାଣ୍ଡପିଣ୍ଡାରେ ତଳେ ଶୋଇଅଛନ୍ତି । ତାଙ୍କ ପାଦରୁ ରକ୍ତ ବୋହିଯାଉଅଛି । ମାଟିପିଣ୍ଡା ରକ୍ତରେ କାଦୁଅ ଭଳି ହୋଇଗଲାଣି । ବୋଉ ଘର ଭିତରେ । ଭାଇନା ଦୁହେଁ ବୋଧହୁଏ ନାହାନ୍ତି । ବହି, ସିଲଟ ସେଇଠି ରଖିଦେଇ ତାଙ୍କ ପାଦ ପାଖରେ ବସିପଡ଼ିଲି । ରକ୍ତ ଦେଖି ଦେହ ଝିମିଝିମି ହୋଇଗଲାଣି । ତଥାପି କାନ୍ଧରେ ଥିବା ଗାମୁଛା ଚଉତାଇ ଗୋଡ଼ରେ ଭିଡ଼ି ବାନ୍ଧିଦେଲି । ଗାମୁଛା ରକ୍ତ ହୋଇଗଲା । ଅଳ୍ପ ସମୟ ପରେ ଦେଖିଲି, ରକ୍ତ ବହିବା ବନ୍ଦ ହୋଇଗଲାଣି ।

ଘର ଭିତରୁ ବୋଉ ବାହାରିଆସି ଏ ଅବସ୍ଥା ଦେଖିଲା । ଉଭୟେ ଧରାଧରି କରି ନେଇ ତାଙ୍କୁ ଘର ଭିତରେ ଶୁଆଇ ଦେଲୁ ।

ବାପା ବାଡ଼ି ଭିତରେ କଣ କାମ କରୁଥିଲେ । ଗୋଟାଏ ଭଙ୍ଗାକାଚ ପାଦରେ ପଶିଯାଇ ଏ ଦଶା ଘଟିଅଛି ।

ଡାକ୍ତରଖାନା ଦୂରରେ । ଗ୍ରାମର କୌଣସି ଲୋକ ଡାକ୍ତରଖାନା ସହିତ ସେତେ ପରିଚିତ ନୁହନ୍ତି । ସମସ୍ତଙ୍କର ଧାରଣା, କେବଳ କଟାକଟି କରିବାହିଁ ଡାକ୍ତରମାନଙ୍କ କାମ । କୌଣସିପ୍ରକାର ରୋଗବୈରାଗ ହେଲେ କେହି ଡାକ୍ତରଙ୍କ ନାମ ଧରନ୍ତି ନାହିଁ ।

ଗ୍ରାମରେ ଜଣେ ବୈଦ୍ୟ ଥାଆନ୍ତି । ଜ୍ୱର, କାଶ, ଝାଡ଼ା ପ୍ରଭୃତି ରୋଗ ପାଇଁ ଔଷଧ ଦିଅନ୍ତି । ଅଧିକାଂଶ ସମୟରେ ତାଙ୍କ ଦୁଆରେ ଭିଡ଼ ଜମି ରହିଥାଏ ।

କେଉଁ ରୋଗପାଇଁ କେଜାଣି, ସମୟ ସମୟରେ ପିଲାମାନଙ୍କ ପିଠି ପାଖ ବେକରେ ସେ ଚଡୁ ଦିଅନ୍ତି । ଗୋଟାଏ ଲୁହା ତତାଇ ମାଡ଼ିଦିଅନ୍ତି । ଘାଆ ହୁଏ; ତାହା ଶୁଖିବାକୁ କେତେ ଦିନ ଲାଗିଯାଏ । ସେଥିପାଇଁ ପିଲାଏ ତାଙ୍କୁ ଦେଖିଲେ ଡରନ୍ତି । ପାଖକୁ ଯିବାକୁ ସାହସ କରନ୍ତି ନାହିଁ ।

ଭାଇନା ନାହାନ୍ତି; ବାପାଙ୍କ ଦଶା ଏପରି । ବାଧ ହୋଇ ବୈଦ୍ୟଙ୍କ ଘରକୁ ଗଲି ।

ବାପାଙ୍କ କଥା ଶୁଣି ବୈଦ୍ୟ ମୋ ସଙ୍ଗେସଙ୍ଗେ ଆସିଲେ । ଗୁଡ଼ିଏ କଅଣ ପତର ଛେଚି କଟାଘାଆରେ ପୂରାଇଦେଇ ଆଉ ଖଣ୍ଡିଏ କନା ଜୋର୍‌ରେ ଭିଡ଼ି ବାନ୍ଧିଦେଲେ ।

ରାତିରେ ଶୋଇଛି । ଉଃ ଆଃ ଶବ୍ଦ ଶୁଣି ଉଠିବସିଲି । ଦେଖିଲି, ବାପା ସେ ଗୋଡ଼ ଆଉଁଶୁ ଅଛନ୍ତି । ମୁହଁ ବିକୃତିରୁ ଯନ୍ତ୍ରଣା ଯେ ଅତି ବେଶି ହେଉଅଛି, ତାହା ଜାଣିପାରିଲି ।

ପାଦ ପାଖରେ ବସି ପାଦ ଆଉଁଶିଦେଲି । ବୋଧହୁଏ ଟିକିଏ ଆରାମ ଲାଗିଲା । ସେ ଘୁଙ୍ଗୁଡ଼ି ମାରିଲେ । ମୁଁ ସେହିପରି ବସିରହି ପାଦରେ ହାତ ବୁଲାଉଥାଏ ।

ପାହାନ୍ତା ପହରକୁ ନିଦ ଭାଙ୍ଗିଗଲା । ଦେଖିଲେ, ରାତିଯାକ ବସିରହି ପାଦ ଆଉଁଶି ଦେଉଅଛି । କୋଳପାଖକୁ ଟାଣିନେଲେ, ମୁଣ୍ଡ ଓ ପିଠିରେ ହାତ ବୁଲାଇ ଆଦର କରି କହିଲେ, 'ଯା ଶୋଇପଡ଼ ।'

ପରଦିନ ଦୂରରେ ଥାଇ ଶୁଣିଲି, ବୋଉକୁ କହୁଅଛନ୍ତି, 'ପିଲାଟା କାଲି ରାତିରେ ଜମା ଶୋଇ ନାହିଁ ।' ଖୁସି ଲାଗିଲା ।

ପ୍ରତିଦିନ ବୈଦ୍ୟଙ୍କଠାରୁ ଔଷଧ ଆଣି ଲଗାଇ ଦିଏ । ଯତ୍ନରେ କନା ବାନ୍ଧେ । ଦେଖିଲି, ବୈଦ୍ୟ କଅଁଳ ଦୂବଘାସ କିଛି ଛିଡ଼ାଇଆଣି ତାକୁ ଛେଚି ଗୋଟିଏ ପତ୍ର ପୁଡ଼ିଆରେ ମୋ ହାତରେ ଦେଉଅଛନ୍ତି । ପରଦିନ ଆଉ ବୈଦ୍ୟଙ୍କ ପାଖକୁ ଗଲି ନାହିଁ । ବାଡ଼ି ଭିତରୁ ଦୂବଘାସ ଆଣି, ଭଲରୂପେ ଛେଚି ଘାଆରେ ବାନ୍ଧିଦେଲି । ପ୍ରାୟ ପନ୍ଦରଦିନ ପରେ ଘାଆ ଶୁଖିଗଲା ।

ପରେ ଶ୍ରେଣୀରେ ପାଠ୍ୟ ସ୍ୱାସ୍ଥ୍ୟରକ୍ଷା ବହିରେ ପଢ଼ିଥିଲି, କଟା ଘାଆରେ ଦୂବ ଛେଚି କିମ୍ବା ପାଟିରେ ଚୋବାଇ ଲଗାଇଦେଲେ ରକ୍ତ ବୋହିବା ସଙ୍ଗେସଙ୍ଗେ ବନ୍ଦ ହୋଇଯିବ । ଘାଆ ମଧ୍ୟ ଶୀଘ୍ର ଶୁଖିଯିବ ।

ପନ୍ଦର ଦିନ ପରେ ପାଦର ଘାଆ ଭଲ ହେଲା; କିନ୍ତୁ ମୋର ଗୋଡ଼ ଆଉଁଶି ଦେବା ଅଭ୍ୟାସ ରହିଗଲା । ପ୍ରତିଦିନ କିଛି ସମୟ ବାପାଙ୍କ ଗୋଡ଼, ପିଠି, ଅଣ୍ଟା ଚିପି ଦେଲା ପରେ ମୁଁ ଶୋଇପଡ଼େ । ଘରେ ରହିଥିବା ପର୍ଯ୍ୟନ୍ତ ଏହା ମୋର ଦୈନନ୍ଦିନର କର୍ତ୍ତବ୍ୟରେ ପରିଣତ ହୋଇଥିଲା । ବାର୍ଷିକ ପରୀକ୍ଷାପାଇଁ ରାତି ଅନିଦ୍ରା ହୋଇ ପଢ଼ାପଢ଼ି କଲାବେଳେ ଅନ୍ତତଃ ଘଣ୍ଟାଏ ସମୟ ଏଥିରେ ଯାଉଥିଲା– ତାଙ୍କର ବାରମ୍ବାର ବାରଣ ସତ୍ତ୍ୱେ ।

୧୯୨୭ ମସିହାରେ ମାଟ୍ରିକ୍ୟୁଲେସନ ପରୀକ୍ଷା ପରେ ଘରେ ଆସି ରହିଥିଲି । ସେହି ସମୟରେ ୭୨ ବର୍ଷ ବୟସରେ ପିତାଙ୍କର ପରଲୋକ ହେଲା । ଦଶ ବାର ଦିନ ଶଯ୍ୟାଶାୟୀ ହୋଇଥିଲେ । ଗ୍ରହଣୀ ଝାଡ଼ା । ରାତିଦିନ ପାଖରେ ବସିରହି ସେବାଶୁଶ୍ରୂଷା କଲି । ଡାକ୍ତର ଡାକିବାକୁ ଅନୁରୋଧ କଲି; ବାରମ୍ବାର ବାରଣ କଲେ । ସବୁଥର କପାଳରେ ହାତମାରି କହନ୍ତି, "ଯାହା କରିବେ ସାଇଁ, ତାହା କାହାରି ହାତରେ ନାହିଁ ।" ବୈଦ୍ୟଙ୍କଠାରୁ ଔଷଧ ଆଣିଲି, ଖାଇଲେ ନାହିଁ ।

ସତ୍ୟବାଦୀ ସ୍କୁଲରେ ରୋଗୀସେବା କରିବା ତାଲିମ ପାଇଥିଲି । ତାହା ହିଁ କାର୍ଯ୍ୟରେ ଲଗାଇଲି । ଘନଘନ ବିଛଣା ଚାଦର ମଇଳା ହୋଇଯାଉଥାଏ । ପାଖରେ ଆଉ ଗୋଟିଏ ବିଛଣା କରି ତାଙ୍କୁ ସେଠାକୁ ଉଠାଇ ଆଣେ । ମଇଳା ବିଛଣା ସଫା କରିଦିଏ । କ୍ଷୀଣ ଶରୀର, କାଖ ପାଖରେ ଓ ଅଣ୍ଟାରେ ହାତ ଦେଇ ଉଠାଇ ଆଣିବାକୁ ଅସୁବିଧା ହୁଏ ନାହିଁ । ଦିନଯାକ ତ ପାଖରେ ବସିରହେ; ରାତିତମାମ ମଧ୍ୟ ଜଗି ରହିବାକୁ ପଡ଼େ । ବୋଉ କି ଭାଇନା ରାତିରେ ସମୟ ସମୟରେ ମୋତେ ଉଠାଇ ଦେଇ ଆସି ପାଖରେ ବସନ୍ତି । ଏଣେ ମୋ ଆଖିକୁ ତ ନିଦ ହୁଏ ନାହିଁ; ତେଣେ ବାପାଙ୍କର ଟିକିଏ ନିଦ ଭାଙ୍ଗିଗଲେ ଆଗ ଖୋଜନ୍ତି ମୋତେ ।

ଶେଷ ତିନି ଦିନ ଅଚୈତନ୍ୟ ଅବସ୍ଥାରେ ପଡ଼ିରହିଲେ । ଯେତେବେଳେ ଟିକିଏ ଚେତନା ଆସେ, ଅତି ଆଦରରେ ମୋ ମୁହଁ ପିଠିରେ ହାତ ବୁଲାଇ ଆଣନ୍ତି । ସ୍ନେହପୂର୍ଣ୍ଣ ଚକ୍ଷୁରେ ଚାହିଁ ରହନ୍ତି ।

ବର୍ତ୍ତମାନ ମଧ୍ୟ ଏହି ବର୍ଣ୍ଣନାକୁ ରୂପ ଦେଲାବେଳେ ସେ ସ୍ନେହପୂର୍ଣ୍ଣ ଢଳଢଳ ମୁହଁ ଆଖି ଆଗରେ ନାଚିଗଲା ଭଳି ଜଣାପଡୁଅଛି । ଯଦି ଚିତ୍ରକର ହୋଇଥାଆନ୍ତି,ତେବେ ତା'ର ଗୋଟିଏ ଅପରୂପ ଛବି ଆଙ୍କି ଦେଇପାରନ୍ତି ।

x x x x x

ଏତିକିବେଳେ ବୋଉ କଥା ମନେ ପଡୁଅଛି ।

ବାପାଙ୍କ ଦେହତ୍ୟାଗର ପାଞ୍ଚବର୍ଷ ପରେ ମା ଛେଉଣ୍ଡ ହୋଇଥିଲି ।

ସେତେବେଳକୁ ଦତ୍ତ ପ୍ରେସରେ ଚାକିରି କଲିଣି । ଦୁଇ ତିନି ମାସରେ ଥରେ ଗ୍ରାମକୁ ଯାଏ । ଦୁଇ ତିନି ଦିନ ମାତ୍ର ରହି କାର୍ଯ୍ୟକ୍ଷେତ୍ରକୁ ଫେରିଆସେ । ମନରେ ଖେଳେ ଶୀଘ୍ର ନ ଗଲେ ପ୍ରେସ କାମରେ ଅସୁବିଧା ହେଉଥିବ ।

ମାସକ ଆଗରୁ ଘରୁ ଫେରିଥାଏ । ତଥାପି କେଜାଣି କାହିଁକି ଘରକୁ ଯିବାକୁ ମନ ହେଲା । ପାଠ୍ୟପୁସ୍ତକ ଛାପା ଚାଲିଥାଏ । କାମର ଭିଡ଼ । ମାଲିକ ମନା କରୁଥାଆନ୍ତି । ଦିନକ ପରେ ଚାଲିଆସିବି କହି ଦୁଇଟାବେଳର ବସ୍ ଧରିଲି । ପାଞ୍ଚଟାବେଳେ ଘରେ ପହଞ୍ଚିଲି ।

ପ୍ରଥମେ ଆଖି ପଡ଼ିଲା ବୋଉ ଉପରେ । ସେ ଦୁଆରେ ଶୋଇଅଛି । ଶୁଣିଲି, ଖରାବେଳେ (ବୋଧହୁଏ ମୁଁ ଯେଉଁ ସମୟରେ ବସ୍‌ରେ ବସୁଥିଲି) ବାଡ଼ି ଭିତରେ ପଡ଼ିଗଲା; ଆଉ ଉଠିପାରିଲା ନାହିଁ । ଭାଇନା ଟେକିଆଣି ଦୁଆରେ ଶୁଆଇ ଦେଇଅଛନ୍ତି ।

ଦେହରେ ହାତ ମାରି ଦେଖିଲି ତାତି ବହୁତ ବେଶି । ୧୦୩ ଡିଗ୍ରୀ ପର୍ଯ୍ୟନ୍ତ ଜର । ଯନ୍ତ୍ରଣାରେ ଛଟପଟ ହେଉଅଛି । ମୁଣ୍ଡରେ ପାଣିପଟି ଦେଲି । ପାଖରେ ବସି ଗୋଡ଼ହାତ ଘଷି ଦେଲି ।

ତାତି ଟିକିଏ କମିଯିବାରୁ ବୋହୂମାନଙ୍କୁ ଡାକି ବରାଦ କଲା, "ପୁଅକୁ ଖାଇବାକୁ ଦିଅ ।" ଟିକିଏ ଆଶ୍ୱସ୍ତ ହେଲି । ଥରକୁଥର ଜିଦ୍ କରିବାରୁ ସେହି ଶଯ୍ୟା ପାଖରେ ବସି ଖାଇଲି ।

ରାତିକୁ ସଂଜ୍ଞାହୀନ ହୋଇଗଲା । ଡାକ୍ତର ଆସି ଔଷଧର ବ୍ୟବସ୍ଥା କଲେ, ମାତ୍ର ଫଳ ବିଶେଷ କିଛି ହେଲା ନାହିଁ ।

ଦିନକ ପରେ ଟିକିଏ ପ୍ରକୃତିସ୍ଥ ହେଲା । ଆଖି ଫିଟାଇ ଚାହିଁଲା । ଦେଖିଲା, ମୁଁ ପାଖରେ ବସି ପିଠି ଆଉଁଶି

ହାତ ହଲାଇ ପାଖକୁ ଡାକିଲା । ମୁହଁ ପାଖକୁ ଘୁଞ୍ଚି ଆସିଲି । ମୁଣ୍ଡରେ ହାତ ବୁଲାଉବୁଲାଉ କାନ୍ଦି ପକାଇଲା । ଖନେଇଖନେଇ କହିଲା, "ମୋ ଧନକୁ କିଏ ଆଣିଲାଟି ?"

ରାତିକୁ ବେଶ୍ ସୁସ୍ଥ ବୋଧ କଲା । ଡାକ୍ତର ଆଶ୍ୱାସନା ଦେଲେ, "ଔଷଧ କାଟୁ କରିଅଛି । ଆଉ ଅନ୍ତତଃ ଆଶଙ୍କା ନାହିଁ ।"

ପରଦିନ ସକାଳେ ଟିକିଏ ପ୍ରଫୁଲ୍ଲ ଦେଖାଗଲା । ମୋ ଖାଇବା ବିଷୟରେ ଭାଉଜମାନଙ୍କୁ ନାନା ପ୍ରକାର ବରାଦ କଲା । ମନେକଲି, ଡାକ୍ତରଙ୍କ ଆଶ୍ୱାସନା ବାଣୀ ସତ ହେବ ।

ଦିନକପାଇଁ କହି ଆସି ତିନିଦିନ ହୋଇଗଲାଣି । ବୋଉକୁ ଅନୁମତି ମାଗିଲି, "ଆଜି କଟକ ଯାଉଅଛି । ଦଶ ପନ୍ଦର ଦିନ ପରେ ପୁଣିଥରେ ଆସିବି ।"

ଆଉ ଥରେ ମୋ ପିଠିରେ ହାତ ବୁଲାଇ ଦେଇ ଖନେଇ ଖନେଇ କହିଲା, "ବାବାଟା ପରା, ଆସିଛୁ ଯେତେବେଳେ ଆଉ ଦୁଇଟାଦିନ ରହିଯା ।" ଅସ୍ପଷ୍ଟ ସ୍ୱରରେ ଗାଇଲା – "ଆରେ ବାବୁ ଶ୍ୟାମଘନ; ତୁ ଗଲେ ମଧୁଭୁବନ,କାହା ମୁଖ ଅନାଇ ବଞ୍ଚିବି ।"

ସେ ସ୍ନେହପୂର୍ଣ୍ଣ ଆଦେଶ ଭାଙ୍ଗିପାରିଲି ନାହିଁ । ପାଖରେ ବସି ରହିଲି । ବିଛଣାରେ ମଳମୂତ୍ର ତ୍ୟାଗ କରେ । ସଙ୍ଗେ ସଙ୍ଗେ ତାହା ସଫା କରି ବିଛଣା ଓ ଲୁଗା ବଦଳାଇ ଦିଏ ।

ରାତିକୁ ଅବସ୍ଥା ପୁଣି ଖରାପ ହୋଇଆସିଲା । ପାହାନ୍ତା ସମୟକୁ କହିଲା, "ମୋତେ ଟିକିଏ ଦୁଆରକୁ ନେଇଯାଆ । ଘର ଭିତରେ ଆଉ ସୁଖ ଲାଗୁନାହିଁ ।"

ଦୁଆରେ ବିଛଣା କରି ଟେକିଆଣି ଶୁଆଇଦେଲି । ଥରେ ଆଖିମେଲି ଚାହିଁଲା । ବଡ଼ ସ୍ନେହଭରା ଅଥଚ କରୁଣ ସେ ଚାହାଣି । ହାତ ଉଠାଇବାକୁ ଚେଷ୍ଟା କଲା, ଉଠାଇପାରିଲା ନାହିଁ । ଜାଣିପାରି ମୁଁ ହାତକୁ ଧରି ଟେକିଦେବାକୁ ଚେଷ୍ଟା କଲି । ମୋ ହାତକୁ ମୁଠାଇ ଧରିଅଛି । ଆଖି ବୁଜି ହୋଇଗଲା – ସବୁ ଶେଷ ।

ଏବେ ମଧ୍ୟ ଦୃଢ଼ ବିଶ୍ୱାସ, ମୋର ଜୀବନକାଳ ମଧ୍ୟରେ ସବୁ କାର୍ଯ୍ୟରେ, ଏପରିକି ଏହି କଥାଗୁଡ଼ିକ ବର୍ଣ୍ଣନା କଲାବେଳେ ପିତାମାତାଙ୍କର ସେହି ଅନ୍ତିମ ଆଶୀର୍ବାଦ ହିଁ ତା'ପଛରେ ରହି ପ୍ରେରଣା ଦେଉଅଛି । ଆପଦବିପଦ, ଦୁଃଖସୁଖ, ରୋଗଯନ୍ତ୍ରଣା ସବୁ ସମୟରେ ମୋତେ ସାନ୍ତ୍ୱନା ଦେଉଅଛି; ଦେହରେ ବଳ, ମନରେ ଶକ୍ତି ଦେଉଅଛି ।

ବୋଉ ସେ ଯୁଗର ଅକ୍ଷର ମଡ଼ାଇ ନ ଥିବା ମଫସଲୀ ମହିଳା । କିନ୍ତୁ ତା'ର ସ୍ମରଣ ଶକ୍ତି ଅତି ପ୍ରଖର ଥିଲା । ଘରେ ତ ପ୍ରାୟ ପ୍ରତ୍ୟହ କୌଣସି ନା କୌଣସି ପୁରାଣ ପାଠ ହୁଏ । ସେ ସବୁଦିନ ଆଗ୍ରହରେ ଶୁଣେ । ବରଂ ତାହାରି ବରାଦରେ ହିଁ ଭାଇନା ପୁରାଣ ପାଠ କରନ୍ତି । ଥରେ ମାତ୍ର ଶୁଣି ସେ ସୁନ୍ଦର ଭାବରେ ବୁଝିଯାଏ, ଅନେକ ସମୟରେ ଅନ୍ୟାନ୍ୟ ଶ୍ରୋତା – ଭାଇନା, ବାପା, କକେଇ ବୁଝିପାରନ୍ତି ନାହିଁ । ସେ ସମ୍ପର୍କରେ ଆଲୋଚନା, ଯୁକ୍ତିତର୍କ ଚାଲେ । ଶେଷରେ ବୋଉର କଥା ହିଁ ଠିକ୍ ହୁଏ ।

x x x x x

୧୯୨୨ ମସିହା । ଅଳକାଶ୍ରମରେ ଆଖପାଖ କେତୋଟି ଗ୍ରାମରେ ଭୀଷଣ ହଇଜା ବ୍ୟାପିଗଲା । ସୁଦର୍ଶନ ପ୍ରହରାଜ – ମୋର ସୁଦୁରିଆନା ସାଇକେଲରେ ଗାଁ ଗାଁ ବୁଲି ରୋଗୀଙ୍କ ସେବାରେ ଲାଗିଗଲେ । ମୁଁ ତାଙ୍କର ବଡ଼ ଭକ୍ତ,

ଘରଘର ବୁଲି ରୋଗୀଙ୍କ ଅବସ୍ଥା ଦେଖୁ । ଡାକ୍ତରଖାନାରୁ ଔଷଧ ନେଇ ଖାଇବାକୁ ଦେଉ । ଗୁରୁତର ରୋଗୀମାନଙ୍କୁ ଡାକ୍ତରଖାନାକୁ ଆଣିବାର ବ୍ୟବସ୍ଥା କରୁ । ସାନିଟାରୀ ଇନିସ୍‌ପେକ୍ଟରଙ୍କୁ ଧରି କୂଅ, ପୋଖରୀ ବିଶୋଧନ କରାଉ । ଅନେକ ସମୟରେ ସାଗୁପାଣି ତିଆରି କରି ସଙ୍ଗରେ ନେଇଥାଉ । ଗରିବମାନଙ୍କର ତାହା ପଥ୍ୟ ହୁଏ । ଆଶ୍ରମରୁ ସକାଳୁ ବାହାରିଗଲେ ଦିନେଦିନେ ଫେରିବାକୁ ରାତି ବେଶି ହୋଇଯାଏ । କିନ୍ତୁ ଶ୍ରୀଯୁକ୍ତ ଗୋପବନ୍ଧୁ ଚୌଧୁରୀଙ୍କର କଡ଼ା ତାଗିଦା ଥାଏ, ସନ୍ଧ୍ୟା ପୂର୍ବରୁ ଫେରିବ । ଆଶ୍ରମ ଭିତରକୁ ଯିବା ପୂର୍ବରୁ ଗୋଡ଼ହାତ ଫିନାଇଲ ପାଣିରେ ଧୋଇବ, ଗରମ ପାଣିରେ ଗାଧୋଇବ ।

ସୁଦର୍ଶନ ପ୍ରହରାଜ ଜଣେ ବଳିଷ୍ଠ, କର୍ମଠ ଓ ପରଦୁଃଖକାତର ବ୍ୟକ୍ତି । କାମରେ ଲାଗିପଡ଼ିଲେ ଭୋକଶୋଷ ଭୁଲିଯାଆନ୍ତି । ଶୀତ, ବର୍ଷା, ଜୁନ୍ ମାସର ଟାଣ ଖରା ତାଙ୍କୁ କାମରେ ବାଧା ଦେଇପାରେ ନାହିଁ । ଏଭଳି ଗୁରୁ ପାଖରେ ଶିଷ୍ୟଙ୍କୁ ତ୍ରାହି ମିଳିବା ସମ୍ଭବ ନୁହେଁ । ତେଣୁ ନିରଳସ ଭାବରେ ହିଁ ଖଟିବାକୁ ପଡୁଥାଏ । ସେଥିରେ ମନରେ ଦୁଃଖ ନ ହୋଇ ବରଂ ଆନନ୍ଦ ମିଳୁଥାଏ ।

ସତ୍ୟବାଦୀ ସ୍କୁଲରେ ତ ରୋଗୀସେବା ପାଠ୍ୟର ଗୋଟାଏ ଅଙ୍ଗ ଥିଲା । ଛୋଟ ଛୋଟ ପିଲାମାନଙ୍କ ଦେହ କାଛୁରେ ପୂରି ଯାଇଥାଏ । ସକାଳେ ନିମ୍ବପତ୍ର ସିଝା ଗରମପାଣିରେ ଆଚାର୍ଯ୍ୟ ମହାଶୟ ନିଜେ ତାହା ଧୋଇ ସଫା କରି ଦିଅନ୍ତି । କଷ୍ଟ ହେଉଥିଲେ ମଧ୍ୟ ତାଙ୍କ ଆଗରେ ମୁହଁ ବିକୃତ କରିବାକୁ ପିଲାମାନଙ୍କୁ ଲାଜ ଲାଗେ । ଆଚାର୍ଯ୍ୟ ମହାଶୟ ଏଭଳି କଥାସବୁ କହି ପିଲା ମନକୁ ସରସ କରିଦିଅନ୍ତି ଯେ, କାଛୁଧୁଆ କଷ୍ଟ ସେ ଜାଣିପାରେ ନାହିଁ ।

ପାଳି ଅନୁସାରେ ଜଣେ ଲେଖାଏଁ ପିଲା ପ୍ରତିଦିନ ରୋଗୀସେବା କରନ୍ତି । ଯାହାର ପାଳି, ତାହାର କାମ ହେଉଛି, ସକାଳେ ଗୋଟିଏ ଛୋଟ ଗ୍ଲାସରେ କିଛି କିଛି ନିମ ଛେଲି ବା ଚିରେଇତା ସିଝା ପାଣି ପ୍ରତି ପିଲାକୁ ଦେବ । ଯେତେ ବଡ଼ ଅରୁଚିକର ହୋଇଥିଲେ ମଧ୍ୟ କାହାରି ନ ଖାଇବାକୁ ସାଧ୍ୟ ନାହିଁ । ରୋଗୀ-ସେବକ ଆଚାର୍ଯ୍ୟ ମହାଶୟଙ୍କୁ କହିଦେବ ଯେ ! କିନ୍ତୁ ଯେ ସମସ୍ତଙ୍କୁ ଖୁଆଏ, ସେ ଦିନଟା ତା'ର ଭାରି ଆନନ୍ଦ । ସେ ନିଜେ ଖାଏ ନାହିଁ – ତା'କଥା ଆଚାର୍ଯ୍ୟ ମହାଶୟଙ୍କୁ କହିବାକୁ ତ କେହି ନାହିଁ ।

ଛାତ୍ରାବାସର କୌଣସି ପିଲା ଜ୍ୱର ବା ଅନ୍ୟ କିଛି ବେମାରରେ ପଡ଼ିଲେ ତା ପାଖରେ ରାତିଦିନ ବସି ରହିବାକୁ ପଡ଼େ । ଡାକ୍ତରଖାନାରୁ ଔଷଧ ଆଣି ଠିକ୍ ସମୟରେ ଖୁଆଇବା; ନିର୍ଦ୍ଦିଷ୍ଟ ବେଳାରେ ଦେହର ଉତ୍ତାପ ମାପି ଚାର୍ଟରେ ପୂରଣ କରିବା; ଦୁଧ, ବାର୍ଲି, ସାଗୁ, ପସାରୁଣି ପତ୍ର ସଂଗ୍ରହ କରି ଆଣି ପଥ୍ୟ କରାଇବା ତା'ର ଦାୟିତ୍ୱ । ଯାହାର ଯେଉଁଦିନ ପାଳି, ସେଦିନ ସେ ନିଷ୍ଠାର ସହିତ ଏହା କରିଥାଏ । ଏପରିକି ରୋଗୀର ମୁଣ୍ଡ, ଗୋଡ଼ ଚିପିଦେବା, ଝାଡ଼ା ପରିସ୍ରା ବିଛଣାରେ ହୋଇଗଲେ, ତାହା ସଫା କରିବାକୁ ସେ ତିଳେହେଲେ କୁଣ୍ଠାବୋଧ କରି ନ ଥାଏ । ପାଠ ପଢ଼ିବା ସଙ୍ଗେସଙ୍ଗେ ପିଲା ଏହି ସେବାକାର୍ଯ୍ୟରେ ଅଭ୍ୟସ୍ତ ହୋଇଯାଏ । ଅନ୍ୟାନ୍ୟ ସ୍କୁଲଠାରୁ ସତ୍ୟବାଦୀ ସ୍କୁଲର ଯେ ବିଶେଷତ୍ୱ ଥିଲା, ଏହି ରୋଗୀସେବା ସେସବୁ ମଧ୍ୟରୁ ଅନ୍ୟତମ ।

ବର୍ଷକେ ଥରେ ରଥଯାତ୍ରା ସମୟରେ ପୁରୀ ଯାଇ ଯାତ୍ରୀଙ୍କ ସେବା କରିବା ଦାୟିତ୍ୱ ସତ୍ୟବାଦୀ ସ୍କୁଲ ପିଲାମାନଙ୍କ ଉପରେ ପଡ଼ିଥାଏ । ଲକ୍ଷ ଲକ୍ଷ ଯାତ୍ରୀ ସମାଗମ ହେତୁ ସେ ସମୟରେ ପ୍ରଥମେ ପୁରୀରେ ହଇଜା ଦେଖାଦିଏ ଓ କ୍ରମେ ଅନ୍ୟତ୍ର ବ୍ୟାପିଯାଏ ।

ଯାତ୍ରୀମାନଙ୍କୁ ସାହାଯ୍ୟ କରିବା ଓ ରୋଗୀମାନଙ୍କ ସେବା କରିବାପାଇଁ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ନିମନ୍ତ୍ରଣରେ ସ୍କୁଲରୁ ବହୁସଂଖ୍ୟକ ଛାତ୍ର ସ୍ୱେଚ୍ଛାସେବକ ହୋଇ ଯାଇଥାଆନ୍ତି । ସେମାନଙ୍କର ରହିବା ଓ ଖାଦ୍ୟପେୟର ସୁବନ୍ଦୋବସ୍ତ ସରକାରଙ୍କ ପକ୍ଷରୁ କରାଯାଇଥାଏ । ଜଣେ ଡାକ୍ତର ମଧ୍ୟ ସେମାନଙ୍କ ପାଇଁ ଖଞ୍ଜା ଯାଇଥାଆନ୍ତି ।

ଲେଖକଙ୍କୁ କେବଳ ଦୁଇଟି ରଥଯାତ୍ରାରେ ସ୍ୱେଚ୍ଛାସେବକ ହେବାର ସୁଯୋଗ ମିଳିଥିଲା ।

**ସୂଚନା :**

ଚଉତିବା - ଚାରିଭାଗ କରି ସଜାଡ଼ିବା

ଚଡ଼ୁଦେବା - ଲୁହାକୁ ଗରମ କରି ଦେହରେ ଚେଙ୍କ ଦେବା

ଯାହା କରିବେ ସାଇଁ,

ତାହା କାହାରି ହାତରେ ନାହିଁ - ଏହା ଏକ ଲୋକବାଣୀ । ବିଧାତାଙ୍କ ବିଧାନକୁ କେହି ଅଟକାଇ ପାରିବେ ନାହିଁ । (ଯାହା ଘଟିବାର ଥିବ, ତାହା ଅବଶ୍ୟ ଘଟିବ )

ଅଚୈତନ୍ୟ ଅବସ୍ଥା - ଚେତାଶୂନ୍ୟ ଅବସ୍ଥା

ଅପରୂପ - ଅତ୍ୟନ୍ତ ସୁନ୍ଦର, ଯାହାର ତୁଳନା ନ ଥାଏ

ସଂଜ୍ଞାହୀନ - ଚେତାଶୂନ୍ୟ

ଆଚାର୍ଯ୍ୟ ମହାଶୟ - ଋଷିପ୍ରତିମ ହରିହର ଦାସ । ଉତ୍କଳମଣି ଗୋପବନ୍ଧୁଙ୍କର ସାଥୀ ଏବଂ ସତ୍ୟବାଦୀ ବନବିଦ୍ୟାଳୟର ଅନ୍ୟତମ ଶିକ୍ଷକ । ଶ୍ରଦ୍ଧାରେ ଲୋକେ ତାଙ୍କୁ ଆଚାର୍ଯ୍ୟ ହରିହର ଅଥବା ଆଚାର୍ଯ୍ୟ ମହାଶୟ କହନ୍ତି । ସେ ୧୮୭୯ ମସିହାରେ ଜନ୍ମଗ୍ରହଣ କରି ୧୯୭୧ ମସିହାରେ ମୃତ୍ୟୁବରଣ କରିଥିଲେ । ରୋଗୀସେବା ଓ ଜନସେବା ତାଙ୍କ ଜୀବନର ବ୍ରତ ଥିଲା ।

ଅଳକାଶ୍ରମ - ଜଗତ୍‌ସିଂହପୁର ଜିଲ୍ଲାର ଅଳକା ନଦୀକୂଳରେ ଗାନ୍ଧିବାଦୀ ଆଶ୍ରମ । ସ୍ୱାଧୀନତା ଆନ୍ଦୋଳନ ସମୟରେ ଏହାର ପ୍ରମୁଖ ଭୂମିକା ଥିଲା ।

**ଆସ, ଜାଣିବା କେତୋଟି ନୂତନ ଶବ୍ଦ**

| |
|---|
| ସମାଗମ, ତାଲିମ୍, ପ୍ରଖର, ସ୍ୱେଚ୍ଛାସେବକ |
| ବିକୃତି, ଛେଉଣ୍ଡ, ତାଗିଦା, ଖଞ୍ଜା |

# ଅଭ୍ୟାସକାର୍ଯ୍ୟ

## (୧) ଆସ, କଥାବାର୍ତ୍ତା ହେବା ।

(କ) ସେ ସମୟରେ ଗ୍ରାମବାସୀମାନଙ୍କର ଡାକ୍ତରଙ୍କ ବିଷୟରେ କ'ଣ ଧାରଣା ଥିଲା ?

(ଖ) ଛୋଟ ପିଲାମାନେ କାହିଁକି ବୈଦ୍ୟଙ୍କୁ ଦେଖି ଡରୁଥିଲେ ?

(ଗ) କଟାଘା'ର ଚିକିତ୍ସା ବିଷୟରେ ସ୍ୱାସ୍ଥ୍ୟରକ୍ଷା ବହିରେ କ'ଣ ଲେଖାଥିଲା ?

(ଘ) ବୈଦ୍ୟ ଗୋଡ଼ର କଟାଘାଆ ଶୁଖାଇବା ପାଇଁ କେଉଁ ଜିନିଷର ବ୍ୟବହାର କରୁଥିଲେ ?

(ଙ) 'ସୁଦୁରିଆନା' କିଏ ?

## (୨) ଦୁଇ ବା ତିନୋଟି ଧାଡ଼ିରେ ଆସ ଉତ୍ତର ଲେଖିବା ।

(କ) 'ଯାହା କରିବେ ସାଇଁ, ତାହା କାହାରି ହାତରେ ନାହିଁ' - ଲେଖକଙ୍କ ବାପା ଏକଥା କାହିଁକି କହିଥିଲେ ?

(ଖ) ବୋଉଙ୍କର ସ୍ନେହପୂର୍ଣ୍ଣ ଆଦେଶ ଲେଖକ ଭାଙ୍ଗି ନ ପରିବାର କାରଣ କ'ଣ ?

(ଗ) ସୁଦର୍ଶନ ପ୍ରହରାଜଙ୍କର ବ୍ୟକ୍ତିତ୍ୱ କିପରି ଥିଲା ?

(ଘ) ସତ୍ୟବାଦୀ ବିଦ୍ୟାଳୟର ଛାତ୍ରମାନେ କିପରି ରୋଗୀସେବା କରୁଥିଲେ ?

## (୩) ଆସ, ମନେ ପକାଇ ଉତ୍ତର ଲେଖିବା ।

(କ) ଲେଖକ ଉଦୟନାଥ ଷଡ଼ଙ୍ଗୀ ତାଙ୍କ ବାପା ବୋଉଙ୍କର କିପରି ସେବା କରିଥିଲେ ?

(ଖ) ସତ୍ୟବାଦୀ ବିଦ୍ୟାଳୟରେ ଛାତ୍ରମାନଙ୍କୁ ରୋଗୀସେବା କାହିଁକି ଶିକ୍ଷା ଦିଆଯାଉଥିଲା ?

(ଗ) ଆଚାର୍ଯ୍ୟ ମହାଶୟ ଛାତ୍ରାବାସରେ ଶିକ୍ଷାର୍ଥୀମାନଙ୍କର ସେବା କରିବାର କାରଣ କ'ଣ ଥିଲା ?

## (୪) ଆସ, ସରଳ ଭାଷାରେ ବୁଝାଇ ଲେଖିବା ।

(କ) ବଡ଼ ସ୍ନେହଭରା ଅଥଚ କରୁଣ ସେ ଚାହାଁଣୀ ।

(ଖ) ଯଦି ଚିତ୍ରକର ହୋଇଥାଆନ୍ତି, ତେବେ ତା'ର ଗୋଟିଏ ଅପରୂପ ଛବି ଆଙ୍କି ଦେଇପାରନ୍ତି ।

## (୫) ଆସ, ତଳେ ଦିଆଯାଇଥିବା ଅନୁଚ୍ଛେଦଟି ପଢ଼ିବା ଓ ତାକୁ ଉତ୍ତର ମନେକରି ତା' ପାଇଁ କିଛି ପ୍ରଶ୍ନ ତିଆରି କରିବା ।

ଘରଘର ବୁଲି ରୋଗୀଙ୍କ ଅବସ୍ଥା ଦେଖୁ । ଡାକ୍ତରଖାନାରୁ ଔଷଧ ନେଇ ଖାଇବାକୁ ଦେଉ । ଗୁରୁତର ରୋଗୀମାନଙ୍କୁ ଡାକ୍ତରଖାନାକୁ ଆଣିବାର ବ୍ୟବସ୍ଥା କରୁ । ସାନିଟାରୀ ଇନ୍ସପେକ୍ଟରଙ୍କୁ ଧରି କୂଅ, ପୋଖରୀ ବିଶୋଧନ କରାଉ । ଅନେକ

ସମୟରେ ସାଗୁପାଣି ତିଆରି କରି ସଙ୍ଗରେ ନେଇଥାଉ । ଗରିବମାନଙ୍କର ତାହା ପଥି ହୁଏ, ଆଶ୍ରମରୁ ସକାଳୁ ବାହାରିଗଲେ ଦିନେଦିନେ ଫେରିବାକୁ ରାତି ବେଶି ହୋଇଯାଏ । କିନ୍ତୁ ଶ୍ରୀଯୁକ୍ତ ଗୋପବନ୍ଧୁ ଚୌଧୁରୀଙ୍କର କଡ଼ା ତାଗିଦା ଥାଏ, ସନ୍ଧ୍ୟା ପୂର୍ବରୁ ଫେରିବ । ଆଶ୍ରମ ଭିତରକୁ ଯିବା ପୂର୍ବରୁ ଗୋଡ଼ହାତ ଫିନାଇଲ୍ ପାଣିରେ ଧୋଇବ, ଗରମ ପାଣିରେ ଗାଧୋଇବ ।

**(୬) ଆସ, ତଳେ ଥିବା କୋଠରିରୁ ଅକ୍ଷର ନେଇ ଶବ୍ଦ ଗଢ଼ିବା ।**

| | | | | |
|---|---|---|---|---|
| ସ | ତା | ମା | ଗ | କୃ |
| ବି | ଲି | ତି | ଛେ | ଞ୍ଜା |
| ପ୍ର | ମ | ଖ | ତା | ଗି |
| ର | ଦା | ସ୍ୱେ | ଣ୍ଡ | ଉ |
| ସେ | କ | ବା | ବ | ଚ୍ଛା |

**(୭) ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କରିବା ।**

(କ) ବାପା ଶେଷ ତିନି ଦିନ __________ ଅବସ୍ଥାରେ ପଡ଼ିରହିଲେ ।

(ଅଚଟୈନ, ଅଚୌତନ, ଅଚୈତନ୍ୟ)

(ଖ) ବୋଉର ଶରୀରରେ ରୋଗ __________ ଶକ୍ତି ନଥିଲା ।

(ପ୍ରତିଶେଧକ, ପ୍ରତିଷେଧକ, ପ୍ରତିସେଧକ)

(ଗ) ମା' ପୁଅକୁ __________ କଲେ ।

(ଆଶ୍ରିବାଦ, ଆଶୀର୍ବାଦ, ଆର୍ଶୀବାଦ)

(ଘ) ଶୁଭ __________ ଆସଗଲା ।


(ମୁହୁର୍ତ୍ତ, ମୂହୁର୍ତ୍ତ, ମୁହୂର୍ତ୍ତ)

(ଙ) ରୋଗୀ ପାଇଁ ଉପଯୁକ୍ତ __________ ଆବଶ୍ୟକ ।

(ଶୁଶ୍ରୁଷା, ଶୁଶ୍ରୂଷା, ସୁଶ୍ରୁଷା)

**(୮) ଆରମ୍ଭରେ 'ଅ'ଅକ୍ଷର ଯୋଗକରି ପାଞ୍ଚଟି ଶବ୍ଦ ଗଢ଼ିବା।**

**ନୂତନ ଶବ୍ଦଗୁଡ଼ିକୁ ଏଠାରେ ଲେଖିବା ।**




୧ - ____________________

୨ - ____________________

୩ - ____________________

୪ - ____________________

୫ - ____________________

ସେହି ଶବ୍ଦଗୁଡ଼ିକୁ ନେଇ ବାକ୍ୟ ଗଠନ କରିବା।

୧ ____________________________________________

____________________________________________

୨ ____________________________________________

____________________________________________

୩ ____________________________________________

____________________________________________

୪ ____________________________________________

____________________________________________

୫ ____________________________________________

____________________________________________

(୯) ଆସ, ଉପଯୁକ୍ତ ବିପରୀତ ଅର୍ଥବୋଧକ ଶବ୍ଦଗୁଡ଼ିକୁ ବଡ଼କୋଠରିରୁ ବାଛି ସାନକୋଠରିରେ ଲେଖିବା ।

| | |
|---|---|
| ଅସହଯୋଗ | |
| ରୋଗାକ୍ରାନ୍ତ | |
| ପ୍ରତ୍ୟୁଷ | |
| ଆଶୀର୍ବାଦ | |
| ଅସମ୍ଭବ | |

ସମ୍ଭବ, ସହଜ, ସରଳ, ଅଭିଶାପ, ଶ୍ରଦ୍ଧା, ରୋଗମୁକ୍ତ, ମଧ୍ୟାହ୍ନ, ପ୍ରଦୋଷ, ରଜନୀ, ଶର୍ବରୀ, ସୁମନ, କଲ୍ୟାଣ, ଅସୂୟା, ନୂତନ, ସଂଯୋଗ, ସହଯୋଗ, ସମନ୍ୱୟ

**(୧୦) ଏକଥା କିଏ କାହାକୁ କହିଛନ୍ତି ପାଖ ବନ୍ଧନୀ ମଧ୍ୟରେ ଲେଖିବା ।**

(କ) "ଯାହା କରିବେ ସାଇଁ, ତାହା କାହାରି ହାତରେ ନାହିଁ" ( )

(ଖ) "ପିଲାଟା କାଲି ରାତିରେ ଜମା ଶୋଇ ନାହିଁ। ( )

(ଗ) "ମୋ ଧନକୁ କିଏ ଆଣିଲାଟି !" ( )

(ଘ) "ଆସିଛୁ ଯେତେବେଳେ ଆଉ ଦୁଇଟାଦିନ ରହିଯା"। ( )

**(୧୧) ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକୁ ସନ୍ଧିବିଚ୍ଛେଦ କରି ଲେଖିବା ।**

ପ୍ରଶ୍ନୋତ୍ତର ________ + ________

ଅଧିକାଂଶ ________ + ________

ଛାତ୍ରାବାସ ________ + ________

ଜଗନ୍ନାଥ ________ + ________

ସ୍ୱେଚ୍ଛା ________ + ________

**(୧୨) ଭୁଲ୍ ଲେଖାଥିବା ଶବ୍ଦକୁ ତା'ପାଖରେ ଠିକ କରି ଲେଖିବା ।**

ଶିଘ୍ର- ସ୍ନେହପୁର୍ଣ୍ଣ-

ଆଶ୍ୱାଶନା- ସଂଜ୍ଞାହିନ-

ବିକ୍ରୁତି- ଯିଦ୍-

ଆର୍ଶୀବାଦ- ବ୍ୟବସ୍ତା-

ଚାଟଷାଳୀ- ଅଷ୍ପଷ୍ଟ-

ପ୍ରଭୁତି- ଶୁଶ୍ରୁଷା-

**ତୁମପାଇଁ କାମ :**

କୌଣସି ସେବାମୂଳକ କାର୍ଯ୍ୟରେ ଅଂଶଗ୍ରହଣ ମାଧ୍ୟମରେ ତୁମେ ଲାଭ କରିଥିବା ଅନୁଭୂତିକୁ ବର୍ଣ୍ଣନା କରି ଏକ ବିବରଣୀ ଲେଖ ।

***

# ଗୁରୁ-ଶିଷ୍ୟ ସମ୍ପର୍କ

● ଶତ୍ରୁଘ୍ନ ନାଥ

**ଲେଖକ ପରିଚୟ :**

ଭଦ୍ରକ ଜିଲ୍ଲାର ଉତ୍ତରବାହିନୀ ଗ୍ରାମରେ ପ୍ରଫେସର ଶତ୍ରୁଘ୍ନ ନାଥ (୧୯୧୫-୨୦୦୬)ଙ୍କ ଜନ୍ମ । ମୌଳିକ ଶିକ୍ଷା ସଂଗଠକ, ଶିକ୍ଷା ଅଧ୍ୟାପକ, ଶିକ୍ଷକ-ପ୍ରଶିକ୍ଷଣ ମହାବିଦ୍ୟାଳୟ ଏବଂ ରାଜ୍ୟ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରି ସେ ସରକାରୀ କାର୍ଯ୍ୟରୁ ଅବସର ଗ୍ରହଣ କରିଥିଲେ । ଶିକ୍ଷା-ପ୍ରଶାସକ ଓ ଚିନ୍ତାମୂଳକ ପ୍ରବଂଧ ଲେଖକ ଭାବରେ ପ୍ରଫେସର ନାଥ ପ୍ରସିଦ୍ଧି ଅର୍ଜନ କରିଛନ୍ତି । ତାଙ୍କ ଲିଖିତ ପୁସ୍ତକମାନଙ୍କ ମଧ୍ୟରେ 'ଜଗତରେ ଭାରତ', 'ପିଲାଙ୍କ ବିଲାତ କଥା', 'ଆମ ଭାଷା ବିଭବ', 'ବିଶ୍ୱ ଓ ବ୍ୟକ୍ତି', 'ଶିକ୍ଷାର ଧାରା', 'ଜୀବନ ଶିକ୍ଷା' ପ୍ରଭୃତି ପ୍ରଧାନ । 'ଚରାଚର ହିତାୟ' ପୁସ୍ତକଟି ପ୍ରଫେସର ନାଥଙ୍କ ଆତ୍ମଜୀବନୀ । ଏହି ପ୍ରବଂଧଟି ଲେଖକଙ୍କର 'ଜୀବନ ଶିକ୍ଷା' ପୁସ୍ତକରୁ ଗୃହୀତ ।

ଗୁରୁ ଓ ଶିଷ୍ୟଙ୍କ ମଧ୍ୟରେ ଉତ୍ତମ ସଂପର୍କର ଗୁରୁତ୍ୱ ଏବଂ ବର୍ତ୍ତମାନ ସମୟରେ ଏହି ସଂପର୍କର ଆବଶ୍ୟକତା ଓ ମହତ୍ତ୍ୱ ସମ୍ବନ୍ଧରେ ଏହି ପ୍ରବଂଧରେ ଆଲୋକପାତ କରାଯାଇଛି ।

"**ଗୁ**ରୁଙ୍କୁ ନ ମଣିବ ନର, ଗୁରୁ ହିଁ ସାକ୍ଷାତ୍ ଈଶ୍ୱର", ଏହି ଭାବ, ଭାବନା ଓ ଭାବମୂର୍ତ୍ତି ବସ୍ତୁତଃ ପୁରାଣଯୁଗର । ଗୁରୁକୁଳ ଶିକ୍ଷାର ଏହା ପ୍ରାଣସ୍ୱରୂପ । ସେ ଯୁଗରେ "ଗୁରୁ ସାକ୍ଷାତ୍ ପରଂବ୍ରହ୍ମ" ଏହି ଦର୍ଶନରେ ଶିଷ୍ୟ ନତମସ୍ତକ ହୁଏ । ଏହି ସଂପର୍କ ସାଧନାଶାଣିତ, ଜ୍ଞାନଦୀପ୍ତ ଓ ଜୀବନ ଆଧାରିତ । କିନ୍ତୁ କର୍ପୂର ଯାଇଛି ମାତ୍ର କନା ପଡ଼ି ରହିଛି । "ଅତୀତକୁ ଉଦ୍‌ବୋଧଇ ବୃଥା ଭାଳି ଭାଳି" ନ୍ୟାୟରେ ସମସ୍ତ ଅତୀତ ଯେପରି ଶିକ୍ଷାର ଏହି ଇତିବୃତ୍ତ, ସେହିପରି କେବଳ ବୃଥା ଭାବନାରେ ପରିଣତ ହୋଇଛି । ଏ ବିଷୟରେ କେହି କେହି ବୃଥା ଭାବନା କରିବାକୁ ଇଚ୍ଛା କରନ୍ତି ନାହିଁ । ଏସବୁ ଆଜି ଅବାସ୍ତବ, ଅବାନ୍ତର ଓ ଅପ୍ରାସଙ୍ଗିକ । ଅନ୍ୟ କେତେକ କହନ୍ତି, "କି ଥିଲା ଏ ରାଜ୍ୟ, କି ହୋଇଛି ଆଜ ?'' ସେମାନେ କଳ୍ପନାବିଳାସୀ । ସ୍ୱପ୍ନର ଆନନ୍ଦ ସେମାନଙ୍କୁ ବିଭୋର କରେ । କିନ୍ତୁ ଜାଗ୍ରତ ଅବସ୍ଥା ମର୍ମାନ୍ତିକ ଯନ୍ତ୍ରଣାଦାୟକ ହୁଏ । କିନ୍ତୁ ପ୍ରଶ୍ନ ହେଉଛି, ସେ ସଂପର୍କ ଆଉ ଫେରିବ କି ?

ସଂପର୍କ ଦୂରେ ଥାଉ, ଶିକ୍ଷକ ଆଜି ଗୁରୁରୂପେ ପରିଚିତ ହେବାକୁ ମନ କରୁ ନାହାନ୍ତି । ସେପରି ସଂବୋଧନ ମଧ୍ୟ ଏକପ୍ରକାର ବ୍ୟଙ୍ଗ ବା ଚାଟୁ ହୋଇଯାଉଛି, ଯାହାକୁ ସହଜରେ ସହି ହେଉ ନାହିଁ । ଶିକ୍ଷା ପଦ୍ଧତିର ମୂଳରୁ ଚୂଳ ପର୍ଯ୍ୟନ୍ତ ଗୁରୁ ପଦବାଚ୍ୟ ହେବାର ବାସନା ମନରେ ନାହିଁ । ଶିଷ୍ୟ ଶବ୍ଦର ସେହି ଅର୍ଥ ଆଜି ଅଭିଧାନ ବହିର୍ଭୂତ ପରି ମନେ ହୁଏ । ଛାତ୍ର ଆଜି ଶାସନ ବିରୋଧରେ ବିଦ୍ରୋହୀ ଓ ବିପ୍ଳବୀ । ଶାସନ ସମ୍ଭବତଃ ଅପ୍ରାସଙ୍ଗିକ ଓ ପ୍ରଗତିର ପରିପନ୍ଥୀ ।

ଉଦ୍ଦାମ ଓ ଉନ୍ମୁଖ ଶକ୍ତି ଏହି ଶୃଙ୍ଖଳାରେ ଶ୍ୱାସରୁଦ୍ଧ । ତେଣୁ ଏହା ଶିଷ୍ୟର ପ୍ରାଣ ପରିଚାୟକ ହେବ କିପରି ? ପକ୍ଷାନ୍ତରରେ ଗୁରୁ-ଶିଷ୍ୟ ଶବ୍ଦ ଆଜି ଅଭିଧାନରେ ରୂପାନ୍ତରିତ ହୋଇଅଛି । ଶଠତା, ସଂକୀର୍ଣ୍ଣତା, ସ୍ୱାର୍ଥାନ୍ଧତା, ହିଂସା, ହୁଙ୍କାର ଆଦି ଆଚରଣରେ ଗୁରୁ ଓ ଶିଷ୍ୟ ଭୂମିକା ଗ୍ରହଣ କରିଛନ୍ତି । କାଳର ଗତିରେ ମୂଲ୍ୟବୋଧର ଅବକ୍ଷୟ ଘଟିଛି । ଏହା ଫଳରେ ରୂପାନ୍ତରୀକରଣ ହୋଇଅଛି । କିନ୍ତୁ ପରିବର୍ତ୍ତିତ ଭୂମିକାରେ ମଧ୍ୟ ମୂଳ ପ୍ରକୃତି ଦୁଇଟି ଦିଗରେ ଅତୁଟ ରହିଛି, ତାହା ହେଉଛି ସଂପର୍କରେ ଅଭେଦତ୍ୱ, ଅର୍ଥାତ୍ ଯେ ଗୁରୁ ସେ ଶିଷ୍ୟ ଓ ଯେ ଶିଷ୍ୟ ସେ ଗୁରୁ । ଏହାଛଡ଼ା ଦ୍ୱିତୀୟ ଦିଗ ହେଉଛି, 'ଶିଷ୍ୟାତ୍ ଇଚ୍ଛେତ୍ ପରାଜୟମ୍ ।'

ଏହା ସତ୍ତ୍ୱେ ଏ କଥା ସତ୍ୟ ଯେ କୌଣସି ଦେଶର ଗୌରବ, ସେ ଦେଶର ଲୋକ ଚରିତ୍ର ଉପରେ ନିର୍ଭର କରେ । ତଦ୍ଦ୍ୱାରା ଦେଶ ବଳୀୟାନ୍ ହୁଏ । ଲୋକମାନଙ୍କ ଚରିତ୍ର ଓ ଜୀବନର ଗୁଣ ଶକ୍ତିର ମୁଖ୍ୟ ଉତ୍ସ ଅଟେ । ଜାତିର ଜୟଗାଥାର ମୂଳ ପିଣ୍ଡ ହେଉଛି ଜୀବନ । ଅଥଚ ଏହି ଜୀବନର ନିର୍ମାଣ ବିଦ୍ୟାଳୟରେ କରାଯାଏ । ଜୀବନ ପ୍ରଭାବିତ ହୁଏ । ଜୀବନ ସୌଧର ମୂଳଭିତ୍ତି ଶିକ୍ଷାଳୟରେ ପଡ଼ିଥାଏ । ଚରିତ୍ର ଗଠନ ସେଠୁ ବିଧିବଦ୍ଧ ଭାବରେ ହୁଏ । ପୁଣି ଶିକ୍ଷକ ହୁଅନ୍ତି ବିଦ୍ୟାଳୟ । ଶିକ୍ଷାୟତନକୁ ସତ୍ୟ, ଶିବ ଓ ସୁନ୍ଦର କରିବାରେ ଶିକ୍ଷକ ହିଁ ମୁଖ୍ୟତଃ ଦାୟୀ । ଏହି ନୀତି ସିନା ଗୁରୁକୁଳର ଶିକ୍ଷାକୁ ପରିଚାଳିତ କରିଥିଲା, କିନ୍ତୁ ଆଜିର ଜଟିଳ ସମାଜରେ ଏହାର ଆବଶ୍ୟକତା ଅଧିକ ।

ଶିକ୍ଷକଙ୍କ ଗୁରୁତ୍ୱ ସମ୍ବନ୍ଧରେ କୁହାଯାଏ ଯେ ପିତାମାତା ଜନ୍ମ ଦିଅନ୍ତି । ଜନ୍ମଦାନ ସଂପର୍କରେ ତାଙ୍କ କର୍ତ୍ତବ୍ୟ ଏତିକିମାତ୍ର । ଘାତକ ଖଣ୍ଡାରେ ପ୍ରାଣ ନିଅନ୍ତି ଓ ତାଙ୍କ କାର୍ଯ୍ୟ ସେତିକିରେ ସରେ । କିନ୍ତୁ ଶିକ୍ଷକଙ୍କ ଶିକ୍ଷା ଚିରନ୍ତନ । ଜୀବନ-ବ୍ୟାପୀ କୋଟି କୋଟି ପ୍ରାଣକୁ ଶିକ୍ଷକ ପ୍ରଭାବିତ କରନ୍ତି । ତାଙ୍କ ପ୍ରଭାବ ଅନନ୍ତ । ଏହା କେବେ ସରିବ କିଏ କହିବ ? ଏହା କାଳାତୀତ ଓ ଏହା କାଳଲିପିକୁ ପ୍ରଭାବିତ କରେ । ଏହି କାଳଜୟୀ ପ୍ରଭାବ ବିଷୟରେ ଶିକ୍ଷାୟତନର ସଚେତନତା ଏକାନ୍ତ ଆବଶ୍ୟକ । ଏହାର ଜ୍ୟୋତି ଚିର ଜାଜ୍ୱଲ୍ୟମାନ । ଦୀପରୁ ଦୀପ ଜଳି ଜଳି ଯାଏ । ଏହା କିନ୍ତୁ କ୍ଷୀଣ ହୁଏ ନାହିଁ । ବରଂ ନିଜେ ଜଳି ଜଳି ଯାଏ । ଏପରି ବିରଳ ଆତ୍ମତ୍ୟାଗର ଦୃଷ୍ଟାନ୍ତ ଶିକ୍ଷା ଓ ସେବା କ୍ଷେତ୍ରକୁ ବହୁଳ ଭାବରେ ଋଦ୍ଧିମନ୍ତ କରିଛି । ପଠନ-ପାଠନର ସତ୍ୟନିଷ୍ଠ ସାଧନା ଶିକ୍ଷାର ଇତିହାସକୁ ମହିମାନ୍ୱିତ କରିଛି । ପଠନ ବିରହିତ ପାଠନ କେବଳ ଶୁଷ୍କ ବଖାଣରେ ପରିଣତ ହୋଇଅଛି । ପ୍ରଭାବକାରୀ ପ୍ରାଣର ପ୍ରାଚୁର୍ଯ୍ୟ ଗୁରୁଜୀବନକୁ ଗରୀୟାନ୍ କରେ । ଆଦର୍ଶ ଦ୍ୱାରା ଏହା ଜୀବନ୍ତ ହୁଏ । ସଂକ୍ରମଣରେ ସହାୟକ ହୁଏ ।

ସେଥିପାଇଁ ଗୁରୁଙ୍କ ସ୍ଥାନ ଉଚ୍ଚରେ । ଶିକ୍ଷାପଦ୍ଧତିର ସର୍ବୋର୍ଦ୍ଧ୍ୱରେ । ଯୁଗେ ଯୁଗେ ସେ କେବଳ ଶିକ୍ଷାର୍ଥୀଙ୍କର ନୁହେଁ, ସମଗ୍ର ସମାଜର ନମସ୍ୟ । ଜଣେ ମନୀଷୀ ଏହି ଭାବନାକୁ ସ୍ୱୀୟ ବାଣୀରେ ପ୍ରକାଶ କରିଛନ୍ତି । ତାହା ହେଉଛି, "ମୁଁ ମୋର ଜନ୍ମପାଇଁ ପିତାମାତାଙ୍କ ସମୀପରେ ଋଣୀ, କିନ୍ତୁ ମୋର ଜୀବନପାଇଁ ଗୁରୁଙ୍କ ସମୀପରେ ଋଣୀ ।" ଗୁରୁ ପ୍ରାଣ ପ୍ରତିଷ୍ଠା କରନ୍ତି । ଶ୍ରେଣୀ କୋଠରି ନ ଥାଇପାରେ । ଉପକରଣ ନ ଥାଉ । ଆଡ଼ମ୍ବର ଦୂରେଇ ଯାଉ । ସେ ହିଁ ସବୁ । ଗୁରୁଙ୍କର ମାତ୍ର ପଦଟିଏ କଥା ଶିଷ୍ୟମାନଙ୍କର କୋଟିକୋଟି ପ୍ରାଣରେ କୋଟିକୋଟି ରୂପରେ ଉଦ୍ଭାସିତ ହୁଏ ।

ଏ ତ ହେଲା ଗୋଟିଏ ଦିଗ । କାହାପାଇଁ ଗୁରୁ ? ସେ କାହାର ? ତାଙ୍କ ସମ୍ପର୍କ କାହା ସହିତ ? ସତ୍ୟପ୍ରତି ସମର୍ପଣ ଓ ଜ୍ଞାନ ଦାନରେ ନିଷ୍ଠା ଯୋଗୁଁ ଶିଷ୍ୟଙ୍କର ଜ୍ଞାନପିପାସା ବୃଦ୍ଧି ପାଇବ । କିନ୍ତୁ ଶିକ୍ଷା ପ୍ରକ୍ରିୟାରେ କେନ୍ଦ୍ରସ୍ଥ ହେଉଛନ୍ତି ଶିଷ୍ୟ । ସେ ଶ୍ରଦ୍ଧାବାନ୍ ହେବେ । ସେ ସ୍ୱାଧ୍ୟାୟ କରିବେ । ସେ ଅନୁରାଗୀ ହେବେ । ଏହା ଫଳରେ ଗୁରୁ-ଶିଷ୍ୟ ସଂପର୍କରେ ମୂଳମନ୍ତ୍ର, 'ତେଜସ୍ୱିନାବଧୀତମସ୍ତୁ' କାର୍ଯ୍ୟତଃ ପ୍ରକାଶ ପାଇବ । ଗୁରୁ ହେବେ 'ଶିଷ୍ୟପରାୟଣ' ଓ ଶିଷ୍ୟ ହେବେ 'ଗୁରୁପରାୟଣ' । ଉଭୟ ଗୁରୁ ଓ ଶିଷ୍ୟ ବିଦ୍ୟାପରାୟଣ ହେବେ । ସେମାନଙ୍କ ବିଦ୍ୟା ସେବାପରାୟଣ ହେବ । ଏଥିରେ ଗୁରୁ, ଶିଷ୍ୟ, ସମାଜ ଓ ଅଭିଭାବକ ଜଡ଼ିତ ହେବେ ।

ଦୁଃଖର କଥା, ବର୍ତ୍ତମାନ ଆମର ଗୁରୁ-ଶିଷ୍ୟ ସଂପର୍କ ଏପ୍ରକାର ନୁହେଁ । ସଂପର୍କ ନିବିଡ଼ ନ ହୋଇ ଅନେକ ସ୍ଥଳରେ କଳୁଷିତ ହୋଇଯାଉଛି । କୁତ୍ସା ଓ କଳଙ୍କ ଆରୋପ କରାଯାଉଛି । ସନ୍ଦେହ ଓ ଶଙ୍କା ଉଭୟଙ୍କ ମଧ୍ୟରେ ବିଭେଦ ଓ ବ୍ୟବଧାନ ସୃଷ୍ଟି କରିଛି । ଶିକ୍ଷାର ପ୍ରସାର ଓ ଶିକ୍ଷାୟତନର ସଂଖ୍ୟା ବୃଦ୍ଧି ସଙ୍ଗେସଙ୍ଗେ ଗୁରୁ ଓ ଶିଷ୍ୟଙ୍କ ମଧ୍ୟରେ ଦୂରତ୍ୱ ବୃଦ୍ଧି ପାଉଛି । ଏହା ଫଳରେ ବ୍ୟକ୍ତିର ପ୍ରତିଭା ଓ ଜାତୀୟ ନୈପୁଣ୍ୟର ବିକାଶ ହେଉନାହିଁ । ସମ୍ବଳର ସମୁଚିତ ଉପଯୋଗ ହୋଇପାରୁ ନାହିଁ । ଶିକ୍ଷାର ଲକ୍ଷ୍ୟ ପଣ୍ଡ ହୋଇଯାଉଛି । ଶିକ୍ଷାଳୟ ସମାଜଠାରୁ ଦୂରେଇ ଯାଉଛି । ଶ୍ରଦ୍ଧାର ବୃଦ୍ଧି ପରିବର୍ତ୍ତେ ଜୀବନ, ସମୟ, ଶକ୍ତି ଓ ଅର୍ଥ ଶ୍ରାଦ୍ଧ ହିଁ ସାର ହୋଇ ଯାଉଛି । ଶିକ୍ଷାୟତନ ସାଧନାର ପୀଠ ନ ହୋଇ ସଂଘର୍ଷ ଓ ସଂଗ୍ରାମର କ୍ଷେତ୍ର ହୋଇଯାଉଛି । ଆଧ୍ୟାତ୍ମିକ ଶକ୍ତିର ସଞ୍ଚାର ଘଟିବା ପରିବର୍ତ୍ତେ ଅସୁର ଶକ୍ତିର ତାଣ୍ଡବଲୀଳା ସଂଗଠିତ ହେଉଛି । ସହଯୋଗ ସୂତ୍ରର ସମ୍ମିଳିତ ଉଦ୍ୟମ ଆଦୌ ନାହିଁ କହିଲେ ଚଳେ । ବରଂ ସଂକୀର୍ଣ୍ଣ ସ୍ୱାର୍ଥ ସାଧନ ପାଇଁ ଅହେତୁକ ପ୍ରତିଦ୍ୱନ୍ଦ୍ୱିତା ଚାଲିଛି । ଆମ ଶିକ୍ଷା ଏକ ଗଣପ୍ରକ୍ରିୟା ହୋଇପାରି ନାହିଁ । ଏହା ଫଳରେ ଯେଉଁ ମୁଷ୍ଟିମେୟ ଲୋକ ଶିକ୍ଷାର ସୁବିଧା ଭୋଗ କରୁଛନ୍ତି, ସେମାନେ ଏହାକୁ ସଂପୂର୍ଣ୍ଣ କରଗତ କରି ପକାଉଛନ୍ତି । ପରିବର୍ତ୍ତନର ସକଳ ପ୍ରଚେଷ୍ଟା ପାଣି ଫୋଟକା ପରି ମିଳେଇ ଯାଉଛି ।

ଆମ ଶିକ୍ଷା ବିଶେଷ ଭାବରେ ପୁସ୍ତକ-କୈନ୍ଦ୍ରିକ । ମୁଖସ୍ଥୀକରଣ ଖୁବ୍ ଗୌରବ ଅର୍ଜନ କରିଛି । ଏହା ଗୁରୁ-ଶିଷ୍ୟର ସୁସଂପର୍କ ସ୍ଥାପନ କରିବାରେ ପରିପନ୍ଥୀ । ବରଂ ଗୁରୁଙ୍କର ସ୍ୱୀକୃତି ଅନାବଶ୍ୟକ ମନେହୁଏ । କାମର ଜଗତ ଓ ପାଠର ଜଗତ ମଧ୍ୟରେ ବ୍ୟବଧାନ ବଢ଼ିବଢ଼ି ଚାଲିଛି । ସମାଜଠାରୁ ବିଚ୍ଛିନ୍ନ ଓ ବିରକ୍ତ ହୋଇ ଶିକ୍ଷାୟତନର ସୌଧ ଉପରକୁ ଉଠିଯାଉଛି । ଏପରି ସ୍ଥଳରେ ଅନର୍ଗଳ ବଖାଣିବା ଓ ବକ୍ତୃତା ଦେବା ଗୁରୁଙ୍କର ପରମ ଧର୍ମ ହୋଇଛି । ଛାତ୍ରମାନେ ଏହାକୁ ଅଧିକ ମୂଲ୍ୟ ଦେଉଛନ୍ତି । ସେମାନେ ଦୂରରୁ ଶୁଣୁଛନ୍ତି । ସେତିକିରେ ପ୍ରଥମ ଶ୍ରେଣୀରେ ପ୍ରଥମ ହେବାର ଯୋଗ୍ୟତା ମିଳିପାରୁଛି । ଶିଷ୍ୟଙ୍କ ପକ୍ଷରେ ଗୁରୁଙ୍କର ସମୀପ ହେବାର ଆବଶ୍ୟକତା ନାହିଁ । କରି ଦେଖାଇ ଦେବାର ସୁଯୋଗ ନାହିଁ । ପରସ୍ପରର ଜୀବନକୁ ସମୃଦ୍ଧ କରିବାର ସଚେତନତା ଆସିବ କାହିଁକି ? ବ୍ୟକ୍ତିଗତ ଓ ସାଧାରଣ ଜୀବନରେ ଐକ୍ୟ ପ୍ରତିଷ୍ଠା କରି ବିଚାରକୁ ଆଚରଣରେ ଫଳେଇବାର ଆବଶ୍ୟକତା ନାହିଁ । ପ୍ରଣାଳୀ, ପରୀକ୍ଷା ଓ ପ୍ରଶାସନ ଆଦି ସକଳ କ୍ଷେତ୍ର ଗୁରୁ ଶିଷ୍ୟ ନିକଟ ସଂପର୍କ ପ୍ରତିଷ୍ଠା କରିବାରେ ସହାୟକ ହେଉ ନାହିଁ । ଛୋଟ ବଡ଼ ସବୁ କାମରେ ରାଜନୀତିର କଳୁଷିତ ଅନୁପ୍ରବେଶ ଏକ ପ୍ରଧାନ ଅନ୍ତରାୟ ହୋଇଅଛି । ଶିକ୍ଷା ଏକ ସହଯୋଗୀ ବିକାଶମୂଳକ କାର୍ଯ୍ୟକ୍ରମ - ଏହା ସାବ୍ୟସ୍ତ ହୋଇପାରୁନାହିଁ । ପ୍ରତିଭାର ପରିପୂର୍ଣ୍ଣ ପ୍ରକାଶ କ୍ୱଚିତ୍ ଦେଖାଯାଉଛି । କାଗଜପତ୍ରରେ ପ୍ରତିଷ୍ଠା, କିନ୍ତୁ କାମରେ କାହିଁ ?

ଅତଏବ ଗୁରୁ-ଶିଷ୍ୟର ସୁସ୍ଥ ସଂପର୍କ କେବଳ ଗୁରୁକୁଳ ଶିକ୍ଷା ବ୍ୟବସ୍ଥାର ଗୌରବାବହ ବୈଶିଷ୍ଟ୍ୟ ନୁହେଁ, ଏହା ଆଜିର ଆବଶ୍ୟକତା । ଶିକ୍ଷା ଏକ ଗଣଆନ୍ଦୋଳନରେ ପରିଣତ ହେବାକୁ ଯାଉଛି । ଏହା ସାମାଜିକ ଓ ଆର୍ଥନୀତିକ ବିକାଶର ଅଙ୍ଗ ଓ ସାଧନ ଅଟେ । ସେହି ଦୃଷ୍ଟିରୁ ପ୍ରତ୍ୟେକ ଅନୁଷ୍ଠାନକୁ ସାମାଜିକ ଦାୟିତ୍ୱ ବହନ କରିବାକୁ ପଡ଼ିବ । ଶିକ୍ଷାର ସାମାଜିକ ଲକ୍ଷ୍ୟ ରହିବା ଉଚିତ । ଶିକ୍ଷାର ପ୍ରତ୍ୟେକ ସ୍ତରରେ ସମାଜସେବା ଏହାର ଏକ ଅବିଚ୍ଛେଦ୍ୟ ଅଙ୍ଗ ହେବ । ଶିକ୍ଷାନୁଷ୍ଠାନରେ ଶ୍ରେଣୀ ଅନ୍ତର୍ଗତ ଓ ବହିର୍ଭୂତ କାର୍ଯ୍ୟଗୁଡ଼ିକ ସାମାଜିକ ସମସ୍ୟା ଓ ପ୍ରସଙ୍ଗ ସହିତ ସଂପର୍କୀକୃତ ହେବ । ଏବେ ସମାଜସେବା ଶିବିରଦ୍ୱାରା କିଛି କାର୍ଯ୍ୟ କରାଯାଉଛି । ଏହା ସ୍ୱାଭାବିକ ରୀତିରେ ଶିକ୍ଷାୟତନର ଅଙ୍ଗୀଭୂତ ହେବ । ତଦ୍ୱାରା ଏବକାର ମାମୁଲି କାର୍ଯ୍ୟଗୁଡ଼ିକ ଚିତ୍ତାକର୍ଷକ ଓ ପ୍ରାସଙ୍ଗିକ ହେବ । ଏହା ଫଳରେ ସମସ୍ତ କାର୍ଯ୍ୟ ଗତିଶୀଳ ହେବ । ଶିକ୍ଷାୟତନର ସମସ୍ତ ସମୟ ଯଦି କେତେଖଣ୍ଡ ପାଠ୍ୟପୁସ୍ତକକୁ ବାରମ୍ବାର ପୁନରାବୃତ୍ତି କରିବାରେ ଆବଦ୍ଧ ହୁଏ, ତେବେ ସମସାମୟିକ ସମାଜ ପ୍ରତି ଏହା ଅର୍ଥହୀନ ହୋଇପଡ଼ିବ ।

ଏବେ ସମାଜରେ ପରିବର୍ତ୍ତନ ଚାଲିଛି । ବିକାଶମୂଳକ କାର୍ଯ୍ୟକ୍ରମଦ୍ୱାରା ସାମାଜିକ ଜୀବନ ନିରନ୍ତର ପ୍ରଭାବିତ ହେଉଅଛି । ଉତ୍ପାଦନର କୌଶଳ ଏକ ନୂତନ ଦିଗରେ ବିକାଶ ଲାଭ କରୁଛି । ଜ୍ଞାନର ପରିସୀମା କ୍ଷିପ୍ରତର ଗତିରେ ବିସ୍ତାରିତ ହେଉଅଛି । ସଂସ୍କୃତିର ସ୍ୱରୂପ ସମୃଦ୍ଧ ହେବାରେ ଲାଗିଛି । ସେପରି ସ୍ଥଳରେ ଶିକ୍ଷାୟତନ ସାମାଜିକ ପରିବର୍ତ୍ତନର ମାଧ୍ୟମ ହେବ । ଗୁରୁ-ଶିଷ୍ୟ-ଅଭିଭାବକଙ୍କ ସମ୍ମିଳିତ ଉଦ୍ୟମରେ ବିଭିନ୍ନ ପ୍ରକଳ୍ପ ହାତକୁ ନିଆଯିବ । ବଡ଼ବଡ଼ ଶିକ୍ଷାୟତନର ଶିକ୍ଷାର୍ଥୀମାନଙ୍କୁ ଶ୍ରେଣୀ ନିର୍ବିଶେଷରେ ଦଶ ଜଣ ବା ପନ୍ଦର ଜଣ କରି ଦଳ ଗଠନ କରାଯିବ ଓ ଜଣେଜଣେ ଶିକ୍ଷକ ଏମାନଙ୍କ ଦାୟିତ୍ୱରେ ରହି କାମ କରିବେ । ଶିକ୍ଷା ଓ ବୃତ୍ତିଗତ ନିର୍ଦ୍ଦେଶନା, ବିଶେଷକରି ବ୍ୟକ୍ତିଗତ ନିର୍ଦ୍ଦେଶନା ଅନୁଷ୍ଠାନର ଅଙ୍ଗ ହେବ । ପ୍ରତ୍ୟେକ ଅନୁଷ୍ଠାନରେ ଗୁରୁ-ଅଭିଭାବକ ସମିତି ଗଠନ କରାଯିବ । ଏହାଦ୍ୱାରା ଶିକ୍ଷାର୍ଥୀଙ୍କର ସଂପୂର୍ଣ୍ଣ ବିକାଶ କରାଯାଇପାରିବ । ଶିକ୍ଷାର ଉନ୍ନତି ଓ ସଂସ୍କାର ବିଧାନ କରାଯାଇପାରିବ । ପରିବାରକୁ ଶିକ୍ଷା ସହାୟକ କରି ଏହା ଶିକ୍ଷାଳୟର ଯେପରି ସହଯୋଗୀ ହେବ ସେହି ଆଭିମୁଖ୍ୟ ରହିବ । ପରିଶେଷରେ ଶିକ୍ଷାର ଲକ୍ଷ୍ୟ ସାଧିତ ହୋଇପାରିବ ।

ବିଜ୍ଞାନ ଓ କାରିଗରି ବିଦ୍ୟାର ନାହିଁ ନଥିବା ବିକାଶର ପ୍ରସାର ଓ ପ୍ରଭାବ ବଢୁଛି । ଏହା ଫଳରେ ରେଡ଼ିଓ, ଟେଲିଭିଜନ, ଚଳଚ୍ଚିତ୍ର ଆଦି ଗଣମାଧ୍ୟମର ବିକାଶ ହୋଇଛି । ଆନନ୍ଦ ଓ ଆମୋଦ ଦେବା ସଙ୍ଗେସଙ୍ଗେ ସେସବୁ ଶିକ୍ଷାର ଏକ ଅଭିନବ ଉତ୍ସ ରୂପେ କାର୍ଯ୍ୟ କରୁଛି । ତେଣୁ ସେ ବେଳ ପରି ଏ ବେଳରେ ଗୁରୁ ଆଉ ଜ୍ଞାନଦାନର ଏକମାତ୍ର ଅଧିକାରୀ ହୋଇ ନାହାନ୍ତି । ଶ୍ରେଣୀ କୋଠରି ଜ୍ଞାନାର୍ଜନର ଏକମାତ୍ର ପରିସର ହୋଇ ରହି ନାହିଁ । ଏପରି ସ୍ଥଳରେ ଗୁରୁଶିଷ୍ୟର ସମ୍ପର୍କ ନିୟାମକ ଓ ପ୍ରାଧିକାର-ଭିତ୍ତିକ ନ ହୋଇ ସହାୟକ, ସହଯୋଗୀ ଓ ଉତ୍ସାହପ୍ରଦ ହେବା ଉଚିତ ।

ଶିକ୍ଷାଳୟ ଏକ ପରମ୍ପରାଗତ ଅନୁଷ୍ଠାନରେ ପରିଣତ ନ ହୋଇ ଏକ ସାମାଜିକ ଗବେଷଣାଗାର ହେବ । ଗୁରୁ ଓ ଶିଷ୍ୟ ହେବେ ସାମାଜିକ ଇଞ୍ଜିନିୟର । ଚିରାଚରିତ ଓ ଚିରନ୍ତନ ମୂଲ୍ୟବୋଧର ପୁନଃ ମୂଲ୍ୟାୟନ କରାଯିବ । ସମାଜର ସୁରକ୍ଷା ଓ ନୂତନ ସମାଜର ସୃଷ୍ଟି – ଏହି ଉଭୟ ଦିଗରେ କାର୍ଯ୍ୟ କରାଯିବ ।

ପାଠ୍ୟତାଲିକା, ପାଠ୍ୟପୁସ୍ତକ ଓ ପରୀକ୍ଷାର ଦାସ ନ ହୋଇ ଗୁରୁ ଓ ଶିଷ୍ୟ ଏକ ଉନ୍ମୁକ୍ତ ପରିବେଶରେ କାର୍ଯ୍ୟ କରିବେ । ସାମାଜିକ ସମସ୍ୟାର ଅଧ୍ୟୟନ କରାଯିବ । ସେସବୁର ସମାଧାନପାଇଁ ଚିନ୍ତା ଓ ସାମର୍ଥ୍ୟର ସଂଚାର କରାଯାଇପାରିବ । ସମୀପସ୍ଥ ପରିବେଶର ସମସ୍ୟା ପ୍ରତି ଦୃଷ୍ଟି ରହିବ । ଏହାଦ୍ୱାରା ଗୁରୁ ଓ ଶିଷ୍ୟ ଶିକ୍ଷାର ପୁନର୍ଗଠନରେ ସହାୟକ ହୋଇପାରିବେ ।

**ସୂଚନା :**

ଗୁରୁକୁଳ – ପ୍ରାଚୀନ ସମୟର ଶିକ୍ଷାଳୟ । ସେହି ସ୍ଥାନରେ ଜଣେ ଜଣେ ଗୁରୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଥାଇ ଶିଷ୍ୟମାନେ ଶିକ୍ଷା ଗ୍ରହଣ କରୁଥିଲେ ।

କାଳାତୀତ – ଯାହା କୌଣସି ନିର୍ଦ୍ଦିଷ୍ଟ ସମୟର ସୀମା ମଧ୍ୟରେ ଆବଦ୍ଧ ହୋଇ ରହି ନ ଥାଏ ।

ଇତିବୃତ୍ତ – ଇତିହାସ, ପ୍ରାଚୀନ କଥା

ଉନ୍ମୁଖ – ଉତ୍ସୁକ, ତତ୍ପର, ଆଗ୍ରହୀ

ପରିପନ୍ଥୀ – ବିରୋଧୀ, ବିପକ୍ଷ, ପ୍ରତିରୋଧକ

ଘାତକ - ହତ୍ୟାକାରୀ

ଚିରନ୍ତନ - ସ୍ଥାୟୀ, ଯାହା ସବୁ ସମୟରେ ଥାଏ

ଜାଜ୍ଜ୍ୱଲ୍ୟମାନ - ଅତି ଉଜ୍ଜ୍ୱଳ

ବିରହିତ - ବିହୀନ, ବିଯୁକ୍ତ

ମୂଲ୍ୟବୋଧ - କୌଣସି ବସ୍ତୁ ବା ଚିନ୍ତାଧାରାର ଗୁଣକୁ ଉପଲବ୍ଧି କରିଥିବା ହେତୁ ତା ଉପରେ ଗଭୀର ବିଶ୍ୱାସ ସ୍ଥାପନ ।

ଅବିଚ୍ଛେଦ୍ୟ - ଯାହାକୁ ବିଚ୍ଛିନ୍ନ କରିହୁଏ ନାହିଁ

ନିୟାମକ - ଯେ ନିୟମ ନିର୍ଦ୍ଧାରଣ କରେ, ପରିଚାଳକ

ମୁଷ୍ଟିମେୟ - ଅଳ୍ପସଂଖ୍ୟକ, ଗୋଟିଏ ମୁଠା ଭିତରେ ମାପି ହେଉଥିବା ଭଳି ପରିମାଣ

ସଂସ୍କୃତି - ଲୋକଚଳଣି (ଭାଷା, ରୁଚି, ନୀତି, ଖାଦ୍ୟପେୟ, ବେଶଭୂଷା, କଳା, ଭାସ୍କର୍ଯ୍ୟ ଇତ୍ୟାଦି ସଂସ୍କୃତିର ଅନ୍ତର୍ଗତ)

"ଅତୀତକୁ ଉଦ୍‌ବୋଧଇ ବୃଥା ଭାଳି ଭାଳି" - ଅତୀତର ପ୍ରାପ୍ତି ଓ ସୁଖସଂପଦ ସମ୍ବନ୍ଧରେ ଭାଳିହେବା, ଏହି ଅଂଶଟି ମଧୁସୂଦନ ରାଓଙ୍କ ବିଖ୍ୟାତ କବିତା 'ଜୀବନଚିନ୍ତା'ର ଏକ ଧାଡ଼ି ।

ଶିଷ୍ୟାତ୍ ଇଚ୍ଛେତ୍ ପରାଜୟମ୍ - ଶିଷ୍ୟଠାରୁ ଗୁରୁ ନିଜର ପରାଜୟ ଇଚ୍ଛା କରିବା ଆବଶ୍ୟକ । ଏହା ହେଉଛି ଜଣେ ଆଦର୍ଶ ଗୁରୁର ଅଭିଳାଷ ।

ତେଜସ୍ୱିନାବଧୀତମସ୍ତୁ - (ନୌ ଅଧୀତମ୍ ତେଜସ୍ୱି ଅସ୍ତୁ) ଆମ ଗୁରୁଶିଷ୍ୟଙ୍କଦ୍ୱାରା ଅଧ୍ୟୟନ କରାଯାଇଥିବା ବିଦ୍ୟା ତେଜୋମୟୀ ହେଉ । ଏହା ହେଉଛି 'କଠୋପନିଷଦ୍' ଅନ୍ତର୍ଗତ ଶାନ୍ତି ପାଠର ଏକ ଅଂଶ । ପୁରାକାଳରେ ଗୁରୁ ଓ ଶିଷ୍ୟ ଶାନ୍ତିପାଠ କରିବା ସମୟରେ ମିଳିତ ଭାବରେ ଏହି ବାଣୀ ଉଚ୍ଚାରଣ କରୁଥିଲେ ।

**ଆସ, ଜାଣିବା କେତୋଟି ନୂତନ ଶବ୍ଦ**

ଅପ୍ରାସଙ୍ଗିକ, ବିଭୋର, ମର୍ମାନ୍ତିକ, ଅଭେଦତ୍ୱ ସୌଧ, ରଦ୍ଧିମନ୍ତ, ବଖାଣ, ମନୀଷୀ, ସ୍ୱାଧ୍ୟାୟ, କୁତ୍ସା, ନୈପୁଣ୍ୟ, ପ୍ରାଧିକାର ।

# ଅଭ୍ୟାସକାର୍ଯ୍ୟ

## (୧) ଆସ, କଥାବାର୍ତ୍ତା ହେବା ।

(କ) କେଉଁ ଭାବନାଟି ପୁରାଣ ଯୁଗରେ ଗୁରୁକୁଳ ଶିକ୍ଷାର ପ୍ରାଣସ୍ୱରୂପ ଥିଲା ?

(ଖ) ଗୁରୁଶିଷ୍ୟ ସଂପର୍କ ଆଜି କିପରି ଅବସ୍ଥାରେ ଅଛି ?

(ଗ) ମୂଳ ପ୍ରକୃତି କେଉଁ ଦୁଇଟି କ୍ଷେତ୍ରରେ ଅତୁଟ ରହିଛି ?

(ଘ) ଶିକ୍ଷା କ୍ଷେତ୍ରରେ କାହାକୁ କେନ୍ଦ୍ରସ୍ଥାନ ଦିଆଯାଏ ?

(ଙ) ପୁସ୍ତକକୈନ୍ଦ୍ରିକ ଶିକ୍ଷାର ଅର୍ଥ କ'ଣ ?

**(୨) ଆସ, ତଳଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଦୁଇ ବା ତିନୋଟି ବାକ୍ୟରେ ଲେଖିବା ।**

(କ) ଶିକ୍ଷକଙ୍କ ଶିକ୍ଷା ଚିରନ୍ତନ - ଏପରି କାହିଁକି କୁହାଯାଇଛି ?

(ଖ) 'ଗୋଟିଏ ଦୀପ ଅନ୍ୟ ଏକ ଦୀପକୁ ଜାଳିବାର' ତାତ୍ପର୍ଯ୍ୟ କ'ଣ ?

(ଗ) 'ଗୁରୁଙ୍କର ଜୀବନ ଜୀବନ୍ତ ହୁଏ' କହିବାର କାରଣ କ'ଣ ?

(ଘ) 'ତେଜସ୍ୱିନାବାଧୀତମସ୍ତୁ' ଉକ୍ତିରୁ ଗୁରୁଶିଷ୍ୟଙ୍କ ସମ୍ପର୍କରେ କ'ଣ ଜଣାପଡ଼ୁଛି ?

(ଙ) ଶିକ୍ଷାର ସାମାଜିକ ଲକ୍ଷ୍ୟ କ'ଣ ହେବା ଆବଶ୍ୟକ ?

(ଚ) ଏବେ ଗୁରୁଶିଷ୍ୟର ସଂପର୍କ କିପରି ହେବା ଉଚିତ ବୋଲି ଲେଖକ କହିଛନ୍ତି ?

**(୩) ଆସ, ସରଳ ଭାଷାରେ ବୁଝାଇ ଲେଖିବା ।**

(କ) ଏକଥା ସତ୍ୟ ଯେ କୌଣସି ଦେଶର ଗୌରବ, ସେ ଦେଶର ଲୋକ ଚରିତ୍ର ଉପରେ ନିର୍ଭର କରେ । ତଦ୍ୱାରା ଦେଶ ବଳୀୟାନ ହୁଏ ।

(ଖ) "ମୁଁ ମୋର ଜନ୍ମପାଇଁ ପିତାମାତାଙ୍କ ସମୀପରେ ଋଣୀ, କିନ୍ତୁ ମୋର ଜୀବନପାଇଁ ଗୁରୁଙ୍କ ସମୀପରେ ଋଣୀ ।

(ଗ) ଗୁରୁ ଓ ଶିଷ୍ୟ ହେବେ ସାମାଜିକ ଇଞ୍ଜିନିୟର ।

**(୪) ତଳଲିଖିତ ଅନୁଚ୍ଛେଦଟିକୁ ଉତ୍ତର ଭାବି ସେଥିରୁ ପ୍ରଶ୍ନ ତିଆରି କରିବା ।**

ସେଥିପାଇଁ ଗୁରୁଙ୍କ ସ୍ଥାନ ଉଚ୍ଚରେ । ଶିକ୍ଷା ପଦ୍ଧତିର ସର୍ବୋର୍ଦ୍ଧ୍ୱରେ । ଯୁଗେଯୁଗେ ସେ କେବଳ ଶିକ୍ଷାର୍ଥୀଙ୍କର ନୁହେଁ, ସମଗ୍ର ସମାଜର ନମସ୍ୟ, ଜଣେ ମନୀଷୀ ଏହି ଭାବନାକୁ ସ୍ୱୀୟ ବାଣୀରେ ପ୍ରକାଶ କରିଛନ୍ତି । ତାହା ହେଉଛି, "ମୁଁ ମୋର ଜନ୍ମପାଇଁ ପିତାମାତାଙ୍କ ସମୀପରେ ଋଣୀ, କିନ୍ତୁ ମୋର ଜୀବନ ପାଇଁ ଗୁରୁଙ୍କ ସମୀପରେ ଋଣୀ" । ଗୁରୁ ପ୍ରାଣ ପ୍ରତିଷ୍ଠା କରନ୍ତି । ଶ୍ରେଣୀ କୋଠରି ନ ଥାଇପାରେ । ଉପକରଣ ନ ଥାଉ ଆଡ଼ମ୍ବର ଦୂରେଇ ଯାଉ । ସେ ହିଁ ସବୁ । ଗୁରୁଙ୍କର ମାତ୍ର ପଦଟିଏ କଥା ଶିଷ୍ୟମାନଙ୍କର କୋଟିକୋଟି ପ୍ରାଣରେ କୋଟିକୋଟି ରୂପରେ ଉଦ୍ଭାସିତ ହୁଏ ।


**(୫) 'ରୂପାନ୍ତର' ଶବ୍ଦଟିର ଅର୍ଥ 'ରୂପ ପରିବର୍ତ୍ତନ' ବା 'ଅନ୍ୟରୂପ' । 'ରୂପାନ୍ତର' ଶବ୍ଦ ପରି ଆଉ ଚାରୋଟି ଶବ୍ଦ ଲେଖିବା ଓ ସେଗୁଡ଼ିକୁ ବାକ୍ୟରେ ବ୍ୟବହାର କରିବା ।**

-----------, -----------, -----------, -----------

**(୬) ଆସ, କୋଠରିରୁ ଅକ୍ଷର ନେଇ ଶବ୍ଦ ଗଢ଼ିବା**

| | | | | |
|---|---|---|---|---|
| ଅ | ବି | ବ | ଖା | ଣ |
| ସୌ | ପ୍ରା | ଭୋ | ନୈ | ସ୍ୱା |
| ଧ | ର | ସ | ର | ଧ୍ୟା |
| କୁ | ପୁ | ଦ୍ଧି | ଙ୍ଗି | ୟ |
| ଶ୍ୟ | ସ୍ଥା | ମ | ନ୍ତ | କ |

(୭) **ଆରମ୍ଭରେ 'ଅ' ଅକ୍ଷର ଯୋଗକରି ପାଞ୍ଚଗୋଟି ଶବ୍ଦ ଲେଖିବା**




**ନୂତନ ଶବ୍ଦ ଏଠାରେ ଲେଖିବା**

୧. ____________

୨. ____________

୩. ____________

୪. ____________

୫. ____________

**ସେହି ଶବ୍ଦଗୁଡ଼ିକୁ ନେଇ ବାକ୍ୟ ଗଠନକରି ଲେଖିବା**

୧. ________________________________________

୨. ________________________________________

୩. ________________________________________

୪. ________________________________________

୫. ________________________________________

(୮) **କୋଠରି ଭିତରେ ଥିବା ଶବ୍ଦରେ ଇକ ପ୍ରତ୍ୟୟ ଯୋଗ କରାଯାଇଛି । ଆସ ମୂଳ ଶବ୍ଦଗୁଡ଼ିକୁ ଲେଖିବା ।**

-------- + ଇକ = ସାମାଜିକ

-------- + ଇକ = ଆର୍ଥନୀତିକ

-------- + ଇକ = ପ୍ରାସଙ୍ଗିକ

ସାମାଜିକ
ଆର୍ଥନୀତିକ
ପ୍ରାସଙ୍ଗିକ

(୯) **ତଳେ ଦିଆଯାଇଥିବା ଶବ୍ଦମାନଙ୍କ ମଧ୍ୟରେ 'ବିଶେଷ୍ୟ' ଓ 'ବିଶେଷଣ' ପଦ ମିଶିକରି ରହିଛି । ସେମାନଙ୍କୁ ଅଲଗା କରି ବାକ୍ୟରେ ବ୍ୟବହାର କରିବା ।**

ଜାଗ୍ରତ, ଶାସନ, ଯନ୍ତ୍ରଣାଦାୟକ, ଗୌରବ, ଅନୁରାଗୀ,
ସମାଜ, ବିଭେଦ, ବ୍ୟବଧାନ, ଉପଯୋଗ, ପରିବର୍ତ୍ତନ

[ ] ________________________________________

[ ] ________________________________________

**(୧୦) ତଳେ ପ୍ରତ୍ୟେକ ଧାଡ଼ିରେ ଦିଆଯାଇଥିବା ଶବ୍ଦମାନଙ୍କ ମଧ୍ୟରେ ଗୋଟିଏ ଭିନ୍ନଜାତୀୟଶବ୍ଦ ରହିଛି । ସେହି ଶବ୍ଦଟିକୁ ବାଛି କୋଠରି ମଧ୍ୟରେ ଲେଖିବା ।**

(କ) ଶ୍ୱାସରୁଦ୍ଧ, ବାଷ୍ପରୁଦ୍ଧ, ଅବରୁଦ୍ଧ, ବାକ୍‌ରୁଦ୍ଧ

(ଖ) ଦୃଷ୍ଟିପାତ, ବୃଷ୍ଟିପାତ, ଉଲ୍‌କାପାତ, ଅନୁପାତ

**(୧୧) ଆସ, ତଳଲିଖିତ ଶବ୍ଦରୁ ନାମଧାତୁ କ୍ରିୟା ଗଠନ କରିବା ।**

ଯେପରି ମନ - ମନେଇବା ହୁଏ

ସେହିପରି କ'ଣ ହେବ ?

ଦୂର -

ଫେଣ -

ଫଳ -

ଛୋଟ -

ଶୀତଳ -

**(୧୨) ଯାହାର ରୂପାନ୍ତର ଘଟି ନ ଥାଏ ତାହାକୁ ଭିନ୍ନ ରୂପରେ ପ୍ରକାଶ କରିବା କାମକୁ କୁହାଯାଏ 'ରୂପାନ୍ତରୀକରଣ' । ସେହିପରି -**

(କ) ବନ ନ ଥିବା ସ୍ଥାନରେ ବନ ସୃଷ୍ଟି କରିବା।

(ଖ) ବାଷ୍ପ ହୋଇ ନ ଥିବା ପଦାର୍ଥକୁ ବାଷ୍ପରେ ପରିଣତ କରିବା ।

(ଗ) ଦୃଢ଼ ଭାବରେ ନଥିବା ବସ୍ତୁକୁ ଦୃଢ଼ କରିବା।

(ଘ) ଭାଗଭାଗ ହୋଇ ନ ଥିବା ପଦାର୍ଥକୁ ବିଭିନ୍ନ ବିଭାଗରେ ପରିଣତ କରିବା ।

**(୧୩) ଯାହାକୁ ବିଚ୍ଛେଦ କରିହେବ ନାହିଁ ତାହାକୁ ଗୋଟିଏ ଶବ୍ଦରେ କୁହାଯାଏ 'ଅବିଚ୍ଛେଦ୍ୟ' । ସେହିପରି ନିମ୍ନରେ ଦିଆଯାଇଥିବା ପ୍ରତ୍ୟେକ ଉକ୍ତିକୁ ଗୋଟିଏ ଶବ୍ଦରେ ପ୍ରକାଶ କରି ଲେଖିବା।**

(କ) ଯାହାକୁ ଭାଗଭାଗ କରିହେବ ନାହିଁ ।

(ଖ) ଯାହାକୁ କାଟି ହେବ ନାହିଁ ।

(ଗ) ଯାହାକୁ ଭେଦ କରି ହେବ ନାହିଁ ।

(ଘ) ଯାହାକୁ ଛେଦନ କରିହେବ ନାହିଁ ।

**(୧୪) ଭୁଲଥିବା ଶବ୍ଦକୁ ଠିକ୍ କରି ଲେଖିବା।**

| | | | |
|---|---|---|---|
| ଗୁରୁକୂଳ - | ------------ | ପରିସିମା - | ------------ |
| ମନୀଷି - | ------------ | କର୍ପୁର - | ------------ |
| ନୈପୂଣ୍ୟ - | ------------ | କାଳାତିତ - | ------------ |
| ପ୍ରାଧୀକାର - | ------------ | ପ୍ରତିଦ୍ୱନ୍ଦିତା - | ------------ |

**ତୁମପାଇଁ କାମ :**

(କ) ଆସ ପ୍ରବନ୍ଧର ଗୋଟିଏ ଲେଖାଏ ଅନୁଚ୍ଛେଦ ଜଣ ଜଣ କରି ଶ୍ରେଣୀରେ ଉଚ୍ଚପଠନ କରିବା ।

(ଖ) ଶିକ୍ଷକଙ୍କ ସହିତ ଆଲୋଚନା କରି ଆସ ପୁରାଣରେ ବର୍ଣ୍ଣିତ ଦୁଇଜଣ ଗୁରୁଭକ୍ତ ଶିଷ୍ୟଙ୍କ କାହାଣୀ ସଂଗ୍ରହ କରିବା ଓ ଖାତାରେ ଲେଖିବା ।

(ଗ) ନିଜ ଶିକ୍ଷକଙ୍କ ସହିତ ଥିବା ତୁମର ସଂପର୍କକୁ ଆଧାର କରି ଗୋଟିଏ ଅନୁଚ୍ଛେଦ ଲେଖିବା ।

***

# ଦରିଆ ଦଖଲ

● ଅନ୍ନପୂର୍ଣ୍ଣା ମହାରଣା

**ଲେଖିକା ପରିଚୟ :**

ଅନ୍ନପୂର୍ଣ୍ଣା ମହାରଣା (୧୯୧୭)ଙ୍କ ଜନ୍ମ ବାଖ୍‌ରାବାଦ, କଟକରେ । ପିତା ଗୋପବନ୍ଧୁ ଚୌଧୁରୀ ଓ ମାତା ରମାଦେବୀ ଚୌଧୁରୀ ଉଭୟେ ତ୍ୟାଗୀ, ଦେଶପ୍ରେମୀ ଓ ସମାଜସେବୀ ଥିଲେ । ଗାନ୍ଧିଜୀ ଓ ସନ୍ଥ ବିନୋବା ପ୍ରଭୃତି ଭାରତୀୟ ଚିନ୍ତାନାୟକଙ୍କର କେତେକ ଅମୂଲ୍ୟ ଗ୍ରନ୍ଥ ସେ ଓଡ଼ିଆରେ ଅନୁବାଦ କରିଛନ୍ତି । 'ଗୀତା ପ୍ରବଚନ', 'ତରୁଣୀ କନ୍ୟାଙ୍କ ପ୍ରତି', 'ଭାଗବତ ଧର୍ମସାର' ଓ 'ଶିକ୍ଷାତତ୍ତ୍ୱ' ଇତ୍ୟାଦି ତାଙ୍କର କେତୋଟି ଜନପ୍ରିୟ ରଚନା । ଏହି ରଚନାଟି ଲେଖିକାଙ୍କ ଆତ୍ମଜୀବନୀ 'ଅମୃତ ଅନୁଭବ'ରୁ ସଂଗୃହୀତ ।

ସ୍ୱାଧୀନତା ଆନ୍ଦୋଳନ ସମୟର ଦାଣ୍ଡୀ ଲବଣ ସତ୍ୟାଗ୍ରହ ସମ୍ବନ୍ଧୀୟ ବର୍ଣ୍ଣନା ଓ ମହାତ୍ମାଗାନ୍ଧିଙ୍କ ନେତୃତ୍ୱର ଅନନ୍ୟତା ଏହି ରଚନାରେ ଉଦ୍‌ଭାସିତ ହୋଇଛି ।

**ଦା**ଣ୍ଡୀରେ ଗାନ୍ଧିଜୀ ଲବଣ ଆଇନ ଅମାନ୍ୟ କରିସାରିବା ପରେ ଚାରିଆଡ଼େ ଲବଣ ଆଇନ ଅମାନ୍ୟ କରିବାକୁ ନିର୍ଦ୍ଦେଶ ଦେଲେ । ଦାଣ୍ଡୀଠାରୁ ଚାରିମାଇଲ ଦୂର ଆଟ୍ ନାମକ ସ୍ଥାନରେ କେତେକ ସତ୍ୟାଗ୍ରହୀ ଲୁଣ ମାରିବାକୁ ଗଲେ । ସେମାନେ ଲୁଣ ମାରିବାକୁ ଆରମ୍ଭ କରିବାରୁ ପୁଲିସ୍ ସେମାନଙ୍କଠାରୁ ଲୁଣମାଟି ଛଡ଼େଇବାକୁ ଚେଷ୍ଟା କଲେ । ସତ୍ୟାଗ୍ରହୀ ଲୁଣମାଟି ମୁଠେଇ ଧରିବାରୁ ପୁଲିସ୍ ତାଙ୍କ ହାତ ମୋଡ଼ିଲେ । ଠେଲାଠେଲି କଲେ । ଫଳରେ ଜଣଙ୍କର ମଣିବନ୍ଧ ଜଖମ ହେଲା ଏବଂ ସାମାନ୍ୟ ରକ୍ତପାତ ମଧ୍ୟ ହେଲା । ଯେଉଁ ଗ୍ରାମବାସୀ ଦେଖଣାହାରି ଭାବରେ ସେଠାରେ ଥିଲେ ସେମାନେ ସମସ୍ତେ ହଠାତ୍ ସମୁଦ୍ରପନ୍ତାରେ ଲୁଣମାଟି ସାଉଁଟିବା ଆରମ୍ଭ କରିଦେଲେ । ସେମାନଙ୍କ ମଧ୍ୟରେ ପିଲା କାଖେଇଥିବା ସ୍ତ୍ରୀଲୋକ ମଧ୍ୟ ବହୁ ସଂଖ୍ୟାରେ ଥିଲେ । ଏତେସଂଖ୍ୟକ ଲୋକ ହଠାତ୍ ବହୁ ପରିମାଣରେ ଲୁଣମାଟି ସଂଗ୍ରହ କରିବା ଦେଖି ପୁଲିସ୍ ନିଶ୍ଚେଷ୍ଟ ହୋଇଗଲେ । ସେଦିନ ସୋମବାର । ଗାନ୍ଧିଜୀ ସୋମବାର ଦିନ ମୌନବ୍ରତ ପାଳୁଥିଲେ । ସେ ନିଜେ କିଛି କହିପାରିବେ ନାହିଁ ବୋଲି ଶ୍ରୀମତୀ ସରୋଜିନୀ ନାଇଡୁ ଓ ନ୍ୟାୟମୂର୍ତ୍ତି ଆବ୍‌ବାସ ତୟାବ୍‌ଜୀଙ୍କୁ ଆଟ୍‌କୁ ପଠାଇଲେ ଏବଂ ୟଙ୍ଗ୍ ଇଣ୍ଡିଆ ପତ୍ରିକାରେ ଲେଖିଲେ – "ଲୁଣ ହେଉଛି ରାଷ୍ଟ୍ରର ଆତ୍ମସମ୍ମାନର ପ୍ରତୀକ । କେହି ଜବରଦସ୍ତି ହାତକୁ ମୋଡ଼ି ତାହା ଛଡ଼େଇ ନ ନେବା ଯାଏ ସେ ଲୁଣ କାହାରିକୁ ଦିଆଯିବ ନାହିଁ ।" ଆଟ୍‌ରେ ଲବଣ ଆଇନ ଅମାନ୍ୟକାରୀଙ୍କୁ କହିଲେ – "ଆପଣମାନେ ଯେଉଁ ଲୁଣ ସଂଗ୍ରହ କରିଛନ୍ତି ତାକୁ ନିଜ ଛାତିରେ ଚାପିକରି ରଖିବାର ପୂର୍ଣ୍ଣ ଅଧିକାର ଆପଣମାନଙ୍କର ଅଛି । ଏହା ହିଂସା ନୁହେଁ । ଆମ ନିଜ ଦେହର ରକ୍ତ ପରି ଏ ଲୁଣ ଆମର ପ୍ରିୟ । ମୋର ଆଶା, ଆପଣଙ୍କ ଧୈର୍ଯ୍ୟ ଓ କଷ୍ଟ ସହିବା ଶକ୍ତିଦ୍ୱାରା ପୁଲିସ୍‌ଙ୍କ ହୃଦୟ ପରିବର୍ତ୍ତନ ହେବ । ପୁଲିସ୍‌ର ଜୋରଜବରଦସ୍ତିକୁ ଖାତିର ନ କରି ଆପଣମାନେ ନିଜ କାମ କରିଯିବା ଉଚିତ ।"

ଏପ୍ରିଲ ନଅ ତାରିଖରେ ଗାନ୍ଧିଜୀ ସମଗ୍ର ଭାରତକୁ ଏହି ମର୍ମରେ ବାର୍ତ୍ତା ଦେଲେ ଯେ ଆଜି ରାତି ଅଧରେ ମୋତେ ଯେଉଁ ଖବର ମିଳିଛି ସେଥିରୁ ମୁଁ ଜାଣୁଛି ଯେ ଲୋକେ ମୋ କଥାକୁ ହୃଦୟରେ ଘେନିଛନ୍ତି । ଗୁଜରାଟ୍‌ରେ ସମୁଦାୟ ଜନତା ଗୋଟାଏ ବିଶାଳ ସମୁଦ୍ର ପରି ଉଛୁଳି ପଡ଼ିଥିବାର ବୋଧ ହେଉଛି । ଆଟ୍ ଓ ଭୀମ୍‌ରାଡ଼ରେ ହଜାରହଜାର ସ୍ତ୍ରୀ ପୁରୁଷ ନିର୍ଭୟରେ ଲୁଣ ମାରିବା ଦୃଶ୍ୟ ମୁଁ ନିଜ ଆଖିରେ ଦେଖିଛି । ଏଇଟା କିଛି ବଦମାସି ନୁହେଁ । ସେଠାରେ ହିଂସାର କୌଣସି ଲକ୍ଷଣ ମୁଁ ଦେଖିଲି ନାହିଁ । ସେମାନେ ସମ୍ପୂର୍ଣ୍ଣ ଶାନ୍ତ ଓ ଅହିଂସ ଥିଲେ । ସରକାରୀ ହାକିମମାନେ ହିଁ ସୀମା ଅତିକ୍ରମ କରିଥିଲେ । ଗୁଜରାଟ୍‌ରେ ପରୀକ୍ଷିତ ଲୋକପ୍ରିୟ ଲୋକସେବକମାନଙ୍କୁ ଗୋଟିଗୋଟି କରି ଗିରଫ କରାଯାଇ ସାରିଲାଣି । ତଥାପି ଲୋକେ ଘାବରା ବା ଆତଙ୍କିତ ନ ହୋଇ ସମ୍ପୂର୍ଣ୍ଣ ଅହିଂସ ରହିଛନ୍ତି ଏବଂ ଏହି ସତ୍ୟାଗ୍ରହରେ ଅଧିକ ସଂଖ୍ୟାରେ ଯୋଗ ଦେଉଛନ୍ତି । ଶୁଭକ୍ଷଣରେ ଆରମ୍ଭ ହୋଇଥିବା ଏହି ଯୁଦ୍ଧ ଯଦି ଶେଷପର୍ଯ୍ୟନ୍ତ ଅହିଂସ ରହିବ ତେବେ ଭାରତ ନିକଟ ଭବିଷ୍ୟତରେ ନିଶ୍ଚୟ ସ୍ୱରାଜ୍ୟ ହାସଲ କରିବ ଏବଂ ବିଶ୍ୱକୁ ଭାରତ ତା'ର ଗୌରବଶାଳୀ ଅତୀତର ଉପଯୁକ୍ତ ପଦାର୍ଥପାଠ ଦେବ ।

ଆତ୍ମବଳିଦାନ ଓ ତ୍ୟାଗ ବିନା ଯେଉଁ ସ୍ୱାଧୀନତା ହାସଲ କରାଯାଏ ତାହା ଚିରଞ୍ଜୀବୀ ହୋଇପାରେ ନାହିଁ । ସେଥିପାଇଁ ମୁଁ ଚାହେଁ ମୋ ଦେଶଲୋକେ ନିଜର ସାଧ୍ୟାନୁସାରେ ସବୁଠାରୁ ବେଶି ଆତ୍ମତ୍ୟାଗ କରିବାକୁ ପ୍ରସ୍ତୁତ ହୋଇ ଯାଆନ୍ତୁ । ପ୍ରକୃତ ତ୍ୟାଗ ବା ଆତ୍ମବଳିଦାନରେ ଗୋଟିଏ ପକ୍ଷକୁ ସବୁ କଷ୍ଟ ସହିବାକୁ ପଡ଼େ । ଅନ୍ୟର ପ୍ରାଣ ନ ନେଇ ନିଜର ପ୍ରାଣ ଦେବା, ଜୀବନ ଦେଇ ଜୀବନ ଲାଭ କରିବା କଳାରେ ସିଦ୍ଧହସ୍ତ ହେବାକୁ ପଡ଼େ । ଭଗବାନ ଭାରତକୁ ଏହି ମନ୍ତ୍ରସିଦ୍ଧି ଦିଅନ୍ତୁ ।

ଆଜି ସତ୍ୟାଗ୍ରହୀ ହାତମୁଠାରେ ଥିବା ମୁଠାଏ ଲୁଣ ଭାରତର କେବଳ ଆତ୍ମସମ୍ମାନର ପ୍ରତୀକ କାହିଁକି ତାହାର ସର୍ବସ୍ୱର ପ୍ରତୀକ ପାଲଟିଛି । ତେଣୁ ହାତମୁଠା ପଛେ ମୋଡ଼ି ଭାଙ୍ଗି ଦିଆଯିବ କେହି ନିଜ ଇଚ୍ଛାରେ ଲୁଣ ଛାଡ଼ିଦେବେ ନାହିଁ । ଏ ସରକାର ଯଦି ସଭ୍ୟ ସରକାର ହୋଇଥିବେ ତେବେ ସେ ବେଆଇନ ଲୁଣ ତିଆରି କରୁଥିବା ଲୋକଙ୍କୁ ଜେଲ୍ ଦେବେ । ସତ୍ୟାଗ୍ରହୀ ଗିରଫ ହେବା ପରେ ଖୁସିରେ ମୁଠା ଫିଟେଇ ଲୁଣ ସରକାରଙ୍କୁ ଦେଇଦେବ ଏବଂ ନିଜ ଦେହକୁ ମଧ୍ୟ ଜେଲର୍‌ମାନଙ୍କ ଜିମାରେ ଛାଡ଼ିଦେବ । ନିର୍ଦ୍ଦୋଷ ସତ୍ୟାଗ୍ରହୀର ହାତମୁଠାରୁ ଲୁଣ ଛଡ଼ାଇବାଟା ତୁଚ୍ଛା ବର୍ବରତା ଛଡ଼ା ଆଉ କିଛି ନୁହେଁ । ଏହି ଅପମାନର ଏକମାତ୍ର ଜବାବ ହେଉଛି ହାତ ପଛେ ଭାଙ୍ଗିଯିବ, ମୁଠା ହୁଗୁଳିବ ନାହିଁ । ଏହି ଅଭଦ୍ରତାର ଉତ୍ତର ଅଭଦ୍ରତାଦ୍ୱାରା ନୁହେଁ, ଶାନ୍ତ ରହି ଈଶ୍ୱରଙ୍କ ନାମ ଜପି କଷ୍ଟ ସହିକରି ଦେବାକୁ ହେବ ।

ମୁଁ ଗିରଫ ହେବା ପରେ ମୋ ସାଥୀମାନେ ଘାବରା ହେବେ ନାହିଁ । ଏହି ଆନ୍ଦୋଳନକୁ ଈଶ୍ୱର ବାଟ କଢ଼ଉଛନ୍ତି । ସେ ଆମ ସମସ୍ତଙ୍କ ହୃଦୟରେ ଅଛନ୍ତି । ଆମେ ତାଙ୍କପ୍ରତି ନିଷ୍ଠାବାନ୍ ହେଲେ ସେ ନିଶ୍ଚୟ ଆମକୁ ଠିକ୍ ବାଟ ଦେଖାଇବେ । ପ୍ରତ୍ୟେକ ଗାଁର ଲୋକେ ଲୁଣ ମାରନ୍ତୁ କିମ୍ବା ସତ୍ୟାଗ୍ରହୀ ମାରିଥିବା ଲୁଣ ଗାଁକୁ ଆଣନ୍ତୁ । ଭଉଣୀମାନେ ମଦ, ଗଞ୍ଜେଇ, ଅଫିମ ଦୋକାନ ବା ବିଲାତୀ ଲୁଗା ଦୋକାନରେ ଧାରଣା (ପିକେଟିଂ) ଦିଅନ୍ତୁ । ପ୍ରତି ଘରେ ବୁଢ଼ାରୁ ଯୁବକ ଯାଏ ସମସ୍ତେ ତକଲିରେ ସୂତା କାଟି ପ୍ରତିଦିନ ଗଦାଗଦା ସୂତା ଜମେଇ ଦିଅନ୍ତୁ । ହିନ୍ଦୁ, ମୁସଲମାନ, ଶିଖ, ପାର୍ସୀ, ଖ୍ରୀଷ୍ଟିଆନ ଆପଣା ମଧ୍ୟରେ ଆକସ୍ମିକ ଏକତା ପ୍ରତିଷ୍ଠା କରନ୍ତୁ । ଛାତ୍ରମାନେ ସରକାରୀ ସ୍କୁଲ କଲେଜ ଛାଡ଼ି ଦିଅନ୍ତୁ । ସରକାରୀ କର୍ମଚାରୀ ଚାକିରିକୁ ପଦାଘାତ କରି ଜନସାଧାରଣଙ୍କ ସେବାରେ ଲାଗନ୍ତୁ । ସେତେବେଳେ ଆମେ ଦେଖିବା ପୂର୍ଣ୍ଣ ସ୍ୱରାଜ ଆମ ଦ୍ୱାର ଖଡ଼ଖଡ଼ କରୁଛି ।

**ସୂଚନା :**

ପନ୍ତାର - ଗଛଲତାହୀନ ପ୍ରଶସ୍ତ ଭୂମି, ସମୁଦ୍ର ତୀରବର୍ତ୍ତୀ ନିର୍ଜନ ଅଞ୍ଚଳ

ପ୍ରତୀକ - ନିଦର୍ଶନ, ଚିହ୍ନ

ମର୍ମ - ଅଭିପ୍ରାୟ, ଉଦ୍ଦେଶ୍ୟ

ଅହିଂସ - ଯାହା ହିଂସା ନୁହେଁ

ଘାବରା - ବିଚଳିତ, ଭୀତତ୍ରସ୍ତ

ଚିରଞ୍ଜୀବୀ - ସବୁଦିନପାଇଁ ବଞ୍ଚିରହିବା, ଅମର

ବର୍ବର - ପାଶବିକ, ନୀଚ, ଅସଭ୍ୟ

ତକଲି - ସୂତା କାଟିବାର ତାକୁଡ଼ି

ନିଶ୍ଚେଷ୍ଟ - ଚେଷ୍ଟାଶୂନ୍ୟ, ଚେଷ୍ଟାରହିତ

ପଦାର୍ଥପାଠ - ଭାରତର ମୂଲ୍ୟବୋଧଭିତ୍ତିକ ଜ୍ଞାନ ଓ ତତ୍ତ୍ୱମିଶ୍ରିତ ପାଠକୁ ବୁଝାଏ ।

**ଆସ, ଜାଣିବା କେତୋଟି ନୂତନ ଶବ୍ଦ ।**

| | | | | | |
|---|---|---|---|---|---|
| ନ୍ୟାୟମୂର୍ତ୍ତି | ସତ୍ୟାଗ୍ରହ | ମନ୍ତ୍ରସିଦ୍ଧି | ଆତ୍ମତ୍ୟାଗ | ସ୍ୱରାଜ୍ୟ | |
| ପରୀକ୍ଷିତ | ଆତ୍ମବଳିଦାନ | ଆକସ୍ମିକ | ମଣିବନ୍ଧ | ରକ୍ତପାତ | ପଦାଘାତ |

# ଅଭ୍ୟାସକାର୍ଯ୍ୟ

**(୧) ଆସ, କଥାବାର୍ତ୍ତା ହେବା ।**

(କ) କେଉଁ ସ୍ଥାନରେ ଗାନ୍ଧିଜୀ ଲବଣ ଆଇନ୍ ଅମାନ୍ୟ କରିଥିଲେ ?

(ଖ) ପୁଲିସ୍ କେଉଁ ଲୋକମାନଙ୍କର ହାତ ମୋଡ଼ି ଦେଇଥିଲେ ?

(ଗ) ଲୁଣମରା ସ୍ଥାନରେ ସାମାନ୍ୟ ରକ୍ତପାତ ହେବାର କାରଣ କ'ଣ ଥିଲା ?

(ଘ) ଦେଖଣାହାରିମାନେ କାହିଁକି ଲୁଣମାଟି ସାଉଁଟିବା ଆରମ୍ଭ କରିଦେଲେ ?

**(୨) ଆସ, ଦୁଇ ବା ତିନୋଟି ବାକ୍ୟରେ ଉତ୍ତର ଲେଖିବା ।**

(କ) ପୁଲିସ୍‌ର ହୃଦୟ କିପରି ପରିବର୍ତ୍ତନ ହେବ ବୋଲି ଗାନ୍ଧିଜୀ କହିଥିଲେ ?

(ଖ) ଗାନ୍ଧିଜୀଙ୍କୁ ରାତି ଅଧରେ କେଉଁ ଖବର ମିଳିଥିଲା ?

(ଗ) ଆଟ୍ ଓ ଭୀମ୍‌ରୀଡ଼ରେ ଗାନ୍ଧିଜୀ କେଉଁ ଦୃଶ୍ୟ ଦେଖିଥିଲେ ?

(ଘ) କେଉଁ ନୀତି ଅବଲମ୍ବନ କଲେ ଭାରତ ନିକଟ ଭବିଷ୍ୟତରେ ସ୍ୱରାଜ୍ୟ ଫେରିପାଇବ ବୋଲି ଗାନ୍ଧିଜୀ ଆଶାପୋଷଣ କରିଥିଲେ ?

**(୩) ସରଳ ଭାଷାରେ ବୁଝାଇ ଲେଖିବା ।**

(କ) ଆମ ନିଜ ଦେହର ରକ୍ତପରି ଏ ଲୁଣ ଆମର ପ୍ରିୟ ।

(ଖ) ଆତ୍ମ ବଳିଦାନ ଓ ତ୍ୟାଗ ବିନା ଯେଉଁ ସ୍ୱାଧୀନତା ହାସଲ କରାଯାଏ, ତାହା ଚିରଞ୍ଜୀବୀ ହୋଇପାରେ ନାହିଁ।

**(୪) ଆସ, ତଳେ ଥିବା ଅନୁଚ୍ଛେଦଟିର ଶୂନ୍ୟସ୍ଥାନ ଗୁଡ଼ିକୁ ମନେପକାଇ ପୂରଣ କରିବା ।**

ଆତ୍ମବଳିଦାନ ଓ __________ ବିନା ଯେଉଁ __________ ହାସଲ କରାଯାଏ ତାହା __________ ହୋଇପାରେ ନାହିଁ । ସେଥିପାଇଁ ମୁଁ ଚାହେଁ ମୋ ଦେଶଲୋକେ ନିଜର __________ ସବୁଠାରୁ ବେଶି __________ କରିବାକୁ ପ୍ରସ୍ତୁତ ହୋଇ ଯାଆନ୍ତୁ । ପ୍ରକୃତ ତ୍ୟାଗ ବା __________ ଗୋଟିଏ ପକ୍ଷକୁ ସବୁ କଷ୍ଟ ସହିବାକୁ ପଡ଼େ । ଅନ୍ୟର ପ୍ରାଣ ନ ନେଇ ନିଜର __________ ଦେବା, ଜୀବନ ଦେଇ __________ ଲାଭ କରିବା କଳାରେ __________ ହେବାକୁ ପଡ଼େ । ଭଗବାନ ଭାରତକୁ ଏହି __________ ଦିଅନ୍ତୁ ।

**(୫) ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକୁ ଉପଯୁକ୍ତ କ୍ରମରେ ସଜାଇ ଆସ ବାକ୍ୟଗୁଡ଼ିକୁ ଆଉଥରେ ଲେଖିବା ।**

"ଆପଣମାନଙ୍କର ଛାତିରେ ଚାପିକରି ଅଛି ଅଧିକାର ପୂର୍ଣ୍ଣ ରଖିବାର କରିଛନ୍ତି ଆପଣମାନେ ସଂଗ୍ରହ ଲୁଣ ଯେଉଁ ତାକୁ ନିଜ । ହିଂସା ନୁହେଁ ଏହା, ଆମର ଲୁଣ ଏ ରକ୍ତ ପରି ଦେହର ନିଜ ଆମ ପ୍ରିୟ । ଧୈର୍ଯ୍ୟ ଓ କଷ୍ଟ ଆପଣଙ୍କ ଆଶା ମୋର ହୃଦୟ ପୁଲିସ୍‌ଙ୍କ ଶକ୍ତି ଦ୍ୱାରା ସହିବା ହେବ ପରିବର୍ତ୍ତନ । କରିଯିବା କାମ ନିଜ ଆପଣମାନେ ଜୋର୍‌ଜବରଦସ୍ତିକୁ ପୁଲିସ୍‌ର ଖାତିର ନକରି ଉଚିତ୍" ।

**(୬) ଆସ, ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକ ମଧ୍ୟରୁ ନିର୍ଭୁଲ ଶବ୍ଦ ଗୁଡ଼ିକୁ ବାଛି ଲେଖିବା ।**

(କ) ଚିରଞ୍ଜିବୀ, ଚୀରଞ୍ଜୀବି, ଚିରଞ୍ଜୀବୀ, ଚିରଞ୍ଜୀବି __________

(ଖ) ନିଶ୍ଚେସ୍ଟ, ନିସ୍‌ଚେଷ୍ଟ, ନିଶ୍ଚେଷ୍ଟ, ନିଷ୍ଚେଶ୍ଟ __________

(ଗ) ମନ୍ତ୍ରଶିଦ୍ଧି, ମନ୍ତ୍ରଷିଦ୍ଧି, ମନ୍ତ୍ରସିଦ୍ଧି, ମନ୍ତ୍ରସୀଦ୍ଧି __________

(ଘ) ନ୍ୟାୟମୁର୍ତି, ନେୟମୂର୍ତି, ନ୍ୟାୟମୂର୍ତ୍ତି, ନ୍ୟାୟମୁର୍ତ୍ତି __________

**(୭) ଆସ, ଅଭିଧାନ ଦେଖି ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକର ଅର୍ଥ ଲେଖିବା ।**

ସିଦ୍ଧହସ୍ତ, ମଣିବନ୍ଧ, ନ୍ୟାୟମୂର୍ତ୍ତି, ମନ୍ତ୍ରସିଦ୍ଧି, ଧାରଣା

**(୮) ଆସ, ତଳେ ଦିଆଯାଇଥିବା ଶବ୍ଦ ଗୁଡ଼ିକର ସନ୍ଧିବିଚ୍ଛେଦ କରି ଆଉ ଥରେ ଲେଖିବା ।**

ସାଧ୍ୟାନୁସାରେ, ନିର୍ଦ୍ଦୋଷ, ନିର୍ଭୟ, ନିଶ୍ଚେଷ୍ଟ, ପଦାଘାତ

**(୯) ତଳେ ଦିଆଯାଇଥିବା ବାକ୍ୟଗୁଡ଼ିକୁ ଉତ୍ତର ମନେକରି ଆସ ଏହାପାଇଁ ପ୍ରଶ୍ନ ତିଆରି କରିବା ।**

(କ) ଦାଣ୍ଡୀରେ ଗାନ୍ଧିଜୀ ଲବଣ ଆଇନ ଅମାନ୍ୟ କରିସାରିବା ପରେ ଚାରିଆଡ଼େ ଲବଣ ଆଇନ ଅମାନ୍ୟ କରିବାକୁ ନିର୍ଦ୍ଦେଶ ଦେଲେ ।

(ଖ) ଯେଉଁ ଗ୍ରାମବାସୀ ଦେଖଣାହାରୀ ଭାବରେ ସେଠାରେ ଥିଲେ ସେମାନେ ସମସ୍ତେ ହଠାତ୍ ସମୁଦ୍ରପନ୍ତାରେ ଲୁଣମାଟି ସାଉଁଟିବା ଆରମ୍ଭ କରିଦେଲେ ।

(ଗ) ଏପ୍ରିଲ୍ ନଅ ତାରିଖରେ ଗାନ୍ଧିଜୀ ସମଗ୍ର ଭାରତକୁ ଏହି ମର୍ମରେ ବାର୍ତ୍ତା ଦେଲେ ଯେ ଆଜି ରାତି ଅଧରେ ମୋତେ ଯେଉଁ ଖବର ମିଳିଛି ସେଥିରୁ ମୁଁ ଜାଣୁଛି ଯେ ଲୋକେ ମୋ କଥାକୁ ହୃଦୟରେ ଘେନିଛନ୍ତି ।

(ଘ) ଆତ୍ମ ବଳିଦାନ ଓ ତ୍ୟାଗ ବିନା ଯେଉଁ ସ୍ୱାଧୀନତା ହାସଲ କରାଯାଏ ତାହା ଚିରଞ୍ଜୀବୀ ହୋଇପାରେ ନାହିଁ ।

**(୧୦) ବାମପଟେ ଥିବା ଶବ୍ଦଗୁଡ଼ିକର ଅର୍ଥ କୋଠରି ଭିତରେ ଅଛି । ଆସ ତାକୁ ବାଛି ଲେଖିବା ଓ ମୂଳ ଶବ୍ଦକୁ ବାକ୍ୟରେ ବ୍ୟବହାର କରିବା ।**

ନିଶ୍ଚେଷ୍ଟ ________
ତକଲି ________
ଘାବରା ________
ଚିରଞ୍ଜୀବୀ ________
ପ୍ରତୀକ ________

ବିଚଳିତ, ଚିହ୍ନ, ଅମର,
ଚେଷ୍ଟାଶୂନ୍ୟ, ସୂତାକାଟିବାର ତାକୁଡ଼ି

________________________________________
________________________________________
________________________________________
________________________________________
________________________________________

**ତୁମପାଇଁ କାମ :**

୧। "ଭାରତର ସ୍ୱାଧୀନତା ଆନ୍ଦୋଳନରେ ଲବଣ ସତ୍ୟାଗ୍ରହର ଭୂମିକା" – ସଂପର୍କରେ ଶିକ୍ଷକ ଓ ଅଭିଭାବକଙ୍କ ସହ ଆଲୋଚନା କରି ଏକ ପ୍ରବନ୍ଧ ଲେଖ ।

୨। 'ଗୀତାପ୍ରବଚନ' ବହିଟି ସଂଗ୍ରହ କର ଓ ପଢ଼।

***

# ପ୍ରଗତି ଓ ମାନବ ଧର୍ମ

● ବୈଦ୍ୟନାଥ ମିଶ୍ର

**ଲେଖକ ପରିଚୟ :**

ଡ. ବୈଦ୍ୟନାଥ ମିଶ୍ର (୧୯୨୦)ଙ୍କ ଜନ୍ମ ଅବିଭକ୍ତ ପୁରୀ ଜିଲ୍ଲା ଦିବ୍ୟସିଂହପୁର(ବର୍ତ୍ତମାନ ଖୋର୍ଦ୍ଧା ଜିଲ୍ଲା) ଗ୍ରାମରେ । ସେ ଥିଲେ ଅର୍ଥନୀତି ବିଭାଗର ପ୍ରଫେସର । ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟର କୁଳପତି ଓ ରାଜ୍ୟ ଯୋଜନା ବୋର୍ଡ଼ର ଉପାଧ୍ୟକ୍ଷ ଭାବେ ସେ କାର୍ଯ୍ୟ କରିଛନ୍ତି । 'ସମାଜ ଓ ସଭ୍ୟତା', 'ଶାସନ ଓ ସଂସ୍କାର', 'ଆର୍ଥନୀତିକ ଯୋଜନା', 'ଭାରତର ଆର୍ଥନୀତିକ ସମସ୍ୟା' ଓ 'ସାମାଜିକ ମୂଲ୍ୟବୋଧ' ପ୍ରଭୃତି ତାଙ୍କ ରଚିତ କେତୋଟି ଗ୍ରନ୍ଥ । ତାଙ୍କ ପ୍ରବନ୍ଧଗୁଡ଼ିକରେ ବିଶ୍ଳେଷଣାତ୍ମକ ଦୃଷ୍ଟିଭଙ୍ଗୀ ସହିତ ଚିରନ୍ତନ ମୂଲ୍ୟବୋଧର ପ୍ରତିଫଳନ ଦେଖିବାକୁ ମିଳେ ।

ଆଲୋଚ୍ୟ ପ୍ରବନ୍ଧଟି ଲେଖକଙ୍କ 'ସାମାଜିକ ମୂଲ୍ୟବୋଧ' ପୁସ୍ତକରୁ ସଂଗୃହୀତ । ମନର ପ୍ରସାରଣ, ବ୍ୟାପକତା, ଆଧ୍ୟାତ୍ମିକତାର ସ୍ୱରୂପ ଏବଂ ଧର୍ମର ସଂକୀର୍ଣ୍ଣତା ସଂପର୍କରେ ଏହି ପ୍ରବନ୍ଧରେ ବିଶଦଭାବେ ଆଲୋଚନା କରାଯିବା ସଙ୍ଗେ ସଙ୍ଗେ ମାନବିକ ମୂଲ୍ୟବୋଧ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି ।

ଆଲବର୍ଟ ସ୍ୱାଇଜର (Albert Schweitzer) ନାମକ ଜନୈକ ବିଶିଷ୍ଟ ବୁଦ୍ଧିଜୀବୀ ପ୍ରଗତିର ସ୍ୱରୂପ ନିର୍ଣ୍ଣୟ କରି ସମାଜର ହିତ ଦୃଷ୍ଟିରୁ ତିନି ପ୍ରକାର ପ୍ରଗତି ଦରକାର ବୋଲି ମତ ପ୍ରକାଶ କରିଛନ୍ତି । ପ୍ରଥମ ହେଉଛି ଜ୍ଞାନ ଓ ପ୍ରବିଧି ବିଜ୍ଞାନର ପ୍ରସାର । ମନୁଷ୍ୟ ମନର ସଂକୀର୍ଣ୍ଣତା ଦୂର କରିବାପାଇଁ ଜ୍ଞାନ ଦରକାର ଓ ଉତ୍ପାଦନ ପ୍ରଣାଳୀର ଉନ୍ନତି କରିବା ପାଇଁ ପ୍ରବିଧିବିଜ୍ଞାନ (Technology) ଦରକାର । ବିନା ଜ୍ଞାନରେ ପ୍ରବିଧିବିଜ୍ଞାନର ପରିବର୍ତ୍ତନ ସହଜ ନୁହେଁ; କିନ୍ତୁ ବିନା ପ୍ରବିଧିବିଜ୍ଞାନରେ ଜ୍ଞାନର ପ୍ରସାର ଅସମ୍ଭବ ନୁହେଁ । ସେ ଯାହା ହେଉ, ଆମର ଦୃଷ୍ଟିକୋଣରେ ଆର୍ଥନୀତିକ ପ୍ରଗତିର ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଆମେ ଜ୍ଞାନ ଓ ପ୍ରବିଧିବିଜ୍ଞାନର ସମନ୍ୱୟ ଚାହୁଁଛୁ ।

ଦ୍ୱିତୀୟ ପ୍ରକାର ପ୍ରଗତି ହେଉଛି ମାନବ ସମାଜର ସାମାଜିକତା (Socialisation of man) । ମନୁଷ୍ୟ କେବଳ ନିଜପାଇଁ ବଞ୍ଚେ ନାହିଁ । ସମାଜପାଇଁ ମଧ୍ୟ ବଞ୍ଚେ । ସମାଜର ବ୍ୟାପକତା ମନୁଷ୍ୟ ହୃଦୟର ବ୍ୟାପକତା ଉପରେ ନିର୍ଭର କରେ । ଉଦାହରଣସ୍ୱରୂପ – ଯେ ନିଜ କଥା ବେଶି ଭାବେ, ସେ ନିଜର ଉନ୍ନତି ଚାହେଁ । ଯେ ନିଜଠାରୁ ଟିକିଏ ଉପରକୁ ଯିବାକୁ ଚାହେଁ, ସେ ପରିବାରର ଉନ୍ନତି ପ୍ରତି ଦୃଷ୍ଟି ଦିଏ; ଯା'ର ମନ ଆଉ ଟିକିଏ ବ୍ୟାପକ, ସେ ପଡ଼ୋଶୀମାନଙ୍କ ହିତ ଚିନ୍ତା କରେ । ଅର୍ଥାତ୍ ମନର ବ୍ୟାପକତା ଯା'ର ଯେତେ ଅଧିକ, ତା'ର ସାମାଜିକତା ସେତେ ଅଧିକ । ଏହି

ସାମାଜିକତା ବା ଅନ୍ୟର ଉନ୍ନତିପାଇଁ ଚିନ୍ତା କରିବା କେବଳ ଜ୍ଞାନ ବା ପ୍ରବିଧିବିଜ୍ଞାନ ଉପରେ ନିର୍ଭର କରେ ନାହିଁ - ଏଥିପାଇଁ ହୃଦୟର ପ୍ରସାରତା ବା ବ୍ୟାପକତା ଦରକାର । ତେଣୁ ଜ୍ଞାନର ପ୍ରଗତିଠାରୁ ଏହି ପ୍ରଗତି ଟିକିଏ ଭିନ୍ନ ।

ତୃତୀୟ ପ୍ରଗତି ହେଉଛି ଆଧ୍ୟାତ୍ମିକତା । ଆଧ୍ୟାତ୍ମିକତା କୌଣସି ଏକ ଧର୍ମ ନୁହେଁ । ଏହା ପ୍ରାଣ ବା ଆତ୍ମାର ବିକାଶ । ପ୍ରବିଧିବିଜ୍ଞାନ ଭୌତିକ ବସ୍ତୁର ବିକାଶରେ ସାହାଯ୍ୟ କରେ; ଆଧ୍ୟାତ୍ମିକତା ଆତ୍ମାର ବ୍ୟାପକତାରେ ସାହାଯ୍ୟ କରେ । ସେଥିପାଇଁ ଅନେକ ମନୀଷୀ ସମାଜର ପରିବର୍ତ୍ତନପାଇଁ ବିଜ୍ଞାନ ଓ ଆଧ୍ୟାତ୍ମିକତାର ସମନ୍ୱୟ ଚାହାନ୍ତି ।

ପ୍ରଗତିର ନାନାପ୍ରକାର ବିଭାଗ ଅଛି । କିନ୍ତୁ ଏହି ତିନୋଟି ବିଭାଗରେ ଯେଉଁ ସଂକଟ ଏବେ ସୃଷ୍ଟି ହୋଇଛି, ତାହା ଆଲୋଚନା କଲେ ମନରେ ସ୍ୱତଃ ପ୍ରଶ୍ନ ଉଠେ - ଆମେ ପ୍ରଗତି ଆଡ଼କୁ ଯାଉଛୁ ନା ପ୍ରତିଗମନ ଆଡ଼କୁ ଯାଉଛୁ ? ଏଥିରେ କୌଣସି ସନ୍ଦେହ ନାହିଁ ଯେ ଗତ ୫୦ ବା ୬୦ ବର୍ଷ ଭିତରେ ପ୍ରବିଧିବିଜ୍ଞାନରେ ଅନେକ ଉନ୍ନତି ହୋଇଛି ଏବଂ ଏହି ବିଜ୍ଞାନ ମଧ୍ୟ ଆର୍ଥନୀତିକ କ୍ଷେତ୍ରରେ ପ୍ରୟୋଗ କରାଯାଇ ଉତ୍ପାଦନ ବୃଦ୍ଧି କରାଯାଉଛି । କିନ୍ତୁ ଜ୍ଞାନ କ୍ଷେତ୍ରରେ ଯେଉଁ ସଂକୀର୍ଣ୍ଣତା ଦେଖାଯାଉଛି, ସେଥିରୁ ସ୍ପଷ୍ଟ ପ୍ରତୀୟମାନ ହେଉଛି ଯେ, ସଭ୍ୟତାର ମାନଦଣ୍ଡ ଏ ପର୍ଯ୍ୟନ୍ତ ବୃଦ୍ଧି ପାଇ ନାହିଁ ।

ଦୁଇ ହଜାର ବର୍ଷ ତଳର କଥା ଏବେ ବି ମନେ ପଡୁଛି । ସେତେବେଳେ ଚାଇନାରେ ସିଂହାତି ନାମକ ଜଣେ ସମ୍ରାଟ୍ ଥିଲେ । ତାଙ୍କୁ ମନ୍ତ୍ରୀମାନେ ପରାମର୍ଶ ଦେଲେ ଯେ ପ୍ରଜାମାନଙ୍କର ଅଧିକ ବିଦ୍ୟା ଅର୍ଜନ କରିବା ଉଚିତ ନୁହେଁ । ସେମାନେ ଯେତିକି ଅଧିକ ଜ୍ଞାନ ଆହରଣ କରିବେ ସେତିକି ଅଧିକ ସମାଲୋଚନା କରିବେ । ସେମାନଙ୍କର କାମ କରିବାର କଥା । ରାଜାଙ୍କୁ ଏହି ପରାମର୍ଶ ଭାରି ସୁଖ ଲାଗିଲା । ସେ ସୈନ୍ୟ ପଠାଇ ଦେଶରେ ଯେତେ ଲାଇବ୍ରେରୀ ଥିଲା, ସେଗୁଡ଼ିକୁ ଧ୍ୱଂସ କରିଦେଲେ । ଏପରିକି ବ୍ୟକ୍ତିଗତ ପୁସ୍ତକାଗାର ମଧ୍ୟ ଏଥିରୁ ରକ୍ଷା ପାଇଲା ନାହିଁ । ଯେଉଁମାନେ ବିରୋଧ କଲେ, ସେମାନଙ୍କୁ ନିର୍ମମ ଭାବରେ ହତ୍ୟା କରାଗଲା । କଥିତ ଅଛି, ଏହିପରି ଅନେକ ଲୋକଙ୍କର ରକ୍ତ, ମାଂସ ଓ ଅସ୍ଥିରେ ଚାଇନାର ବିରାଟ ପ୍ରାଚୀର ନିର୍ମିତ ହୋଇଥିଲା । ଚାଇନାର ଚାଓ ସରକାର ପୁଣି ସେହି ଇତିହାସର ପୁନରାବୃତ୍ତି ଆରମ୍ଭ କରିଥିଲେ । ସରକାରଙ୍କ ନିର୍ଦ୍ଦେଶରେ କନଫୁସିଅସ୍‌ଙ୍କର ଗ୍ରନ୍ଥସବୁ ଧ୍ୱଂସ କରି ଦିଆଗଲା । କନଫୁସିଅସ୍‌ଙ୍କର ମତବାଦ ଅଧ୍ୟୟନ କରିବା ଏକ ବିରାଟ ଅପରାଧ ବୋଲି ଗଣାଗଲା ।

ଏବେ ତ ସମାଜର କେତେକ ଗୋଷ୍ଠୀ ଅନ୍ୟମାନଙ୍କ ଅପେକ୍ଷା ଜ୍ଞାନ ଆହରଣରେ ଅଧିକ ସୁବିଧା ଓ ସୁଯୋଗ ଉପଭୋଗ କରୁଛନ୍ତି । କାରଣ ସମାଜରେ ଯେପରି ଭାବରେ ଆର୍ଥନୀତିକ ବିଭେଦ ଅଛି, ସେଥିରେ ଯେଉଁମାନେ ଅତି ଦରିଦ୍ର, ସେମାନଙ୍କର ଜ୍ଞାନ ଆହରଣର ସୁଯୋଗ ନାହିଁ । ଅନ୍ୟ ପକ୍ଷରେ ସ୍ୱାଧୀନ ଚିନ୍ତା ପ୍ରକାଶ ଓ ପରିବେଷଣରେ ଅସହିଷ୍ଣୁତା ଯୋଗୁଁ ଜ୍ଞାନର ସୀମା ମଧ୍ୟ ସଂକୁଚିତ ହୋଇଯାଉଛି ।

ଅନ୍ୟ ପକ୍ଷରେ ସଭ୍ୟତାର ଯେତିକି ଅଗ୍ରଗତି ହେଉଛି, ମନୁଷ୍ୟ ସେତିକିସେତିକି ସ୍ୱାର୍ଥପର ହୋଇ ପଡୁଚି । ଆମର ପୁରାତନ ସମାଜରେ ବ୍ୟକ୍ତି ଜୀବନ ଅପେକ୍ଷା ସାମାଜିକ ବା ଗୋଷ୍ଠୀଜୀବନ ପ୍ରତି ଅଧିକ ଗୁରୁତ୍ୱ ଦିଆଯାଉଥିଲା । ଏବେ ମଧ୍ୟ ତା'ର କେତେକ ସନ୍ତକ ଆମ ସମାଜରେ ଅଛି । ଉଦାହରଣସ୍ୱରୂପ - ସଂଯୁକ୍ତ ପରିବାର, ଜାତିଆଣ ପ୍ରଥା ଓ ଗ୍ରାମ୍ୟଜୀବନ ଗୋଷ୍ଠୀ ଜୀବନର ଏକଏକ ନିଦର୍ଶନ । କିନ୍ତୁ ଏ ସବୁ ଏତେ ବିପଥଗାମୀ ହୋଇ ପଡ଼ିଛନ୍ତି ଯେ ସେଥିରେ ଗୋଷ୍ଠୀ ଜୀବନର ସତ୍ତା ନାହିଁ । ପରିବାର ରହିଛି, କିନ୍ତୁ ସେଥିରେ ପରସ୍ପର ପ୍ରତି ଶ୍ରଦ୍ଧା ବା ଭକ୍ତି ନାହିଁ । ଗ୍ରାମ ରହିଛି, କିନ୍ତୁ ପ୍ରତ୍ୟେକ ଗ୍ରାମରେ କଳହ ଗ୍ରାମ୍ୟ ଜୀବନକୁ କଳୁଷିତ କରି ପକାଇଛି । ଜାତି ତ ସଂକୀର୍ଣ୍ଣ ସ୍ୱାର୍ଥପାଇଁ ବିଚାର କରାଯାଉଛି । ଅଶିକ୍ଷା ଓ ଦାରିଦ୍ର୍ୟ ଯୋଗୁଁ ଗୋଷ୍ଠୀଜୀବନ କଳୁଷିତ ହୋଇ ପଡ଼ିଛି । ପାଶ୍ଚାତ୍ୟ ସଭ୍ୟତା ତ ବ୍ୟକ୍ତି

ସଭ୍ୟତା । ସେଥିରେ ପ୍ରତ୍ୟେକେ ନିଜପାଇଁ, ନିଜର ଉନ୍ନତିପାଇଁ ଉଦ୍ୟମ କରନ୍ତି । ରାସ୍ତା, ଘାଟ ଓ ଯାନବାହନର ଯେତିକି ଅଧିକ ଉନ୍ନତି ହେଉଛି, ଆମେ ପରସ୍ପର ବିଷୟରେ ସେତିକି ଅଧିକ ସନ୍ଦିହାନ ହୋଇ ପଡୁଛୁ । ପୂର୍ବରୁ ଦିଲ୍ଲୀରୁ ଲଣ୍ଡନକୁ ଯିବାକୁ ହୁଏତ ମାସମାସ ଲାଗୁଥିଲା – ଏବେ ଜଣେ ୧୨/୧୩ ଘଣ୍ଟାରେ ଲଣ୍ଡନରେ ଯାଇ ପହଞ୍ଚିପାରୁଛି । କିନ୍ତୁ ଏହି ଯିବାରେ ଏତେ କଟକଣା ଯେ ମାସମାସ ଧରି ଚେଷ୍ଟା ନ କଲେ ଦିଲ୍ଲୀରୁ ଲଣ୍ଡନ ଯିବାପାଇଁ ଅନୁମତି ମିଳୁ ନାହିଁ । ମୋଟ ଉପରେ ଆମର ଶିକ୍ଷା, ସଭ୍ୟତା ଓ ସଂସ୍କୃତି ଆମର ସାମାଜିକ ମନୋଭାବକୁ ବୃଦ୍ଧି ନ କରି ଆମକୁ ବ୍ୟକ୍ତିକୈନ୍ଦ୍ରିକ କରି ପକାଉଛି । ଏହାହିଁ ବିଂଶ ଶତାବ୍ଦୀ ସଭ୍ୟତାର ସବୁଠାରୁ ବଡ଼ ଦୋଷ ।

ଆଧ୍ୟାତ୍ମିକତା ବିଷୟରେ ଆମର ବେଶି କିଛି ଧାରଣା ନାହିଁ । ତେବେ ଆଧ୍ୟାତ୍ମିକତାର ମୌଳିକ ବିଷୟ ହେଉଛି ଯେ ମନୁଷ୍ୟ କେବଳ ବିଷୟାସକ୍ତ ନ ହୋଇ ପ୍ରାଣ ବା ଆତ୍ମା ବିଷୟରେ କିଛି ଧ୍ୟାନ ଦେବ । ଧର୍ମଟା ପୂରାପୂରି ବ୍ୟକ୍ତିଗତ । ଆମର ତ ଧାରଣା ଯେ ଜଣେ କୌଣସି ଏକ ଧର୍ମରେ ବିଶ୍ୱାସ ନ କରି ମଧ୍ୟ ସାମାଜିକ ସହୃଦୟତା ହାସଲ କରିପାରିବ । ବରଂ ଭିନ୍ନଭିନ୍ନ ଦେଶରେ ଧର୍ମକୁ ନେଇ ଯେଉଁ ବାଦ ବିସମ୍ବାଦ ସୃଷ୍ଟି ହେଉଛି, ସେଥିରେ କୌଣସି ଏକ ଧର୍ମକୁ ଗ୍ରହଣ ନ କଲେ ସମାଜର ବେଶି କିଛି କ୍ଷତି ହେବ ନାହିଁ । ନିଜର ସୀମା ନିର୍ଣ୍ଣୟ କରିବାପାଇଁ ଭଗବାନଙ୍କର ଅସ୍ତିତ୍ୱ ସ୍ୱୀକାର କରାଯାଏ । କାରଣ ଏହା ଫଳରେ ମନୁଷ୍ୟ ବେପରୁଆ ହେବାପାଇଁ ସୁଯୋଗ ପାଏ ନାହିଁ । ଏହା ବ୍ୟତୀତ ନିଜର ଦୁଃଖ ଓ ଦୁର୍ବିପାକ ବେଳେ ଭଗବାନଙ୍କର ଆଶ୍ରା ମନୁଷ୍ୟକୁ ସାହସ ଓ ସାନ୍ତ୍ୱନା ଦିଏ । କିନ୍ତୁ ଏହି ଧର୍ମ ଏବେ ମତାନ୍ଧତା ସୃଷ୍ଟି କରି ସାମାଜିକ ବିଭେଦ ସୃଷ୍ଟି କରୁଛି । ତେଣୁ ଆମେ ଧର୍ମ କଥା ନ କହି ଆଧ୍ୟାତ୍ମିକ ଚିନ୍ତା କଥା ଉଲ୍ଲେଖ କରୁଛୁ । ଜଡ଼ବାଦରେ ଭୌତିକ ବସ୍ତୁ ଉପରେ ବେଶି ଗୁରୁତ୍ୱ ଦିଆଯାଏ । ଏହା ଫଳରେ ମନୁଷ୍ୟ ସ୍ୱାର୍ଥପର ହୋଇପଡ଼େ । ଆଧ୍ୟାତ୍ମିକବାଦ ଜଡ଼ବାଦର ବିଷୟାସକ୍ତିକୁ ନିୟନ୍ତ୍ରଣ କରି ମନୁଷ୍ୟର ମନକୁ ବ୍ୟାପକ କରେ । କିନ୍ତୁ ଆଧୁନିକ ସଭ୍ୟତାରେ ଜଡ଼ବାଦ ଉପରେ ଏତେ ଗୁରୁତ୍ୱ ଦିଆଯାଉଛି ଯେ, ମନୁଷ୍ୟର ମନ ବ୍ୟାପକ ନ ହୋଇ ଦିନକୁ ଦିନ ସଂକୀର୍ଣ୍ଣ ହୋଇପଡୁଛି ।

ମୋଟ ଉପରେ ପ୍ରଗତି ନାମରେ ଏବେ ଯେଉଁ ସବୁ ଉଦ୍ୟମ ହେଉଛି, ତାହା ଭୌତିକ ଉନ୍ନତି ଦିଗରେ ସାହାଯ୍ୟ କରୁଛି । ସେଥିରେ ମଧ୍ୟ ସମସ୍ତେ ସମାନ ସୁବିଧା ଓ ସୁଯୋଗ ପାଉ ନାହାନ୍ତି । କିନ୍ତୁ ଏହା ଫଳରେ ସାମାଜିକ ସହୃଦୟତା ବୃଦ୍ଧି ପାଉ ନାହିଁ । ସେଥିପାଇଁ ସମାଜରେ ନାନାପ୍ରକାର ସଂଘର୍ଷ ଦେଖିବାକୁ ମିଳୁଛି । ଏହି ସଂଘର୍ଷକୁ ଦୂର କରିବାକୁ ହେଲେ ଆମର ଆଭିମୁଖ୍ୟକୁ ପରିବର୍ତ୍ତିତ କରିବାକୁ ପଡ଼ିବ, ସଭ୍ୟତାର ମାନଦଣ୍ଡକୁ ବଦଳାଇବାକୁ ପଡ଼ିବ, ମାନବ ଧର୍ମ ଉପରେ ବେଶି ଗୁରୁତ୍ୱ ଦେବାକୁ ପଡ଼ିବ । ବର୍ତ୍ତମାନ ସମୟ ଆସିଛି, ଯେତେବେଳେ ଚିନ୍ତାଶୀଳ ଲୋକମାନେ ଏ ଦିଗରେ କିଛି ମନ ଦେବା ଉଚିତ ।

**ସୂଚନା :**

ଆଲବର୍ଟ୍ ସ୍ୱାଇଜର – ଦକ୍ଷିଣ-ପୂର୍ବ ଫ୍ରାନ୍ସ ଓ ଦକ୍ଷିଣ-ପଶ୍ଚିମ ଜର୍ମାନୀ ସୀମାସ୍ଥ ଏକ ଛୋଟ ସହରରେ ୧୮୭୫ ଖ୍ରୀ.ରେ ଆଲବର୍ଟ୍ ସ୍ୱାଇଜରଙ୍କ ଜନ୍ମ । ପଶ୍ଚିମ ଆଫ୍ରିକାର ଲାମ୍ବେରିନ୍ ଚିକିତ୍ସା କେନ୍ଦ୍ରର ପ୍ରତିଷ୍ଠାତା । ଶାନ୍ତି ଓ ବନ୍ଧୁତାପାଇଁ ସେ ନୋବେଲ ପୁରସ୍କାର ପାଇଛନ୍ତି । ଡାକ୍ତର ହିସାବରେ ସକଳ କାର୍ଯ୍ୟବ୍ୟସ୍ତତା ସତ୍ତ୍ୱେ ଦର୍ଶନ ଓ ଇତିହାସ ବିଷୟରେ ପ୍ରାୟ ପନ୍ଦରଗୋଟି ଗ୍ରନ୍ଥର ସେ ରଚୟିତା ।

| | | |
|---|---|---|
| ମନୀଷୀ | - | ମେଧାବୀ, ପଣ୍ଡିତ |
| କଳୁଷିତ | - | ଗୋଳିଆ, ମଳିନ |
| ଦୁର୍ବିପାକ | - | ଦୁର୍ଯୋଗ, ପ୍ରାକୃତିକ ବିପର୍ଯ୍ୟୟ, ଦୈବୀଦୁର୍ଦ୍ଦଶା |
| ଜଡ଼ | - | ଅଚେତନ, ନିସ୍ତେଜ |
| ଭୌତିକ | - | ଭୂତ ବା ମୌଳିକବସ୍ତୁ ସମ୍ବନ୍ଧୀୟ, (ଭୂତ+ଇକ)<br>(ମାଟି, ପାଣି, ତେଜ, ପବନ, ବ୍ୟୋମ ପଞ୍ଚ ମହାଭୂତ) |
| ଚିନ୍ତାଶୀଳ | - | ଭାବନାପରାୟଣ, ଚିନ୍ତାଦ୍ୱାରା ସମାଧାନ କରିବାରେ ଦକ୍ଷ, ବିଚାରବନ୍ତ |
| ଆଭିମୁଖ୍ୟ | - | ଲକ୍ଷ୍ୟ, ଉଦ୍ଦେଶ୍ୟ |
| କନ୍‌ଫୁସିଅସ୍ | - | ଚୀନ୍ ଦେଶର ଜଣେ ବିଖ୍ୟାତ ଦାର୍ଶନିକ |
| ଜଡ଼ବାଦ | - | ଜଡ଼ ପ୍ରକୃତି ହିଁ ଏକମାତ୍ର ସତ୍ୟ - ଏହା ଉପରେ ଗୁରୁତ୍ୱ ଦେଇ ଗଢ଼ିଉଠିଥିବା ମତବାଦ । |

**ଆସ ଜାଣିବା କେତୋଟି ନୂତନ ଶବ୍ଦ**

ଜନୈକ, ପ୍ରତୀୟମାନ, ବେପରୁଆ, ମତାନ୍ଧତା, ପ୍ରତିଗମନ, ପ୍ରବିଧିବିଜ୍ଞାନ

# ଅଭ୍ୟାସକାର୍ଯ୍ୟ

## (୧) ଆସ, କଥାବାର୍ତ୍ତା ହେବା ।

(କ) ଆଲବର୍ଟ ସ୍ୱାଇଜର କିଏ ?

(ଖ) ସମାଜର ହିତ ନିମନ୍ତେ କ'ଣ ଦରକାର ବୋଲି ସେ କହିଛନ୍ତି ?

(ଗ) ଆମେ କେଉଁକ୍ଷେତ୍ରରେ ସମନ୍ୱୟ ଚାହୁଁଛୁ ?

(ଘ) ପାଶ୍ଚାତ୍ୟ ସଭ୍ୟତାର ଲକ୍ଷଣ କ'ଣ ବୋଲି ଲେଖକ କହିଛନ୍ତି ?

(ଙ) ଆଧ୍ୟାତ୍ମିକତାର ମୌଳିକ ବିଷୟଟି କ'ଣ ?

## (୨) ଆସ, ଦୁଇ ବା ତିନୋଟି ବାକ୍ୟରେ ଉତ୍ତର ଲେଖିବା ।

(କ) ଜ୍ଞାନ ଓ ପ୍ରବିଧିବିଜ୍ଞାନ ଉଭୟ ପରସ୍ପରର ପରିପୂରକ ସମ୍ପର୍କରେ ଲେଖକ କି ମତ ଦେଇଛନ୍ତି ?

(ଖ) ମନୁଷ୍ୟର ସାମାଜିକତା ବ୍ୟାପକ ହୋଇପାରିବା ସମ୍ପର୍କରେ ଲେଖକ କି ମତ ଦେଇଛନ୍ତି ?

(ଗ) ଗ୍ରାମ୍ୟଜୀବନ କଳୁଷିତ ହେବାର କାରଣ କ'ଣ ?

(ଘ) ଲେଖକ ଧର୍ମକଥା ନ କହି ଆଧ୍ୟାତ୍ମିକ କଥା କାହିଁକି ଉଲ୍ଲେଖ କରିଛନ୍ତି ?

(ଙ) ବର୍ତ୍ତମାନ ସମାଜରେ ନାନାପ୍ରକାର ସଂଘର୍ଷ ଦୂର କରିବାକୁ ହେଲେ ଆମକୁ କ'ଣ କରିବାକୁ ପଡ଼ିବ ?

**(୩) ଆସ, ୧୦୦ରୁ ୧୨୦ ଶବ୍ଦ ମଧ୍ୟରେ ତଳଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖିବା ।**

(କ) ଆଲବର୍ଟ ସ୍ୱାଇଜର ପ୍ରଦାନ କରିଥିବା ପ୍ରଗତିର ତିନିଗୋଟି ସ୍ୱରୂପ ବର୍ଣ୍ଣନା କରି ଲେଖ।

(ଖ) ସଭ୍ୟତାର ମାନଦଣ୍ଡ ବଦଳାଇବାନିମନ୍ତେ ସମଗ୍ର ମାନବ ଜାତିର କି ପ୍ରକାର ଦାୟିତ୍ୱ ରହିଛି ?

**(୪) ଆସ, ସରଳ ଭାଷାରେ ବୁଝାଇ ଲେଖିବା।**

(କ) ସମାଜର ବ୍ୟାପକତା ହୃଦୟର ବ୍ୟାପକତା ଉପରେ ନିର୍ଭର କରେ ।

(ଖ) ମନୁଷ୍ୟ କେବଳ ନିଜପାଇଁ ବଞ୍ଚେ ନାହିଁ । ସମାଜପାଇଁ ମଧ୍ୟ ବଞ୍ଚେ ।

(ଗ) ଆଧ୍ୟାତ୍ମିକବାଦ ଜଡ଼ବାଦର ବିଷୟାସକ୍ତିକୁ ନିୟନ୍ତ୍ରଣକରି ମନୁଷ୍ୟର ମନକୁ ବ୍ୟାପକ କରେ ।

**(୫) ଆସ, ପ୍ରବନ୍ଧଟିକୁ ଅନୁଚ୍ଛେଦ ଅନୁଯାୟୀ ଜଣଜଣ କରି ଉଚ୍ଚ ପଠନ କରିବା ।**

**(୬) ଆସ, ତଳଲିଖିତ ଶବ୍ଦର ଅର୍ଥ ଅଭିଧାନରୁ ଖୋଜିବାହାରକରି କୋଠରିରେ ଲେଖିବା ।**

ଜନୈକ - [ ]

ପ୍ରତୀୟମାନ - [ ]

ବେପରୁଆ - [ ]

ମତାନ୍ଧତା - [ ]

ସମନ୍ୱୟ - [ ]

ଆହରଣ - [ ]

**(୭) ତଳେ ଦିଆଯାଇଥିବା ବିଶେଷଣ ପଦଗୁଡ଼ିକୁ ବିଶେଷ୍ୟ ପଦରେ ପରିଣତ କରିବା ।**

ଆଧ୍ୟାତ୍ମିକ, ସାଂସ୍କୃତିକ, ଭୌତିକ, ଗ୍ରାମ୍ୟ,

| | | | |
|---|---|---|---|
| | | | |

**(୮) ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକୁ ବ୍ୟବହାର କରି ଗୋଟିଏ ଲେଖାଏଁ ବାକ୍ୟ ଲେଖିବା ।**

ପ୍ରଗତି, ସମନ୍ୱୟ, ସାନ୍ତ୍ୱନା, ବ୍ୟାପକ, ଆହରଣ

**(୯) ଅଧ୍ୟାତ୍ମ + ଇକ = ଆଧ୍ୟାତ୍ମିକ । ଏହି ପ୍ରବନ୍ଧରେ ଥିବା 'ଇକ' ପ୍ରତ୍ୟୟ ଯୋଗରେ ଗଠିତ ଶବ୍ଦମାନଙ୍କର ଗୋଟିଏ ତାଲିକା କରିବା ।**

**(୧୦) ଯେ ବିଷୟରେ ଆସକ୍ତ, ତାହାକୁ ଗୋଟିଏ ଶବ୍ଦରେ କୁହାଯାଏ 'ବିଷୟାସକ୍ତ' । ସେହିପରି କ'ଣ ହେବ ଆସ ଲେଖିବା ।**

(କ) ଯେ ନିଦ୍ରାରେ ଆସକ୍ତ [ ]

(ଖ) ଯେ ଲୋଭରେ ଆସକ୍ତ [ ]

(ଗ) ଯେ ମୋହରେ ଆସକ୍ତ [ ]

**(୧୧) ଆସ, ପାଠ ଆଧାରରେ ଶୂନ୍ୟସ୍ଥାନ ପୂରଣ କରିବା ।**

(କ) ମନର ବ୍ୟାପକତା ଯା'ର ଯେତେ ଅଧିକ, ______ ।

(ଖ) ପ୍ରବିଧି ବିଜ୍ଞାନ ଭୌତିକ ବସ୍ତୁର ବିକାଶରେ ସାହାଯ୍ୟ କରେ; ଆଧ୍ୟାତ୍ମିକତା ______ ।

(ଗ) ସେମାନେ ଯେତିକି ଅଧିକ ଜ୍ଞାନ ଆହରଣ କରିବେ ______ ।

**(୧୨) ତଳେ ଦିଆଯାଇଥିବା ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି କୋଠରିମଧ୍ୟରେ ଲେଖିବା ।**

(କ) ପୁସ୍ତକା + ଗାର (ଖ) ପୁସ୍ତକ + ଗାର

(ଗ) ପୁସ୍ତକ + ଆଗାର (ଘ) ପୁସ୍ତକା + ଆଗାର

[ ] = ପୁସ୍ତକାଗାର

**(୧୩) ଭୁଲଥିବା ଶବ୍ଦଗୁଡ଼ିକୁ ଠିକ୍ କରି ତା' ପାଖରେ ଲେଖିବା।**

| | |
|---|---|
| ଭୁମିକା - | ଧ୍ୱସଂ - |
| ଗୋଷ୍ଠି - | ଶତାବ୍ଦୀ - |
| ଅସହିଷ୍ଣୁତା - | ସାହାସ - |
| ସାହାର୍ଯ୍ୟ - | ସ୍ୱାନ୍ତନା - |

**ତୁମପାଇଁ କାମ :**

(କ) ସମାଜର ଉପକାର ପାଇଁ କାର୍ଯ୍ୟ କରିଥିବା ଦୁଇଜଣ ବ୍ୟକ୍ତିଙ୍କ ବିଷୟରେ ଦୁଇଟି ଅନୁଚ୍ଛେଦ ଲେଖ ।

(ଖ) ପ୍ରବିଧିବିଜ୍ଞାନ (Technology)ର ଉନ୍ନତି ଯୋଗୁଁ ଏବେ ଲୋକମାନେ ପାଉଥିବା ଉପକାର ବର୍ଣ୍ଣନା କରି ସାନଭାଇ ପାଖକୁ ଚିଠିଟିଏ ଲେଖ ।

(ଗ) ତୁମ ଘର ଚାରିପାଖ ଲୋକଙ୍କ ଜୀବନଯାପନ ପ୍ରଣାଳୀ ସଂପର୍କରେ ଅନୁଧ୍ୟାନ କରି ଶିକ୍ଷଣୀୟ କଥାଗୁଡ଼ିକୁ ଲେଖି ସାଙ୍ଗମାନଙ୍କ ସହ ଶ୍ରେଣୀରେ ଆଲୋଚନା କର ।

***

IH1DRB

# ବୈଜ୍ଞାନିକ ମନୋବୃତ୍ତି

● ଶରତ କୁମାର ମହାନ୍ତି

**ଲେଖକ ପରିଚୟ :**

ଶରତ କୁମାର ମହାନ୍ତି (୧୯୩୮-୨୦୦୬)ଙ୍କ ଜନ୍ମସ୍ଥାନ ଜରିପଡ଼ା, କଟକ । ଜଣେ ଚିନ୍ତାଶୀଳ ପ୍ରାବନ୍ଧିକ ଭାବରେ ସୁପରିଚିତ । ଗଣିତଶାସ୍ତ୍ରର ଅଧ୍ୟାପକ ଭାବରେ କର୍ମଜୀବନ । ସେ ଧର୍ମ, ଦର୍ଶନ, ସାହିତ୍ୟ, ମନସ୍ତତ୍ତ୍ୱ, ଇତିହାସ, ସଂସ୍କୃତି, ବିଜ୍ଞାନ ଇତ୍ୟାଦି ବହୁବିଧ ବିଷୟରେ ପ୍ରବନ୍ଧ ଓ ସମାଲୋଚନା ଗ୍ରନ୍ଥ ରଚନା କରିଛନ୍ତି । 'ଆକାଶର ଆହ୍ୱାନ', 'ସକ୍ରେଟିସ୍ ଓ ପ୍ଲେଟୋ', 'ଅସ୍ତିତ୍ୱବାଦର ମର୍ମକଥା', 'ବିଜ୍ଞାନଦୃଷ୍ଟି', 'ସଂସ୍କୃତି ଅପସଂସ୍କୃତି', 'ଗାନ୍ଧିମଣିଷ' ପ୍ରଭୃତି ତାଙ୍କ ରଚିତ କେତୋଟି ପୁସ୍ତକ ।

'ବୈଜ୍ଞାନିକ ମନୋବୃତ୍ତି' ପ୍ରବନ୍ଧଟି ଲେଖକଙ୍କ ରଚିତ 'ବିଜ୍ଞାନଦୃଷ୍ଟି' ପୁସ୍ତକରୁ ସଂଗୃହୀତ । ଏହି ପ୍ରବନ୍ଧରେ ବିଜ୍ଞାନମନସ୍କତା, ଅନାସକ୍ତ ଭାବ, ଯୁକ୍ତିଯୁକ୍ତତା ଓ ଅନ୍ୟମାନଙ୍କ ପ୍ରଭାବରୁ ମୁକ୍ତ ରହି ବିଚାର କରିବା ଭଳି ବିରଳ ଗୁଣର ଭାବଧର୍ମ ସଂପର୍କରେ ଆଲୋଚନା କରାଯାଇଅଛି ।

**କୌ**ଣସି କଥା ବିଚାର କଲାବେଳେ କଅଣ ହେଲେ ଭଲ ହୁଅନ୍ତା ବା ନିଜକୁ ଆନନ୍ଦ ମିଳନ୍ତା, ଏ ପ୍ରକାର ଇଚ୍ଛାକୁ ଦମନ କରି, ଅନାସକ୍ତ ଭାବେ କେବଳ ଯୁକ୍ତିଯୁକ୍ତ କାରଣ ସହିତ ବିଚାର କରିବା ବୈଜ୍ଞାନିକ ମନୋବୃତ୍ତିର ପରିଚୟ ଦିଏ । ବୈଜ୍ଞାନିକ ମନୋବୃତ୍ତି ସମ୍ବନ୍ଧରେ ପ୍ରଥମରୁ ଏପରି ଧାରଣା ହେବାଦ୍ୱାରା ଅନେକେ ଏହାର ଗୁରୁତ୍ୱ ଅନୁଭବ ନ କରିବା ସମ୍ଭବ । ପ୍ରତ୍ୟେକ ବ୍ୟକ୍ତି ତା'ର କଥାକୁ ଯୁକ୍ତିଯୁକ୍ତ ବୋଲି ଭାବୁଥିବାରୁ ବୈଜ୍ଞାନିକ ମନୋବୃତ୍ତିର ଗୁରୁତ୍ୱ ନ ବୁଝିବା ସ୍ୱାଭାବିକ । ମାତ୍ର ଟିକିଏ ଚିନ୍ତା କଲେ ଜଣାପଡ଼ିବ ଯେ ଯଦିଚ ବୈଜ୍ଞାନିକ ମନୋଭାବ ଏପରି ସାଧାରଣ ବୋଲି ଜଣାପଡୁଛି - ବୈଜ୍ଞାନିକ ମନୋଭାବ ଥିବା ବ୍ୟକ୍ତି ଅତି ବିରଳ । ପ୍ରଭାବଶାଳୀ ବ୍ୟକ୍ତି ଓ ଶାସ୍ତ୍ରର ମତ ସବୁ ଅନ୍ଧଭାବେ ଗ୍ରହଣ ନ କରି, କୌଣସି ବ୍ୟାବସାୟିକ ଲାଭକ୍ଷତିର ଆଶା ନ ରଖି ଓ ନିଜର ବ୍ୟକ୍ତିଗତ ଇଚ୍ଛାକୁ ଜଳାଞ୍ଜଳି ଦେଇ, କେବଳ ସତ୍ୟର ଉଦ୍‌ଘାଟନପାଇଁ ନିରପେକ୍ଷ ଭାବେ ବିଚାର କରିବାର ଇଚ୍ଛା, ଶିକ୍ଷା ଓ ଶକ୍ତି ଅତି ଅଳ୍ପ ଲୋକଙ୍କର ଥାଏ । ଜଣେ ବିଜ୍ଞାନଶିକ୍ଷକଙ୍କ କଥା ଦେଖନ୍ତୁ । କ୍ଲାସରେ ପଢ଼ାଇଲାବେଳେ କିପରି କହିଲେ ଛାତ୍ରମାନେ ବୁଝିବେ ଓ ସେମାନଙ୍କର ଚିନ୍ତାଧାରାର ବିକାଶ ହେବ, ଏ ସମ୍ବନ୍ଧରେ ସେ ଧୀରସ୍ଥିର ଭାବେ ଭାବିଚିନ୍ତି ପଢ଼ାନ୍ତି । କେହି ଛାତ୍ର ପ୍ରଶ୍ନ ପଚାରିଲେ ସେ ବିରକ୍ତ ନ ହୋଇ ବରଂ ପ୍ରଶ୍ନ ପଚାରିବାକୁ ଉତ୍ସାହିତ କରନ୍ତି ଓ ସବୁ ପ୍ରଶ୍ନର ଉତ୍ତର ଭାବିଚିନ୍ତି

ଦିଅନ୍ତି । କ୍ଲାସ ବାହାରେ ସେହି ଶିକ୍ଷକଙ୍କ ସହିତ ରାଜନୀତି ବା ଧର୍ମ ସମ୍ପର୍କରେ କିଛି ଆଲୋଚନା କରନ୍ତୁ । ହୁଏତ ଦେଖିବେ, କ୍ଲାସରେ ଶିକ୍ଷକ ଧୈର୍ଯ୍ୟର ସହିତ ଭାବିଚିନ୍ତି ଓ ଯୁକ୍ତିଦ୍ୱାରା ଛାତ୍ରମାନଙ୍କୁ ଯେପରି ବୁଝାଉଥିଲେ ସେ ମନୋଭାବ ଆଉ ନାହିଁ । ବର୍ତ୍ତମାନ ସେ ଧୀରସ୍ଥିର ଭାବେ ଯୁକ୍ତିଯୁକ୍ତ କାରଣ ସହିତ କୌଣସି କଥା କହିବାକୁ ବା ଶୁଣିବାକୁ ପ୍ରସ୍ତୁତ ନୁହନ୍ତି । ଧର୍ମ ବା ରାଜନୀତି ସମ୍ପର୍କରେ ତାଙ୍କର ବ୍ୟକ୍ତିଗତ ମତ ଉପରେ ସନ୍ଦେହ ପ୍ରକାଶ କଲେ ଓ ଏ ବିଷୟରେ ଯୁକ୍ତି କଲେ ସେ ବିରକ୍ତ ହେଉଛନ୍ତି, ରାଗୁଛନ୍ତି ଓ କୌଣସି ଉପାୟରେ ନିଜର ମତାମତ ସବୁ ଠିକ୍ ବୋଲି ପ୍ରମାଣ କରିବାକୁ ଚେଷ୍ଟା କରୁଛନ୍ତି । ଏଥିରୁ ଜଣାଗଲା ଯେ ସେ ବିଜ୍ଞାନକୁ ବୈଜ୍ଞାନିକ ଦୃଷ୍ଟିକୋଣରୁ ବିଚାର କଲେ ମଧ୍ୟ ଧର୍ମ ବା ରାଜନୀତି ସମ୍ପର୍କରେ ସମ୍ପୂର୍ଣ୍ଣ ଅବୈଜ୍ଞାନିକ ।

ଜଣେ ବ୍ୟକ୍ତି କେତେକ ପ୍ରଶ୍ନ ବୈଜ୍ଞାନିକ ଦୃଷ୍ଟିକୋଣରୁ ବିଚାର କଲାବେଳେ ଆଉ କେତେକ ପ୍ରଶ୍ନ ସମ୍ବନ୍ଧରେ ତାଙ୍କର ମତାମତ ଏପରି ଅବୈଜ୍ଞାନିକ ହୁଏ କାହିଁକି ? ଏହାର କାରଣ, ଆମର ବିଶ୍ୱାସସବୁ ବ୍ୟକ୍ତିଗତ ଇଚ୍ଛାଦ୍ୱାରା ପ୍ରଭାବିତ । କେତେଗୁଡ଼ିଏ ବିଶ୍ୱାସର ଯୁକ୍ତିଯୁକ୍ତ କାରଣ ଥିଲେ ମଧ୍ୟ ଆମର ଅଧିକାଂଶ ବିଶ୍ୱାସ କେବଳ ଦିବାସ୍ୱପ୍ନ । ଯେଉଁ କେତୋଟି କଥାର ଯୁକ୍ତିଯୁକ୍ତ କାରଣ ଥାଏ, ସେଗୁଡ଼ିକ ଆମର ବ୍ୟକ୍ତିଗତ ଇଚ୍ଛାର ସପକ୍ଷରେ ଥିବାରୁ ଏପରି ହୁଏ । ମନୋବୈଜ୍ଞାନିକ ବା ଦାର୍ଶନିକମାନଙ୍କ ବିଚାରକୁ ବାଦ୍ ଦେଲେ ମଣିଷର ବିଶ୍ୱାସଗୁଡ଼ିକ ଭିତ୍ତିହୀନ ମଧୁର-ସ୍ୱପ୍ନ ବୋଲି ସାଧାରଣ ଭାବେ ଲକ୍ଷ୍ୟ କଲେ ଆମେ ଜାଣିପାରିବା । ଅଧିକାଂଶ ଲୋକଙ୍କର ନିଜର, ନିଜ ପରିବାରର, ନିଜ ଜାତି ଓ ଦେଶ ସମ୍ବନ୍ଧରେ ଆତ୍ମସନ୍ତୋଷ ଲାଭ କଲାପରି ଅନେକ ବିଶ୍ୱାସ ଥାଏ । ନିଜକୁ ବୁଦ୍ଧିମାନ୍, ବିଚାରଶୀଳ ଓ ନିଜର ମତାମତକୁ ନିର୍ଭୁଲ ବୋଲି ଅଧିକାଂଶ ଭାବନ୍ତି । ସେହିପରି ନିଜର ପରିବାରକୁ ସଂଭ୍ରାନ୍ତ ଓ ଆଦର୍ଶ ପରିବାର, ନିଜର ଜାତିକୁ ଅନ୍ୟ ଜାତିଠାରୁ ଶ୍ରେଷ୍ଠ ଓ ବୁଦ୍ଧିମାନ୍ ଏବଂ ନିଜ ଦେଶର ଇତିହାସକୁ ସବୁଠାରୁ ଗୌରବମୟ ବୋଲି ଅଧିକାଂଶ ବ୍ୟକ୍ତି ବିଶ୍ୱାସ କରନ୍ତି । ନିଜେ ପ୍ରକୃତରେ ଯାହା,ନିଜ ସମ୍ବନ୍ଧରେ ତାହାଠାରୁ ଅତି ଉଚ୍ଚ ଧାରଣା ମନୁଷ୍ୟର ଥାଏ । ଗୋଟିଏ ନିର୍ବାଚନରେ ପ୍ରତ୍ୟେକ ଦଳର ପ୍ରଚାରକମାନେ ନିଜ ଦଳ ଜୟଲାଭ କରିବାର ଯେତିକି ସମ୍ଭାବନା ରଖନ୍ତି, ତା'ଠାରୁ ଅଧିକ ଆଶା କରନ୍ତି । କୌଣସି ଯୁଦ୍ଧରେ ଭାଗ ନେଇଥିବା ପ୍ରତ୍ୟେକ ଦେଶର ଲୋକେ ନିଜ ଦେଶ ବା ନିଜ ଦେଶ ଯେଉଁ ଦଳରେ ଅଛି, ସେହି ଦଳ ବିଜୟ ଲାଭ କରିବ ବୋଲି ବିଶ୍ୱାସ କରନ୍ତି । ଭିତ୍ତିହୀନ ମଧୁର ସ୍ୱପ୍ନର ଏହିପରି ଅସଂଖ୍ୟ ଉଦାହରଣ ଦିଆଯାଇପାରେ । ସତ୍ୟର ଆବିଷ୍କାରଦ୍ୱାରା ସମୟସମୟରେ ଆମର ମଧୁର ସ୍ୱପ୍ନରେ ବାଧା ସୃଷ୍ଟି ହୁଏ, ମାତ୍ର ତାହା କ୍ଷଣିକ । ନିଜକୁ ବୁଦ୍ଧିମାନ୍ ବୋଲି ମନେ କରୁଥିବା ଛାତ୍ର ପରୀକ୍ଷାରେ ଖରାପ କଲେ ପ୍ରଥମେ ତା'ର ନିଜ ଯୋଗ୍ୟତା ଉପରେ ସନ୍ଦେହ ହୁଏ, ମାତ୍ର 'ପରୀକ୍ଷାଦ୍ୱାରା ଛାତ୍ରର ଯୋଗ୍ୟତା ଜଣାପଡ଼େ ନା' ଇତ୍ୟାଦି ନାନା କଳ୍ପନା କରି ସେ ପୁଣି ପୂର୍ବର ମଧୁର ସ୍ୱପ୍ନ ରାଜ୍ୟକୁ ଫେରିଯାଏ । ନିଜକୁ ଜଣେ ଅତି ପ୍ରତିଭାବାନ୍ କବି ମନେ କରୁଥିବା ବ୍ୟକ୍ତିଙ୍କର କବିତାର ଆଦର ନ ହେଲେ ସେ ନିଜ କବିତାର ଦୋଷ ଥାଇପାରେ ବୋଲି ନ ଭାବି ଲୋକମାନେ ତାଙ୍କ କବିତା ବୁଝିବାକୁ ଅକ୍ଷମ ବୋଲି ବିଚାର କରନ୍ତି । ଊଣାଅଧିକେ ମଣିଷ ଏହିପରି ଗୁଡ଼ିଏ ମଧୁର କଳ୍ପନାକୁ ଗ୍ରହଣ କରିନିଏ । ଉପରୋକ୍ତ ଛାତ୍ର ବା କବିଙ୍କ ପରି କେବଳ ଅତ୍ୟଧିକ କଳ୍ପନାବିଳାସୀ ଆମ ଆଖିରେ ପଡ଼ିଥାନ୍ତି । ମନୁଷ୍ୟ ମଧୁର କଳ୍ପନାରେ ମଜ୍ଜିଥିବାର ଲକ୍ଷ୍ୟ କରି ବାର୍ଟ୍ରାଣ୍ଡ ରସେଲ୍ 'ଡ୍ରିମ୍ସ ଆଣ୍ଡ ଫ୍ୟାକ୍ଟସ୍' ପ୍ରବନ୍ଧରେ ଲେଖିଛନ୍ତି ଯେ – ବସ୍ତୁତଃ ମନୁଷ୍ୟ ସ୍ୱପ୍ନାବସ୍ଥାରେ ଥାଏ । ବାହ୍ୟଜଗତର କୌଣସି ଅପ୍ରତ୍ୟାଶିତ ଘଟଣାରେ କେବେ କେବେ ମୁହୂର୍ତ୍ତକପାଇଁ ତା'ର ନିଦ୍ରାଭଙ୍ଗ ହୋଇଥାଏ, ମାତ୍ର ଅତି ଶୀଘ୍ର ସେ କଳ୍ପନାର ମଧୁର-ନିଦ୍ରାରାଜ୍ୟକୁ ଫେରିଯାଏ ।

କୌଣସି କଥାର ବିଚାର କଲାବେଳେ ନିଜର ବ୍ୟକ୍ତିଗତ ବିଶ୍ୱାସ ଠିକ୍ ଓ ଅନ୍ୟମାନେ ଏହା ଗ୍ରହଣ କରନ୍ତୁ - ଏପରି ମନୋଭାବ ବୈଜ୍ଞାନିକ ମନୋବୃତ୍ତିର ସମ୍ପୂର୍ଣ୍ଣ ବିରୋଧୀ । ଯେ ପର୍ଯ୍ୟନ୍ତ ଆମର ବ୍ୟକ୍ତିଗତ ମତକୁ ଅନ୍ୟମାନଙ୍କ ଉପରେ ଲଦିଦେବାର ମନୋଭାବ ଥିବ, ସେ ପର୍ଯ୍ୟନ୍ତ ଆମେ ନିରପେକ୍ଷଭାବେ ଯୁକ୍ତି ନ କରି ନିଜ ମତକୁ ସୁହାଇଲା ପରି ଯୁକ୍ତି କରିବା । ଏପରି କ୍ଷେତ୍ରରେ ନିଜ ମତକୁ ଠିକ୍ ବୋଲି ପ୍ରମାଣ କରିବାପାଇଁ ଆମେ ଯୁକ୍ତିତର୍କକୁ କେବଳ ଅସ୍ତ୍ର ରୂପେ ବ୍ୟବହାର କରିବା । ବୈଜ୍ଞାନିକ ମନୋବୃତ୍ତିର ପ୍ରଧାନ ଅନ୍ତରାୟ ହେଲା ଆସକ୍ତିଭାବ । ଉପରୋକ୍ତ ବିଜ୍ଞାନଶିକ୍ଷକ ଧର୍ମ, ରାଜନୀତି ସମ୍ବନ୍ଧରେ ନିଜର ବ୍ୟକ୍ତିଗତ ବିଶ୍ୱାସ ପ୍ରତି ଆସକ୍ତ ଥିବାରୁ ତାହାହିଁ ପ୍ରମାଣ କରିବାକୁ ବ୍ୟାକୁଳ ଏବଂ ଯୁକ୍ତିକୁ ସେ କେବଳ ଅସ୍ତ୍ର ରୂପେ ହିଁ ବ୍ୟବହାର କରନ୍ତି; ତେଣୁ ସେ ବୈଜ୍ଞାନିକ ମନୋବୃତ୍ତି ସହିତ ବିଚାର କରିବାକୁ ଅକ୍ଷମ । କୌଣସି ବିଷୟରେ ଯେ ପର୍ଯ୍ୟନ୍ତ ଆମର ଆସକ୍ତିଭାବ ଥିବ, ସେ ପର୍ଯ୍ୟନ୍ତ ଆମେ ଯୁକ୍ତିତର୍କକୁ କେବଳ ଅସ୍ତ୍ରଭାବେ ବ୍ୟବହାର କରୁଥିବୁ । ଆଲ୍‌ଡସ୍ ହକ୍‌ସଲେ ଏହି କାରଣରୁ ଅନାସକ୍ତଭାବ ଥିବା ବ୍ୟକ୍ତିଙ୍କୁ ଆଦର୍ଶ ମାନବ ବୋଲି କହିଛନ୍ତି । 'ଏଣ୍ଡସ୍ ଆଣ୍ଡ ମିନସ୍' ପୁସ୍ତକରେ ସେ କହିଛନ୍ତି ଯେ, ଅନାସକ୍ତ ବ୍ୟକ୍ତିହିଁ ହେଉଛନ୍ତି ଆଦର୍ଶ ମାନବ । ସେ ତାଙ୍କର ଦୈହିକ ଅନୁଭୂତି, ରୁଚି, ଶକ୍ତି ଓ ପ୍ରଭୁତ୍ୱର କାମନା ପ୍ରତି ଆସକ୍ତ ନ ଥାନ୍ତି । ବ୍ୟକ୍ତିଗତ ରାଗ, ଘୃଣା, ସ୍ନେହ, ଧନସମ୍ପତ୍ତି, ସୁନାମ ଓ ସମାଜରେ ତାଙ୍କର ସ୍ଥାନପ୍ରତି ସେ ନିସ୍ପୃହ । ଏପରିକି ବିଜ୍ଞାନ, କଳା ଓ ଯେକୌଣସି ଅନୁମାନ ଏବଂ ମାନବୀୟ ସମ୍ପର୍କାଦିପ୍ରତି ମଧ୍ୟ ସେ ନିରପେକ୍ଷ ।

ଏହି ନିରପେକ୍ଷଭାବ ବୈଜ୍ଞାନିକ ମନୋବୃତ୍ତିପାଇଁ ସର୍ବପ୍ରଥମେ ଆବଶ୍ୟକ । ଯେକୌଣସି ଗୋଟିଏ ଦୁଇଟି କଥାକୁ ଯୁକ୍ତିଯୁକ୍ତ କାରଣ ସହିତ ନିରପେକ୍ଷଭାବେ ବିଚାର କରିବା ବ୍ୟକ୍ତିଙ୍କର ବୈଜ୍ଞାନିକ ମନୋବୃତ୍ତି ଅଛି ବୋଲି କୁହାଯାଇ ନ ପାରେ । କାରଣ ଏହି ଗୋଟିଏ ଦୁଇଟି କଥାରେ ତାଙ୍କର କୌଣସି ଆସକ୍ତି ଭାବ ବା ବ୍ୟକ୍ତିଗତ ଇଚ୍ଛା ଓ ଜିଦ୍ ନାହିଁ, ମାତ୍ର ଆହୁରି ଅନେକ ପ୍ରଶ୍ନରେ ତାଙ୍କର ବ୍ୟକ୍ତିଗତ ଜିଦ୍ ଥାଇପାରେ । ଆମର ବିଜ୍ଞାନ ଶିକ୍ଷକଙ୍କର ବିଜ୍ଞାନ ସମ୍ବନ୍ଧରେ କୌଣସି ଇଚ୍ଛା ବା ଜିଦ୍ ନାହିଁ - ମାତ୍ର ଧର୍ମ, ସାହିତ୍ୟ ଓ ରାଜନୀତିର ବିଭିନ୍ନ ପ୍ରଶ୍ନ ସମ୍ପର୍କରେ ତାଙ୍କର ଜିଦ୍ ରହିଛି । ବ୍ୟକ୍ତିଗତ ଇଚ୍ଛା ଓ ଜିଦ୍ ନ ରଖି ଅନାସକ୍ତ ଭାବେ ଯେ ସବୁ ପ୍ରଶ୍ନର ବିଚାର କରନ୍ତି, ତାଙ୍କରି କେବଳ ବୈଜ୍ଞାନିକ ମନୋବୃତ୍ତି ଅଛି ବୋଲି କୁହାଯାଇପାରେ ।

ବୈଜ୍ଞାନିକ ମନୋଭାବାପନ୍ନ ବ୍ୟକ୍ତିଙ୍କ ମତାମତ ବା କୌଣସି ପ୍ରଶ୍ନର ସିଦ୍ଧାନ୍ତ ଯେ ସବୁବେଳେ ସତ୍ୟ, ଏପରି ଆଦୌ ନୁହେଁ ଏବଂ ଏଇଥିପାଇଁ ବୈଜ୍ଞାନିକ ମନୋବୃତ୍ତିର ମହତ୍ତ୍ୱ । ବୈଜ୍ଞାନିକ ମନୋଭାବାପନ୍ନ ବ୍ୟକ୍ତି ତାଙ୍କର ମତାମତ ବା ସିଦ୍ଧାନ୍ତକୁ ନିଶ୍ଚିତଭାବେ ସତ୍ୟ ବୋଲି କେବେ ଭାବିବେନି । ତାଙ୍କର ଯୁକ୍ତିରେ କୌଣସି ଭୁଲ ଦର୍ଶାଇଲେ ଏବଂ ତାଙ୍କ ଯୁକ୍ତିଠାରୁ ବଳିଷ୍ଠ ଯୁକ୍ତି ଦେଖାଇ କେହି ଅନ୍ୟ ଏକ ସିଦ୍ଧାନ୍ତରେ ପହଞ୍ଚିଗଲେ ସେ ତାକୁ ସହଜଭାବେ ଗ୍ରହଣ କରିନେବେ । କାରଣ ତାଙ୍କର କୌଣସି ମତ ପ୍ରତି ଆସକ୍ତିଭାବ ନାହିଁ । ଦୁଇଜଣ ଭୂତତ୍ତ୍ୱବିତ୍‌ଙ୍କୁ ଯଦି କୌଣସି ଖଣି ଅଞ୍ଚଳର କେତେ ଖଣ୍ଡ ଶିଳା ଦିଆଯାଏ ଓ ଏଗୁଡ଼ିକର ଉପାଦାନ ସମ୍ବନ୍ଧରେ ତାଙ୍କର ମତାମତ ପଚରାଯାଏ, ତେବେ ଭୂତତ୍ତ୍ୱବିତ୍ ଦୁହେଁ ଭିନ୍ନଭିନ୍ନ ଉତ୍ତର ଦେବା ସମ୍ଭବ । ଶିଳାଖଣ୍ଡଗୁଡ଼ିକୁ ବିଜ୍ଞାନାଗାରରେ ସାବଧାନ ଭାବେ ପରୀକ୍ଷା କଲେ ହୁଏତ ଜଣାପଡ଼ିବ ଯେ ଏ ଦୁହିଙ୍କ ମଧ୍ୟରୁ ଜଣେ ଅନେକାଂଶରେ ଠିକ୍ ଓ ଅନ୍ୟ ଜଣକ ଅଧିକ ଭୁଲ୍ ମତ ଦେଇଛନ୍ତି, କିନ୍ତୁ ଶିଳାର ଉପାଦାନ ଅନୁମାନ କରିବାରେ ଦ୍ୱିତୀୟ ଜଣଙ୍କର କୌଣସି ବ୍ୟକ୍ତିଗତ ଇଚ୍ଛା ଥିଲା ବୋଲି କୁହାଯାଇପାରିବନି । ତେଣୁ ସେ ବିଜ୍ଞାନାଗାରର ରିପୋର୍ଟକୁ ସହଜଭାବେ ଗ୍ରହଣ କରିନେବେ । ମାତ୍ର ଶିଳାର ପରୀକ୍ଷା କ୍ଷେତ୍ରରେ ଯାହା ସତ୍ୟ,

ସବୁ କ୍ଷେତ୍ରରେ ତାହା ସତ୍ୟ ନୁହେଁ । ଜଣେ ସାହିତ୍ୟ ସମାଲୋଚକଙ୍କ ଉଦାହରଣ ନିଆଯାଇପାରେ । ସାହିତ୍ୟ ସମାଲୋଚକ ଓ ବିଜ୍ଞାନାଗାରର ପରୀକ୍ଷକ ଉଭୟେ ଗୋଟିଏ ଦୃଷ୍ଟିରୁ ସମାନ । ଉଭୟଙ୍କ କାମ ବିଶ୍ଳେଷଣ କରିବା, ମାତ୍ର ଅନେକ ସମାଲୋଚକ ତାଙ୍କର ବ୍ୟକ୍ତିଗତ ଇଚ୍ଛାଦ୍ୱାରା ପ୍ରଭାବିତ ହେଉଥିବାରୁ ତାଙ୍କୁ ଯେଉଁ କବିଙ୍କର କବିତା ଭଲ ଲାଗେ, ସେ ସେହି କବିଙ୍କର ସପକ୍ଷରେ ରହି ସମାଲୋଚନା କରନ୍ତି । ତାଙ୍କ ପ୍ରିୟ କବିଙ୍କର କବିତା ସମାଲୋଚନା କଲାବେଳେ ସେ କବିତାର ସଂଜ୍ଞା ଓ ଉତ୍ତମ କବିତାର ଲକ୍ଷଣ କବିଙ୍କର ସପକ୍ଷରେ ଗଲାଭଳି କହିଥାନ୍ତି । ମୋଟ ଉପରେ ସେ ସମାଲୋଚନା କରିବା ପରିବର୍ତ୍ତେ ଓକିଲାତି କରିଥାନ୍ତି । ଏପରି ସମାଲୋଚନାରେ ବୈଜ୍ଞାନିକ ମନୋବୃତ୍ତିର ଅଭାବ ଲକ୍ଷ୍ୟ କରାଯାଏ । ତେଣୁ କେହି ବଳିଷ୍ଠ ଯୁକ୍ତି କରି କବିଙ୍କର ଦୋଷଗୁଣ ଦେଖାଇଲେ ସେ ତାକୁ ସହଜଭାବେ ଗ୍ରହଣ ନ କରି ବରଂ ବିରୋଧ କରିଥାନ୍ତି ।

ଅନାସକ୍ତ ଭାବ ବ୍ୟତୀତ ଅନ୍ୟମାନଙ୍କ ପ୍ରଭାବରୁ ମୁକ୍ତ ରହି ବିଚାର କରିବା ବୈଜ୍ଞାନିକ ମନୋବୃତ୍ତିର ଆଉ ଗୋଟିଏ ଲକ୍ଷଣ । ପ୍ରଭାବଶାଳୀ ବ୍ୟକ୍ତି ଓ ଶାସ୍ତ୍ରର ମତଠାରୁ ମୁକ୍ତ ରହି ସମାଜର ପ୍ରଚଳିତ ମତଦ୍ୱାରା ପ୍ରଭାବିତ ନ ହୋଇ ସ୍ୱାଧୀନଭାବେ ବିଚାର କରିବା ଏକ କଠିନ ମାନସିକ ଅଭ୍ୟାସ । ଏହା ଅଧ୍ୟୟନ, ଗଭୀର ଚିନ୍ତା ଓ ଉପଯୁକ୍ତ ଶିକ୍ଷା ଉପରେ ନିର୍ଭର କରେ । ଅନାସକ୍ତ ଭାବ ଥିଲେ ମଧ୍ୟ ନିଜର ସିଦ୍ଧାନ୍ତକୁ ନିଶ୍ଚିତଭାବେ ସତ୍ୟ ବୋଲି ବୈଜ୍ଞାନିକ ମନୋଭାବାପନ୍ନ ବ୍ୟକ୍ତି କେବେ ଭାବିବେନି । ସେହି ବିଷୟରେ ତାଙ୍କର ଜ୍ଞାନ ଅସମ୍ପୂର୍ଣ୍ଣ ହୋଇପାରେ ଓ ତାଙ୍କ ଯୁକ୍ତିରେ କିଛି ଭୁଲ ଥାଇପାରେ, ଏକଥା ସେ ମନେ ରଖିଥିବେ । କାରଣ କୌଣସି ମତପ୍ରତି ସେ ଆସକ୍ତ ନୁହନ୍ତି ।

କୌଣସି କଥାର ଆଲୋଚନା କଲାବେଳେ ସତ୍ୟର ଉଦ୍‌ଘାଟନପାଇଁ ବୈଜ୍ଞାନିକ ମନୋବୃତ୍ତି ସର୍ବପ୍ରଥମେ ଆବଶ୍ୟକ, କିନ୍ତୁ ବୈଜ୍ଞାନିକ ମନୋବୃତ୍ତି ଥିବା ବ୍ୟକ୍ତି ଯେ କୋଟିକେ ଗୋଟିଏ ଏହା କହିବା ବାହୁଲ୍ୟ ମାତ୍ର । ବିଜ୍ଞାନ ବୈଜ୍ଞାନିକ ମନୋବୃତ୍ତିର ବିକାଶ ଦିଗରେ କିପରି ସାହାଯ୍ୟ କରିଛି, ତାହା ବିଚାର କରିବାର କଥା, ମାତ୍ର ବିଜ୍ଞାନରେ ଜ୍ଞାନ ଅର୍ଜନ କରିବା ଓ ବୈଜ୍ଞାନିକ ମନୋବୃତ୍ତି ଏ ଦୁଇଟି ପୂରାପୂରି ଅଲଗା ଜିନିଷ । ଯେ ବିଜ୍ଞାନରେ ଯଥେଷ୍ଟ ଜ୍ଞାନ ଅର୍ଜନ କରିଛି, ତା'ର ନିଶ୍ଚିତଭାବେ ବୈଜ୍ଞାନିକ ମନୋବୃତ୍ତି ଥିବ ବୋଲି କୁହାଯାଇ ନ ପାରେ । ବିଜ୍ଞାନ ଓ ବୈଜ୍ଞାନିକ ମନୋବୃତ୍ତି ଉଭୟେ ପରସ୍ପର ସହିତ ଜଡ଼ିତ – ଏ କଥା ଠିକ୍ । ବିଜ୍ଞାନର ବିଭିନ୍ନ ଆବିଷ୍କାର ମନୁଷ୍ୟର ଅନେକ ଭିତ୍ତିହୀନ ଆମ୍ବରୁଚିକର ବିଶ୍ୱାସ ଉପରେ କୁଠାରାଘାତ କରିବା ଫଳରେ ଚିନ୍ତାଶୀଳ ବ୍ୟକ୍ତିମାନେ ନିଜର ବିଶ୍ୱାସ ଉପରେ ସନ୍ଦେହ ପ୍ରକାଶ କରି ସେଗୁଡ଼ିକୁ ସାବଧାନତାସହିତ କରିବାକୁ ଲାଗିଲେ ।

**ସୂଚନା :**

ନିରପେକ୍ଷ – ସ୍ୱାଧୀନ, ପକ୍ଷପାତଶୂନ୍ୟ

ଭିତ୍ତି – ମୂଳଦୁଆ

ସିଦ୍ଧାନ୍ତ – ନିର୍ଦ୍ଧାରଣ, ମୀମାଂସା

| | |
|---|---|
| ବାର୍ଟ୍ରାଣ୍ଡ ରସେଲ୍ | - ଜନ୍ମ ୧୮୭୨ ମସିହାରେ ଇଂଲଣ୍ଡର ୱେଲସ୍ ପ୍ରଦେଶରେ । କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରେ ଗଣିତର ଛାତ୍ର । ସେହିଠାରେ ଅଧ୍ୟାପନା । ୧୯୫୦ ମସିହାରେ ସେ ସାହିତ୍ୟରେ ନୋବେଲ ପୁରସ୍କାର ପାଇଥିଲେ । ସେ ଏକାଧାରରେ ଗଣିତ, ଦର୍ଶନ, ସମାଜର ଚିନ୍ତାନାୟକ ତଥା ମନୁଷ୍ୟ ନିୟତି ଲାଗି ଜଣେ ଅଗ୍ରଗାମୀ ସଂଗ୍ରାମୀ । |
| ଅପ୍ରତ୍ୟାଶିତ | - ଆକସ୍ମିକ |
| ଆସକ୍ତି | - ଲିପ୍ତ ହେବା, ଜଡ଼ିତ ହେବା, ବିଶେଷ ଅନୁରାଗ। |
| ନିସ୍ପୃହ | - ଅନାଗ୍ରହ, ଆକାଂକ୍ଷାଶୂନ୍ୟ, ଉଦାସୀନ । |
| ବିରଳ | - ଅଳ୍ପ ପରିମାଣ, ଯାହା ବହୁସଂଖ୍ୟାରେ ଦେଖାଯାଏ ନାହିଁ,ଦୁର୍ଲଭ । |
| ବାହୁଲ୍ୟ | - ବହୁଳତା, ଅତିଶୟୋକ୍ତି |
| ଆଲ୍‌ଡସ୍ ହକ୍‌ସଲେ | - ଆଲ୍‌ଡସ୍ ହକ୍‌ସଲେ ୧୮୯୪ମସିହାରେ ଇଂଲଣ୍ଡର ଗୋଡ଼ାଲମିଙ୍ଗ୍ ସରେ ଠାରେ (Godalming surrey) ଜନ୍ମ ହୋଇଥିଲେ । ସେ ଜଣେ ଶାନ୍ତିପ୍ରିୟ ମାନବବାଦୀ ମଣିଷ । |

### ଆସ, ଜାଣିବା କେତୋଟି ନୂତନ ଶବ୍ଦ

ଭିତ୍ତିହୀନ, ଅନ୍ତରାୟ, ମନୋଭାବାପନ୍ନ, ବିଶ୍ଳେଷଣ, ଚିନ୍ତାଶୀଳ
ସଂଭ୍ରାନ୍ତ, ମାନବୀୟ, ଭୂତତ୍ତ୍ୱବିତ୍, ଆମ୍ରରୁଚିକର

## ଅଭ୍ୟାସକାର୍ଯ୍ୟ

### (୧) ଆସ, କଥାବାର୍ତ୍ତା ହେବା

(କ) ବୈଜ୍ଞାନିକ ମନୋବୃତ୍ତିର ପରିଚୟ ସଂପର୍କରେ ଲେଖକ କ'ଣ କହିଛନ୍ତି ?

(ଖ) ବୈଜ୍ଞାନିକ ମନୋଭାବ ଥିବା ବ୍ୟକ୍ତି ବିରଳ ବୋଲି ପ୍ରବନ୍ଧରେ କାହିଁକି କୁହାଯାଇଛି ?

(ଗ) ଜଣେ ବ୍ୟକ୍ତି ପ୍ରତ୍ୟେକ ପ୍ରଶ୍ନକୁ କାହିଁକି ବୈଜ୍ଞାନିକ ଦୃଷ୍ଟିକୋଣରୁ ବିଚାର କରିପାରେନାହିଁ ?

(ଘ) ସମୟ ସମୟରେ ମଧୁର ସ୍ୱପ୍ନରେ ବାଧା କାହିଁକି ଆସେ ?

### (୨) ଆସ, ଦୁଇ ବା ତିନୋଟି ବାକ୍ୟରେ ଉତ୍ତର ଲେଖିବା ।

(କ) ମଣିଷର ବିଶ୍ୱାସ ଗୁଡ଼ିକ ଭିତ୍ତିହୀନ ମଧୁର ସ୍ୱପ୍ନ ବୋଲି କାହିଁକି କୁହାଯାଇଛି ?

(ଖ) ଅତ୍ୟଧିକ କଳ୍ପନାବିଳାସୀଙ୍କ ସଂପର୍କରେ ଲେଖକ କ'ଣ କହିଛନ୍ତି ?

(ଗ) କେଉଁ ପ୍ରକାର ମନୋଭାବ ବୈଜ୍ଞାନିକ ମନୋବୃତ୍ତିର ବିରୋଧୀ ?

(ଘ) ନିଜ ମତ ଠିକ୍ ବୋଲି ପ୍ରମାଣ କରିବାପାଇଁ ଆମେ କାହାକୁ ଅସ୍ତ୍ର ଭାବରେ ବ୍ୟବହାର କରିଥାଉ ?

(ଙ) ବୈଜ୍ଞାନିକ ମନୋବୃତ୍ତିର ପ୍ରଧାନ ଅନ୍ତରାୟ କ'ଣ ?

(ଚ) ବୈଜ୍ଞାନିକ ମନୋବୃତ୍ତିର ମହତ୍ତ୍ୱ ସଂପର୍କରେ ପ୍ରବନ୍ଧରେ କ'ଣ କୁହାଯାଇଛି ?

**(୩) ଆସ, ତଳେ ଦିଆଯାଇଥିବା ବାକ୍ୟଗୁଡ଼ିକୁ ସରଳ ଭାଷାରେ ବୁଝାଇ ଲେଖିବା ।**

(କ) ନିଜେ ପ୍ରକୃତରେ ଯାହା ନିଜ ସମ୍ବନ୍ଧରେ ତାହାଠାରୁ ଅତି ଉଚ୍ଚ ଧାରଣା ମନୁଷ୍ୟର ଥାଏ ।

(ଖ) ମାତ୍ର ଶିଳାର ପରୀକ୍ଷା କ୍ଷେତ୍ରରେ ଯାହା ସତ୍ୟ, ସବୁ କ୍ଷେତ୍ରରେ ତାହା ସତ୍ୟ ନୁହେଁ ।

**(୪) ତଳେ କେତେଗୁଡ଼ିଏ ଶବ୍ଦ ଦିଆଯାଇଛି, ଆସ ସେହି ଶବ୍ଦମାନଙ୍କୁ ନେଇ ଗୋଟିଏ ଛୋଟ ଅନୁଚ୍ଛେଦ ଲେଖିବା ।**

| | | | | | |
|---|---|---|---|---|---|
| ଅନ୍ତରାୟ, | ବିଶ୍ଳେଷଣ, | ଭିତ୍ତି, | ଅପ୍ରତ୍ୟାଶିତ, | ବିରଳ, | ଆସକ୍ତି |
| ଚିନ୍ତାଶୀଳ, | ନିରପେକ୍ଷ, | ସିଦ୍ଧାନ୍ତ, | ନିସ୍ପୃହ, | ବାହୁଲ୍ୟ | |

**(୫) ତଳେ କେତୋଟି ଶବ୍ଦ ଦିଆଯାଇଛି । ଏହାର ଅର୍ଥ ପାଖ କୋଠରିରେ ଅଛି । ଆସ ଖୋଜି ମିଳାଇବା ଓ ମୂଳ ଶବ୍ଦଟିକୁ ନେଇ ବାକ୍ୟ ଗଠନ କରିବା ।**

| |
|---|
| ଲିପ୍ତହେବା, ଆକସ୍ମିକ, ଅନାଗ୍ରହ, ପକ୍ଷପାତଶୂନ୍ୟ, ଯାହା ବହୁ ସଂଖ୍ୟାରେ ଦେଖାଯାଏ ନାହିଁ । |

(କ) ନିରପେକ୍ଷ ________________

(ଖ) ଅପ୍ରତ୍ୟାଶିତ ________________

(ଗ) ନିସ୍ପୃହ ________________

(ଘ) ବିରଳ ________________

(ଙ) ଆସକ୍ତି ________________

**(୬) ତଳେ କେତେଗୁଡ଼ିଏ କାର୍ଯ୍ୟର ନମୁନା ଦିଆଯାଇଛି, ସେମାନେଙ୍କ ମଧ୍ୟରୁ କେଉଁଗୁଡ଼ିକ ବୈଜ୍ଞାନିକ ମନୋବୃତ୍ତିର ସପକ୍ଷରେ, କେଉଁଗୁଡ଼ିକ ବିପକ୍ଷରେ ଯାଉଛି ତାକୁ ଡାହାଣ ପଟେ ସୂଚାଇବା ।**

(କ) ବିଦ୍ୟୁତ୍ ସଂପର୍କିତ କାର୍ଯ୍ୟ କରିବା ବେଳେ ଚପଲ ପିନ୍ଧି କରିବା । ( )

(ଖ) ଘରୁ ବାହାରିବା ବେଳେ ନେଉଳ ଦେଖିଲେ ଶୁଭ ବୋଲି ଭାବିବା । ( )

(ଗ) ଖାଇବା ପୂର୍ବରୁ ଉପଯୁକ୍ତ ଭାବରେ ହାତକୁ ପରିଷ୍କାର କରିବା । ( )

(ଘ) ଯାତ୍ରା ସମୟରେ ବିଲେଇ ରାସ୍ତା ପାରିହେବାରୁ ପଛକୁ ଫେରିବା। ( )

(ଙ) ସ୍ୱାସ୍ଥ୍ୟର ଯତ୍ନ ଓ ସୁରକ୍ଷାଦିଗରେ ଦୃଷ୍ଟି ହେବା । ( )

**(୭) ତଳେ କେତେଗୁଡ଼ିଏ ଶବ୍ଦ ଦିଆଯାଇଛି । ସେମାନଙ୍କ ମଧ୍ୟରେ ଥିବା ଭିନ୍ନ ଜାତୀୟ ଶବ୍ଦ ଚିହ୍ନଟ କରି ଲେଖିବା ।**

ଶ୍ରଦ୍ଧାଂଜଳି, ସ୍ନେହାଂଜଳି, ପ୍ରେମାଂଜଳି, ଜଳାଂଜଳି, ପୁଷ୍ପାଂଜଳି

**(୮) ନାହିଁ ସ୍ପୃହା ଯାହାର - ନିସ୍ପୃହ, ସେହିପରି କ'ଣ ହେବ ଆସ ଲେଖିବା ।**

(କ) ନାହିଁ ଆସକ୍ତି ଯାହାର ______________

(ଖ) ନାହିଁ ଦୋଷ ଯାହାର ______________

(ଗ) ନାହିଁ ରୋଗ ଯାହାର ______________

(ଘ) ନାହିଁ ସ୍ୱାର୍ଥ ଯାହାର ______________

(ଙ) ନାହିଁ ଜ୍ଞାନ ଯାହାର ______________

**(୯) ବହୁଳ ଶବ୍ଦରେ 'ଯ' ପ୍ରତ୍ୟୟ ଲାଗିଲେ ନୂଆ ଶବ୍ଦଟି ହୁଏ 'ବାହୁଲ୍ୟ' ! ତଳଲିଖିତ ଶବ୍ଦମାନଙ୍କରେ 'ଯ' ପ୍ରତ୍ୟୟ ଯୋଗକରି ନୂତନ ଶବ୍ଦ ଗୁଡ଼ିକୁ ଲେଖିବା ।**

ସରଳ ______________

ସୁଜନ ______________

ତରଳ ______________

ପ୍ରଧାନ ______________

ଦୀନ ______________

**(୧୦) ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକର ସନ୍ଧିବିଚ୍ଛେଦ କରି ଲେଖିବା ।**

ସ୍ୱପ୍ନାବସ୍ଥା = ______ + ______

ଅଧିକାଂଶ = ______ + ______

କୁଠାରାଘାତ = ______ + ______

ଚଳଚ୍ଚିତ୍ର = ______ + ______

ପରସ୍ପର = ______ + ______

ମତାମତ = ______ + ______

**(୧୧) ଦିଆଯାଇଥିବା ଅନୁଚ୍ଛେଦଟିକୁ ପଢ଼ି ତଳ ବନ୍ଧନୀ ମଧ୍ୟରୁ ଶବ୍ଦ ଆଣି ଶୂନ୍ୟସ୍ଥାନ ପୂରଣ କରିବା ।**

ଏହି ______ ବୈଜ୍ଞାନିକ ______ ପାଇଁ ସର୍ବପ୍ରଥମେ ଆବଶ୍ୟକ ଯେ କୌଣସି ଗୋଟିଏ ଦୁଇଟି କଥାକୁ ______ କାରଣ ସହିତ ନିରପେକ୍ଷଭାବେ ______ କରିବା ବ୍ୟକ୍ତିଙ୍କର ବୈଜ୍ଞାନିକ ମନୋବୃତ୍ତି ଅଛି ବୋଲି କୁହାଯାଇ ନପାରେ । କାରଣ ଏହି ଗୋଟିଏ ଦୁଇଟି କଥାରେ ତାଙ୍କର କୌଣସି ______ ବା ______ ଓ ______ ନାହିଁ, ମାତ୍ର ଆହୁରି ଅନେକ ପ୍ରଶ୍ନରେ ତାଙ୍କର ବ୍ୟକ୍ତିଗତ ଜିଦ୍ ଥାଇପାରେ। ଆମର ______ ଶିକ୍ଷକଙ୍କର ବିଜ୍ଞାନ ସମ୍ବନ୍ଧରେ କୌଣସି ଇଚ୍ଛା ବା ଜିଦ୍ ନାହିଁ - ମାତ୍ର ______, ______ ଓ ______ ର ବିଭିନ୍ନ ପ୍ରଶ୍ନ ସମ୍ପର୍କରେ ତାଙ୍କର ଜିଦ୍ ରହିଛି । ବ୍ୟକ୍ତିଗତ ଇଚ୍ଛା ଓ ଜିଦ୍ ନରଖି ______ ଭାବେ ଯେ ସବୁ ______ ର ବିଚାର କରନ୍ତି, ତାଙ୍କରି କେବଳ ବୈଜ୍ଞାନିକ ମନୋବୃତ୍ତି ଅଛି ବୋଲି କୁହାଯାଇପାରେ ।

(ପ୍ରଶ୍ନ, ଅନାସକ୍ତ, ରାଜନୀତି, ସାହିତ୍ୟ, ଧର୍ମ, ବିଜ୍ଞାନ, ଜିଦ୍, ବ୍ୟକ୍ତିଗତ ଇଚ୍ଛା, ଆସକ୍ତିଭାବ, ଯୁକ୍ତିଯୁକ୍ତ, ମନୋବୃତ୍ତି, ନିରପେକ୍ଷ)

**(୧୨) ଭୁଲଥିବା ଶବ୍ଦଗୁଡ଼ିକୁ ଠିକ୍ କରି ତା' ପାଖରେ ଲେଖିବା।**

ବ୍ୟବସାୟିକ - ବଳିଷ୍ଠ -

ମନବୃତ୍ତି- ଅନୁଭୁତି -

ଧିରସ୍ଥିର - ବିଜ୍ଞାନଗାର -

ଚଳଚିତ୍ର - କୁଠାରଘାତ -

**ତୁମପାଇଁ କାମ :**

ସଂପ୍ରତିକ କାଳରେ ବୈଜ୍ଞାନିକ ମନୋବୃତ୍ତିର ଆବଶ୍ୟକତା ସଂପର୍କରେ ତୁମ ଅନୁଭୂତିରୁ ଗୋଟିଏ ଅନୁଚ୍ଛେଦ ଲେଖ ।

***

# ଚେଙ୍କ ଆତଙ୍କ

## ପୂର୍ବପାଠ :

ପିଲାମାନେ, ପୂର୍ବରୁ ତୁମେମାନେ "ବୈଜ୍ଞାନିକ ମନୋବୃତ୍ତି" ଓ "ରୋଗୀସେବା" ଗଦ୍ୟରଚନା ଦୁଇଟି ପାଠ କରିଛ। ଏଥିରେ ମନୁଷ୍ୟ ଜୀବନରେ ବୈଜ୍ଞାନିକ ମନୋବୃତ୍ତିର ପ୍ରୟୋଜନ ଓ ଅନ୍ଧବିଶ୍ୱାସର ଅପକାରିତା ବିଷୟ ବୁଝିପାରିଛ। ଆମ ସମାଜରେ ବର୍ତ୍ତମାନ ମଧ୍ୟ ବହୁ ପ୍ରକାର ଅନ୍ଧବିଶ୍ୱାସ ରହିଛି । ଏହି ସବୁ ଅନ୍ଧବିଶ୍ୱାସ ସମ୍ବନ୍ଧରେ ଲୋକମାନଙ୍କୁ ଶିକ୍ଷା ଦେବା ଓ ସେଗୁଡ଼ିକ ଦୂରକରିବା ପାଇଁ ଚେଷ୍ଟା କରିବା ଆମର କର୍ତ୍ତବ୍ୟ । ନିମ୍ନରେ ଦିଆଯାଇଥିବା ବିଷୟଟିକୁ ପଢ଼ିଲେ ଏଇ ଅନ୍ଧବିଶ୍ୱାସ ଫଳରେ ଏବେ ବି ଆମ ସମାଜରେ କିପରି ଶିଶୁମାନେ ଏହାର ଶିକାର ହୋଇ ଅସହ୍ୟ ଯନ୍ତ୍ରଣା ସହି ମୃତ୍ୟୁ ବରଣ କରୁଛନ୍ତି ତାହା ବୁଝିହେବ ।

ନିମ୍ନରେ ଦିଆଯାଇଥିବା ଖବର କାଗଜର ଅଂଶ ଓ ଛବିକୁ ଦେଖ ।

"ପେଟରେ ଗରମ ଲୁହା ଚେଙ୍କ ଦେବାଫଳରେ ପାଞ୍ଚଜଣ ଶିଶୁଙ୍କ ମୃତ୍ୟୁ ଘଟିଛି। ବିଗତ ଦୁଇମାସ ଭିତରେ ଗରମ ଚେଙ୍କ ହେତୁ ସାତଜଣ ଶିଶୁ ଅସହ୍ୟ ଯନ୍ତ୍ରଣା ଭୋଗୁଛନ୍ତି।"



ଏ ପ୍ରକାର ପ୍ରଥା ବିଷୟରେ ତୁମେ କ'ଣ ଭାବୁଛ ? ଏସବୁ କ'ଣ ଭଲ ? ଏ ଅନ୍ଧ ବିଶ୍ୱାସର ପରିସମାପ୍ତି ପାଇଁ ତୁମର କିଛି ଦାୟିତ୍ୱ ଅଛି ବୋଲି ତୁମେ ଭାବୁଛ କି ? ତଳେ ଦିଆଯାଇଥିବା ପାଠଟି ପଢ଼ିଲେ ସମାଜରୁ ଏଭଳି କୁପ୍ରଥା ଦୂର କରିବା ପାଇଁ ତୁମେ କ'ଣ କରିପାରିବ, ବୁଝିବ ।

ବାଘପଦା ଓଡ଼ିଶାର ଉପାନ୍ତ ଅଞ୍ଚଳର ଗୋଟିଏ ଗାଁ । ଏହି ଗାଁରେ ଦୁଇସାଙ୍ଗ ସୁରେଶ ଓ ହରିଙ୍କ ଘର । ସୁରେଶ ସହରରେ ଚାକିରି କରେ ଓ ସେଠାରେ ରହେ । ହରି ଗାଁରେ ରହି ଚାଷବାସ କରି ଚଳେ । ସୁରେଶର ଆଧୁନିକ ଚଳଣି । ବିଜ୍ଞାନ ଆଧାରରେ ସେ ସବୁ କଥାକୁ ବିଚାର କରେ । ପିଲାମାନଙ୍କ ଦେହ ଖରାପ ହେଲେ ସେ ଡାକ୍ତରଙ୍କ ପରାମର୍ଶ ନିଏ । ଯୁକ୍ତିଯୁକ୍ତ କଥା କହେ ଓ କାର୍ଯ୍ୟରେ କରି ଦେଖାଏ । ହରି ପାଠ ପଢ଼ି ନାହିଁ । ସେ ଗାଁର ଗୁଣିଆ, ପୂଜାରୀ ଦିଶାରୀଙ୍କ କଥାରେ ବିଶ୍ୱାସ କରେ । ଛୁଆଙ୍କୁ ହାଡ଼ଫୁଟି, ମିଳିମିଳା ହେଲେ ପଣାଦିଏ, ଗୁଣିଆ ଡକାଇ ଝଡ଼ାଫୁଙ୍କା କରେ । ଗ୍ରାମ ଠାକୁରାଣୀଙ୍କ ଠାରେ ବୋଦା ଓ କୁକୁଡ଼ା ଆଦି ବଳି ଚଢ଼ାଏ । ସୁରେଶ ଗାଁକୁ ଆସିଲେ ତାକୁ ଏ ବିଷୟରେ ବୁଝାଏ । ଯୁଗ ଆଜି କେଉଁଠି ପହଞ୍ଚିଲାଣି । ବୈଜ୍ଞାନିକଗଣ ସବୁ ରୋଗର କାରଣଖୋଜି ଔଷଧ ବାହାର କଲେଣି । ଏତେ ବୁଝାଇବା ପରେ ବି ହରିର ମନ ବଦଳେ ନାହିଁ । ତା'ର ଗୁଣିଗାରେଡ଼ିରେ ବିଶ୍ୱାସ, ଏଇ ଅନ୍ଧବିଶ୍ୱାସକୁ ନେଇ ସେ ବଞ୍ଚେ ।

ଥରକର କଥା ହରିର ଛଅମାସର ପୁଅର ଦେହ ଖରାପ ହେଲା, ତାକୁ ଜ୍ୱର ଓ ଝାଡ଼ା ହେଲା, ଭଲ ନ ହେବାରୁ ସେ ଗୁଣିଆକୁ ଡାକି ଆଣିଲା । ଗୁଣିଆ ଶିଶୁର ପେଟରେ ଚେଙ୍କଦେବା କଥା କହିଲେ । ଚୁଲିରେ ଲୁହା ଗରମ କରି ଶିଶୁଟିର ପେଟରେ ଚେଙ୍କ ଦେଲେ । ପୁଣି କହିଲେ କୁକୁଡ଼ା ବଳି ଦେଲେ ଦେହରୁ ଡାଆଣୀ ଛାଡ଼ିଯିବ ଓ ପିଲାଟି ଭଲ ହୋଇଯିବ । ଗୁଣିଆ କହିବା ଅନୁସାରେ ସେ ସବୁ କରାଗଲା, କିନ୍ତୁ ଜ୍ୱର ଛାଡ଼ିବାର ନାଁ ଗନ୍ଧ ନେଲାନି । ଚେଙ୍କ ଜାଗାଟି ଆକ୍ରାନ୍ତ ହୋଇ ବିଷାକ୍ତ ଓ ସଂକ୍ରମିତ ହେଲା । ପିଲାଟି ଯନ୍ତ୍ରଣାରେ ଛଟପଟ ହୋଇ ନିସ୍ତେଜ ହୋଇଗଲା । ଖବର ପାଇ ସୁରେଶ ଆସି ଜବରଦସ୍ତ ପାଖ ଡାକ୍ତଖାନାକୁ ନେଇଗଲା । ଆଠଦିନ କାଳ ପିଲା, ବାପାମାଆ ସଭିଏଁ କଷ୍ଟ ପାଇଲେ । ଯାହା ହେଉ ପିଲାଟି ବଞ୍ଚିଗଲା । ହେଲେ ତା'ର ଦେହଯାକ ଫୋଟକାଦାଗ ରହିଗଲା । ହରି ନିଜର ଭୁଲ୍ ବୁଝି ପାରିଲା । ସହରରେ ପିଲାମାନେ ଡାକ୍ତରଙ୍କ ଔଷଧ ଖାଇ ଭଲ ହେଲାବେଳେ ତା'ର ପୁଅ ମରିଯାଇଥା'ନ୍ତା, ଏକଥା ବୁଝିଲା ପରେ ତା'ର ଅନ୍ଧବିଶ୍ୱାସ ତୁଟିଲା । ତାଙ୍କ ଗାଁ ସ୍କୁଲର ପିଲା ଦିପୁ ସିପୁ ଏକଥା ଗାଁ ଲୋକଙ୍କୁ ବୁଝାଇଲେ । ଲୋକମାନେ ପ୍ରଭାବିତ ହୋଇ ପିଲାଙ୍କ ଦେହ ଖରାପ ହେଲେ ଏଥର ଡାକ୍ତରଙ୍କ ପାଖକୁ ନେଲେ । ଆଉ ଚେଙ୍କଦିଆ ଗୁଣିଆମାନଙ୍କ ପାଖକୁ କେହି ଗଲେନାହିଁ ।

ଦିପୁ ଓ ସିପୁଙ୍କ କାର୍ଯ୍ୟର ଚର୍ଚ୍ଚା ସବୁଆଡ଼େ ହେଲା । ଖବରକାଗଜରେ ବାହାରିଲା, ସେମାନେ ମୁଖ୍ୟମନ୍ତ୍ରୀଙ୍କଠାରୁ ପୁରସ୍କାର ପାଇଲେ । ଏ ଖବର ପ୍ରସାରିତ ହେବାରୁ ବହୁ ଲୋକ ଚେଙ୍କ ଚିକିତ୍ସା ନ କରାଇ ରୋଗୀଙ୍କୁ ଡାକ୍ତରଖାନାକୁ ନେଲେ । ଫଳରେ ଶିଶୁଙ୍କର ମୃତ୍ୟୁ ହାର କମିଗଲା । ଏହିପରି ଭାବରେ ଚେଙ୍କ ଆତଙ୍କ ଦୂର ହେଲା ।

**ଏଥିରୁ କ'ଣ ଶିଖିଲେ ?**

→ ଚିକିତ୍ସା ଶାସ୍ତ୍ରରେ କୁଶଳତା ନଥିବା ଗୁଣିଆଠାରୁ ଚିକିତ୍ସା ସହାୟତା ନେବା ନାହିଁ ।
→ ମନରୁ ଡାଆଣୀ, ଭୂତପ୍ରେତ, ଝଡ଼ାଫୁଙ୍କା, ଭଳି ଗୁଣିଗାରେଡ଼ି  ଅନ୍ଧବିଶ୍ୱାସ ଓ ଭୟ ଦୂର କରିଦେବା ।
→ ଆମ ପଡ଼ୋଶୀଙ୍କୁ ଏ ବିଷୟରେ ବୁଝାଇ ଜନ ସଚେତନତା ସୃଷ୍ଟି କରିବା ।
→ ଆଧୁନିକ ଚିକିତ୍ସାପଦ୍ଧତିର ସୁଯୋଗ ନେବା ଓ ପିଲାଙ୍କୁ ରୋଗମୁକ୍ତ ରଖିବା ।
→ ଶିଶୁ ମୃତ୍ୟୁହାର କମାଇବା ପାଇଁ ଜୀବନଯାପନ ଶୈଳୀକୁ ଉନ୍ନତ କରିବା ।

**ଆସ, ଜାଣିବା କେତୋଟି ନୂତନଶବ୍ଦ :**

| | | |
|---|---|---|
| ଉପାନ୍ତ | ଦିଶାରୀ | ଚେଙ୍କ |
| ପରାମର୍ଶ | ଝଡ଼ାଫୁଙ୍କା | ଅନ୍ଧବିଶ୍ୱାସ |
| ଯୁକ୍ତିଯୁକ୍ତ | ବଳି | ଗୁଣିଗାରେଡ଼ି |

# ଅଭ୍ୟାସକାର୍ଯ୍ୟ

## (୧) ଆସ, କଥାବାର୍ତ୍ତା ହେବା :

(କ) ସହରରେ ରହୁଥିବା ସାଙ୍ଗର ଚଳଣି କିପରି ଥିଲା ?

(ଖ) ଗାଁରେ କିଏ ରହୁଥିଲା ?

(ଗ) ଦିଶାରୀ କଥାକୁ କିଏ ବିଶ୍ୱାସ କରୁଥିଲା ?

(ଘ) ପୁଅକୁ ଭଲ ଲାଗିବା ପାଇଁ ହରି କ'ଣ କଲା ?

(ଙ) ପିଲାଟି କଷ୍ଟ ପାଇବାର କାରଣ କ'ଣ ବୋଲି ତୁମେ ଭାବୁଛ ?

## (୨) ତଳେ ଦିଆଯାଇଥିବା ପ୍ରଶ୍ନର ଉତ୍ତରଗୁଡ଼ିକୁ ଦୁଇଟି ବାକ୍ୟରେ ଲେଖିବା :

(କ) କାହାକୁ ଆଧାର କରି ସୁରେଶ ବିଚାର କରେ ଓ କାହାର ପରାମର୍ଶ ନିଏ ?

(ଖ) ହରି ଗ୍ରାମଠାକୁରାଣୀଙ୍କ ଠାରେ ବୋଦା, କୁକୁଡ଼ା ବଳି କାହିଁକି ଚଢ଼ାଏ ?

(ଗ) ସହରର ପିଲାମାନେ ଜ୍ୱର ହେଲେ କିପରି ଭଲ ହୁଅନ୍ତି ?

## (୩) ଭୁଲ୍‌ଥିବା ଶବ୍ଦଗୁଡ଼ିକୁ ଠିକ୍ କରି ତା'ପାଖରେ ଲେଖିବା ।

| | |
|---|---|
| ମୂଖ୍ୟମନ୍ତ୍ରୀ - | ଜିବନଜାପନ - |
| ପୁରସ୍କାର - | ପଡ଼ୋଶି - |
| ପ୍ରଶାରୀତ - | ଗୂଣିଆ - |

**ତୁମପାଇଁ କାମ :**

୧. ତଳେ ଦିଆ ଯାଇଥିବା କବିତାଟିକୁ ମନେରଖି ଜନସଚେତନତା କାର୍ଯ୍ୟକ୍ରମ ବା ପଥପ୍ରାନ୍ତ ନାଟକରେ ଅଭିନୟ କର ।

ଆଜି ଏହି ବୈଜ୍ଞାନିକ ଯୁଗରେ
'ଚେଙ୍କ' ଦେବା ନାହିଁ ଶିଶୁ ଦେହରେ ।
ରୋଗବଇରାଗ ହୋଇଲେ ତାକୁ
ଦେଖାଇବ ନେଇ ଡାକ୍ତରଙ୍କୁ ।
ଖାଇଲେ ଔଷଧ ତୁଟିବ ରୋଗ
ସେଥିପାଇଁ ସଦା ହୁଅ ସଜାଗ ।
ଗୁଣିଗାରେଡ଼ି ତ ଅନ୍ଧବିଶ୍ୱାସ
ଗୁଣିଆ କରନ୍ତି ପ୍ରାଣର ନାଶ ।
ପଢ଼ିଲେ ବିଜ୍ଞାନ ପାଠ ଆମେରେ
ଜାଣିବା କାରଣ ସବୁ କଥାରେ ।
କୁସଂସ୍କାର ଦିଅ ମନୁ ଦୂରେଇ
ଶିକ୍ଷିତ ସମସ୍ତେ ହୁଅରେ ଭାଇ ।
କମିବ ଶିଶୁଙ୍କ ମୃତ୍ୟୁର ହାର
ବୈଜ୍ଞାନିକ ଚିନ୍ତା ଯାର ପ୍ରତିକାର ।

୨. ଆମ ସମାଜରେ ଏବେ ବି ରହିଥିବା ଆଉ କେତୋଟି ଅନ୍ଧବିଶ୍ୱାସର ତାଲିକା ପ୍ରସ୍ତୁତ କର ।

***

IMJ5UL

# ଡାକମୁନ୍‌ସି

● ଫକୀରମୋହନ ସେନାପତି

**ଲେଖକ ପରିଚୟ :**

ଫକୀରମୋହନ ସେନାପତି (୧୮୪୩-୧୯୧୮) ଆଧୁନିକ ଓଡ଼ିଆ ସାହିତ୍ୟର ଅନ୍ୟତମ ନିର୍ମାତା। ଏକାଧାରରେ ସେ ଥିଲେ କବି, ଗାଳ୍ପିକ, ସଂପାଦକ, ଔପନ୍ୟାସିକ, ଅନୁବାଦକ ଓ ଆତ୍ମଜୀବନୀ ଲେଖକ। ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନର ସେ ଥିଲେ ଯଥାର୍ଥ ସେନାପତି। ଫକୀରମୋହନଙ୍କ ରଚିତ ଉପନ୍ୟାସ- ଛ'ମାଣ ଆଠଗୁଣ୍ଠ, ଲଛମା, ମାମୁ, ପ୍ରାୟଶ୍ଚିତ୍ତ, ଗଳ୍ପପୁସ୍ତକ-ଗଳ୍ପସ୍ୱଳ୍ପ (ପ୍ରଥମ ଓ ଦ୍ୱିତୀୟଭାଗ), କାବ୍ୟ-କବିତା ଉତ୍କଳ ଭ୍ରମଣ, ବୌଦ୍ଧାବତାର, ଉପହାର, ପୂଜାଫୁଲ, ଅବସର ବାସରେ, ଧୂଳି ଓ ଆତ୍ମଚରିତ ଓଡ଼ିଆ ସାହିତ୍ୟର ଏକଏକ ଅମୂଲ୍ୟ ସଂପଦ। ଫକୀରମୋହନ ସେନାପତି ମକରସଂକ୍ରାନ୍ତିରେ ବାଲେଶ୍ୱରସ୍ଥ ମଲ୍ଲିକାଶପୁରଠାରେ ଜନ୍ମଗ୍ରହଣ କରିଥିଲେ। ରଜସଂକ୍ରାନ୍ତି ଦିନ ତାଙ୍କର ପରଲୋକ ହୋଇଥିଲା। ଫକୀରମୋହନଙ୍କ ଗଳ୍ପଗୁଡ଼ିକ ତତ୍‌କାଳୀନ ସାମାଜିକ ବ୍ୟବସ୍ଥାର ନିଖୁଣ ପ୍ରତିଛବି। ମାନବିକ ମୂଲ୍ୟବୋଧର ସୁରକ୍ଷା ପାଇଁ ଫକୀରମୋହନ ତାଙ୍କ ଗଳ୍ପ, ଉପନ୍ୟାସ ଓ କବିତା ମାଧ୍ୟମରେ ଆହ୍ୱାନ ଦେଇଛନ୍ତି।

ଶିକ୍ଷିତ ପୁତ୍ର ସମାଜରେ ପ୍ରତିଷ୍ଠିତ ହେଲା ପରେ ପିତା-ପୁତ୍ରର ସଂପର୍କକୁ ଭୁଲି ଯାଉଛି। ନିଜର ସୁଖ-ସ୍ୱାଚ୍ଛନ୍ଦ୍ୟକୁ ସେ ଗୁରୁତ୍ୱ ଦେଉଛି। ଏହି ସାମାଜିକ ବ୍ୟବସ୍ଥାର ଅଧୋଗତିକୁ ଲେଖକ ମର୍ମେମର୍ମେ ଉପଲବ୍ଧି କରି ରଚନା କରିଛନ୍ତି 'ଡାକମୁନ୍‌ସି' ଗଳ୍ପ। ପିତାମାତାଙ୍କର ସେବା କରିବା ପ୍ରତ୍ୟେକ ପୁତ୍ରର ପବିତ୍ର କର୍ତ୍ତବ୍ୟ। ଏହି ଭାବର ଉଦ୍ରେକପାଇଁ ଲେଖକ ଉକ୍ତ ଗଳ୍ପ ରଚନା କରିଛନ୍ତି।

**ହ**ରି ସିଂ ସରକାରୀ କର୍ମରେ ବାହାଲ ହେଲା ଦିନଠାରୁ ମଫସଲର ସାନ ବଡ଼ ଅନେକ ପୋଷ୍ଟ ଅଫିସକୁ ବଦଳି ହୋଇ କର୍ମ ଇଞ୍ଜାମ କରି ଆସିଲେଣି। ଆଜକୁ ଦଶ ବରଷ ହେଲା କଟକ ସଦର ପୋଷ୍ଟ ଅଫିସରେ ବରାବର ରହି କର୍ମ କରୁଛନ୍ତି। ଭଲରୂପେ କର୍ମ କରିବାରୁ ପ୍ରମୋସନ ପାଇଲେଣି – ବର୍ତ୍ତମାନ ସେ ହେଡ୍ ପିଅନ, ଦରମା ମାସକୁ ନଅ ଟଙ୍କା। କଟକ ସହରରେ ସବୁ ଜିନିଷ କିଣା – ନିଆଁଟିକକପାଇଁ ଦିଆସିଲିଟା ମଧ ନ କିଣିଲେ ନୁହେଁ। ଅତି କଷ୍ଟରେ ଚଳି ସୁଦ୍ଧା ମାସକୁ ପାଞ୍ଚ ଟଙ୍କାରୁ ଊଣା ଖରଚ ପଡ଼େ ନାହିଁ। କୌଣସି ରୂପେ ଘରକୁ ଚାରିଟଙ୍କା ନ ପଠାଇଲେ ନୁହେଁ। ଘରେ ସ୍ତ୍ରୀ ଆଉ ଆଠ ବରଷର ପୁଅ ଗୋପାଳ। ମଫସଲ ଜାଗା, ଚାରି ଟଙ୍କାରେ କୌଣସିରୂପେ ଟାଣଟୁଣ ହୋଇ ଚଳିଯାଏ। ସେଥିରୁ ପଇସାଏ ଊଣା ହେଲେ ଅଚଳ। ଗୋପାଳ ଅପର ପ୍ରାଇମେରୀ ସ୍କୁଲରେ ପଢ଼େ। ସ୍କୁଲରେ ଦରମା ମାସକୁ ଦୁଇଅଣା – ସ୍କୁଲ ଦରମା ଛଡ଼ା ଆଜି ବହି ଖଣ୍ଡେ, କାଲି ସ୍ଲେଟ କାଗଜ ଏସବୁ ଜିନିଷ କିଣିବାକୁ କେବେ କେବେ କିଛି କିଛି ବେଶି ଖରଚ ପଡ଼େ। ଏପରି ଉପୁରି ଖରଚ ପଡ଼ିଗଲେ ସେ ମାସରେ ଭାରି କଷ୍ଟ। ଦିନେ ଦିନେ ବୁଢ଼ାକୁ ଉପାସ ରହିଯିବାକୁ ହୁଏ। ଉପାସ ହେଉ ପଛେ ମୋ ଗୋପାଳଟି ପଢୁ।

ଦିନେ ପୋଷ୍ଟମାଷ୍ଟର ସର୍ଭିସ୍ ବୁକ୍ ଦେଖି କହିଲେ – "ହରି ସିଂ, ତୁମ୍ଭର ପଞ୍ଚାବନ ବରଷ ବୟସ ହୋଇଗଲା, ପେନ୍‌ସନ୍ ନେବାକୁ ହେବ, ଆଉ ଚାକିରି କରିପାରିବ ନାହିଁ।" ସିଙ୍ଗଙ୍କ ମୁଣ୍ଡରେ ତ ବଜ୍ର ଭାଙ୍ଗିପଡ଼ିଲା। କ'ଣ କରିବେ, ସଂସାର ଚଳିବ କିପରି ? ସଂସାର ଯାହା ହେଉ, ଗୋପାଳର ଯେ ପଢ଼ା ବନ୍ଦ। ଗୋପାଳ ଜନ୍ମଦିନଠାରୁ ସିଙ୍ଗେ ମନ ମଧ୍ୟରେ ଭାରି ଗୋଟାଏ ଉଚ୍ଚ ଆଶା ପୋଷିଛନ୍ତି – ଗୋପାଳ ମଫସଲ ପୋଷ୍ଟ ଅଫିସରେ ସବ୍‌ପୋଷ୍ଟମାଷ୍ଟର ହେବ। ମାତ୍ର ଟିକିଏ ଇଂରେଜୀ ନ ଜାଣିଲେ ଏତେ ବଡ଼ ଚାକିରିଟା ମିଳିବା ମୁସ୍କିଲ୍। ମଫସଲରେ ସୁବିଧା ନାହିଁ, କଟକ ଆଣି ଇଂରେଜୀ ପଢ଼ାଇବାକୁ ହେବ। ଚାକିରି ଗଲେ ତେଡ଼େ ବଡ଼ ଆଶାରୁ ଏକାବେଳକେ ନିରାଶ। ସବୁବେଳେ ସେହି କଥା ଭାବିଭାବି ଦେହଟା କଳାକାଠ ପଡ଼ିଗଲାଣି। ଦିନେଦିନେ ରାତିରେ ନିଦ ହୁଏ ନାହିଁ, ଭାବିଭାବି ରାତି ପାହିଯାଏ।

ସିଙ୍ଗେଙ୍କ ଉପରେ ପୋଷ୍ଟମାଷ୍ଟରବାବୁଙ୍କର ଭାରି ମେହେରବାନି। ବସାରେ ନୂକରିର ଚାକର ଥିଲେ ମଧ୍ୟ ସରକାରୀ କାମ ସାରି ସଞ୍ଜବେଳେ ସିଙ୍ଗେ ବାବୁଙ୍କ ବସାରେ ଦୁଇ-ଚାରିଟା କାମଦାମ କରିଦେଇ ଆସନ୍ତି। ସଞ୍ଜବେଳେ ଗୋଟାଏ ଆରାମ ଚୌକିରେ ପଡ଼ି ବାବୁ ଇଂରେଜୀ ଖବରକାଗଜ ପଢ଼ିବାବେଳେ ସିଙ୍ଗେ ଯେଉଁ ମିଠା କଡ଼ା ଗୁଡ଼ାଖୁ ଚିଲିମକ ସାଜି ଦିଅନ୍ତି, ସେପରି କେହି ଜାଣେ ନାହିଁ। ଦିନେ ସଞ୍ଜବେଳେ ସିଙ୍ଗେ ଭଲକରି ଗୁଡାଖୁ ଚିଲିମେ ସାଜିଆଣି ଭଲକରି ଚିଲିମଟା ଫୁଙ୍କିଦେଲେ। ବାବୁଙ୍କ ମୁହଁରୁ ଇଞ୍ଜିନ୍ ପାଇପରୁ ବାହାରିଲା ପରି ଧୂଆଁଗୋଡ଼ାକ ଭକ୍‌ଭକ୍ କରି ବାହାରୁଛି, ଟିକିଏଟିକିଏ ଆଖି ବୁଜି ଆସିଲାଣି। ସିଙ୍ଗେ ବୁଝିନେଲେ,ଏହିଟା ଠିକ୍ ସମୟ। ସିଙ୍ଗେ ବାବୁଙ୍କ ଗୋଡ଼ତଳେ ଦଣ୍ଡବତ ହୋଇ ହାତଯୋଡ଼ି ଖୁବ୍ ଭକ୍ତି, ଖୁବ୍ ବିନୟ, ଖୁବ୍ ଧୀର, ଖୁବ୍ ମିଠା କଥାରେ ଆପଣାର ଦୁଃଖ ହାଲ ଚୁମ୍ବକଚୁମ୍ବକ ସମସ୍ତ କଥା ଜଣାଇଲେ। ଗୋପାଳ ସମ୍ବନ୍ଧେ ତାହାଙ୍କର ଯେଉଁ ଉଚ୍ଚାଶା, ତାହା ମଧ୍ୟ ଜଣାଇବାକୁ ପାସୋରିଲେ ନାହିଁ। ବାବୁ ସେହିପରି ନୟନ ମୁଦ୍ରିତାବସ୍ଥା – ଧୀର ଗମ୍ଭୀର ଭାବରେ କହିଲେ, "ଆଚ୍ଛା, ଦରଖାସ୍ତ ଖଣ୍ଡେ ଲେଖି ଆଣ।" ବାବୁଙ୍କର ସାହସ ଥିଲା, କାରଣ – ପୋଷ୍ଟେଲ ଇନ୍‌ସ୍ପେକ୍ଟର ବା ସୁପରିଣ୍ଟେଣ୍ଡେଣ୍ଟବାବୁମାନେ ଆସିଲେ ପୋଷ୍ଟମାଷ୍ଟରବାବୁଙ୍କ ବସାରେ ରହନ୍ତି। ଉପର ହାକିମମାନଙ୍କ ମନ ତୁଷ୍ଟି ପାଇଁ ଖାଦ୍ୟପେୟ ବିଷୟରେ ଯେପରି ଆୟୋଜନ ହେବାର ଉଚିତ, ସେଥିର ତ୍ରୁଟି ହୁଏ ନାହିଁ। ସେ ରାତ୍ରିରେ ପୋଷ୍ଟମାଷ୍ଟରବାବୁ 'ହରି ସିଂ, ହରି ସିଂ' କରି ଦଶଥର ପାଟି କରୁଥିବାର ଶୁଣାଯାଏ। ହରି ସିଙ୍ଗେ ପୁରୁଣା ଲୋକ, ଢେର୍ ଢେର୍ ହାକିମହୁକୁମା ଅମଳ କଲେଣି। କାହାର କି ରକମ ମିଜାଜ, କିଏ କାହିଁରେ ଖୁସି ଜାଣନ୍ତି। ସେଦିନ ଅଧରାତିଯାଏ ସିଙ୍ଗଙ୍କୁ ବାବୁଙ୍କ ବସାରେ ରହିବାକୁ ହୁଏ। କାରଣ ଓଡ଼ିଶାର କଦର୍ଯ୍ୟ ହାଓ୍ୱା ହେତୁରୁ କେହି ବାବୁ ହଠାତ୍ ପୀଡ଼ିତ ହୋଇ ବାନ୍ତିବୃନ୍ତି କରିପକାଇଲେ ହୁସିଆର ସିଙ୍ଗେ ସୋଡ଼ା କାଗଜିଲେମ୍ବୁ ପ୍ରଭୃତି ହାଜର କରାଇ ବାବୁଙ୍କୁ ସମ୍ଭାଳି ନିଅନ୍ତି। ବାବୁମାନେ ଆରାମରେ ଶୟନ କଲା ଉତ୍ତାରେ ସିଙ୍ଗେ ଅଧରାତିରେ ବସାକୁ ଯାଇ ଆପଣା ପାଇଁ ରୋଷେଇ କରନ୍ତି। ଏହି ସୂତ୍ରରେ ସିଙ୍ଗେ ଉପରବାଲା ହାକିମମାନଙ୍କଠାରେ ପରିଚିତ।

ହରି ସିଂଙ୍କ ଦରଖାସ୍ତ ପିଠିରେ ପୋଷ୍ଟମାଷ୍ଟରବାବୁ ଭଲରୂପେ ସୁପାରିସ କରି ସଦରକୁ ପଠାଇଦେଲେ; ଅଳ୍ପଦିନ ମଧ୍ୟରେ ଦୁଇ ବରଷ ଏକ୍‌ସଟେନ୍‌ସନ୍ ହୁକୁମ ପହଂଚିଲା। ସିଙ୍ଗେ ତ ମହାଖୁସି, ଏହି ଖୁସି ଖବରଟା ଗାଁକୁ ଲେଖି ପଠାଇଲେ। ବର୍ତ୍ତମାନସର୍ବସ୍ୱ ଲୋକ ଉପସ୍ଥିତ ସୁଖ ବା ଦୁଃଖରେ ବିମୋହିତ ହୋଇପଡ଼ିଥାନ୍ତି। ଭବିଷ୍ୟତ୍-ବିଧାତା ତାହା ପାଇଁ କ'ଣ ବିଧାନ କରୁଛନ୍ତି, ତେଣିକି ଥରେ ହେଲେ ଅନାଇବା ଦରକାର ମଣନ୍ତି ନାହିଁ। ସିଙ୍ଗଙ୍କର ଏତେ ବଡ଼ ଆନନ୍ଦଟା ପାଣିଫୁଟକା ପରି ଫାଟିଗଲା। ଘରଠାରୁ ଚିଠି ଆସିଲା ଗୋପାଳ ମାଆର ସନ୍ନିପାତ ରୋଗ। ଜୀବନର ଆଶା ନାହିଁ। ସିଙ୍ଗେ ପୋଷ୍ଟମାଷ୍ଟରବାବୁଙ୍କୁ ଚିଠିଖଣ୍ଡ ଦେଖାଇଲେ – ବାବୁ ବଡ଼ ଦୟାଳୁ ଲୋକ, ତତ୍‌କ୍ଷଣାତ୍ ଛୁଟି ଦେଲେ।

ସିଙ୍ଗେ ଏକ ନିଃଶ୍ୱାସରେ ଘରକୁ ଧାଇଁଲେ, ଘରେ ପହୁଂଚି ଯାହା ଦେଖିଲେ ତାଙ୍କ ଆଖିର ଜ୍ୟୋତି ହଜିଗଲା । ଜଗତଟା ଯେମନ୍ତ ଅନ୍ଧକାରମୟ । ବୁଢ଼ୀର କଥା ଶେଷ ପ୍ରାୟ ହେଲାଣି । ସ୍ୱାମୀଙ୍କୁ କ୍ଷୀଣ ଦୃଷ୍ଟିରେ ଭଲକରି ଅନାଇଲେ, ଦୁଇହାତ ଅଳ୍ପ ଉଠାଇ ଦଣ୍ଡବତ କଲେ, ସ୍ୱାମୀ ଗୋଡ଼ଧୂଳି ନେବାକୁ ଠାରିଲେ । ସେହି ଧୂଳିଟିକକ ପାଇଁକି ଅନାଇ ରହିଥିଲେ ? ସବୁ ଶେଷ ହେଲା !

ସିଙ୍ଗଙ୍କର ପ୍ରକୃତ ଗୃହ ଭଗ୍ନ ହେଲା – ସେ ଘରର ମାଲମତା ଦୁଇଖଣ୍ଡ ବିକି ଦେଇ ପିଲାଟିକୁ ଧରି କଟକ ପଳାଇ ଆସିଲେ ।

ଗୋପାଳ ମାଇନର ପଢ଼େ । ସିଙ୍ଗଙ୍କର ବର୍ତ୍ତମାନ ଭାରି କଷ୍ଟ, ପେନ୍‌ସନ୍ ହୋଇଗଲାଣି – ଭାରି ଅଚଳ । ଘରେ ଲୋଟାକଂସା ଯାହା ଦୁଇଖଣ୍ଡ ଥିଲା ବିକି ଖାଉଛନ୍ତି; ଚାକିରିରେ ଥିବାବେଳେ ଅତି କଷ୍ଟରେ ମାସକୁ ଦୁଇ-ଚାରି ଅଣା ସଞ୍ଚି ସେବିଂସ୍ ବେଙ୍କରେ କିଛି ରଖିଥିଲେ, ଗୋପାଳ ପଛରେ ମାଇନର ପଢ଼ାରେ ସବୁ ସାରିଲେ । ସିଙ୍ଗଙ୍କର ପ୍ରବଳ ଆଶା ଗୋପାଳ ପାସ୍ କଲେ ସବୁ କଷ୍ଟ ମେଣ୍ଟିବ । ଗୋପାଳ ମଧ୍ୟ କେତେଥର ଭରସା ଦେଇ କହିଲାଣି – "ବାପା, ଧାରକରଜ କରି ମୋତେ ପଢ଼ାଅ, ଚାକିରି କରି ଶୁଝିବି ।"

ହରି ସିଂଙ୍କର ଆର୍ତ୍ତ ପ୍ରାର୍ଥନା ଦୀନବନ୍ଧୁ ପ୍ରଭୁ ଭଗବାନ୍ ଶୁଣିଲେ । ଗୋପାଳ ମାଇନର୍ ପାସ୍ କଲା । ସିଙ୍ଗଙ୍କର ଆନନ୍ଦର ସୀମା ନାହିଁ । ସେହି ପୁରୁଣା ପୋଷ୍ଟମାଷ୍ଟରବାବୁ ଅଛନ୍ତି, ସିଙ୍ଗେ ତାହାଙ୍କୁ ଧରି ବହୁତ ନିବେଦନ କଲେ । ଉପର ହାକିମମାନଙ୍କର ମଧ୍ୟ କିଛି ଅନୁଗ୍ରହ ଥିଲା – ଗୋପାଳ ଏକାବେଳକେ ମଫସଲ ମକ୍ରାମପୁର ପୋଷ୍ଟ ଅଫିସ୍‌ରେ ସବ୍-ପୋଷ୍ଟମାଷ୍ଟର ନିଯୁକ୍ତ ହେଲେ, ବେତନ ମାସକୁ କୋଡ଼ିଏ ଟଙ୍କା । ବର୍ତ୍ତମାନ ସଦର ପୋଷ୍ଟଅଫିସ୍‌ରେ ଚାରିମାସ କାମ ଶିଖି ମଫସଲ ଯିବେ ।

ହରି ସିଙ୍ଗଙ୍କର ଆନନ୍ଦର ସୀମା ନାହିଁ, ଅନବରତ ପ୍ରଭୁଙ୍କୁ ଅନାଇ ମୁଣ୍ଡିଆ ମାରିମାରି ଜଣାଉଛନ୍ତି – "ଧନ୍ୟ ପ୍ରଭୁ ତୁମ୍ଭର କରୁଣା, ଦୁଃଖୀର ଗୁହାରି ଶୁଣିଲ ।" ଚାକିରି ଖବର ଆସିବା ଦିନ ରାତିରେ ବୁଢ଼ା ସିଙ୍ଗେ ନିରୋଳାରେ ବସି ଢେର୍ କାନ୍ଦିଲେ । ହାୟ ! ଆଜି ବୁଢ଼ୀ ଥିଲେ କେଡ଼େ ଆନନ୍ଦଟାଏ ହୁଅନ୍ତେ, ତାଙ୍କ ଗୋପାଳ ହାକିମି ଚାକିରି ପାଇଲା, ଆନନ୍ଦ ଉତ୍ସବରେ ଗଡ଼ିଯାଉଥାନ୍ତେ । ହାୟ ! ଅଭାଗୀ କପାଳରେ ଦେଖିବାକୁ ନାହିଁ । ହେଉ ହେଉ, ତାଙ୍କ ଗୋପାଳ ତ ହାକିମ ହେଲା । ପ୍ରଭୁ ଗୋପାଳଟିକୁ ରକ୍ଷା କରନ୍ତୁ ।

ଗୋପାଳ ପ୍ରଥମ ମାସ ଦରମାଟା ପାଇ ବୁଢ଼ା ହାତରେ ଦେଲା । ବୁଢ଼ାର ଆନନ୍ଦ କହିଲେ ନ ସରେ, ଗୋଡ଼ ତଳେ ପଡୁ ନାହିଁ । ପୁଅ ହାକିମ; ଏତେଗୁଡ଼ାଏ ଟଙ୍କା ମାସକ ମଧ୍ୟରେ ଆଣିଲା । ଟଙ୍କାଗୁଡ଼ାକ ଚାରି-ପାଞ୍ଚ ଥର ଗଣି ଅଣ୍ଟିରେ ବାନ୍ଧି ଶୋଇଲେ । ଆରଦିନ ସକାଳେ ଲଣ୍ଡଭଣ୍ଡ ହୋଇ ବଜାରକୁ ଧାଇଁଲେ । ଜୁତା, କୁରୁତା, ଲୁଗା ଯାହା ଯାହା ଦରକାର କିଣାଗଲା । ଗୋପାଳ ଯେ ହାକିମ ହେଲାଣି, ସେ କ'ଣ ଯେ – ସେ ଲୁଗା ପିନ୍ଧିବ ? ଭେକ ଦେଖି ସିନା ଭିକ । ସେହିପରି ପୋଷାକ ଲୋଡ଼ା ।

ଏଣେ ଗୋପାଳବାବୁ ଅଫିସରେ ପାଞ୍ଚ ଜଣ ବାବୁ ସାଙ୍ଗରେ ବସି ଇଂରେଜୀ ଲେଖନ୍ତି – ବାବୁମାନଙ୍କ ସହିତ ସବୁବେଳେ କାରବାର । ସମସ୍ତେ ଡାକନ୍ତି 'ଡାକମୁନ୍‌ସିବାବୁ' – ପୂରା ନାମ ଗୋପାଳଚନ୍ଦ୍ର ସିଂ । ଏଣେ ବସାରେ ଆସି ଦେଖନ୍ତି କ'ଣ ନା, ବୁଢ଼ାଟାଏ ମଳିଆ ଲୁଗା ଖଣ୍ଡେ ପିନ୍ଧି କାମରେ ଲାଗିଛି; ଗୋପାଳ କିମିତି ଭଲ କରି ଦି'ଟା ଖାଇବ – ଗୋପାଳ ଗାଧୋଇଗଲା, ଓଦା ଲୁଗା ଶୁଖି ନାହିଁ – ପିଲାଟା କାମ କରିକରି ଧନ୍ଦିଗଲାଣି, ଏହି ସମସ୍ତ ଦିନରାତି ଚିନ୍ତା ।

ଆଗେ ବୁଢ଼ା ସିଙ୍ଗେ ବେଳେବେଳେ ହରିନାମ କରୁଥିଲେ, କିଛି କିଛି ଧର୍ମକର୍ମ କରୁଥିଲେ; ଏବେ ଗୋପାଳବାବୁଙ୍କ ପାଇଁ ସବୁ ଭୁଲିଗଲେଣି । ବୋଧ କରୁଁ, ହରି ଏସବୁ ଦେଖି ବୁଢ଼ା ଉପରେ ଖପା ହେଇଗଲେଣି – ଧମକାଇ କହିଲେ, 'ଆରେ ନିର୍ବୋଧ ଏ କ'ଣ ରେ ! ଆଚ୍ଛା ବୁଝିବୁ !'

ଏଣିକି ଗୋପାଳବାବୁଙ୍କର ଭାବ କିଛିକିଛି ବଦଳିଗଲାଣି । ଏବେ ବାପକୁ ଦେଖିଲେ ମିଛଟାରେ ହେଲେ ରଗରଗ ସିଂସିଂ ହୁଅନ୍ତି । ଏଟା ମୂର୍ଖ, ଇଂରେଜୀ ଜାଣେ ନାହିଁ – ମୂଲିଆ – ମଳିଆ ଲୁଗା ପିନ୍ଧିଥାଏ, ଏଟାକୁ ବାପ ବୋଲି ଡାକିବି, ଲୋକେ କ'ଣ କହିବେ ! ସେଦିନ ଶିକ୍ଷିତା କେତେ ଜଣ ସ୍ତ୍ରୀଲୋକ ସେମିଜ୍ ପିନ୍ଧି ପୋଷାକ ପିନ୍ଧି ଠିଆହୋଇଥିଲେ । ବୁଢ଼ାଟା ଦେହରେ କୁରୁତା ନାହିଁ, ସେମାନଙ୍କ ଆଗ ଦେଇ ଚାଲିଗଲା – କି ଲଜ୍ଜା, କି ଲଜ୍ଜା ! ଏଟାକୁ ବସାରୁ ନ ତଡ଼ିଲେ ଆଉ ଇଜ୍ଜତ ରହିବ ନାହିଁ ।

ଦିନେ ଡାକମୁନ୍‌ସିବାବୁ ବାପକୁ କହିଦେଲେ, "ଦେଖ, ତୁମେ ମୋର କିଛି ଉପକାର କରି ନାହଁ, ଇଚ୍ଛା ହେଲେ ବସାରେ ରହ ନୋହିଲେ ଚାଲିଯାଅ । ଆଉ ଦେଖ, ବାବୁମାନେ ଆମ ଦୁଆରକୁ ଆସିଲେ ତୁମେ ଘରୁ ବାହାରିବ ନାହିଁ ।" ଗୋପାଳ କଥା ଶୁଣି ବୁଢ଼ାର କାନମୁଣ୍ଡା ଭାଁ ଭାଁ କଲା – ଗୁମ୍ କରି ବସିପଡ଼ିଲା । କାହାକୁ କହିବ ? ପୁଅ କଥା; ଅଜାଗା ଘା ଦେଖିହୁଏ ନାହିଁ କି ଦେଖାଇ ହୁଏ ନାହିଁ । ଯାହାକୁ ମନର କଥା କହନ୍ତା ସେ ଯାଇଛି । ବୁଢ଼ୀ କଥା ମନରେ ପଡ଼ିଲା, ଢେର କାନ୍ଦିଲା, ଚାରିଆଡ଼କୁ ଅନାଇଲା – କେହି ଭରସା ନାହିଁ । ବୁଢ଼ା ଦୁଃଖ ବେଳେ ବୁଢ଼ୀ କଥା ମନରେ କରେ, ସୁଖ ବେଳେ ମନରେ କରେ । ମୁହଁ ପୋଛିଲା, ଆଉ କାନ୍ଦିଲା ନାହିଁ, ଗୋପାଳର କାଳେ ଅମଙ୍ଗଳ ହେବ ।

ଗୋପାଳବାବୁ କାଲି ସକାଳେ ମଫସଲର କାମ ଜାଗାକୁ ଯିବେ, ବୁଢ଼ାକୁ ଜଣାଇ ନାହାନ୍ତି । ସକାଳୁ ଉଠିଲେ, ଅବଜ୍ଞା ଭାବରେ କହିଲେ – "ଏ ବାବା, ମୁଁ ମଫସଲ ବାହାରିଲି । ଏହି ଜିନିଷପତ୍ର ସବୁ ଘେନି ଆସ । କେତେ ବା ଜିନିଷ, ବୁଝି ଖବରଦାର, ମୂଲିଆ କରିବ ନାହିଁ, କଲେ ତୁମେ ଜାଣ, ମୁଁ ପଇସା ଦେବି ନାହିଁ ।" ବାବୁ ପୋଷାକ ପିନ୍ଧି କାଖରେ ଛତା ଜାକି ବାଡ଼ି ଘୂରାଇଘୂରାଇ ଚାଲିଗଲେ । ବୁଢ଼ା କଣ କରିବ, ସବୁ ଜିନିଷ ଗୁଣ୍ଡାଇପୁଣ୍ଡାଇ ଗୋଟିଏ ମୁଟରି ବାନ୍ଧି ମୁଣ୍ଡାଇଲା । ଚାଲିପାରୁନାହିଁ, ଦେହରେ ବଳ ନାହିଁ, ଆଖିରୁ ବେଳେବେଳେ ପାଣି ବହିପଡୁଛି, ଦଶ ଜାଗା ବସି ଉଠି ସଞ୍ଜ ସରିକି ମକ୍ରାମପୁରରେ ପହୁଂଚିଲା । ଡେରି ହେବାରୁ ବାବୁ ଫଜିତ୍‌ଟାଏ କଲେ, ବୁଢ଼ା ଗୁମ୍ ହୋଇ ବସି ଥକା ମେଣ୍ଟାଉଥାଏ ।

ବାବୁ ସକାଳ ସଞ୍ଜ ଅଫିସକୁ ଯାଆନ୍ତି, ବୁଢ଼ାଟା ମୁହଁ ବୁଜି ବସାରେ କାମ ପାଇଟିରେ ଲାଗିଥାଏ । ବାପ ପୁଅ ଦୁଇଜଣ ଏକ ଜାଗାରେ ବସି ଦୁଇଟା ସୁଖଦୁଃଖ କଥା ହେଉଛନ୍ତି, ଏ କଥା କେହି କେବେ ଦେଖି ନାହିଁ । ଡାକମୁନ୍‌ସି ହେଲେ ମଫସଲର ଗୋଟାଏ ହାକିମ । କେତେ ଲୋକ ଆସି ଦଣ୍ଡବତ କରି ଯାଉଛନ୍ତି – ମୂର୍ଖ ବୁଢ଼ାଟା କ'ଣ ଜାଣେ ଯେ ତା ସାଙ୍ଗରେ କଥା କହିବେ !

ଗୋପାଳବାବୁ ବାପକୁ ନ ଶୁଣେଇ ଗୋଟାଏ କନ୍ୟା ଠିକ୍ କଲେ । ସେ କନ୍ୟାକୁ ବିଭା ହେଲେ ଜାତିରେ ଅଚଳ । ବୁଢ଼ା ଢେର କନ୍ଦାକଟା କଲେ । କିଏ ଶୁଣେ ? କ'ଣ କରିବ ବୁଢ଼ାଟା ରାଜି ହେଲା ।

ବୁଢ଼ା ଦେହରେ ମଫସଲ ପାଣି ଚଳିଲା ନାହିଁ, ଜର ହେଲେ ଖୁଁ ଖୁଁ କରି କାଶେ, ସେ କାଶଟା ରାତିକି ବେଶି ହୁଏ ।

ବାବୁଙ୍କ ଶୋଇବାରେ ହରକତ ହେଲା – ପିଅନକୁ ହୁକୁମ ଦେଲେ, "ବୁଢ଼ାଟାକୁ କିଆବାଡ଼ରେ ଫୋପାଡ଼ି ଦେଇ ଆସ ।" ସେ ପିଅନଟା ମୂର୍ଖ; ଇଂରେଜୀ ପଢ଼ି ନାହିଁ, ତା'ର ଗୋଟାଏ ଦେଶୀ ହୃଦୟ ଅଛି; ବିଚାର କଲା, 'କଣ ଏ ? ବୁଢ଼ା ରୋଗୀଟିକୁ କିଆବାଡ଼ରେ ଶୁଆଇଦେବି ?'

ଦିନେ ବୁଢ଼ାର ଭାରି ଜର, ତିନିଦିନ ଖାଇ ନାହିଁ, ଅଧରାତି, ଅନ୍ଧାର – ଥଣ୍ଡା ପାଇ ବୁଢ଼ାର କାଶ ବଳି ପଡ଼ିଲା । ବାବୁ ତ ଭାରି ଖପା, ବୁଢ଼ା ଛାତିରେ ଦୁଇଟା ଇଂରେଜୀ ଘୁଷି ମାରିଲେ, ବିଛଣାପତ୍ର ବାହାରକୁ ଫୋପାଡ଼ି ଦେଲେ – ବୁଢ଼ା ଗାଁକୁ ପଳାଇଲା ।

ପାଖରେ ଥିବା ଖୁବ୍ ଭଲଲୋକଠାରୁ ଶୁଣାଯାଇଛି, ଗୋପାଳବାବୁଙ୍କ ମନ ସେହି ଦିନଠାରୁ ବଡ଼ ଖୁସି । ଆଉ ଏଣେ ବୁଢ଼ା ଗାଁକୁ ଆସି ତାହାର ଯେଉଁ ଦୁଇ ମାଣ ଜମି ଥିଲା ଭାଗରେ ଲଗାଇଦେଲା । ଘରେ ବସି ଧାନ ପାଏ । ପେନ୍‌ସନ୍ ଟଙ୍କାରେ ଲୁଗାପଟା, ଲୁଣତେଲ ଖର୍ଚ୍ଚ ଚଳେ । କାଶ ହେଲା ଦିନଠୁଁ ବୁଢ଼ା ଟିକିଏ ଟିକିଏ ଅଫିମ ଧରିଛି । ସବୁ ଖର୍ଚ୍ଚ ବେଶ୍ ଚଳେ । ଘରଠାରେ ପିଣ୍ଡାରେ ବସି ହରିନାମ କରେ ।

ଉଚ୍ଛୁଣି ବାପପୁଅ ଦୁହେଁ ଖୁସି – ପରର ସୁଖ ଦେଖି ପାଠକ ମହାଶୟ ଖୁସି ହୁଅ ।

**ସୂଚନା :**

ଇଞ୍ଜାମ – ପ୍ରଶଂସାର ସହିତ କାର୍ଯ୍ୟ, ଦାୟିତ୍ୱ ଓ ପ୍ରଶଂସାର ସହିତ ନିର୍ବାହ କରିବା ।

ଦୁଇଅଣା – ୧୯୫୭ ମସିହା ପୂର୍ବରୁ ଭାରତରେ ଏକଟଙ୍କାକୁ ୧୬ ଭାଗରେ ବିଭକ୍ତ କରାଯାଇ ପ୍ରତ୍ୟେକ ଭାଗକୁ ଅଣା କୁହାଯାଉଥିଲା । ପ୍ରତି ଅଣାକୁ ଚାରିଭାଗ କରାଯାଇ ପ୍ରତିଭାଗକୁ ଏକପଇସା ଏବଂ ଏହିପରି ଏକଟଙ୍କା ସମାନ ଷୋଳଅଣା ବା ଚଉଷଠି ପଇସା ଥିଲା । ସେ ହିସାବରେ ଦୁଇଅଣା ଅର୍ଥାତ୍ ଏକଟଙ୍କାର ଆଠଭାଗରୁ ଭାଗେ ବର୍ତ୍ତମାନ ମୂଲ୍ୟରେ ବାରପଇସାକୁ ସାମାନ୍ୟ ଅଧିକ ।

ମେହେରବାନି – ଦୟା, ଅନୁକମ୍ପା, ସହଯୋଗ

ମୁକରିର – ନିଯୁକ୍ତ

ଭେକ – ବେଶପୋଷାକ

ମୁଟରି – ଗଣ୍ଠିଲି

ଫଜିତ୍ – ନିନ୍ଦା ବା ଗାଳି

ହରକତ – ହଇରାଣ, ଅସୁବିଧା

**ଆସ, ଜାଣିବା କେତୋଟି ନୂତନ ଶବ୍ଦ ।**

| |
|---|
| ବାହଲ, ମୁକରିର, ରକମ୍, ଫଜିତ୍, ଉଚ୍ଛୁଣି, ଇଞ୍ଜାମ୍, ହାଲ୍, ମାଲ୍‌ମତା, ହର୍‌କତ୍, ଭେକ, ମୁସ୍କିଲ୍, ମିଜାଜ୍, ସେମିଜ୍, ହାଜର୍, ମୁଟରି, ମେହେରବାନି, ସୁପାରିସ୍, ଇଜ୍ଜତ୍, ତୁଷ୍ଟି, ସୂତ୍ର |

## ଅଭ୍ୟାସକାର୍ଯ୍ୟ

**(୧) ଆସ, କଥାବାର୍ତ୍ତା ହେବା ।**

(କ) ହରିସିଂ କେଉଁ ପୋଷ୍ଟ ଅଫିସ୍‌ରେ କାର୍ଯ୍ୟ କରୁଥିଲେ ?

(ଖ) ମାସିକ ଦରମା ରୂପେ ହରିସିଂଙ୍କୁ କେତେଟଙ୍କା ମିଳୁଥିଲା ?

(ଗ) ହରିସିଂଙ୍କ ଦେହ କାହିଁକି କଳାକାଠ ପଡ଼ିଯାଇଥିଲା ?

(ଘ) ପୋଷ୍ଟମାଷ୍ଟର୍ ବାବୁ କେତେବେଳେ ଇଂରେଜୀ ଖବର କାଗଜ ପଢୁଥିଲେ ?

(ଙ) ହରିସିଂଙ୍କୁ ପୋଷ୍ଟମାଷ୍ଟର ବାବୁ କାହିଁକି ଭଲପାଉଥିଲେ ?

**(୨) ଦୁଇ ବା ତିନୋଟି ବାକ୍ୟରେ ତଳ ପ୍ରଶ୍ନର ଉତ୍ତର ଲେଖିବା ।**

(କ) ନଅ ଟଙ୍କା ଦରମାରେ ହିରସିଂ କିପରି ଗୁଜୁରାଣ ମେଣ୍ଟାଉଥିଲେ ?

(ଖ) ଗୋପାଳକୁ ଇଂରେଜୀ ପଢ଼ାଇବା ପାଇଁ ହରିସିଂ କାହିଁକି ଇଚ୍ଛା କରିଥିଲେ ?

(ଗ) ହରିସିଂ ଗାଆଁରେ ପହଞ୍ଚି କ'ଣ ଦେଖିଲେ ?

(ଘ) ପତ୍ନୀଙ୍କ ମୃତ୍ୟୁ ପରେ ହରିସିଂ କ'ଣ କଲେ ?

(ଙ) ଚାକିରି ସରିଯିବା ପରେ ହରିସିଂଙ୍କର କ'ଣ ଅସୁବିଧା ହେଲା ?

**(୩) ଆସ, ତଳେ ଦିଆଯାଇଥିବା ବାକ୍ୟ ଗୁଡ଼ିକୁ ସରଳ ଭାଷାରେ ବୁଝାଇ ଲେଖିବା ।**

(କ) "ଆରେ ନିର୍ବୋଧ ଏ କ'ଣରେ ! ଆଚ୍ଛା ବୁଝିବୁ" ।

(ଖ) 'ଅଜାଗା ଘା, ଦେଖିହୁଏ ନାହିଁ କି ଦେଖାଇହୁଏ ନାହିଁ' ।

(ଗ) ବର୍ତ୍ତମାନ ସର୍ବସ୍ୱ ଲୋକ ଉପସ୍ଥିତ ସୁଖ ବା ଦୁଃଖରେ ବିମୋହିତ ହୋଇପଡ଼ିଥା'ନ୍ତି ।

**(୪) ତଳେ ଦିଆଯାଇଥିବା ବୈଦେଶିକ ଶବ୍ଦଗୁଡ଼ିକର ଅର୍ଥ ପାଖ କୋଠରିରେ ଅଛି । ଆସ, ଏହାକୁ ମିଳାଇ ଲେଖିବା, ଯେପରି ରକମ୍ - ପ୍ରକାର ।**

ମଫସଲ, ମାଲ୍‌ମତା, ଇଜ୍ଜତ୍
ଫଜିତ୍, ହରକତ୍, ହାଜର୍
ହାଲ୍, ମିଜାଜ୍

| |
|---|
| ଜିନିଷପତ୍ର, ଗାଁ ଅଞ୍ଚଳ, ନିନ୍ଦା ବା ଗାଳି, ହଇରାଣ, ଉପସ୍ଥିତ, ମର୍ଯ୍ୟାଦା ଅବସ୍ଥା, ମାନସିକ ସ୍ଥିତି, କ୍ଷମା |

(୫) ତଳେ 'କ' ସ୍ତମ୍ଭରେ କେତେଗୁଡ଼ିଏ ଶବ୍ଦ, 'ଖ' ସ୍ତମ୍ଭରେ – ସେହି ଶବ୍ଦର ଅର୍ଥ ଓ 'ଗ' ସ୍ତମ୍ଭରେ ତାହାର ସମ୍ପର୍କିତ ବାକ୍ୟ ଦିଆଯାଇଛି । ସେଗୁଡ଼ିକୁ ଗାରଟାଣି ଯୋଡ଼ିବା ।

| 'କ' | 'ଖ' | 'ଗ' |
|---|---|---|
| ବାହାଲ୍ | ନିଯୁକ୍ତି | ଆଲ୍ଲାହା ସମସ୍ତଙ୍କ ପାଇଁ ମେହେରବାନି କରନ୍ତି । |
| ଇଞ୍ଜାମ | ଦୟା | କାର୍ଯ୍ୟରେ ମୁକରିର ହେବା ଯୋଗୁଁ ସେ ସନ୍ତୁଷ୍ଟ । |
| ମୁସ୍କିଲ୍ | ପ୍ରଶଂସାର ସହିତ କାର୍ଯ୍ୟ | ସୁରେଶବାବୁ ବେସରକାରୀ କାର୍ଯ୍ୟରେ ବାହାଲ୍ ହୋଇଛନ୍ତି । |
| ମେହେରବାନି | କଷ୍ଟ | ନୂଆବର୍ଷଠାରୁ ଦୀପକ କାମ ଇଞ୍ଜାମ କରୁଛନ୍ତି । |
| ମୁକରିର | ଥଇଥାନ | କାମଟି ଯେତେ ମୁସ୍କିଲ୍ ହେଲେ ବି ରବି କରିଥାଏ । |

(୬) ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକୁ ନେଇ ଆସ ଗୋଟିଏ ଛୋଟ ଅନୁଚ୍ଛେଦ ଲେଖିବା ।

ଖାଦ୍ୟପେୟ, ତୁଷ୍ଟି, ଉଚ୍ଛୁଣି, ଧର୍ମକର୍ମ, ଦୁଃଖସୁଖ, ଅନନ୍ଦଉତ୍ସବ ।

(୭) ତଳେ ଦିଆଯାଇଥିବା ରୂଢ଼ିଗୁଡ଼ିକର ଅର୍ଥ ଲେଖି ବାକ୍ୟରେ ବ୍ୟବହାର କରିବା ।

(କ) ବଜ୍ର ପଡ଼ିବା - ଅର୍ଥ (              ), ବାକ୍ୟ ________________

________________

(ଖ) ଭେକ ଦେଖି ଭିକ - ଅର୍ଥ (              ), ବାକ୍ୟ ________________

________________

(ଗ) ଚକେ ଗଲେ ବାରହାତ - ଅର୍ଥ (              ), ବାକ୍ୟ ________________

________________

(ଘ) ଚାଲି ନ ଜାଣି ବାଟର ଦୋଷ - ଅର୍ଥ (              ), ବାକ୍ୟ ________________

________________

(୮) ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକର ସନ୍ଧିବିଚ୍ଛେଦ କରି ଲେଖିବା ।

(କ) ଉଚ୍ଚାଶା =

(ଖ) ମୁଦ୍ରିତାବସ୍ଥା =

(ଗ) ପରସ୍ପର =

(ଘ) ମତାମତ =

## (୯) ତଳେ ଦିଆଯାଇଥିବା ଅନୁଚ୍ଛେଦଟିକୁ ପଢ଼ି କେତୋଟି ପ୍ରଶ୍ନ ତିଆରି କରିବା ।

ଦିନେ ଡାକମୁନ୍‌ସିବାବୁ ବାପକୁ କହିଦେଲେ, "ଦେଖ, ତୁମେ ମୋର କିଛି ଉପକାର କରି ନାହଁ। ଇଚ୍ଛା ହେଲେ ବସାରେ ରହ ନୋହିଲେ ଚାଲିଯାଅ । ଆଉ ଦେଖ, ବାବୁମାନେ ଆମ ଦୁଆରକୁ ଆସିଲେ ତୁମେ ଘରୁ ବାହାରିବ ନାହିଁ" । ଗୋପାଳ କଥା ଶୁଣି ବୁଢ଼ାର କାନମୁଣ୍ଡା ଭାଁଭାଁ କଲା – ଗୁମ୍ କରି ବସି ପଡ଼ିଲା, କାହାକୁ କହିବ ? ପୁଅ କଥା; ଅଜାଗା ଘା' ଦେଖିହୁଏ ନାହିଁ କି ଦେଖାଇ ହୁଏ ନାହିଁ । ଯାହାକୁ ମନର କଥା କହନ୍ତା, ସେ ଯାଇଛି । ବୁଢ଼ୀ କଥା ମନରେ ପଡ଼ିଲା, ଢେର କାନ୍ଦିଲା, ଚାରିଆଡ଼କୁ ଅନାଇଲା – କେହି ଭରସା ନାହିଁ । ବୁଢ଼ା ଦୁଃଖ ବେଳେ ବୁଢ଼ୀ କଥା ମନରେ କରେ, ସୁଖ ବେଳେ ମନରେ କରେ । ମୁହଁ ପୋଛିଲା, ଆଉ କାନ୍ଦିଲା ନାହିଁ, ଗୋପାଳର କାଳେ ଅମଙ୍ଗଳ ହେବ ।

________________________________________

________________________________________

________________________________________

________________________________________

________________________________________

## (୧୦) ଭୁଲ୍ ଶବ୍ଦକୁ ଠିକ୍ କରି ତା' ପାଖରେ ଲେଖିବା ।

| | |
|---|---|
| ମୁକରୀର – | ଲଜା – |
| ପଂକ୍ତିତ – | ଦୁଖଃ – |
| ତୃଷ୍ଟି – | ମୁଶ୍କିଲ – |
| ସୂତ – | ନିଃସ୍ୱାଶ – |
| ମେହରବାନି – | ସ୍ୱାମି – |
| ଦେଶି – | ପାର୍ଥନା – |
| ମୂର୍ଖ – | ମୁଲିଆ – |

## ତୁମପାଇଁ କାମ :

ଫକୀରମୋହନ ସେନାପତିଙ୍କର ଅନ୍ୟାନ୍ୟ ଗଳ୍ପଗୁଡ଼ିକ ସଂଗ୍ରହକରି ପଢ଼ ଓ ଶ୍ରେଣୀରେ ସେହି ଗଳ୍ପଗୁଡ଼ିକୁ ସାଙ୍ଗମାନଙ୍କୁ ଶୁଣାଅ ।

***

IHT1H9

# ଦଶହରା ଭେଟି

● ରାଜକିଶୋର ରାୟ

**ଲେଖକ ପରିଚୟ :**

ରାଜକିଶୋର ରାୟ (୧୯୧୪-୧୯୯୮) ଓଡ଼ିଆ କ୍ଷୁଦ୍ରଗଳ୍ପ ଜଗତର ଜଣେ କଥାକାର ଭାବେ ସୁପରିଚିତ । ପୁରୀ ଜିଲ୍ଲାର ଛତାବର ଗ୍ରାମରେ ତାଙ୍କର ଜନ୍ମ । ସେ କଲିକତା ବିଶ୍ୱବିଦ୍ୟାଳୟରୁ ଓଡ଼ିଆରେ ଓ ପାଟନା ବିଶ୍ୱବିଦ୍ୟାଳୟରୁ ଇଂରାଜୀରେ ଏମ.ଏ. ପାସ୍ କରିଥିଲେ । କୁଶଳୀ ଅଭିନେତା, କୃତବିଦ୍ୟ ଅଧ୍ୟାପକ ଓ  ଦକ୍ଷ ପ୍ରଶାସକ ଭାବରେ ସେ ବହୁ ଜଣାଶୁଣା । ତାଙ୍କ ରଚିତ 'ନୀଳ ଲହରୀ', 'ବିକଚ ଶତଦଳ', 'ଅଶୋକ ଚକ୍ର', 'ପଙ୍କ ଚନ୍ଦନ', 'ଜୀବନ ସଙ୍ଗୀତ' ପ୍ରଭୃତି ଜନପ୍ରିୟ ଗଳ୍ପ ସଂକଳନ, 'ଦୀପାଳୀ' କବିତା ସଂକଳନ ଓ 'ପଞ୍ଚପଲ୍ଲବ' ନାମରେ ଏକାଙ୍କିକା ସୃଷ୍ଟିକରି ସେ ଯଶସ୍ୱୀ ହୋଇଛନ୍ତି । ଦୈନନ୍ଦିନ ଜୀବନର ପରିଚିତ ଘଟଣାବଳୀକୁ ସେ ତାଙ୍କର ଲେଖନୀ ସାହାଯ୍ୟରେ ଅଦ୍ଭୁତ ରୂପ ପ୍ରଦାନ କରୁଥିଲେ ।

ଏହି ଗଳ୍ପରେ ମାନବିକ ମୂଲ୍ୟବୋଧର ମହତ୍ତ୍ୱ ପ୍ରତିଫଳିତ ହୋଇଛି । ଏକ କରୁଣ ଦୃଶ୍ୟ ମାନସିକ ରୂପାନ୍ତରରେ ସହାୟକ ହୋଇ ନିଷ୍ଠୁର ବ୍ୟକ୍ତିଠାରେ କିପରି ସ୍ନେହ କରୁଣାରେ ପରିଣତ ହୋଇପାରିଛି, ତାହା ଖୁବ୍ ହୃଦୟସ୍ପର୍ଶୀ ଭାବରେ ଏହି ଗଳ୍ପରେ ବର୍ଣ୍ଣନା କରାଯାଇଛି ।

**ସୁ**ନନ୍ଦା ମୋର ସ୍ତ୍ରୀ ।

ମୋର ଅପକ୍ୱ ବୟସରେ ତାଙ୍କ ସହିତ ମୋର ବିବାହ ହୋଇଯାଇଛି । ତେଣୁ ତାଙ୍କଠାରୁ ଯାହା କିଛି ଭିକ୍ଷା ମୁଁ ଚାହେଁ -ଧନୀର ସନ୍ତାନ ସେ - ତା'ମୋର ଶୂନ୍ୟଥାଳରେ ସେ ଅଜାଡ଼ି ଦିଅନ୍ତି ସତ; ମାତ୍ର ସେଇ ଅଜାଡ଼ିବାରେ ତାଙ୍କର ଯେଉଁ ତିଳପ୍ରାୟ 'ଅହଂ' ଲୁଚି ରହିଥାଏ, ତାହା ମୁଁ ଶୁଷ୍କମୁଖରେ ମରଣ ଅବଧି ସହି ନେଇପାରନ୍ତି; କିନ୍ତୁ ପାରେନା, କାରଣ ମୁଁ ତାଙ୍କର ସ୍ୱାମୀ ।

ସୁନନ୍ଦା କାବ୍ୟକବିତାର ପ୍ରେୟସୀ । ମୁଁ ଖାଣ୍ଟି ବାସ୍ତବବାଦୀ । ମୋ ଆଗରେ ମୃତ୍ୟୁ ମୃତ୍ୟୁ; ଜୀବନ ଜୀବନ; ମରଣ ଭିତରେ ମୁଁ ଅମୃତ ହସ୍ତର ଇଙ୍ଗିତ ଦେଖେନି କି ଜନ୍ମ ବା ସୃଷ୍ଟିରେ ମୁଁ ହୁଏନି ଆତ୍ମହରା ।

ଆଜି ଯେଉଁ ଅଶିଣ ସକାଳ କଥା ମୁଁ କହୁଛି, ଠିକ୍ ସେହି ସକାଳ କୋଡ଼ିଏ ବରଷ ତଳେ ସୁନନ୍ଦାର ଶ୍ରୀ ଉପରେ ସଙ୍ଗୀତ ଢାଳିଥିଲା । ସେହି ସଙ୍ଗୀତ ଆଜି ବି ମୋର ପ୍ରାଣକୁ ମଧୁଛନ୍ଦରେ ଉଥଳ କରେ, ଯେତେବେଳେ ମୁଁ ତାଙ୍କର ହାସଦୀପ୍ତ ତୃପ୍ତମୁଖ ଉପରେ ନେତ୍ରପାତ କରେ ।

ଅନ୍ତର୍ଯାମୀ ଜାଣନ୍ତି, ଏଇ ମୋର ସ୍ତ୍ରୀ ସୁନନ୍ଦାପାଇଁ ମୁଁ କଅଣ ବା ନ କରୁଛି, ନ କରିଛି ।

x x x x

ସେଦିନ ବିଜୟାଦଶମୀର ପ୍ରଭାତ, ସୁନ୍ଦର ଓ ସୁଖର ପ୍ରଭାତ । ସୁନନ୍ଦା ସକାଳୁ ଗୁଣୁଗୁଣୁ ହୋଇ ତାଙ୍କର କୋଠରିଟି ସଜାଇବାରେ ଲାଗିଛନ୍ତି । ଗତ ରାତ୍ରିର ଅଳସଭାବ ଧୀରେ କଟିଯାଇଛି ତାଙ୍କର ଆଖିପତାରୁ । ଶରତ୍‌ର ସ୍ୱର୍ଣ୍ଣ କିରଣରେ ଗବାକ୍ଷ ପଥ ହୋଇଛି ରଞ୍ଜିତ ।

ଗୃହସଜ୍ଜା ସରିଛି । ମୁଁ ଅନ୍ୟମନସ୍କ ଭାବରେ ବସି ରହିଛି କାଉଚ୍ ଉପରେ । ଦୂରରେ ଦଶଭୁଜା ମଣ୍ଡପ ଉପରେ ନହବତ୍‌ର ତାନ ତରଙ୍ଗାୟିତ ହୋଇ ବହିଆସୁଛି ଧୀରେ... ଅତି ଧୀରେ । ସୁନନ୍ଦା ସାବୁନରେ ହାତ ଧୋଉଧୋଉ କହିଲେ, 'ଏଇ ଯାଃ ଭୁଲିଗଲି, ତୁମ ରୁମ୍‌ଟାରେ ଟିକିଏ ହାତମାରି ଆଣିପାରିଲି ନାହିଁ; କିନ୍ତୁ ତୁମେ ଯେଉଁ ଛବିଗୁଡ଼ାକ ଟାଙ୍ଗିଛ ! ଉଃ କି ଭୟଙ୍କର ! ଚାହିଁଲାବେଳକୁ ମତେ ବଡ଼ ଭୟ ଲାଗେ ।'

ନହବତ୍‌ର ସୁରରେ ମୋର ପ୍ରାଣ ଯେପରି ବିଜଡ଼ିତ ହୋଇଯାଇଥିଲା । ସୁନନ୍ଦାର କଥାରେ ମୋର ଅଭିନିବେଶ ଭାଙ୍ଗିଗଲା, କହିଲି-

ସୁନ, ମୁଁ ନିଜେ ଯେତେବେଳେ ତୁମର ରୁଚିକର ହୋଇପାରୁନି, ମୋର ରୁମ୍, ମୋର ଛବି କିପରି ବା ତୁମର ପ୍ରିୟ ହେବ ?

'ଏଇ ରାଗିଲେ ବୋଧହୁଏ' କହି ସୁନନ୍ଦା ତାଙ୍କର କେତକୀଭୂରୁ ନଚାଇ ମୋ ଆଡ଼େ ହାଣିଲେ କଟାକ୍ଷ ।

ନା, ମୁଁ ରାଗି ନାହିଁ । ଯଦି ପାର ମହାତ୍ମାଙ୍କର ସେଇ ଚାଇନାକ୍ଲେ ମୂର୍ତ୍ତିଟା ପେଟ୍ରୋଲ ଦେଇ ସଫା କରି ରଖ । ଚାକରକୁ କହିଲେ ଘରଟା ପରିଷ୍କାର କରିଦେବ । ଆଚ୍ଛା, କେଉଁ ଛବିଗୁଡ଼ାକ ବଡ଼ ଭୟଙ୍କର ବୋଲି କହୁଛ ସୁନ ? ଉତ୍କଳମଣିଙ୍କର ? ବିଶ୍ୱରେ ଯେଉଁ ଗୋଟାଏ ବୋଲି ଲୋକ ହୃଦୟ ଫଟାଇ କିଛିଦିନ କାନ୍ଦି ପାରିଥିଲା ? ଗୌତମଙ୍କର ମାୟାମୁକ୍ତ ହୋଇ ସନ୍ନ୍ୟାସ ଯାତ୍ରା ? ଯାହାଙ୍କର ଅମୃତବାଣୀ ଶତ ସନ୍ତପ୍ତ ପ୍ରାଣରେ ଜରା ଓ ମୃତ୍ୟୁର ଭୟ ଦୂର କରୁଛି ? ଦୀନବନ୍ଧୁ ? ସାହେବ ହେଲେ ବି ଯେ ମହାଭାରତୀୟ ଅଟନ୍ତି ? ଭରଜିନ୍ ମେରୀ ? ନିଉଟନ୍ ? ଶିବାଜୀ ? ଫ୍ଲୋରେନ୍‌ସ ନାଇଟିଙ୍ଗେଲ୍ ? କାହାକୁ ଭୟ କରୁଛ ?

ବର୍ଷବର୍ଷଧରି ଏଇ ସବୁ ଛବି ମୋର ପ୍ରକୋଷ୍ଠ ଅଳଂକୃତ କରୁଛି । ସୁନନ୍ଦା ଦେଖିଛନ୍ତି, ଜାଣିଛନ୍ତି – ତଥାପି ତାଙ୍କର ଭୟ ? ପୁଣି ପଚାରିଲି – 'କେଉଁ ଛବିଗୁଡ଼ାକ ଭୟର କାରଣ, ମୁଁ ଏଇକ୍ଷଣି ଦୂର କରିଦେବି । ତୁମର ପରିତୃପ୍ତି ପାଇଁ ମୋର ଏତେ ଦିନର ଦାନ – ବୃକ୍ଷରେ ଗୋଟିଏ ମାତ୍ର କୀଟ ମୁଁ ଛାଡ଼ିଦେଇ ପାରେ ନା ।'

'ନା ଗୋ, ସେ ସବୁ ଛବି କଥା ମୁଁ କହୁ ନାହିଁ । ସାତ ଆଠ ଦିନ ତଳେ ଯେଉଁ ସବୁ ଛବି ଖବରକାଗଜରୁ କାଟି ବଡ଼ବଡ଼ ପେଷ୍ଟବୋର୍ଡ଼ରେ ଲଗେଇ ରଖିଛ, ସେ କ'ଣ ସବୁ ସତ ?'

କାବ୍ୟକବିତାମୋଦୀ ମୋର ନିଜ ଅଙ୍କଲକ୍ଷ୍ମୀ ଏଇ ବାସ୍ତବ ଚିତ୍ରଗୁଡ଼ାକ ଅଳୀକ ବୋଲି ଭାବୁଛି ? କହିଲି – 'ସାବୁନ ହାତରେ ଶୁଖିଗଲାଣି, ଧୋଇ ଆସ । ହଁ, ମନେ ପଡ଼ିଲା, ଆଜି ଯେ ଦଶହରା । ମୋର କର୍ତ୍ତବ୍ୟ ନା, ଆନନ୍ଦ – ତୁମକୁ କିଛି ଉପହାର ଦେବା । ଦେବି; କିନ୍ତୁ କଅଣ ଦେବି ?'

ସୁନନ୍ଦା ଅଭିମାନିନୀ । ଏଇ କଥାଟା ସେ କଥାପ୍ରସଙ୍ଗରେ ଉଠେଇବେ ବୋଲି 'ତୁମ ରୁମ୍‌ଟାରେ ହାତ ଦେଇପାରିଲି ନାହିଁ' ଆରମ୍ଭ କରିଥିଲେ; କିନ୍ତୁ କଥାର ସ୍ରୋତ ଧରିଲା ଭିନ୍ନ ଆକାର ।

ସୁନନ୍ଦା ଉତ୍‌ଫୁଲ୍ଲ ହୋଇ କହିଲେ – 'କାହିଁକି ମନେ ପଡ଼ିବ ? ଏ ବର୍ଷ କିନ୍ତୁ ମୁଁ ଛାଡ଼ିବି ନାହିଁ । ଗୋଟିଏ ରେଡ଼ିଓ, ଗୋଟିଏ ସେଟ୍ ଇଭିନିଂ ଇନ୍ ପ୍ୟାରିସ୍, ଆଉ ମୋ' ପାଇଁ ଦୁଇଖଣ୍ଡ ଦାମିକିଆ ଶାଢ଼ି । ତା'ପରେ ସନ୍ଧ୍ୟାରେ ନିମନ୍ତ୍ରଣ ନିଶ୍ଚୟ । ସେଥିପାଇଁ ଲେମନ୍‌ସ୍କ୍ୱାଶ୍ ଦୁଇ ବୋତଲ, ଟର୍କି ଦୁଇଟା, ବାଦାମ, ପେସ୍ତା, ଅଙ୍ଗୁର ସବୁଥିରୁ ଦୁଇ ଦୁଇ ସେର, ଆଉ–'

'ଥାଉ ସୁନ ! ଆଚ୍ଛା କେଉଁମାନେ ନିମନ୍ତ୍ରିତ ହେବେ ?'

ସୁନ ହସିହସି ଆରମ୍ଭ କଲେ – ପ୍ରେମରାଜବାବୁଙ୍କୁ ନିମନ୍ତ୍ରଣ କରିବା; ସେ ନୂଆ ସବ୍‌ଜଜ୍ ହୋଇ ଆସିଛନ୍ତି । ତାଙ୍କ ସ୍ତ୍ରୀ ଚାନ୍ଦିନୀ ମୋର ପିଲାଦିନର ସାଥୀ । ଆଉ ପୁପୁ, ମିନା, ତାଙ୍କର ଛୋଟ ପୁଅ ଓ ଝିଅ ! ତା'ପରେ ବଙ୍କିମବାବୁ ପ୍ଲିଡର । ଜୋସେଫ୍ ରାଉତ ଓ ତାଙ୍କ ସ୍ତ୍ରୀ ଇଭ ରାଉତ । ତମେ ନିଶ୍ଚୟ ଚିହ୍ନ, ସେମାନେ ତମର ଖୁବ୍ ପ୍ରଶଂସା କରନ୍ତି । ଯୁଦ୍ଧସଭାରେ ତୁମର ବକ୍ତୃତା ଅବିକଳ ନକଲ କରି ତାଙ୍କ କାଗଜରେ ଛପେଇ ଥିଲେ । ଚରଣକିଙ୍କର ବାବୁ ଯଦିଓ ଅବିବାହିତ–'

ଏତିକିବେଳେ – 'ମାଆ, ଦୁଃଖିଆ ମାଆ ଦୁଆରେ ଛିଡ଼ା ହୋଇଛି, ତା' ପୁଅକୁ ଦୁଧ ଖୁଆଇବ, ଟିକିଏ ଚିନି ମାଗୁଛି' କହି ଚାକର ରମୁ ସାଆନ୍ତାଣୀଙ୍କର ଆଦେଶ ଅପେକ୍ଷାରେ ରହିଲା । କଥା କହିଲାବେଳେ ସୁନନ୍ଦାକୁ କିଏ ବାଧା ଦେଲେ ସେ ବିରକ୍ତ ହୁଅନ୍ତି । ସାଙ୍ଗେ ସାଙ୍ଗେ ଆଦେଶ ମିଳିଲା – 'ନା ଚିନି ନାହିଁ ।' ମୁଁ ପଚାରିଲି, 'ରମୁ, ତା'ର ପିଲାଟି କେଡ଼େ ?' ରମୁ ସନ୍ତର୍ପଣରେ ଟିକିଏ ମାଆକୁ ଅନେଇ କହିଲା, 'ଏଇ ମାସକର ହେବ । ବଡ଼ ଦୁଃଖ ବାବୁ ତା'ର; ଦୁଧ ଟିକିଏ ମିଳେ ନାଇଁ ଯେ ଖାଲି ପାଣିରେ ଚିନି ଦେଇ ସେ କଅଁଳା ଛୁଆଟିକୁ ହାପୁଡ଼େଇ ଦିଏ । ଆପଣ ଥିଲେ ବୋଲି ଲାଜ ମାଡ଼ିଲା ତାକୁ, ସେଥିପାଇଁ ମିଛରେ କହିଲା ଦୁଧ । ମୁଁ ଜାଣେ ଛୁଆଟା ଖାଲି ପାଣି ପିଏ ।'

କାଉଚ୍ ଉପରୁ ମୁଁ ଉଠି ଛିଡ଼ାହେଲି । ଦୁର୍ଗାମଣ୍ଡପ ଉପରୁ ନହବତର ଧ୍ୱନି ଭାସି ଆସୁଥାଏ । କହିଲି – 'ରମୁ, ସେରେ ଚିନି ତାକୁ ଦେ । ଆଉ ତାକୁ କହ, ତା'ର ପିଲା ଦୁଇବର୍ଷ ହେବାଯାଏ ନିତି ସକାଳେ ଆସି ସେରେ ଗାଈଦୁଧ ଘରୁ ନେଇ ଯାଉଥିବ । କଅଣ କହୁଚ ସୁନନ୍ଦା ? ପିଲାଟା ବଂଚିଯାଉ ।' ସୁନନ୍ଦା କିଛି କହିବା ପୂର୍ବରୁ ମୁଁ କହିଚାଲିଲି, 'ହଁ ସବୁ କିଣା ହେବ, ନିମନ୍ତ୍ରଣ ବି କରାଯିବ; କିନ୍ତୁ ଜିନିଷ ସବୁ କିଣିବାକୁ ତୁମକୁ ମୋ ସାଙ୍ଗରେ ଯିବାକୁ ହେବ ବଜାରକୁ । ମାଇପିଙ୍କ ପସନ୍ଦ ଆଗରେ ଆମ ପସନ୍ଦ ପାସଙ୍ଗରେ ପଡ଼େ ? ଶୀଘ୍ର ତିଆରି ହୋଇଯାଅ । ଆଉ ରମୁ, ତୁ ଡ୍ରାଇଭରକୁ କହ ମଟରଟା ଗ୍ୟାରେଜରେ ରଖି ସେ ଘରକୁ ଯାଉ । ତା'ର ତ ପୁଣି ପିଲାପିଲି ଅଛନ୍ତି । ଆଜି ଯେ ଦଶହରା !'

'କିନ୍ତୁ ମୁଁ ଯେ ବଜାର ଯିବି ବୋଲି କହିଲ ?'

ସୁନନ୍ଦା ବ୍ୟଥିତ ଦୃଷ୍ଟିରେ ଏତକ କହି ମୁହଁ ଫେରାଇ ରହିଲେ ।

ମୁଁ ଆସ୍ତେ କହିଲି, 'ଆଜିଠୁ ଏବେ କୁଳଭୁଆସୁଣୀ ନ ହେଲେ କ୍ଷତି କଅଣ ? ତୁମେ ପାଦରେ ଯିବ, ଦେଖିବ, ବୁଝିବ । ଏଥିରେ ତୁମର ଇଞ୍ଜିନିୟର ସ୍ୱାମୀ ଲାଜ ପାଇବେ ନାହିଁ । ତୁମର ଭୟ କଅଣ ?'

x x x x

ସହରର ଛକ ଜାଗାମାନଙ୍କରେ ଜନସମାଗମ ବେଶି । ଶାରଦୀୟ ପୂଜାର ସମ୍ଭାର ନଗରର ବୁକୁ ଉପରେ ଐନ୍ଦ୍ରଜାଲିକ ଶୋଭା ରଚନା କରିଛି । କାହାର ଯେପରି ଅବକାଶ ନାହିଁ, ନାହିଁ ଅବସର କିମ୍ବା ଅବସାଦ । ସୁନନ୍ଦାଙ୍କୁ ମୋର ପାଖେପାଖେ ଚଳେଇ ମୁଁ ଯାଉଛି ତାଙ୍କପାଇଁ ପୂଜାର ଉପହାର କିଣିଦେବାପାଇଁ ।

ହଠାତ୍ କାହିଁକି ସୁନନ୍ଦା ମୋର ଦୃଷ୍ଟି ଆକର୍ଷଣ କରାଇ କହିଲେ, 'ଇଃ....ଇଲୋ କେଡ଼େ ଅସନା ପିଲାଟାଏ ମ ?' ମୁଁ ବୋଧହୁଏ ଆଉ କ'ଣ ଭାବୁଥିଲି । ଚାଲୁଚାଲୁ କହିଲି, 'କେଉଁ ପିଲା ?'

'ମାଗନ୍ତାଟାଏ; ଦେଖମ ଦେଖମ... କୁକୁର ବାନ୍ତିଗୁଡ଼ାକ କେମିତି ଚାଟି ପକାଉଚି । ଇହି, ଇଲୋ ମାଆଲୋ, ଥୁଃ, ଥୁଃ, ମାଆ କି ତା'ର କଅଣ ଗାତଚୁଲି ହେବ ଛିଡ଼ା ହୋଇଛି, ତାକୁ ଅନେଇଛି ଖାଲି ବାଲୁବାଲୁ କରି । ଇହି... । ଚାଲ ଚାଲମ, ମୋ ମୁଣ୍ଡ କଅଣ ହୋଇଯାଉଛି- ଚାଲ..।'

ସୁନନ୍ଦାର ବିସ୍ଫାରିତ ନେତ୍ରର ଦୃଷ୍ଟି ଯେଉଁଆଡ଼େ ତାଙ୍କୁ ଅଭିଭୂତ କରି ସ୍ଥାଣୁ ଭଳି ଛିଡ଼ା କରେଇଛି ସେଇଆଡ଼େ ମୁଁ ଚାହିଁ ଦେଖିଲି ଯାହା ତା' ମଣିଷ କେଭେ ସଜ୍ଞାନରେ ଦେଖିଲେ କମ୍ପିଉଠିବ ।

ଅନ୍ଦାଜ ପାଞ୍ଚବର୍ଷର ମଣିଷ ପିଲା । ମୁଣ୍ଡଟା ହାଣ୍ଡି ଭଳି; ଉଦରଟା ଫୁଲିଛି ଅସମ୍ଭବ ଭାବରେ । ଆଖି ନାହିଁ, କେବଳ ଗାଡ଼ ଦୁଇଟା; ଗୋଟାଏ ଧାର ପିମ୍ପୁଡ଼ି ସେ ଗାଡ଼ ଦିଟା ଆକ୍ରମଣ କରିବାକୁ ଆଗେଇଛନ୍ତି । ହାତଗୋଡ଼ ଚାରିଟା ଚାରିଖଣ୍ଡ କାଉଁରିଆ କାଠି । ହାଡ଼ ତଳକୁ ଚିପି ହୋଇଯାଇଛି ଚମ । ହନୁ ହାଡ଼ ଦୁଇଟା ମୁଣ୍ଡ ଖପୁରିରୁ ଆଠଆଙ୍ଗୁଳ ଖଣ୍ଡେ ବାହାରି ଆସିଛି । କୁକୁରଟାର ସଦ୍ୟ ବାନ୍ତିରୁ ଯେଉଁ କ୍ଷୀଣ ବାଷ୍ପ ବାହାରୁଛି ତାକୁଇ ଶୁଙ୍ଘି ହତଭାଗା ବାଆଁ ହାତ ପାପୁଲିରେ ପୋଷେ ବାନ୍ତି ଧରି ଡାହାଣ ହାତର ଖଡ଼ିକା ଭଳି ଆଙ୍ଗୁଠିରେ ସେଇ ବାନ୍ତି ଭିତର ତଣ୍ଡୁଳ କେତୁଟା ପାଟିକୁ ପକାଇ ଦେଉଛି ଟପ୍....ଟପ୍.... । ତା'ର ବୁଭୁକ୍ଷା ଯେପରି ଅପ୍ରତିହତ ବିରାଟ । ତା' ପରେପରେ ଦେଖିଲି, ଟୋକାଟା ଭାତଦାନା ବାନ୍ତି ଭିତର ଆଉ ଘାଣ୍ଟି ନ ପାରି ପୋଷକଯାକ କୁକୁରବାନ୍ତି ଢୋକିଦେଲା ପାପୁଲି ଠେଲି !!

ଛାତିଟା ମୋର ଧଡ଼ାକ୍‌କିନା ହୋଇ ସ୍ପନ୍ଦନହୀନ ହୋଇଗଲା । ନିଜକୁ ସମ୍ଭାଳି ନେଇ ସ୍ତ୍ରୀଙ୍କୁ ଅନେଇଲି; ସେ ନାକରେ ପଣତ ଦେଇ ଥୁ ଥୁ କରୁଛନ୍ତି । ହତଭାଗାର ମାଆ ଆଡ଼କୁ ଚାହିଁ ଦେଖିଲି, ଏକ ହୃଦୟବିଦାରକ ଦୃଶ୍ୟ । ନର୍ଦ୍ଦମା ଉପରେ ଭାସମାନ ଖଲି ଖଣ୍ଡେ । ପଡ଼ିଉଠି ଦଉଡ଼ି ଅଭାଗୀ ସେ ଖଲିଖଣ୍ଡି ଛାଣିଆଣିଛି ପୂତିଗନ୍ଧମୟ ନର୍ଦ୍ଦମାରୁ । ବୋଧହୁଏ, ସେ ଆଶା କରିଥିଲା ବହୁତ; ଭରସା ରଖିଥିଲା ଭାଗ୍ୟ ଉପରେ । ଲୋଭୀ ତସ୍କରଭଳି ଖଲିଟାକୁ ସାଉଁଟି ଆଣି ମେଲେଇ ଦେଖେ ତ ସବୁ ଶୂନ୍ୟ । ତା'ର ଆଖି ଆଗରେ ଘନ ଅନ୍ଧାର – ଯେପରି ଶତ ସହସ୍ର ଭୂମଣ୍ଡଳ ସେଇ ମହାଶୂନ୍ୟର ମହାଗ୍ରାସ ଭିତରେ ଲୀନ ହୋଇଯାଇଛନ୍ତି । ଧାଇଁଆସିଲା ସେ ରାକ୍ଷସୀ ପରି; ଗୋଟାଏ ନିର୍ଘାତ ନାତରେ 'ମର' କହି ପିଲାଟାକୁ ତଳେ ପକାଇ ଦେଲା, ଆଉ ପରକ୍ଷଣରେ ହତଭାଗିନୀ ଶୋଷି ଦେଇଗଲା କୁକୁରର କ୍ଳେଦମିଶା ପଚା ଲାଳ.... ବାନ୍ତି !!

ଡାକିଲେ – 'ଶୁଣୁଛ ।'

'ଏଁ ।'

'ରେଡ଼ିଓ ଦୋକାନ ଆଉ ଦୂରକୁ ଟିକିଏ ଅଛି ।'

'ରେଡ଼ିଓ ?'

'ହୁଁ ।'

'ଯିବ ? ଚାଲ ।'

ସହରର ରାଜପଥ ଛାଡ଼ି ଗଳି ଭିତରେ ପହଂଚିଲୁ ମୁଁ ଓ ସୁନନ୍ଦା । ସୁନନ୍ଦାର ପଥଚଲା ଅଭ୍ୟାସ ନାହିଁ । ତାଙ୍କୁ ବାଧିଲାଣି । ହଠାତ୍ ଶୁଣିଲି କିଏ କହୁଛି – ଦୁଇ ମାସର ପିଲା; ମାସେ ହେଲା କ୍ଷୀର ମୁହଁ ଦେଖିନି । ମାଆ ତାଙ୍କୁଣୀ ଯାହା ପେଜମନ୍ଦେ ତାକୁ ପିଆଇ ଦେଲା । ପିଲାଟା ତା' ଆଖିକାନ ଖୋଷି ମାଆ କୋଳରେ ସେଇଠି ଢଳି ପଡ଼ିଲା; ହା ଭଗବାନ୍ ! ହା !

ମୁଁ ଆଗେଇ ଚାଲିଲି-

ସୁନନ୍ଦା ମୋର ହାତ ଧରି କହିଲେ, 'କୁଆଡ଼େ ଯାଉଛ ?'

'କାହିଁକି ଶାଢ଼ି, ରେଡ଼ିଓ, ତା' ପରେ ଅଙ୍ଗୁର, ପେସ୍ତା ଏ ସବୁ ?'

'ନା ଥାଉ' – ଦେଖିଲି ସୁନନ୍ଦାର ଆଖି ଛଳଛଳ, କପୋଳରେ ଝାଳ ।

'ରାମ ନାମ ସତ୍ୟ.... ରାମ ରାମ...'

'ଉଃ' କହି ସୁନନ୍ଦା ଚିତ୍କାର କରି ଉଠିଲେ । ମୁଁ ବ୍ୟସ୍ତ ଭାବରେ ଗୋଟାଏ ଚଳନ୍ତା ଟାକ୍‌ସି ଅଟକାଇ ସୁନନ୍ଦାର ଅନିଚ୍ଛାସତ୍ତ୍ୱେ ତାକୁ ବସାଇ ଡ୍ରାଇଭରକୁ କହିଲି ଚଲା ବଙ୍ଗଳାକୁ ।

ଠିକ୍ ସେତିକିବେଳେ ନିଖିଳ ଶବସଂସ୍କାର ସମିତିର ଜଣେ ସେବକ ମତେ ନମସ୍କାର କରି ମଟର ପାଖେ ଛିଡ଼ା ହେଲେ; କାନ୍ଧ ଉପରେ ସମିତିର ହୁଦା ।

'ସାର୍, ବୁଢ଼ା ଆଠଦିନ ଭୋକରେ ଏଇକ୍ଷଣି ଟଳିପଡ଼ିଲା ! ପ୍ରତିଦିନ ପିଲା, ମଣିଷ, ମାଇପି, ବୁଢ଼ା ହୋଇ ଦଶ ପନ୍ଦର ଉଠେଇବାକୁ ପଡୁଛି । ଆପଣଙ୍କ ଭଳି ବଦାନ୍ୟ ବ୍ୟକ୍ତିଙ୍କ ପାଖରୁ ଏ ସମିତି କିଛି ସାହାଯ୍ୟ ଭିକ୍ଷା କରେ । ଦେବେ ସାର୍ କିଛି ?'

ସୁନନ୍ଦାର ବେପଥୁ ହାତ ବଢ଼ାଇ ଦେଲା କୋଡ଼ିଏଟି ଟଙ୍କା । ଆଖିର ପାଣିରେ ତାଙ୍କର ଆଖି ଦୁଇଟି ସେତେବେଳକୁ ବୁଡ଼ିଯାଇଥିଲା । ଏଭଳି ଭାବପ୍ରବଣା ମାଆଙ୍କୁ ଦେଖି ସେବକଟି ବୋଧହୁଏ ସଙ୍କୁଚିତ ନ ହୋଇ କହିଲା- ମାଆ, ଏ ଜାତି ଅଭିଶପ୍ତ । କେବେ ଶୁଣିଛନ୍ତି ନ ଖାଇ ଭୋକଉପାସରେ କେଉଁ ଜାତି ମରିଛି ? ମଫସଲର କାହାଣୀ ନ ଶୁଣିବା ହିଁ ଭଲ । ପଟାଳି ପରେ ପଟାଳି, କେବେ ଅନାହାର ନୁହେଁ ମହାମାରୀ, ମାଲେରିଆ । ଅଖାଦ୍ୟ ଖାଇଲେ ପିଣ୍ଡ ରହିବ ତ ମାଆ ? ମୁଁ ଯାଏ, ଧନ୍ୟବାଦ...ରାମ ନାମ ସତ୍ୟ ହେ...'

ଲୋକଟି ଚାଲିଗଲା । ମୁଁ ଚାହିଁଛି; ଅମ୍ଳାନ ବଦନରେ କୋକେଇରେ ସେ କାନ୍ଧ ଦେଇଦେଲା ।

'ସୁନ' – ମୁଁ ଡାକିଲି । ମୋର ଆର୍ଦ୍ରକଣ୍ଠରେ ବୋଧହୁଏ ଡାକଟା ଭୟଙ୍କର ଶୁଭିଥିବ । ସୁନନ୍ଦା ଚମକି ମୋ ମୁହଁକୁ ଚାହିଁରହିଲେ; ମୁଁ କହିଲି –

'ଟାକ୍‌ସି ଚାଲୁ – ବଙ୍ଗଳାକୁ ନୁହେଁ, ଶାଢ଼ି... ଶାଢ଼ିର ଦୋକାନକୁ, ଅଙ୍ଗୁର ଦୋକାନକୁ, ଜଜ୍‌ସାହେବଙ୍କୁ ନିମନ୍ତ୍ରଣ କରାଯିବ ଯେ...'

ସୁନନ୍ଦାର ଉଚ୍ଛ୍ୱସିତ କୋହ ସହିବାର ସୀମା ପାର ହୋଇଥିଲା । କହିଲେ, 'ମତେ କ୍ଷମା କର । ପୋଡ଼ିଯାଉ ସେ ନିମନ୍ତ୍ରଣ; ମୋ ରାଣ ଖାଅ, ତୁମ ରୁମ୍‌ରେ ଯେଉଁ ଏଇଭଳି ଦୁଃଖୀ ଭୋକୀ ଶୋଷୀଙ୍କର ଛବି ରହିଛି, ସେ ସବୁ ଆଜିଠାରୁ

ମୋ ଘରେ ରହିବ । ଆଉ ଦେଖ - ରେଡ଼ିଓ, ଶାଢ଼ି ଆଉ ସବୁ ଜିନିଷପାଇଁ ଯେଉଁ ସାତଶହ ଟଙ୍କା ଆଣିଛ ତାହାରି ଖର୍ଚ୍ଚରେ ଏଇମାନଙ୍କ ମୁହଁରେ ମୁଠିଏମୁଠିଏ ପକାଅ, ଢୋକେ ପାଣି ଦିଅ, ସେତକ ସରିଗଲେ ମୁଁ ଆଉ ଟଙ୍କା ଯୋଗେଇ ଦେବି । ଏମାନେ କିପରି ବଞ୍ଚନ୍ତୁ ।'

ସେହିଦିନଠୁ 'ସୁନନ୍ଦା-ଭୋଜନାଳୟ' ପ୍ରତିଷ୍ଠିତ ହୋଇଛି । ପ୍ରତି ସଞ୍ଜରେ ସେଠାରେ ପାଞ୍ଚଶହରୁ ଊର୍ଦ୍ଧ୍ୱ ଭିକାରି ଭିକାରୁଣୀ ମୁହଁରେ ଦାନା ଦିଅନ୍ତି । ନିଜେ ସୁନନ୍ଦା ଚୁଲାରେ ବସାନ୍ତି ହାଣ୍ଡି । ସାକ୍ଷାତ୍ ଅନ୍ନପୂର୍ଣ୍ଣା ! ମୋର ଜୀବନ ସାର୍ଥକ ହୋଇଛି । ମିଳେଇ ଯାଇଛି ଦୁଇ ହୃଦୟ ଭିତରେ ତୁଙ୍ଗ ବ୍ୟବଧାନ ।

## ସୂଚନା :

ଦୀନବନ୍ଧୁ - ସି.ଏଫ୍.ଆଣ୍ଡୃଜ, ତାଙ୍କର ସେବାକାର୍ଯ୍ୟ ଯୋଗୁଁ ଭାରତୀୟମାନେ ତାଙ୍କୁ ଦୀନବନ୍ଧୁ ଭାବରେ ସମ୍ବୋଧନ କରୁଥିଲେ ।
ଟର୍କି - କୁକୁଡ଼ା

ସେର- ପୂର୍ବରୁ ଶସ୍ୟ ଓ ତରଳ ପଦାର୍ଥ ମାପିବାକୁ ସେର ବ୍ୟବହାର ହେଉଥିଲା, ଯାହା ବର୍ତ୍ତମାନ ଏକ କିଲୋଗ୍ରାମଠାରୁ ଅଧିକ ।

### ଆସ, ଜାଣିବା କେତୋଟି ନୂତନଶବ୍ଦ ।

| | | | | |
|---|---|---|---|---|
| ଅପକ୍ୱ | ଆଳ | ଡିଳ | ଇଙ୍ଗିତ | ହୁଦା |
| ଉଥଳ | ଗବାକ୍ଷ | ପ୍ରେୟସୀ | ଅଳୀକ | ବେପଥୁ |
| ପାସଙ୍ଗ | ବିସ୍ଫାରିତ | ଅଭିନିବେଶ | ଆତ୍ମହରା | ନେତ୍ରପାତ |
| ଅମ୍ଳାନ | ଉଚ୍ଛ୍ୱସିତ | ଅଭିଭୂତ | କ୍ଲେଦ | ମାୟାମୁକ୍ତ |
| ସେର | ତୁଙ୍ଗ | ପଟାଳି | ବୁଭୁକ୍ଷା | ଢୋକେ |

# ଅଭ୍ୟାସକାର୍ଯ୍ୟ

## (୧) ଆସ, କଥାବାର୍ତ୍ତା ହେବା ।

(କ) ଗଳ୍ପଟିରେ କେଉଁ ସମୟର କଥା କୁହାଯାଇଛି ?

(ଖ) ସୁନନ୍ଦାଙ୍କୁ ଉପହାର ଦେବାପାଇଁ ତାଙ୍କ ସ୍ୱାମୀ କାହିଁକି ଭାବିଥିଲେ ?

(ଗ) ଲେଖକଙ୍କ କୋଠରିରେ ଥିବା କେଉଁ ଛବିଗୁଡ଼ିକୁ ଦେଖି ସୁନନ୍ଦା ଭୟ କରୁଥିଲେ ?

(ଘ) କେଉଁମାନଙ୍କୁ ନିମନ୍ତ୍ରଣ କରିବାକୁ ସୁନନ୍ଦା ଲେଖକଙ୍କୁ କହିଥିଲେ ?

(ଙ) ଉପହାରରୂପେ କେଉଁକେଉଁ ଜିନିଷ ପାଇବାପାଇଁ ସୁନନ୍ଦା ଇଚ୍ଛା ପ୍ରକାଶ କରିଥିଲେ ?

## (୨) ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦୁଇ ବା ତିନୋଟି ବାକ୍ୟରେ ଲେଖିବା ।

(କ) ସୁନନ୍ଦା ଓ ଲେଖକଙ୍କ ମଧ୍ୟରେ କି ପାର୍ଥକ୍ୟ ରହିଥିଲା ?

(ଖ) ଦୁଃଖିଆମାଆ ରମୁକୁ କାହିଁକି ଚିନି ମାଗୁଥିଲା ?

(ଗ) ବଜାରକୁ ଗଲାବେଳେ ସୁନନ୍ଦା କ'ଣ ଦେଖିଲେ ?

(ଘ) ଶାଢ଼ି ଓ ଜିନିଷପତ୍ର କିଣିବାକୁ ସୁନନ୍ଦା କାହିଁକି ମନା କଲେ ?

(ଙ) 'ସୁନନ୍ଦା-ଭୋଜନାଳୟ' କାହିଁକି ଖୋଲାଯାଇଥିଲା ?

**(୩) ତଳେ ଦିଆଯାଇଥିବା ଉକ୍ତିଗୁଡ଼ିକୁ ସରଳ ଭାଷାରେବୁଝାଇ ଲେଖିବା ।**

(କ) ସେହି ସଙ୍ଗୀତ ଆଜି ବି ମୋର ପ୍ରାଣକୁ ମଧୁଛନ୍ଦରେ ଉଥଳ କରେ, ଯେତେବେଳେ ମୁଁ ତାଙ୍କର ହାସଦୀପ୍ତ ତୃପ୍ତମୁଖ ଉପରେ ନେତ୍ରପାତ କରେ ।

(ଖ) 'ତୁମର ପରିତୃପ୍ତିପାଇଁ ମୋର ଏତେ ଦିନର ଦାନ - ବୃକ୍ଷରେ ଗୋଟିଏ ମାତ୍ର କୀଟ ମୁଁ ଛାଡ଼ିଦେଇ ପାରେ ନା' ।

**(୪) ତଳେ କେତେଗୁଡ଼ିଏ ଶବ୍ଦ ଦିଆଯାଇଛି, ଡାହାଣ ପାଖ କୋଠରିରେ ତାହାର ଅର୍ଥ ଦିଆଯାଇଛି । ଠିକ୍ ଅର୍ଥଟି ବାଛି ସେହି ଶବ୍ଦ ନିକଟରେ ଲେଖିବା ।**

ଅପକ୍ୱ ____________

ଥାଳ ____________

ଇଙ୍ଗିତ ____________

ଉଥଳ ____________

ଅଭିନିବେଶ ____________

ଲାଉ ଖୋଳରେ ତିଆରି ଭିକ୍ଷାପାତ୍ର,
ଇସାରା, ମନୋଯୋଗ,
ପ୍ରକଟହେବା,
କଞ୍ଚା, ଅସ୍ଥିର

**(୫) 'କ' ସ୍ତମ୍ଭରେ କେତୋଟି ଶବ୍ଦ, 'ଖ' ସ୍ତମ୍ଭରେ ସେହି ଶବ୍ଦ ସମ୍ପର୍କିତ ବାକ୍ୟ ଓ 'ଗ' ସ୍ତମ୍ଭରେ ସେହି ଶବ୍ଦର ଅର୍ଥ ରହିଛି । ଆସ 'କ' ଓ 'ଖ' ସ୍ତମ୍ଭକୁ ମିଶାଇବା ପରେ 'ଗ' ସ୍ତମ୍ଭରୁ ଅର୍ଥ ଖୋଜି ପୁଣି ଥରେ ଶବ୍ଦ, ଅର୍ଥ ସହ ବାକ୍ୟଟିକୁ ଲେଖିବା ।**

| 'କ' ଶବ୍ଦ | 'ଖ' (ବାକ୍ୟ) | 'ଗ' (ଅର୍ଥ) |
|---|---|---|
| ଅଳୀକ | ଏହି ଅଳୀକ ସଂସାର ମାୟାପୂର୍ଣ୍ଣ | ସତେଜ |
| ଅମ୍ଳାନ | ଶିଶୁଟିର ଅମ୍ଳାନ ମୁଖଟିକୁ ଦେଖି ଖୁସିହେଲି | ରାଶି |
| ତିଳ | ପ୍ରଭୁ ଗଣେଶଙ୍କର ତିଳରେ ତିଆରି ଲଡୁ ପ୍ରିୟ | ବିହ୍ୱଳ |
| ଆତ୍ମହରା | କାଶ୍ମୀରର ଦୃଶ୍ୟ ଦେଖି ମହେଶ ଆତ୍ମହରା ହୋଇଗଲେ | ନିଜକୁ ଭୁଲି ଯିବା |
| ଅଭିଭୂତ | ମୁଖ୍ୟମନ୍ତ୍ରୀଙ୍କ ଆତିଥ୍ୟରେ ଅତିଥି ଅଭିଭୂତ ହୋଇଗଲେ | ମିଥ୍ୟା |

(୬) ଯେପରି 'ମୁକ୍ତ' ଶବ୍ଦ ସହ 'ମାୟା' ମିଶି 'ମାୟାମୁକ୍ତ' ହେଲା, ସେହିପରି ଦିଆଯାଇଥିବା ଶବ୍ଦଗୁଡ଼ିକରୁ ଉପଯୁକ୍ତ ଶବ୍ଦ ବାଛି ନୂଆ ଶବ୍ଦଗୁଡ଼ିକ କ'ଣ ହେବ, ଲେଖିବା ।

**ଘର, ଲୋଭ, ଶାପ, ଧୀର, ଦୁର୍ନୀତି, ରଣ, ଶୋଷଣ, ଚିଠି, ପାପ, କଟକ, ଗବାକ୍ଷ**

____________ ____________ ____________ ____________

____________ ____________ ____________ ____________

(୭) 'ନେତ୍ରପାତ' ପରି ତଳେ କେତେ ଗୁଡ଼ିଏ ଶବ୍ଦ ଦିଆଯାଇଛି । ସେହି ଶବ୍ଦଗୁଡ଼ିକୁ ନେଇ ବାକ୍ୟ ଗଠନ କରିବା ।

ବୃଷ୍ଟିପାତ ____________________

ରକ୍ତପାତ ____________________

କରକାପାତ ____________________

ଦୃଷ୍ଟିପାତ ____________________

କର୍ଣ୍ଣପାତ ____________________

(୮) ତଳେ ଦିଆଯାଇଥିବା ଅନୁଚ୍ଛେଦଟି ପଢ଼ି କେତୋଟି ପ୍ରଶ୍ନ ତିଆରି କରିବା ।

ସୁନନ୍ଦାର ବେପଥୁହାତ ବଢ଼ାଇଦେଲା କୋଡ଼ିଏଟି ଟଙ୍କା, ଆଖିର ପାଣିରେ ତାଙ୍କର ଆଖି ଦୁଇଟି ସେତେବେଳକୁ ବୁଡ଼ିଯାଇଥିଲା । ଏଭଳି ଭାବପ୍ରବଣା ମାଆଙ୍କୁ ଦେଖି ସେବକଟି ବୋଧହୁଏ ସଙ୍କୁଚିତ ନ ହୋଇ କହିଲା - ମାଆ, ଏ ଜାତି ଅଭିଶପ୍ତ । କେବେ ଶୁଣିଛନ୍ତି, ନ ଖାଇ ଭୋକ ଉପାସରେ କେଉଁ ଜାତି ମରିଛି ? ମଫସଲର କାହାଣୀ ନ ଶୁଣିବା ହିଁ ଭଲ । ପଟାଳି ପରେ ପଟାଳି, କେବେ ଅନାହାର ନୁହେଁ ମହାମାରୀ, ମାଲେରିଆ, ଅଖାଦ୍ୟ ଖାଇଲେ ପିଣ୍ଡ ରହିବ ତ ମାଆ ? ମୁଁ ଯାଏ, ଧନ୍ୟବାଦ.... ରାମ ନାମ ସତ୍ୟ ହେ........... ।

(୯) ଶବ୍ଦଗୁଡ଼ିକର ବନାନ୍ ଠିକ୍‌କରି ଲେଖିବା ।

ବୁଭୂକ୍ଷା -
ଶନ୍ୟାସି -
ଗବାକ୍ଷ -
ଅନ୍ତର୍ଯ୍ୟାମି -
ଆଦ୍ର -
ଅର୍ଣ୍ଣପୂର୍ଣ୍ଣା -
ବକ୍ତୃତା -
ମୁର୍ତ୍ତି -
ଉପାକ୍ଷ -
ଉର୍ଦ୍ଧ୍ୱ -

**ତୁମପାଇଁ କାମ :**

ଏହି ଗଳ୍ପଟି ପଢ଼ିସାରିବା ପରେ ତୁମ ହୃଦୟରେ ଯେଉଁ ଭାବନା ସୃଷ୍ଟି ହୋଇଛି ସେ ସଂପର୍କରେ ଗୋଟିଏ ଅନୁଚ୍ଛେଦ ଲେଖ ଓ ଶ୍ରେଣୀରେ ପଢ଼ି ସାଙ୍ଗମାନଙ୍କୁ ଶୁଣାଅ ।

***

ଏକାଙ୍କିକା

IN2HXH

# ସୁନା ନେଉଳ

● ମଙ୍ଗୁଲୁ ଚରଣ ବିଶ୍ୱାଳ

**ଲେଖକ ପରିଚୟ :**

ଶ୍ରୀ ମଙ୍ଗୁଲୁ ଚରଣ ବିଶ୍ୱାଳ (୧୯୩୬) ଓଡ଼ିଆ ନାଟ୍ୟ ସାହିତ୍ୟର ଏକ ସୁପରିଚିତ ନାମ । ତାଙ୍କର ଜନ୍ମ ସମ୍ବଲପୁର ଜିଲ୍ଲାର ପିତାପାଲି ଗାଁରେ । ଏହି ସାରସ୍ୱତ ସାଧକଜଣକ କବିତା, ଗଳ୍ପ, ଏକାଙ୍କିକା, ଶିଶୁ ସାହିତ୍ୟ ଆଦି ପ୍ରତ୍ୟେକ ବିଭାଗର ଜଣେ ଦକ୍ଷ ଚିତ୍ରଶିଳ୍ପୀ । କୋଶଲୀ ଭାଷାରେ ଲିଖିତ ତାଙ୍କର ସଫଳ ସୃଷ୍ଟି 'ଭୁଖା' ନାଟକ ଚଳଚ୍ଚିତ୍ର ରୂପେ ପ୍ରଦର୍ଶିତ ହୋଇସାରିଛି । ସାଂସ୍କୃତିକ ସଦ୍‌ଭାବନା, ମାନବୀୟ ମୂଲ୍ୟବୋଧ ଓ ନୈତିକ ଜୀବନାଦର୍ଶ ତାଙ୍କ ରଚନାର ବିଶେଷତ୍ୱ ।

'ସୁନା ନେଉଳ' ଏକାଙ୍କିକାରେ ନିଃସ୍ୱାର୍ଥ ଦାନର ମହତ୍ତ୍ୱ ଏବଂ ଦାତାଙ୍କର ମହନୀୟତା ପ୍ରତିଫଳିତ ହୋଇଛି ।

---

## ପ୍ରଥମଦୃଶ୍ୟ

ବ୍ରାହ୍ମଣ : ଓଃ ଭଗବାନ୍ ! ତୁମରି ଦୟା !!

ବ୍ରାହ୍ମଣୀ : କି ଗୋ କ'ଣ କିଛି ପାଇଲ ?

ବ୍ରାହ୍ମଣ : କ'ଣ ପାଇବି, ସନାବୋଉ ? ରାଇଜ ସାରା ସେଇ ଦଶା !

ବ୍ରାହ୍ମଣୀ : କାହାଠୁ କିଛି ହେଲେ ଆଣିଥା'ନ୍ତ !

ବ୍ରାହ୍ମଣ : କାହାଠୁ ଆଣିବି କହିଲ ! କାହା ପାଖରେ ବା କ'ଣ ଅଛି ? ଖୁଦ ଦାନାଟିଏ ବି ଦୁର୍ଲଭ । ଏଇ ଦୁଷ୍କାଳରେ କିଏ ବା କ'ଣ ଦେବ ? ଯେଉଁଠି ଦେଖିବ ଦୁର୍ଭିକ୍ଷର କରାଳଛାୟା ରାହୁ ଭଳି ଗ୍ରାସିଛି ।

ବ୍ରାହ୍ମଣୀ : ସନାର କ'ଣ ହବ, ଶୁଣେ ?

ବ୍ରାହ୍ମଣ : କ'ଣ କରିବି, କହିଲ ? ସକାଳ ପହରଠାରୁ ତ ଘରୁ ବାହାରିଛି । ଜନପଦ ପରେ ଜନପଦ – ସହର ବଜାର ଯେଉଁଠି ଯାହାକୁ ଦେଖିଛି ହାତ ପାତିଛି – ହେଲେ ସବୁଠି କେବଳ ଗୋଟିଏ କଥା – ନା – ଭାଇ ଆଗକୁ ଯାଅ ।

ସନା : ବୋଉ, ବୋଉ – ମୋ ତଣ୍ଟି ଶୁଖିଯାଉଛି ବୋଉ – ମୋତେ ଟିକିଏ ପାଣି ଦେ–

ବ୍ରାହ୍ମଣୀ : ଦଉଛି ବାପ – ଦଉଛି ଧନ ମୋର–ରଙ୍କୁଣୀରତନ ମୋର – ମୁଁ ମରିଯାଏଁ ରେ ଧନ – ନ ମରି ଯାହା ଏ ଦଶା ଦେଖୁଛି... ପିଇ ଦେ ବାପ – ପିଇ ଦେ ।

| | | |
|---|---|---|
| ସନା | : | (ଢକଢକ ପାଣି ପିଇବା ଶବ୍ଦ) ଉଃ ଉଃ ବୋଉ ! ବୋଉ ! ବୋଉ ! |
| ବ୍ରାହ୍ମଣୀ | : | ସନାରେ, ବାପ କିମିତି ଲାଗୁଛିରେ – କହୁନୁ । କି ଗୋ ଶୁଣିବଟି ପିଲାଟି କିମିତି ଆଖି କରୁଛି । ଇଲୋ – ବୋଉ ଲୋ – ମୁଁ କେଉଁଠିକି ଯିବି – କିସ କରିବି ? ଦେଖୁନ ଟିକିଏ ଦେଖୁନ ଭଲା ! |
| ବ୍ରାହ୍ମଣ | : | କ'ଣ ଦେଖିବି ସନାବୋଉ ? ଭୋକରେ ପିଲାଟି ଛଟପଟ ହଉଛି, ତୁଛା ପାଣି ମନ୍ଦାକ କି ଭୋକ ମାରିପାରିବ ? |
| ବ୍ରାହ୍ମଣୀ | : | ଦେଖୁନ – ପିଲାଟି କିମିତି କାଉଳିବାଉଳି ହଉଛି ? |
| ବ୍ରାହ୍ମଣ | : | ଦେଖି କ'ଣ କରିବି ଶୁଣେ ? ବହୁତ ଦେଖିଲିଣି । ଏ ହସ୍ତିନାର ପୁରପଲ୍ଲୀ, ସହର ବଜାର ସବୁ ମଶାଣି ହେବାକୁ ବସିଲାଣି । ଖାଇବାକୁ ନ ପାଇ ପଲପଲ ମରୁଛନ୍ତି । ବାପ ଆଗରେ ପୁଅ ଭୂଇଁରେ ଲୋଟି ପଡୁଛି – ମାଆ କୋଳରୁ ତା'ର ଅତି ଆଦରର ସନ୍ତାନ ଅକାଳରେ ଆଖି ବୁଜିଦଉଚି । ଆମେ ତ ଟିକିଏ ଭଲରେ ଅଛୁ ସନାବୋଉ । |
| ବ୍ରାହ୍ମଣୀ | : | କି ନିଆଁ ଭଲରେ ଅଛେ, ଶୁଣେ ? ତିନି ଦିନ ହେଲା କଅଁଳିଆ ପିଲାଟା – ପାଟିରେ ପେଜ ପୋଷେ ପଡ଼ି ନାହିଁ । ଆମେ ସିନା କଷ୍ଟେମଷ୍ଟେ ସହିଯିବା । ହେଲେ ବାଳୁତ ପିଲାଟି କ'ଣ ସହିପାରିବ ? |
| ବ୍ରାହ୍ମଣ | : | ମୁଁ ବୁଝିପାରୁଛି ସନାବୋଉ – ମୁଁ ବେଶ୍ ବୁଝିପାରୁଛି । ହେଲେ କ'ଣ କରିବି ? ମୁଁ ନିରୁପାୟ ! |
| ବ୍ରାହ୍ମଣୀ | : | ଏମିତି କହିକହି ତ ତିନିଦିନ ହେଲା ପେଟରେ ଓଦା କନା ଦେଇ ରହିଲେଣି । |
| ବ୍ରାହ୍ମଣ | : | କ'ଣ କରିବା ଶୁଣେ ? ସଭିଙ୍କର ତ ଆମ ଭଳି ଦଶା । ଏ ଦୁର୍ଦ୍ଦିନରେ ଏ ଗରିବ ବ୍ରାହ୍ମଣକୁ କିଏ ବା ଭିକ୍ଷା ଦେବ ? |
| ବ୍ରାହ୍ମଣୀ | : | ତେବେ ପିଲାଟି କ'ଣ ଆମ ଆଗରେ ଭୋକଉପାସରେ ଏମିତି... ? |
| ବ୍ରାହ୍ମଣ | : | ନା ନା, ସନାବୋଉ – ସେ କଥା କହନା – ଆମ ସନାର କିଛି ହବନି । ଭଗବାନ୍ ଅଛନ୍ତି । ଯିଏ ଦେଇଛନ୍ତି ସିଏ ବୁଝିବେ । |
| ବ୍ରାହ୍ମଣୀ | : | ଚୁଲିକି ଯାଉ ତମର ସେ ଭଗବାନ୍ । ସେଦିନ ସାରା ଘର ଅଣ୍ଡାଳି ପୋଷେ ଖୁଦ ପାଇଥିଲି । ଭୋକିଲା ପିଲାଟି ମୁହଁରେ ପୋଷେ ଯାଉ ପଡ଼ିବ ବୋଲି । ହେଲେ ତୁମେ କ'ଣ ତାହା କରେଇ ଦେଲ ? କଉଠୁ ନିଉଛୁଣା ଭିକାରିଟା ଅଇଲା ଯେ – ତାକୁ ତ ସବୁ... । |
| ବ୍ରାହ୍ମଣ | : | ଛି ଛି, ସେମିତି କ'ଣ କହୁଛୁ ସନାବୋଉ । ସେ ଆମର ଅତିଥି । ପରମ ଅତିଥି – ସେବା ଆମର କର୍ତ୍ତବ୍ୟ । |
| ବ୍ରାହ୍ମଣୀ | : | ହେଲେ ନିଜେ ଭଲ ଥିଲେ ଦୁନିଆ ଭଲ । ନିଜ ପୁଅକୁ ଯମ ମୁହଁକୁ ଠେଲିଦେଇ ଅତିଥି ସେବା କରି କ'ଣ ହେବ ଆମର, ଶୁଣେ ? |
| ବ୍ରାହ୍ମଣ | : | ଅତିଥି ସେବାରୁ କ'ଣ ହେବ ଆମର ? ସେ କଥା ସେଇ ବିଶ୍ୱନିୟନ୍ତା ବୁଝିବେ ସନାବୋଉ । |
| ବ୍ରାହ୍ମଣୀ | : | ତୁମେ ଯଦି ମା ହୋଇଥା'ନ୍ତ – ବୁଝନ୍ତ... ମା' ମନର ଦୁଃଖ – ତା' ଅନ୍ତରର କୋହ । ପିଲାଟି କିମିତି ବିକଳରେ ଅନେଇଛି... ତାକୁ ଦେଖିଲେ ମୋ ଛାତି ଭିତରଟା ଫାଟିପଡୁଛି । |

ବ୍ରାହ୍ମଣ : ମୁଁ କ'ଣ ବୁଝୁନି ସନାବୋଉ ? ବୁଝୁଛି - ସବୁ ବୁଝୁଛି । ଦଶ ମାସ ଗର୍ଭରେ ଧରି ମୁଁ ସନାକୁ ଜନ୍ମ କରି ନାହିଁ ସତ, ହେଲେ ମୁଁ ତା'ର ବାପ । ମୋରି ରକ୍ତରେ ସେ ଗଢ଼ା । ସେ ମୋର ପ୍ରାଣ ।

ବ୍ରାହ୍ମଣୀ : ତେବେ କିଛି ଉପାୟ କର - ପିଲାଟି ଏମିତି କ'ଣ ଭୋକରେ ପଡ଼ିଥିବ ?

ବ୍ରାହ୍ମଣ : କ'ଣ କରିବି କହିଲ ? ତିନି ଦିନ ହେଲା ବୁଲିବୁଲି ଦିନରାତି ସମାନ କରି ଦେଇଛି । ହେଲେ ଦେଖୁଛ ତ ହାତରେ ଖୁଦ ଦାନାଟିଏ ଧରି ଲେଉଟିଛି ?

ବ୍ରାହ୍ମଣୀ : କେଉଁଠି କିଏ ଅତିଥି ମାଗିଲେ ସବୁତକ ଦେଇ ବାହୁଡ଼ି ଆସିବ । ମୁଁ କ'ଣ ତମକୁ ଚିହ୍ନିନି ? ତମେ ତ ସେଇ ଲୋକ । ପର ପାଇଁ ଯେତିକି ଭାବୁଛ - ନିଜ ପାଇଁ - ନିଜ ପରିବାର ପାଇଁ କ'ଣ ତୁମର ସେ ଦୟା ଅଛି ? ନିଦା ପଥରଟାଏ ତୁମେ ।

ବ୍ରାହ୍ମଣ : କ'ଣ କହି ତୁମକୁ ବୁଝେଇବି ସନାବୋଉ । ତମେ ସେଦିନ ପଣ କରିଥିଲ ନା - ପର ପାଇଁ ତୁମେ ନିଜର ଅତି ପ୍ରିୟ ବସ୍ତୁ ବି ତ୍ୟାଗ କରିପାରିବ ?

ବ୍ରାହ୍ମଣୀ : ପଣ କରିଥିଲି, ତା' ବୋଲି ନିଜ ପିଲାକୁ ନିଜ ଆଖି ଆଗରେ ମାରିଦେବି ? ତମେ ମରଦ ପୁଅ, ସବୁ ସହିପାରିବ । ହେଲେ, ମୁଁ ମାଆ । ମୋ ଭିତରଟା ତମେ କାହିଁକି ଦେଖିପାରୁନ ?

ବ୍ରାହ୍ମଣ : ଖୁବ୍ ଭଲ ଭାବରେ ଦେଖିପାରୁଛି ସନାବୋଉ - ଖୁବ୍ ଭଲ ଭାବରେ ଦେଖିପାରୁଛି । ହେଲେ ଆମରି ସନା ଭଳି ଶହଶହ ଶିଶୁ ମରୁଥିବା ବେଳେ ମୁଁ କ'ଣ କେବଳ ଆମରି ସନା ପାଇଁ ଭାବିବା ଠିକ୍ ହେବ ? ଯଉଠୁ କିଛି ପାଇ ଫେରୁଛି - ଦେଖିଛି - ବାଟରେ କୁନିକୁନି ହାତ ବଢ଼ାଇ ଶତଶତ ବାଳୁତ ଛୁଆ ପାଟିକରି ମାଗୁଛନ୍ତି - ବାବା ଆମକୁ ଦିଅ - ଆମେ ମରିଗଲୁ । ଦେଖୁନ - ହସ୍ତିନାଟା କିମିତି ମଶାଣି ହେବାକୁ ବସିଲାଣି ।

ବ୍ରାହ୍ମଣୀ : ଚାଲ, ସେଇ ପାଖ ବିଲରୁ କିଛି ଶସ୍ୟ ଦାନା ଗୋଟାଇ ଆଣିବା । ପେଜ ପୋଷେ ରାନ୍ଧିଦେଲେ ପିଲାଟି ପାଟିରେ ଦବ ।

ବ୍ରାହ୍ମଣ : ହଉ ଚାଲ - ଈଶ୍ୱର ଯାହା କରିବେ ।

## ଦ୍ୱିତୀୟଦୃଶ୍ୟ

ସନା : ବୋଉ ! ଆଉ କେତେବେଳେ ଖାଇବାକୁ ଦେବୁ, ବୋଉ । ମୋ ପେଟ ଜଳିଯାଉଛି, ବୋଉ । ମୁଁ ଆଉ... ମୁଁ ଆଉ ଉଠିପାରୁନି ବାପା ।

ବ୍ରାହ୍ମଣ : ହଁ ରେ ପୁଅ - ଉଠିବୁ-ଉଠିବୁ-ନିଶ୍ଚୟ ଉଠିବୁ । ଏଇ ଯେ ବୋଉ ଭାତ ରାନ୍ଧିଦଉଛି । ବେଶ୍, ବସି ଖାଇବୁ ।

ସନା : ବୋଉ, ମୋ' ପାଇଁ କ'ଣ ଭାତ ରାନ୍ଧିଦଉଛୁ ?

ବ୍ରାହ୍ମଣୀ : ହଁ, ବାପ - ଏଇ ଯେ ଓହ୍ଲାଇଦେଲିଣି । ଗରମ ଅଛି ଥଣ୍ଡା ହେଇଯାଉ । ତୋତେ କୋଳରେ ବସେଇ ଖୁଆଇ ଦେବିରେ ସନା ।

| | | |
|---|---|---|
| ସନା | : | ଏମିତି ତ ସବୁ ଦିନ କହୁଛୁ ବୋଉ – ହେଲେ କାହିଁ କିଛି ତ ଖାଇବାକୁ ଦଉନୁ ? |
| ବ୍ରାହ୍ମଣୀ | : | ଦେବିରେ ବାପ – ଦେବି । ଥୟ ଧର । ଆଜି ତୋ ବୋଉ ତୋତେ ଠକିବନିରେ – ନିଶ୍ଚୟ ଖୁଆଇଦେବିରେ ଧନ । |
| ଭିକାରି | : | ଓଃ ହୋଃ – ଏଇତ ସେଇ ଘର– ଏଇତ ସେଇ ଘର । ବ୍ରାହ୍ମଣ ଗୋସେଇଁ ଆଜ୍ଞା ! ଘରେ ନାହାନ୍ତି କି ? ସାନ୍ତାଣି ମାଆ – ମୁଁ ମଲି – ମୁଁ ମଲି – ମୋର ପାଦ ଆଉ ଚଲୁନି । ଇଲୋ ମା– ବଉଲୋ – ମୋର ତଣ୍ଟି ଶୁଖିଯାଉଛି – ମୋର ହଂସା ଉଡ଼ିଯାଉଛି – ଉଃ – ଉଃ– ଉଃ । |
| ବ୍ରାହ୍ମଣ | : | କିଏ ବାବା ? କୋଉଠୁ ଆସିଲ ? ବସ, ବସ ମୁଁ ଏଇ ପାଣି ଆଣି ଦଉଛି । ହାତଗୋଡ଼ ଧୋଇବ । |
| ଭିକାରି | : | ହଁ, ବାବୁ – ପାଣି,ପାଣି –ଦିଅନ୍ତୁ । ପହିଲେ ପାଣି.... ଓଃ କି କଷ୍ଟ ! ପେଟ ଜଳିପୋଡ଼ି ଯାଉଛି । |
| ବ୍ରାହ୍ମଣ | : | ଏଇ ପାଣି ନିଅନ୍ତୁ, ବାବା– |
| ଭିକାରି | : | (ଢକ–ଢକ–ଢକ) ବାଃ, ବାଃ, ଟିକିଏ ଆରାମ ଲାଗିଲା, ତଣ୍ଟିଟା ଏକବାରେ ଶୁଖିଯାଉଥିଲା । |
| ବ୍ରାହ୍ମଣୀ | : | ପୁଣି କିଏ ନିଉଛୁଣା ଜୁଟିଲାଣି ! |
| ବ୍ରାହ୍ମଣ | : | ଚୁପ୍‌କର ଭଲା– ଶୁଣିଲେ କ’ଣ ଭାବିବ ଲୋକଟା । ସେ ପରା ଆମର ଅତିଥି ! |
| ବ୍ରାହ୍ମଣୀ | : | ଚୁଲିକି ଯାଉ ତୁମର ଅତିଥି । ମୁଁ ଆଜି କାହାକୁ ଦେବିନି କିଛି । ଏଇ ରନ୍ଧା ଭାତରୁ ପହିଲେ ପୁଅ ଖାଉ, ତା’ପରେ ଯାହା କିଛି । |
| ବ୍ରାହ୍ମଣ | : | ଆସ ଆସ, ସନାବୋଉ ଦେଖିବ – ତମର ଅତିଥିର ଅବସ୍ଥା । |
| ବ୍ରାହ୍ମଣୀ | : | ଇ ମା ମୁଁ ଦେଖିପାରୁନି ! ମୋର ମୁଣ୍ଡ କ’ଣ ହେଇଯାଉଛି ! କି କାଙ୍ଗାଳିଆ ହୋଇଛି ସେ ଲୋକଟା ! |
| ଭିକାରି | : | ସାନ୍ତାଣୀ ମା – କ’ଣ ଏ ଭୋକିଲା ହଡ଼ା ବୁଢ଼ାକୁ କିଛି ମିଳିବନି । |
| ବ୍ରାହ୍ମଣୀ | : | ରହ ବାବା – ରୁହ ଆଣିଦେଉଛି । |
| ଭିକାରି | : | ଭଗବାନ୍ ତୁମର ବଡ଼ତି କରନ୍ତୁ ଠାକୁରାଣୀ ମା’ – ଧନ–ଜନ ଗୋପ–ଲକ୍ଷ୍ମୀରେ ତୁମ ଘର ପୂରିଉଠୁ । |
| ବ୍ରାହ୍ମଣ | : | କ’ଣ ସବୁତକ ଦେଉଛ ସନାବୋଉ ? |
| ବ୍ରାହ୍ମଣୀ | : | ସନା ପାଇଁ ଅଧେ ରଖିଛି, ବାକି ଅଧକ ଅତିଥିଙ୍କୁ ଦେଉଛି । (ପତ୍ରରେ ଖାଇବାର ଶବ୍ଦ) |
| ଭିକାରି | : | ଭାରି ଭୋକ ହେଉଥିଲା ଠାକୁରାଣୀ ମା । ପିଣ୍ଡରୁ ପ୍ରାଣ ବାହାରି ଯାଉଥିଲା । ଏତକ ତ କଉ କଣକୁ ପାଇଲାନି, ମାଆ । ଆଉ ଗଣ୍ଡେ ଦିଅନ୍ତେ କି ? |
| ବ୍ରାହ୍ମଣୀ | : | ହଇଗୋ, ଶୁଣିବଟି । କ’ଣ କରିବି ? |
| ବ୍ରାହ୍ମଣ | : | ଭଗବାନ୍ ଶକ୍ତି ଦିଅ ! ଏ କି ପରୀକ୍ଷା କରୁଛ ପ୍ରଭୋ ! ଦିଅ ସେଇ ଗଣ୍ଡାକ ଦେଇଦିଅ । |
| ସନା | : | ଉଁଃ ଉଁଃ ବୋଉ – ବୋଉ ଭାତ ଦେବୁ ବୋଲି କହିଥିଲୁ ପରା – ଡେରି ହେଲାଣି ଯେ – କାହିଁକି ଶୁଣୁନୁ, ବୋଉ । |
| ବ୍ରାହ୍ମଣୀ | : | ଶୁଣିଛି ବାପ – ଶୁଣିଛି । ଭାତ ହେଇନିରେ ପୁଅ । ଗରମ ଅଛି – ଦଣ୍ଡେ ଥୟ ଧ’ । |
| ବ୍ରାହ୍ମଣ | : | ତୁମେ କାନ୍ଦୁଛ ସନାବୋଉ ! |

| | | |
|---|---|---|
| ବ୍ରାହ୍ମଣୀ | : | (କାନ୍ଦି କାନ୍ଦି) ଦେଖୁନ ପିଲାଟି କିମିତି ବିକଳରେ କାଉଳିବାଉଳି ହେଉଛି ! |
| ଭିକାରି | : | ସାଆନ୍ତାଣି ମାଆ – ଆଉ ଭାତ ଗଣ୍ଡେ ଦବ ପରା । ନଇଲେ ଯିବି । କେତେ ଆଉ ଅନେଇଥିବି ମାଆ । |
| ବ୍ରାହ୍ମଣୀ | : | ଦଉଛି ବାବା – ଦଉଛି । |
| ସନା | : | ବୋଉ । ଉଁ-ଉଁ-ଉଁ – ବୋଉ ମ – ଭାତ ଦବୁ ପରା ! |
| ଭିକାରି | : | ସାନ୍ତାଣି ମାଆ – ବସି ରହିଲି ଯେ.... |
| ବ୍ରାହ୍ମଣୀ | : | ଏଇ ବାବା – ଖାଇଦିଅନ୍ତୁ । (ଖାଇବା ଶବ୍ଦ) |
| ଭିକାରି | : | ମା – ତୁମେ ସାକ୍ଷାତ୍ ଲକ୍ଷ୍ମୀ ମା । ତୁମ ଏ ହାତପରଷା ଭାତ ଭଗବାନ୍‌ଙ୍କ ଭୋଗ ଭଳି ଲାଗୁଛି, ଠାକୁରାଣୀ ମା' । |
| ସନା | : | ବୋଉ !ବୋଉ! ଆଃ-ଆଃ ମୋତେ କିମିତି ଲାଗୁଛି । ମୋ' ପାଟି ଶୁଖିଯାଉଛି । ପେଟ କିମିତି ଟାଣିହେଉଛି । |
| ବ୍ରାହ୍ମଣୀ | : | (ଚପା ଗଳାରେ) ସନାରେ – ମୋ ଗଣ୍ଠିଧନ ବାପ – ତୁ ଭାତ ଖାଇବୁ – ବାପା ରୁହ ରୁହ...(କାନ୍ଦିବା) |
| ଭିକାରି | : | ବେଶ୍ ତୃପ୍ତି ଲାଗିଲା ବାବୁ, ଠାକୁରାଣୀ ମା' । ଈଶ୍ୱର ତୁମର ଭଲ କରନ୍ତୁ ! ତୁମର ବଢ଼ତି ଉପରେ ବଢ଼ତି ହଉ । |
| ସନା | : | ଉଁ-ଉଁ-ଉଁ.... |
| ବ୍ରାହ୍ମଣ | : | ପୁଅରେ – ଧନରେ ମୋର – ମୁଁ ନ ମରି କିଆଁ ରହିଛି ? (କଇଁ କଇଁ କାନ୍ଦିବା) |

## ତୃତୀୟଦୃଶ୍ୟ

| | | |
|---|---|---|
| ବ୍ରାହ୍ମଣ | : | ସନାବୋଉ, ଆସ ଆସ ଦେଖିବ, ନେଉଳଟିଏ । |
| ବ୍ରାହ୍ମଣୀ | : | ବାଃ ସତେ ତ ଅତିଥିଙ୍କ ଅଇଁଠାପତ୍ର ଚାଟୁଛି । |
| ବ୍ରାହ୍ମଣ | : | କି ଆଶ୍ଚର୍ଯ୍ୟ ! ନେଉଳଟି ସୁନା ପାଲଟିଗଲାଣି । |
| ବ୍ରାହ୍ମଣୀ | : | ଅତିଥିଙ୍କ ଅଇଁଠା ଭାତ ନେଇ ପୁଅକୁ ଖୁଆଇ ଦେଲେ କିମିତି ହୁଅନ୍ତା । |
| ବ୍ରାହ୍ମଣ | : | ଆସ ଅତିଥି ବାବାଙ୍କ ପତ୍ରରୁ ଭାତ ସାଉଁଟି ଖାଇବା । |
| ବ୍ରାହ୍ମଣୀ | : | ନେଉଳଟି ପଳେଇଗଲା ଯେ ! |
| ବ୍ରାହ୍ମଣ | : | ସନା ! ସନାରେ ! ! ପୁଅ – ଏଇ ନେ ବାପ, ଭାତ ଖାଇଦେ । |
| ସନା | : | ଉଁ-ଉଁ-ଉଁ-ଆଁ-ଆଁ... |
| ବ୍ରାହ୍ମଣୀ | : | ଗିଳି ଦେ ବାପ – ଏଇ ପାଣି ମନ୍ଦାଏ ଦଉଛି । |
| ସନା | : | ବୋଉ, ଆଉ ଖାଇବିନି । ମୋତେ ତ ଖୁବ୍ ଖୁଆଇଲୁଣି । |
| ବ୍ରାହ୍ମଣୀ | : | ଏଁ, ମୁଁ ତୋତେ କେବେ ଖାଇବାକୁ ଦେଇଛି ରେ ? ଅତିଥିଙ୍କ ଅଇଁଠା ଭାତଟିଏ ପାଟିରେ ପକେଇଦେଲି ସିନା । |

ବ୍ରାହ୍ମଣ : ଦେଖିଲ ସନାବୋଉ, ସନା କିମିତି ପେଟେ ଖାଇଲା ଭଳି ବସି ଉଠିଲାଣି ।

ବ୍ରାହ୍ମଣୀ : ସତେ ତ – ଭୋକରେ ପିଲାଟି କାଉଳିବାଉଳି ହଉଥିଲା ଆଉ ଏବେ....

ବ୍ରାହ୍ମଣ : ସେଇ ଭିକାରି ବୁଢ଼ାଟି – ଭିକାରି ନୁହନ୍ତି ସନାବୋଉ, ସେ ଦେବତା । ଆମକୁ ପରଖୁଥିଲେ ।

ବ୍ରାହ୍ମଣୀ : ଚାଲନ୍ତୁ, ତାଙ୍କର ଦର୍ଶନ କରିବା – କୁଆଡ଼େ ଗଲେ ସେ ଅତିଥି ।

ବ୍ରାହ୍ମଣ : ଭିକାରି ବାବା – ଓଃ, ବାବା – ଆପଣ କୁଆଡ଼େ ଗଲେ ? ଭିକାରି ବାବା.... (ପ୍ରତିଧ୍ୱନିତ ହେବା)

## ଚତୁର୍ଥଦୃଶ୍ୟ

(ଘଣ୍ଟ, ଶଙ୍ଖ ଶବ୍ଦରେ ମୁଖରିତ)

ଓଁ ପ୍ରଜାପତୟେ ନମଃ, ସ୍ୱାହା

ଓଁ ଇନ୍ଦ୍ରାୟ ନମଃ, ସ୍ୱାହା

ଓଁ ଅଗ୍ନୟେ ନମଃ, ସ୍ୱାହା

ଓଁ ସୋମାୟ ନମଃ, ସ୍ୱାହା

ଓଁ ଯଜ୍ଞ ପୁରୁଷାୟ ନମଃ, ସ୍ୱାହା

ପୁରୋହିତ : ମହାରାଜ, ଯଜ୍ଞପୀଠ ଲୋକାରଣ୍ୟ । ପ୍ରାସାଦ ବିଳାସୀଠାରୁ କୁଟୀରବାସୀ ପର୍ଯ୍ୟନ୍ତ ସମବେତ ।

ଯୁଧିଷ୍ଠିର : ଭଗବାନ୍, ଏ ପରମ ପବିତ୍ର ମହୋତ୍ସବର ଦିନରେ ହସ୍ତିନାବାସୀ ଭାଗ୍ୟବାନ୍ ।

ପୁରୋହିତ : ଯଜ୍ଞାନୁରୂପ ଦାନ ହେଉଛି ଯଜ୍ଞର ପ୍ରାଧାନ୍ୟ । ବର୍ତ୍ତମାନ ଦାନଦ୍ରବ୍ୟର ପ୍ରସ୍ତୁତି ଆବଶ୍ୟକ, ମହାରାଜ !

ଯୁଧିଷ୍ଠିର : ସବୁ ସୁବ୍ୟବସ୍ଥିତ, ଭଗବାନ୍ !

ସମବେତ : ଜୟ, ଯୁଧିଷ୍ଠିର ମହାରାଜାଙ୍କର ଜୟ ! ଜୟ, ଯୁଧିଷ୍ଠିର ମହାରାଜାଙ୍କର ଜୟ !

ଯୁଧିଷ୍ଠିର : ସହଦେବ !

ସହଦେବ : ଆଦେଶ କରନ୍ତୁ, ମହାରାଜ ।

ଯୁଧିଷ୍ଠିର : ଘୋଷଣା କରନ୍ତୁ, ଦାନ ଗ୍ରହଣ କରିବାକୁ ।

ସହଦେବ : ଯଥା ଆଜ୍ଞା, ମହାରାଜ । ସମବେତ ଜ୍ଞାନୀ, ଗୁଣୀ, ମହର୍ଷି, ବ୍ରାହ୍ମଣମଣ୍ଡଳୀଙ୍କୁ ମହାରାଜ ଯୁଧିଷ୍ଠିରଙ୍କ ବିନୀତ ଅନୁରୋଧ ଯେ ମହାରାଜାଙ୍କ ଶ୍ରୀହସ୍ତରୁ ଦାନ ଗ୍ରହଣ କରନ୍ତୁ ।

ଯୁଧିଷ୍ଠିର : ଏଇ ଗ୍ରହଣ କରନ୍ତୁ ମହର୍ଷି !

ମହର୍ଷି : ମନ୍ତ୍ରାର୍ଥାଃ ସଫଳାସନ୍ତୁ<br>ପୂର୍ଣ୍ଣାଃସନ୍ତୁ ମନୋରଥାଃ ।

ଯୁଧିଷ୍ଠିର : ଏଇ ସ୍ୱୀକାର କରନ୍ତୁ, ବିଜ୍ଞବର ।

ବିଜ୍ଞବର : ଶତ ସମ୍ବତ୍ସରଂ ଦୀର୍ଘମାୟୁଃ ।

ଯୁଧିଷ୍ଠିର : ଏଇ ଗ୍ରହଣ କରନ୍ତୁ, ମହାତ୍ମନ୍ ।

ସମବେତ : ଜୟ ! ଯୁଧିଷ୍ଠିର ମହାରାଜାଙ୍କର ଜୟ ! ଜୟ ! ହସ୍ତିନାଧିପତିଙ୍କର ଜୟ !

(ଶଙ୍ଖ, ଘଣ୍ଟା ଶବ୍ଦରେ ନିନାଦିତ)

ଓଁ ଅଗ୍ନୟେ ନମଃ, ସ୍ୱାହା

ଓଁ ପ୍ରଜାପତୟେ ନମଃ, ସ୍ୱାହା

ଓଁ ଯଜ୍ଞପୁରୁଷାୟ ନମଃ, ସ୍ୱାହା

ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ

## ପଞ୍ଚମଦୃଶ୍ୟ

ଦୂତ : ଜୟ ! ମହାରାଜାଧିରାଜ ଯୁଧିଷ୍ଠିରଙ୍କର ଜୟ !

ଯୁଧିଷ୍ଠିର : କି ସମ୍ବାଦ ଦୂତ ।

ଦୂତ : ଛାମୁ, ଜଣେ ଆଗନ୍ତୁକ ମହାରାଜଙ୍କ ଦର୍ଶନପ୍ରାର୍ଥୀ ।

ଯୁଧିଷ୍ଠିର : ରକ୍ଷୀ, କିଏ ସେଇ ଆଗନ୍ତୁକ !

ଦୂତ : ଏକ ନେଉଳ, ଛାମୁ ।

ଯୁଧିଷ୍ଠିର : ଅପଦାର୍ଥ । ମହାରାଜାଙ୍କ ସହ ଉପହାସ କରିବାର ଦୁଃସାହସ କରୁଛୁ !

ଦୂତ : ଅଧୀନର ଧୃଷ୍ଟତା ମାର୍ଜନା କରନ୍ତୁ, ଛାମୁ । ଅଧୀନ ସତ୍ୟହିଁ ପ୍ରକାଶ କରିଛି ।

ଯୁଧିଷ୍ଠିର : ମହାରାଜାଙ୍କ ସ୍ୱୀକୃତି ଜଣାଇଦିଅ ।

ଦୂତ : ଯଥା ଆଜ୍ଞା ମହାରାଜ ! ଜୟ ! ମହାରାଜାଙ୍କ ଜୟ ହେଉ !

ନେଉଳ : ଜୟ ! ମହାରାଜ ଯୁଧିଷ୍ଠିରଙ୍କର ଜୟ !

ଯୁଧିଷ୍ଠିର : ଆଶ୍ଚର୍ଯ୍ୟ ସାମାନ୍ୟ ନେଉଳ ଏ ! ତା'ର ମୁହଁରେ ପୁଣି ଏ ମାର୍ଜିତ ଭାଷା !

ନେଉଳ : ଏ ଅକିଞ୍ଚନ ଛାମୁଙ୍କୁ ବିସ୍ମିତ କରିପାରିଛି ବୋଧେ ।

ଯୁଧିଷ୍ଠିର : ନିଶ୍ଚୟ ! ନିଶ୍ଚୟ ! ଆଗନ୍ତୁକ । କ୍ଷୁଦ୍ରତର ଏକ ଜୀବ ହେଲେ ମଧ୍ୟ ତୁମର ମାର୍ଜିତ ଭାଷା ମୋତେ ମୁଗ୍ଧ କରିଛି – ମୋତେ ଅବାକ୍ କରିଛି !

ନେଉଳ : ଏ ତ ହସ୍ତିନାବାସୀର କର୍ମଫଳ, ଛାମୁ ।

ଭୀମ : ମହାରାଜ ଯୁଧିଷ୍ଠିରଙ୍କ ଯଜ୍ଞର ସୁଫଳ କୁହନ୍ତୁ, ଆଗନ୍ତୁକ ।

ନେଉଳ : ନା । ଏ ଯଜ୍ଞର ସୁଫଳ ନୁହେଁ ।

ଭୀମ : ଏତେ ଆସ୍ପର୍ଦ୍ଧା, ସାମାନ୍ୟ ନେଉଳଟିଏର ।

ନେଉଳ : ଏ ରାଜକୀୟ ରାଜସୂୟ ଯଜ୍ଞର ଫଳ ନୁହେଁ କ୍ଷତ୍ରିୟପ୍ରବର !

ଭୀମ : ରସନା ସଂଯତ କର, ହୀନକର୍ମା । ତୁମେ ଜାଣ କା'ର ରାଜଦରବାରରେ ଏ ଆସ୍ପର୍ଦ୍ଧା ପ୍ରକାଶ କରୁଛ ?

ନେଉଳ : ଜାଣେ କ୍ଷତ୍ରିୟପ୍ରବର – ମହାରାଜ ଯୁଧିଷ୍ଠିରଙ୍କ ରାଜଦରବାରରେ ।

ଯୁଧିଷ୍ଠିର : ଶାନ୍ତ ହୁଅ, ଭୀମ ।

ଭୀମ : ଛାମୁଙ୍କ ସମ୍ମୁଖରେ ଏ ଔଦ୍ଧତ୍ୟ ସହ୍ୟ ନୁହେଁ, ମହାରାଜ ।

ଯୁଧିଷ୍ଠିର : ତଥାପି ଆଗନ୍ତୁକ ଆମର ଅତିଥି । ତାଙ୍କର ବକ୍ତବ୍ୟ ସ୍ୱାଗତଯୋଗ୍ୟ ।

ଭୀମ : ଯଥାଦେଶ ମହାରାଜ ।

ଯୁଧିଷ୍ଠିର : ଏ ମୁଗ୍ଧ ଶ୍ରୋତାର ସଂଶୟ ଦୂର କରନ୍ତୁ ଆଗନ୍ତୁକ । ଆଗମନର ଅଭିପ୍ରାୟ ପ୍ରକାଶ କରନ୍ତୁ ।

ନେଉଳ : ଛାମୁ ଅବଶ୍ୟ ଲକ୍ଷ୍ୟ କରିପାରିଥିବେ ମହାରାଜ – ଏ ଅକିଞ୍ଚନର ଦେହାର୍ଦ୍ଧ ସୁବର୍ଣ୍ଣମଣ୍ଡିତ ।

ଯୁଧିଷ୍ଠିର : ତାହା ମୁଁ ଲକ୍ଷ୍ୟ କରିପାରୁଛି, ଆଗନ୍ତୁକ ! ତେବେ ଆଗମନର ଅଭିପ୍ରାୟ ?

ନେଉଳ : ପ୍ରକାଶ କରୁଛି, ଛାମୁ – କିନ୍ତୁ ତାହା ମହାରାଜାଙ୍କ ଶ୍ରାବ୍ୟ ହେବ ନାହିଁ ।

ଯୁଧିଷ୍ଠିର : ରାଜଦରବାରରେ ଅଶ୍ରାବ୍ୟ ବି ସ୍ୱାଗତଯୋଗ୍ୟ । ଦ୍ୱିଧାହୀନ ଭାବେ ପ୍ରକାଶ କରନ୍ତୁ, ଆଗନ୍ତୁକ !

ନେଉଳ : ଏ ଅକିଞ୍ଚନ ସ୍ୱଭାବତଃ ମୂକ ।

ଯୁଧିଷ୍ଠିର : ସେ ତ ପ୍ରକୃତିସିଦ୍ଧ । ତେବେ ବାଚାଳ ହେବାର କାରଣ କୁହନ୍ତୁ ।

ନେଉଳ : ଯିଏ ଏ ଅକିଞ୍ଚନ ମୂକକୁ ବାଚାଳ କରିଛି, ଏ ଅପଦାର୍ଥ ମୂଲ୍ୟହୀନକୁ ଦୁର୍ମୂଲ୍ୟ କରିଛି, ସେ ଜଣେ ହସ୍ତିନାବାସୀ, ମହାରାଜ !

ଯୁଧିଷ୍ଠିର : ମୁଁ ସେଇ ମହାତ୍ମାଙ୍କର ଯଶୋଗାନରେ ଶତମୁଖ ହେଉଛି ଆଗନ୍ତୁକ । କୁହନ୍ତୁ, କିଏ ସେଇ ମହାତ୍ମା ।

ନେଉଳ : ଜଣେ ଗରିବ ବ୍ରାହ୍ମଣ, ମହାରାଜ ।

ଯୁଧିଷ୍ଠିର : ଜଣେ ଗରିବ ବ୍ରାହ୍ମଣ !

ଭୀମ : ବୋଧହୁଏ ତନ୍ତ୍ରସାଧକ ହୋଇଥିବେ, ଧର୍ମଦେବ ।

ନେଉଳ : ଆପଣ ଭୁଲ କହୁଛନ୍ତି ଦ୍ୱିତୀୟ ପାଣ୍ଡବ ।

ଭୀମ : ଦେଖୁଛନ୍ତି ମହାରାଜ, ଏଇ ହୀନମତିର ଔଦ୍ଧତ୍ୟ ।

ନେଉଳ : ଏ ହୀନମତିର ସତ୍ୟୋକ୍ତିରେ ଆପଣ ବିଚଳିତ ହୋଇ ଉଠୁଛନ୍ତି ବୀର !

ଯୁଧିଷ୍ଠିର : ଶାନ୍ତ ହୁଅ ଭୀମ । ଆଗନ୍ତୁକର ସତ୍ୟୋକ୍ତି ପ୍ରକାଶରେ ବିରୋଧ କର ନାହିଁ ।

ଭୀମ : ଯଥା ଆଜ୍ଞା ଦେବ ।

ଯୁଧିଷ୍ଠିର : ନିର୍ଭୟରେ ବକ୍ତବ୍ୟ ପ୍ରଦାନ କରନ୍ତୁ, ଆଗନ୍ତୁକ !

ନେଉଳ : ଏ ଆଗନ୍ତୁକ ସ୍ୱଭାବତଃ ଭୟହୀନ, ଛାମୁ ।

| | | |
|---|---|---|
| ଯୁଧିଷ୍ଠିର | : | ଉତ୍ତମ । ଏ ସ୍ୱାଭାବିକତା ପାଇଁ ମୁଁ ସମ୍ବର୍ଦ୍ଧନା ଜ୍ଞାପନ କରୁଛି । ପ୍ରକାଶ କରନ୍ତୁ ଆଗନ୍ତୁକ, କିଏ ସେଇ ପୁଣ୍ୟାତ୍ମା ବ୍ରାହ୍ମଣ ? |
| ନେଉଳ | : | ଶୁଣନ୍ତୁ ମହାରାଜ - ଉଚ୍ଛିବନ୍ତ ଦରିଦ୍ର ଅଥଚ ଅତିଥିପରାୟଣ, ତାଙ୍କର ଆତିଥ୍ୟର ପଟାନ୍ତର ନାହିଁ । ତାଙ୍କର ପୁଣ୍ୟବଳ ପ୍ରଖର । |
| ଭୀମ | : | ସେଇ ପୁଣ୍ୟବାନ୍ ଆପଣଙ୍କର କ'ଣ କରିଛି ଆଗନ୍ତୁକ ? ତାହାହିଁ ପ୍ରକାଶ କରନ୍ତୁ । |
| ନେଉଳ | : | ସେଇ ପୁଣ୍ୟବାନ୍ ଏ ଅକିଞ୍ଚନର ଦେହାର୍ଦ୍ଧକୁ ସୁବର୍ଣ୍ଣମଣ୍ଡିତ କରିଛି । କିନ୍ତୁ ମହାରାଜଙ୍କ ପୁଣ୍ୟବଳ ସେଇ ଦରିଦ୍ର ବ୍ରାହ୍ମଣର ପୁଣ୍ୟବଳରୁ କଦାପି ମହତ୍ତର ନୁହେଁ ବୀର । |
| ଭୀମ | : | ଆପଣ ସୀମା ଲଙ୍ଘନ କରୁଛନ୍ତି, ଆଗନ୍ତୁକ । |
| ନେଉଳ | : | ସତ୍ୟ ଅସହ୍ୟ ହେବା ସ୍ୱାଭାବିକ, ଦ୍ୱିତୀୟ ପାଣ୍ଡବ ! |
| ଭୀମ | : | କାହିଁ ରାଜସୂୟ ଯଜ୍ଞର ପୁଣ୍ୟବଳ ଆଉ ଦରିଦ୍ର ବ୍ରାହ୍ମଣର ଆତିଥ୍ୟ ? ଆପଣଙ୍କ ମତିଭ୍ରମ ହୋଇନି ତ, ଆଗନ୍ତୁକ ? |
| ନେଉଳ | : | ସେଇ ଭ୍ରାନ୍ତି ରାଜକୀୟ, ସେ ତ ଦରିଦ୍ରର ଦୁର୍ଲଭ !! |
| ଯୁଧିଷ୍ଠିର | : | ଆପଣଙ୍କ ବକ୍ତବ୍ୟ କେବଳ ବିସ୍ମୟକର ନୁହେଁ ଆଗନ୍ତୁକ, ଏହା ରହସ୍ୟଜନକ । |
| ନେଉଳ | : | ଏ ଅକିଞ୍ଚନ ନିଜ କଳେବର ଯଜ୍ଞ-ଭସ୍ମରେ ବିଲେପିତ କରିଛି, ମହାରାଜ । ବହୁ ଧର୍ମାନୁଷ୍ଠାନରେ ଏ ଅକିଞ୍ଚନ ଅନ୍ୱେଷଣ କରିଛି ସେଇ ଦରିଦ୍ର ବ୍ରାହ୍ମଣର ପୁଣ୍ୟବଳ । କିନ୍ତୁ ଏଯାଏଁ ପାଇପାରି ନାହିଁ । |
| ଭୀମ | : | ଧର୍ମରାଜ ଯୁଧିଷ୍ଠିରଙ୍କ ଏତେ ବଡ଼ ରାଜସୂୟ ଯଜ୍ଞର ଦାନ-ଦକ୍ଷିଣା କ'ଣ ପୁଣ୍ୟବଳ ପାଇପାରିଲାନି, ଆଗନ୍ତୁକ ? |
| ନେଉଳ | : | ଏ ପ୍ରଶ୍ନର ଉତ୍ତର ସ୍ୱୟଂ ଧର୍ମରାଜ ଦେଇପାରିବେ, ଦ୍ୱିତୀୟ ପାଣ୍ଡବ ! |
| ଯୁଧିଷ୍ଠିର | : | ବାସ୍ତବିକ୍ ଏ ଉତ୍ତର ମୋ' ପକ୍ଷରେ ସମ୍ଭବ ନୁହେଁ, ଆଗନ୍ତୁକ । |
| ନେଉଳ | : | ସେଇ ଦିନୁ ଏ ଅବଶିଷ୍ଟ ଅର୍ଦ୍ଧାଙ୍ଗ ସ୍ୱର୍ଣ୍ଣାଭ କରିବାପାଇଁ ଏ ଅକିଞ୍ଚନ ସବୁ ଯଜ୍ଞାନୁଷ୍ଠାନ, ଧର୍ମକାର୍ଯ୍ୟରେ ଯୋଗଦାନ କରିଛି, ମହାରାଜ । ହେଲେ ସେଇ ଦରିଦ୍ର ବ୍ରାହ୍ମଣର ପୁଣ୍ୟବଳ ଏଯାବତ୍ ପ୍ରାପ୍ୟ ହୋଇ ନାହିଁ । |
| ଯୁଧିଷ୍ଠିର | : | ବାସ୍ତବିକ୍ ଏ ରାଜକୀୟ, ରାଜସୂୟରେ ଅହମିକା, ଆଡ଼ମ୍ବରର ବାହୁଲ୍ୟ ରହିଛି ସିନା - ଏଥିରେ ମାନବିକତା ନାହିଁ । ସେଇଥିପାଇଁ ଏ ଯଜ୍ଞ ଆଜି ନିଷ୍ଫଳ । ଉଚ୍ଛିବନ୍ତଙ୍କ ଅତିଥିସେବା, ମହତ୍ତ୍ୱବୋଧ ଯେକୌଣସି ରାଜସୂୟ ଯଜ୍ଞଠାରୁ ବି ବଳୀୟାନ୍ । ଆପଣ ମୋ'ର ଆଖି ଫିଟେଇ ଦେଇଛନ୍ତି ଆଗନ୍ତୁକ । ଏ ମିଥ୍ୟା ଅହମିକାରେ କ'ଣ ଅଛି ? |
| ନେଉଳ | : | ଜୟ, ମହାରାଜ ଯୁଧିଷ୍ଠିରଙ୍କର ଜୟ ! |
| ସମବେତ | : | ଜୟ, ମହାରାଜ ଯୁଧିଷ୍ଠିରଙ୍କର ଜୟ ! |

**ସୂଚନା :**

ଯାଉ - ଯିବାପାଇଁ ନିର୍ଦ୍ଦେଶ ।

ଯାଉ - ଅନ୍ନ ଅଧିକ ସିଝିଯାଇ ଅତିନରମ ମଣ୍ଡ ପରି ହୋଇଯିବା ।

ପ୍ରାସାଦବିଳାସୀ- ପ୍ରାସାଦ ବା ରାଜମହଲରେ ବିଳାସରେ ବା ସୁଖସମ୍ଭୋଗରେ ରହୁଥିବା ବ୍ୟକ୍ତି ।

ପ୍ରକୃତିସିଦ୍ଧ- ସ୍ୱାଭାବିକ

ଦୁଷ୍କାଳ- ଖରାପସମୟ

ବିଶ୍ୱନିୟନ୍ତା- ବିଶ୍ୱକୁ ନିୟନ୍ତ୍ରଣ କରୁଛନ୍ତି ଯେ

ପଣ - ଶପଥ, ପ୍ରତିଜ୍ଞା

**ଆସ, ଜାଣିବା କେତୋଟି ନୂତନଶବ୍ଦ ।**

| | | | |
|---|---|---|---|
| ଦୁର୍ଲଭ | ଲୋକାରଣ୍ୟ | ଅପଦାର୍ଥ | ବିଲେପିତ |
| ଦୁର୍ଭିକ୍ଷ | ବିଜ୍ଞବର | ସ୍ୱୀକୃତି | ପୁଣ୍ୟବଳ |
| ଗଣ୍ଠିଧନ | ଆଗନ୍ତୁକ | ମାର୍ଜିତ | ପଟାନ୍ତର |
| ଯଜ୍ଞପୀଠ | ଧୃଷ୍ଟତା | ରାଜସୂୟ | ମତିଭ୍ରମ |

## ଅଭ୍ୟାସକାର୍ଯ୍ୟ

**(୧) ଆସ, କଥାବାର୍ତ୍ତା ହେବା ।**

(କ) ବ୍ରାହ୍ମଣ ଖୁଦଦାନାଟିଏ କାହିଁକି ପାଇଲେ ନାହିଁ ?

(ଖ) ସନା କାଉଳି ବାଉଳି ହେଉଥିଲା କାହିଁକି ?

(ଗ) ସନାର କିଛି ହେବ ନାହିଁ ବୋଲି ବ୍ରାହ୍ମଣ କିପରି ଜାଣିଲେ ?

(ଘ) ଶସ୍ୟ ସଂଗ୍ରହ ପାଇଁ ବ୍ରାହ୍ମଣ ବ୍ରାହ୍ମଣୀ କେଉଁଠିକି ଗଲେ ?

(ଙ) ନେଉଳଟିର ଅଧାଦେହ ସୁନା ପାଲଟିଗଲା କିପରି ?

**(୨) ଦୁଇ ବା ତିନୋଟି ବାକ୍ୟରେ ତଳ ପ୍ରଶ୍ନର ଉତ୍ତର ଲେଖିବା ।**

(କ) ବ୍ରାହ୍ମଣୀ କାନ୍ଦିଥିଲେ କାହିଁକି ?

(ଖ) ଯଜ୍ଞର ପ୍ରଧାନ କର୍ତ୍ତବ୍ୟ କ'ଣ ବୋଲି ପୁରୋହିତ କହିଲେ ?

(ଗ) ଭିକାରିଙ୍କୁ ଦେଖିଲାପରେ ବ୍ରାହ୍ମଣଙ୍କ ମନରେ କି ପ୍ରକାର ପରିବର୍ତ୍ତନ ଆସିଲା ?

(ଘ) ନେଉଳ କିପରି ଯୁଧିଷ୍ଠିରଙ୍କ ଆଖି ଖୋଲି ଦେଇଛି ?

(ଙ) ନେଉଳର ସ୍ୱାଭାବିକ ଆଚରଣ କିପରି ?

**(୩) ଆସ, ତଳେ ଦିଆଯାଇଥିବା ବାକ୍ୟଗୁଡ଼ିକୁ ସରଳଭାଷାରେ ବୁଝାଇ ଲେଖିବା ।**

(କ) ଏ ତ ହସ୍ତିନାବାସୀର କର୍ମଫଳ, ଛାମୁ ।

(ଖ) ସତ୍ୟ ଅସହ୍ୟ ହେବା ସ୍ୱାଭାବିକ ।

**(୪) ତଳେ ଦିଆଯାଇଥିବା ସଂଳାପଗୁଡ଼ିକ ଯେଉଁ ଚରିତ୍ରର, ତାଙ୍କ ନାମ କୋଠରିରୁ ବାଛି ଡାହାଣ ପାଖରେ ଲେଖିବା ।**

| ନେଉଳ, ଯୁଧିଷ୍ଠର, ଭିକାରି, ବ୍ରାହ୍ମଣ, ଭୀମ |
|---|

(କ) ଦେଖୁନ - ପିଲାଟି କିମିତି କାଉଳିବାଉଳି ହଉଚି ? [ ]

(ଖ) ମହାରାଜାଙ୍କ ସ୍ୱୀକୃତି ଜଣାଇଦିଅ । [ ]

(ଗ) ଏ ରାଜକୀୟ ରାଜସୂୟ ଯଜ୍ଞର ଫଳ କ୍ଷତ୍ରିୟ ପ୍ରବର । [ ]

(ଘ) ଆପଣ ସୀମା ଲଙ୍ଘନ କରୁଛନ୍ତି ଆଗନ୍ତୁକ । [ ]

(ଙ) ବେଶ୍ ତୃପ୍ତି ଲାଗିଲା ବାବୁ, ଠାକୁରାଣୀ ମା' । [ ]

**(୫) ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକର ବିପରୀତାର୍ଥବୋଧକ ଶବ୍ଦଗୁଡ଼ିକ ଲେଖିବା ।**

(କ) ଦୁର୍ଲଭ

(ଖ) ଦୁର୍ଦ୍ଦିନ

(ଗ) ନିନ୍ଦା

(ଘ) ପ୍ରିୟ

(ଙ) ସୁଫଳ

**(୬) ତଳେ ଦିଆଯାଇଥିବା ସଂଳାପଗୁଡ଼ିକୁ ବହିଦେଖି କ୍ରମାନ୍ୱୟରେ ପୁଣିଥରେ ଲେଖିବା ।**

ବ୍ରାହ୍ମଣ : କି ଆଶ୍ଚର୍ଯ୍ୟ । ନେଉଳଟି ସୁନା ପାଲଟି ଗଲାଣି ।

ଭିକାର : ସାନ୍ତାଣି ମାଆ - ବସି ରହିଲି ଯେ......

ଭୀମ : ସେଇ ପୁଣ୍ୟବାନ୍ ଆପଣଙ୍କର କ'ଣ କରିଛି ଆଗନ୍ତୁକ ?

ନେଉଳ : ଜଣେ ଗରିବ ବ୍ରାହ୍ମଣ, ମହାରାଜ।

ଯୁଧିଷ୍ଠିର : ତଥାପି ଆଗନ୍ତୁକ ଆମର ଅତିଥି, ତାଙ୍କର ବକ୍ତବ୍ୟ ସ୍ୱାଗତଯୋଗ୍ୟ।

**(୭) ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକୁ ନେଇ ଆସ ଗୋଟିଏ ଛୋଟ ଅନୁଚ୍ଛେଦ ଲେଖିବା ।**

| | | | |
|---|---|---|---|
| ଆଗନ୍ତୁକ, | ଅତିଥି, | ସ୍ୱାଗତଯୋଗ୍ୟ, | ପୁଣ୍ୟବଳ |
| ସମ୍ବର୍ଦ୍ଧନାଜ୍ଞାପନ, | | ମହତ୍ତ୍ୱବୋଧ, | ବଳୀୟାନ |

**(୮) 'ବଳୀୟାନ' ପରି ଆଉଦୁଇଟି ଶବ୍ଦ କୋଠରି ଭିତରେ ଲେଖିବା, ଯାହାର ଶେଷରେ 'ୟାନ' ଥିବ ।**

**(୯) ତଳେ 'କ' ସ୍ତମ୍ଭ ସହ ସଂପର୍କିତ ଶବ୍ଦ 'ଖ' ସ୍ତମ୍ଭରେ ଦିଆଯାଇଛି ସେହି ସଂପର୍କିତ ଶବ୍ଦଗୁଡ଼ିକୁ ଯୋଡ଼ି ଗୋଟିଏ ଗୋଟିଏ ବାକ୍ୟ ଗଠନ କରିବା।**

| 'କ'ସ୍ତମ୍ଭ | 'ଖ'ସ୍ତମ୍ଭ |
|---|---|
| ବିଶ୍ୱ | ପ୍ରବର |
| ଗଣ୍ଡି | ନିୟନ୍ତା |
| ପରମ | ସିଦ୍ଧ |
| କ୍ଷତ୍ରୀୟ | ପବିତ୍ର |
| ପ୍ରକୃତି | ଧନ |

**(୯) ଭୁଲ୍ ଶବ୍ଦକୁ ତା'ପାଖରେ ଠିକ୍ କରି ଲେଖିବା।**

| | |
|---|---|
| ଯଜ୍ଞପିଠ- | ଚଳଚିତ୍ର- |
| ସ୍ୱିକୃତି- | ମହତ୍ୱ- |
| ପୁନ୍ୟବଳ- | ପରିକ୍ଷା- |
| ରାଜସୁୟ- | ମୁକ- |
| ଚିତ୍କାର- | ଦୂର୍ମୁଲ୍ୟ- |

**ତୁମପାଇଁ କାମ :**

ଏକାଙ୍କିକାଟି ପଢ଼ିସାରିବା ପରେ ତୁମେ ନିଜ ନିଜ ମଧ୍ୟରେ ବିଭିନ୍ନ ଚରିତ୍ରକୁ ବାଛି ନେଇ ଶ୍ରେଣୀଗୃହରେ ଶିକ୍ଷକଙ୍କ ସହାୟତାରେ ଅଭିନୟ କର ।

***

# ଆହୁତି

● କାର୍ତ୍ତିକ ଚନ୍ଦ୍ର ରଥ

**ଲେଖକ ପରିଚୟ :**

କାର୍ତ୍ତିକ ଚନ୍ଦ୍ର ରଥଙ୍କର ଜନ୍ମ (୧୯୪୯) ବ୍ରହ୍ମପୁରଠାରେ । ବୃତ୍ତିରେ ସେ ଅର୍ଥନୀତିର ଅଧ୍ୟାପକ ଥିଲେ । ନାଟକ ରଚନା କ୍ଷେତ୍ରରେ ସେ ଅନେକ ପ୍ରଶଂସା ଓ କୃତିତ୍ୱର ଅଧିକାରୀ । ଜଣେ ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ ଓ ନାଟ୍ୟ ସଂଗଠକ ଭାବରେ ସେ ପ୍ରତିଷ୍ଠା ଅର୍ଜନ କରିଛନ୍ତି । 'ଜୀବନ ଯଜ୍ଞ', 'ଅନ୍ୟ ଆକାଶ', 'ମୁଁ ଦୁହେଁ', 'ଚନ୍ଦ୍ରବିନ୍ଦୁ', 'ଆଜିର ରାଜା', 'ମାଂସର ଫୁଲ', ଓ 'ତୃତୀୟ ପୃଥିବୀ' ପ୍ରଭୃତି ନାଟକ ତାଙ୍କର ଉଲ୍ଲେଖଯୋଗ୍ୟ କୃତି ।

'ଆହୁତି' ଏକାଙ୍କିକାରେ ପୁତ୍ରକନ୍ୟାମାନଙ୍କର ସ୍ୱାର୍ଥପରତା ଓ ବସ୍ତୁବାଦୀ ଚିନ୍ତା ପ୍ରତିଫଳିତ ହୋଇଛି ।

## ଦୃଶ୍ୟାରମ୍ଭ

(ମଞ୍ଚ ଆଲୋକିତ ହେବା ମାତ୍ରେ ଦେଖାଯାଇଛି – ସମୟ ସକାଳ । କୌଣସି ଏକ ଗାଁରେ ମଧ୍ୟବିତ୍ତ ଘରର ବୈଠକଖାନାର ପରିବେଶ । କାନ୍ଥରେ ସ୍ୱର୍ଗତ ଗଜେନ୍ଦ୍ରନାଥଙ୍କର ଏକ ବିରାଟ ଫଟୋ । ବଡ଼ପୁଅ ଦେବେନ୍ଦ୍ରବାବୁ ଟୁଲ୍ ଉପରେ ଛିଡ଼ାହୋଇ ଫଟୋଟିରେ ଫୁଲମାଳ ପିନ୍ଧାଉଛନ୍ତି । ତଳେ ପାର୍ଶ୍ୱରେ ତାଙ୍କ ସାନଭାଇ ରାଜେନ୍ଦ୍ର ଛିଡ଼ା ହୋଇ ତାଙ୍କୁ ସାହାଯ୍ୟ କରୁଛନ୍ତି ।)

ଦେବେନ୍ଦ୍ର : (ତଳକୁ ଓହ୍ଲାଇ) ବାସ୍... ଏଥର ହେଲା । ବାପାଙ୍କ ଫଟୋଟା ବୈଠକଖାନାର ଏଇ କାନ୍ଥରେ ଏମିତି ଟଙ୍ଗା ହୋଇଥାଉ, ବେଶ୍ ମାନିବ । ନା' କ'ଣ କହୁଚୁ, ରାଜୁ ?

ରାଜେନ୍ଦ୍ର : ହଁ, ଭାଇ, ଚାକିରିରୁ ରିଟାୟାଡ଼୍ କରି ଗାଁକୁ ଫେରିଲା ପରେ ଏଇ ବୈଠକଖାନା ଇ ତ ଥିଲା ବାପାଙ୍କର ସବୁଠୁ ବଡ଼ ତୀର୍ଥ । ତାଙ୍କର ଶେଷଜୀବନଟା ଏଇ ଚାରିକାନ୍ଥ ଭିତରେ ଇ ତ କଟିଛି ।

ଦେବେନ୍ଦ୍ର : ଆଚ୍ଛା ରାଜୁ, ତତେ ମୁଁ ବାପାଙ୍କର ଏଇ ଫଟୋର ଚାରିଟା ଛୋଟ ସାଇଜ୍ କପି କରିବାପାଇଁ କହିଥିଲି ..

ରାଜେନ୍ଦ୍ର : କାଲି ରାତିରେ ଷ୍ଟୁଡ଼ିଅରୁ ମୁଁ ନେଇଆସିଚି । ବାପାଙ୍କ ଦଶାହ କାମ ସାରି ଫେରିକି ଗଲାବେଳେ ସମସ୍ତେ ଗୋଟାଏ ଲେଖାଁ କପି ନେଇକି ଯିବେ ।

| | | |
|---|---|---|
| ଚଞ୍ଚଳା | : | (ହଠାତ୍ ପ୍ରବେଶି ଦେବେନ୍ଦ୍ରବାବୁଙ୍କ ପ୍ରତି) ହଇ ହୋ, କାଲି ରାତିସାରା ବସି ତମକୁ ଏତେକରି ବୁଝେଇ କହିଥିଲି, ତେବେ ବି ବୁଝିପାରିଲନି ? ସକାଳ ପହରଟାରୁ ଫଟୋ ଟଙ୍ଗାରେ ଲାଗିଗଲ । |
| ଦେବେନ୍ଦ୍ର | : | ଫଟୋ ଟଙ୍ଗା ସରିଲାଣି । |
| ଚଞ୍ଚଳା | : | ମଲା ଯା', ମୁଁ ଯେ ରାତିସାରା ଉଜାଗର, ଦେଖିଲାବେଳକୁ କ'ଣ ନା ମୁଗୁରା ମେଲା ! |
| ରାଜେନ୍ଦ୍ର | : | ମୁଁ ତେଣେ ଯାଇ ଦେଖେ, ଦେବଭାଇ – କି' କି ଜିନିଷ ଯୋଗାଡ଼ ହେଲା, ଆଉ କ'ଣ କ'ଣ ସବୁ ବାକି ରହିଲା । ଗାଁ କଥା । ଇଏ ତ ଆଉ ସହର ହେଇନି ଯେ, ଥରକେ ସବୁ ଜିନିଷ ଖୋଜିଲା ମାତ୍ରେ ଇ ମିଳିଯିବ । |
| ଦେବେନ୍ଦ୍ର | : | ହଁ... ହଁ, ତୁ ସେଇଆ କର । ଦଶା କାମତକ ସୁରୁଖୁରୁରେ ତୁଲାଇବାପାଇଁ ଜିନିଷତକ ଆମର ନିହାତି ଦରକାର । |
| ରାଜେନ୍ଦ୍ର | : | ହଉ, ଭାଇ । (ବାହାରକୁ ପ୍ରସ୍ଥାନ) |
| ଚଞ୍ଚଳା | : | ହେଇଟି, ମୁଁ ଯାହା ବୁଝେଇଥିଲି, ମା'ଙ୍କୁ କହିଲ...ଭାଇମାନଙ୍କୁ ପଚାରିଲ ? |
| ଦେବେନ୍ଦ୍ର | : | ନା'....ପଚାରିବି । |
| ଚଞ୍ଚଳା | : | ମାଇଲା ! ଆଉ କୋଉ କାଳେ ? ଭୋଜିଭାତ ସରିଯିବ । ଦଶା କାମ ସବୁ ସୁରୁଖୁରୁରେ ହୋଇଗଲା ପରେ ଲୋକବାକ, ଜ୍ଞାତିକୁଟୁମ୍ବ ବି ଦଶା ତୁଠରୁ ଲୁଗାପଟା ନେଇ ଯିଏ ଯା' ବାଟରେ ଚାଲିଯିବେ । |
| ଦେବେନ୍ଦ୍ର | : | କ'ଣ ତୁମେ କହିବାକୁ ଚାହଁ ? |
| ଚଞ୍ଚଳା | : | ମୁଁ କହିଲେ କହିବ କ'ଣ ନା କହୁଚି ବୋଲି । ମୁଁ ଏକେଲା ଏଠି ଦଶ ଦିନ ଦଶ ରାତି ଧରି ସାରା ବଉଁଶଟାକୁ ରାନ୍ଧି ଖାଇବାକୁ ଦେଇଦେଇ ଥେଇଆ ହେଇଯିବି ? ବଡ଼ବୋହୂ ବୋଲି ବାପା ତମର କ'ଣ ସବୁ ମତେ ଅଜାଡ଼ି ଦେଇଥିଲେ କି ? ଖାଲି ଯାହା ଧରମକୁ ଜଗି କରିଯିବା କଥା । |
| ଦେବେନ୍ଦ୍ର | : | ଚଞ୍ଚଳା ! ବାପା ଗଲା ଦିନଠୁ ମା'ର ଅବସ୍ଥା ତ ଦେଖୁଚ ! ପାଞ୍ଚଦିନ ହେଇଗଲା, ପାଣି ଟୋପାଏ ବି ମୁହଁରେ ଦଉନି । ମୁହଁମାଡ଼ି ଘରଟା କୋଣରେ ସେମିତି ପଡ଼ିରହିଚି । କାନ୍ଦିକାନ୍ଦି ଆଖି ମୁହଁ ଫୁଲିଗଲାଣି । ଦଶାହ ନ ସରୁଣୁ ଦଶ ଥର ବେହୋସ ହେଲାଣି ସେ ! |
| ଚଞ୍ଚଳା | : | ମାଇଲା ! ତେଣେ ମୋ' ଝିଅ ପାଞ୍ଚଟାଙ୍କ ମୁଣ୍ଡ ଉପରେ ପରୀକ୍ଷା । କେତେ ଆଶା କରିଚି, ବଡ଼ ଝିଅଟା ମୋର ଏଥର ବି.ଏ.ଟା ପାସ୍ କରିଗଲେ, ତାକୁ ହାତକୁ ଦି'ହାତ କରିଦିଅନ୍ତି । |
| ଦେବେନ୍ଦ୍ର | : | ଓଃ ହୋ.... ଏଇଟା କ'ଣ ସେସବୁ ଆଲୋଚନା କରିବା ବେଳ ନା ଜାଗା ? |
| ଚଞ୍ଚଳା | : | ତମେ ତ ଗୋଟିଏ ମରଦ ହେଇଚ ଯେ, କୋଉ କାମର ନୁହେଁ । ଭାଇଟାଏ ମୋର ଅଛି ବୋଲି ସିନା ଯାହା ଯେତେବେଳେ ମୋ' ପାଇଁ ବୁଝାବୁଝି କରିଦେଉଚି କି ଯୋଗାଡ଼ଯନ୍ତ୍ର କରି ଆଣି ଦଉଚି । ସେତକ ତୁଲେଇବା ବି ତମଦେଇ ଟିକେ ହେଲାନି । |
| ଦେବେନ୍ଦ୍ର | : | ଚଞ୍ଚଳା ! |

ଚଞ୍ଚଳା : କାଇଁକି ଏମିତି ମୋ' ନାଆଁଟା ଧରି ହୁରି ପକଉଚ କହିଲ ? ବାପାଙ୍କ ଦଶାହ ଖଟିବାପାଇଁ ତମେ ଯେମିତି ହରବର ହଉଚ, ଝିଅ ବାହା କଲାବେଳକୁ କେତେ ତରବର ହବ, ମୁଁ ଦେଖିବିନି । ଏଡ଼େ ସୁନ୍ଦର ଘର... ଏଡ଼େ ଗୁଣର ବରକୁ ଛାଡ଼ିଦେଲେ, ତମ ଝିଅର କପାଳ ତ ଫିଟିବନି, ହେଲେ ଜରୁର୍ ଫାଟିବ – ମୁଁ କହିରଖୁଚି, ହଁ.. !

ଦେବେନ୍ଦ୍ର : ଓଃ....ତମେ ବନ୍ଦ କଲ ଆଗ ଏ ସବୁ ! ଯେତେବେଳେ ଯୋଉଠି ଦେଖ...

ଚଞ୍ଚଳା : ମାଇଲା !

ରାଜେନ୍ଦ୍ର : (ବାହାରୁ ପ୍ରବେଶି) ବୁଝିଲେ, ଦେବଭାଇ – ହଣ୍ଡା-କଡ଼େଇ, ବାଲ୍‌ଟି-ମଗ, ଚାନ୍ଦୁଆ-ଦରି... ସବୁ ଗଣି କରି ରଖିଦେଲି । ମୁଣ୍ଡରୁ ଗୋଟାଏ ବଡ଼ ବୋଝ ଗଲା । ଆଉ ଯାହା ସେ ପୂଝାରୀଟା ସଉଦାପାଇଁ ବରାଦ୍ ଦବ । କିଛି ଟଙ୍କା ଦରକାର, ଭାଇ ।

ଚଞ୍ଚଳା : ମାଇଲା ! ଭାଇଙ୍କ ପାଖରେ ଆଉ ଟଙ୍କା କାଇଁ ? ଯାହା ଆଣିଥିଲେ, ଫେରିକି ଯିବା ପାଇଁ ବାଟ ଖର୍ଚ୍ଚା କିଛି ରଖିଚନ୍ତି କି ନାଇଁ କେଜାଣି ?

ରାଜେନ୍ଦ୍ର : ଠିକ୍ ଅଛି, ମୁଁ ମଝିଆଭାଇଙ୍କି କହି... । ଏଇନେ ତ ନିହାତି ସାତଶହ ଆଠଶହ ଟଙ୍କା ଦରକାର ।

ଚଞ୍ଚଳା : ନାଇଁ ମ' ରାଜେନ୍ଦ୍ର, ମୁଁ କ'ଣ କହୁଥିଲି କି... ଭିତର ଘରେ ମା' ଶୋଇଚନ୍ତି । ଆଜି ସକାଳ ପହରୁ ତମ ମଝିଆଭାଇ, ଆଉ ସାନଭଉଣୀ ତାଙ୍କ ପାଖରେ ବସି କ'ଣ ଗୋଟାଏ ସଲାସୁତୁରା ହଉଚନ୍ତି । ଯିବ ଯଦି, ଟିକେ ଶୁଣି ଆସିଲେ ଭାରି ଭଲ ହୁଅନ୍ତା ।

ରାଜେନ୍ଦ୍ର : କ'ଣ ଆଉ କହୁଥିବେ ? ବାପା ଚାଲିଗଲା ପରେ ମା'ର ମନଟା ଏକଦମ୍ ଭାଙ୍ଗିପଡ଼ିଚି । ତେଣୁ ତାକୁ ବସି ବୁଝାଉଥିବେ ।

ଚଞ୍ଚଳା : ମାଇଲା ! ହଇହୋ...ଶେଷରେ ତମେ ବି ଏଇଆ ବୁଝିଲ ? ତମେ ପରା ଟଙ୍କା ଯୋଗାଡ଼ ହେଲେ କ'ଣ ଗୋଟାଏ ଫ୍ୟାକ୍ଟରୀ କରିବ ବୋଲି କହୁଥିଲ ?

ରାଜେନ୍ଦ୍ର : ହଁ, ଭାଉଜ – ବହୁ ଦିନରୁ ଚିନ୍ତା କରିଚି । ଅନେକ ଚେଷ୍ଟା ବି କଲିଣି । ବ୍ୟାଙ୍କ୍, ଫାଇନାନ୍‌ସ କର୍ପୋରେସନ୍ ଅନେକ ଧାଇଁଲିଣି । ହେଲେ ପୂରା ଟଙ୍କା ମିଳୁନି ।

ଚଞ୍ଚଳା : ଦେଖ, ବଡ଼ଭାଇ ଯିଏ, ବାପ ସମାନ ଭାଇ ତମର କହୁଥିଲେ...

ଦେବେନ୍ଦ୍ର : କାଇଁ...ମୁଁ ତ କିଛି କହିନି ।

ଚଞ୍ଚଳା : ମାଇଲା ! ମଝିରେ ତମକୁ କିଏ କହିବାପାଇଁ କହୁଚି । ବୁଝିଲ ରାଜେନ୍ଦ୍ର, ବାପାଙ୍କ ଅନ୍ତେ ମା' ହେଲେ ଗାଁରେ ଏକେଲା ମଣିଷ । ଗାଁଟା ଭିତରେ ଯାହା ଯେମିତି ଯେଉଁଠି ଅଛି, ଏ ପାକଲା ବୟସରେ ସବୁ କିଛିକୁ ଦେଖାଶୁଣା ବୁଝାବୁଝି କରିବାଟା ତାଙ୍କ ପକ୍ଷେ ଆଦୌ ସମ୍ଭବ ନୁହଁ ।

ରାଜେନ୍ଦ୍ର : ହଁ, ତା'ତ ଠିକ୍ କଥା ।

ଚଞ୍ଚଳା : ଏଇନେ ତ ତିନି ଭାଇ ଏଇଠି ଅଛ । ସବୁବେଳେ କ'ଣ ଏକାଠି ହବାର ସୁଯୋଗ ମିଳୁଚି ?

ରାଜେନ୍ଦ୍ର : ତା' ବି ତ ଭୁଲ୍ ନୁହଁ ।

ଚଞ୍ଚଳା : ତେଣୁ ତମ ବଡ଼ଭାଇ କହୁଥିଲେ...

ଦେବେନ୍ଦ୍ର : ମାନେ ମୁଁ କହୁଥିଲି...

ଚଞ୍ଚଳା : ମାଇଲା ! ତମେ କହୁ ନଥିଲ କହିବା ପାଇଁ ... ସେଇ କଥା ଇ ତ ମୁଁ କହୁଚି । ଦଶା ତୁଟେଇ ଗାଁରୁ ତମେ ସବୁ ଫେରିକି ଯିବା ଆଗରୁ ବାପାଙ୍କର ଯାହା ଯେମିତି ଯୋଉଠି ସମ୍ପତ୍ତି ଅଛି, ସେତକ ଯଦି ତମ ଭାଇଙ୍କ ଭିତରେ ମା' ଥାଉଥାଉ ଭାଗବଣ୍ଟା ହୋଇଯା'ନ୍ତା, ତା'ହେଲେ ପଛକୁ ଆଉ କିଛି ଝାମେଲା ରହନ୍ତାନି !

ରାଜେନ୍ଦ୍ର : ଯେ ତମେ କ'ଣ କହୁଚ, ଭାଉଜ ?

ଚଞ୍ଚଳା : ଆରେ ବାବୁ, ବାପା ତମର ଏତେ ସବୁ ଅରଜି ଥିଲେ, କାହାପାଇଁ ? ଏତେ ସବୁ ସଞ୍ଚିଥିଲେ, କିଏ ଖାଇବ ବୋଲି ? ପୁଅମାନଙ୍କପାଇଁ । ତମେ ସବୁ ଖଟୁଚ, କାହାପାଇଁ ? ନିଜ ଛୁଆପିଲାଙ୍କପାଇଁ ।

ରାଜେନ୍ଦ୍ର : ତା' ଅବଶ୍ୟ ଠିକ୍ !

ଚଞ୍ଚଳା : ଭାଇ ତମର ଆଉ ବି କହୁଥିଲେ...

ଦେବେନ୍ଦ୍ର : ମାନେ ମୁଁ କହୁଥିଲି... ?

ଚଞ୍ଚଳା : ମାଇଲା, ପୁଣି ମଝିରେ କହିଲ ! ଦେଖ, ରାଜେନ୍ଦ୍ର - ବାପାଙ୍କର ସବୁ ସମ୍ପତ୍ତି ରହିଲା ଗାଁରେ । ଆଉ ତମେ ସବୁ ଭାଇମାନେ ରହିଲ ବିଦେଶରେ... ପୁଣି ଅଲଗା ସହରରେ ।

ରାଜେନ୍ଦ୍ର : ସତରେ ଭାଉଜ, ତମେ...ତମେ ଆଜି ମୋର ଆଖି ଖୋଲି ଦେଇଚ । ମୋ' ଭେଜାକୁ ତ ଏତେ କଥା ଜମା ଷ୍ଟ୍ରାଇକ୍ କରି ନ ଥିଲା ।

ଚଞ୍ଚଳା : ପୁଣି ସାଇ-ପଡ଼ିଶା, ଭାଇ-ଭଗାରି ଅଛନ୍ତି । କିଏ କେତେବେଳେ ସେତକ ଯଦି ମାଡ଼ି ବସେ.... ନ ହେଲେ ବୁଢ଼ୀ ମା'ଟାକୁ ଯଦି ବୋକା ବନେଇ କେହି ସମ୍ପତ୍ତିକୁ ହଡ଼ପ୍ କରିଯାଏ...ତା' ହେଲେ ? ତା' ଛଡ଼ା ଆଜିକାଲି ବେଳକାଳ ଯାହା ହେଇଚି, ଚୋର-ଡକେଇତଙ୍କୁ ବିଶ୍ୱାସ ନାହିଁ । ସମ୍ପତ୍ତିପାଇଁ ମା'ଙ୍କର ପ୍ରାଣ ଯିବ ନା କ'ଣ ?

ଦେବେନ୍ଦ୍ର : (ଚମକି) ଏଁ !

ଚଞ୍ଚଳା : କିହୋ, ତମେ ଏମିତି ଚମକୁଚ କାଇଁକି ?

ଦେବେନ୍ଦ୍ର : ନାଇଁ, ମାନେ ତମେ ଯାହା କହିଲ - ଏକଦମ୍ ଅସମ୍ଭବ ନୁହଁ ।

ଚଞ୍ଚଳା : ମାଇଲା ! ଏ ଯାଏଁ ତମେ କୋଉଠି ଥେଲ ମ ! ଏଇନେ ବି ସେଠି ଘରଟା ଭିତରେ କ'ଣ ଚାଲିଚି, ତା' କିଏ କହିବ ?

ରାଜେନ୍ଦ୍ର : ନା ନା, ତା' କେମିତି ହବ ? ମହେନ୍ଦ୍ରଭାଇ ଆସୁ, ଏ ବିଷୟରେ ଗୋଟିଏ ପକ୍କା ଫଇସଲା ହେଇଯିବା ଦରକାର ।

ଦେବେନ୍ଦ୍ର : ଆଜି ଏଇଠି...ଏଇ ମୁହୂର୍ତ୍ତରେ ।

ଚଞ୍ଚଳା : ମାଇଲା !

ମହେନ୍ଦ୍ର : ବୁଝିଲ, ଦେବଭାଇ – (ଏତିକିବେଳେ ଭିତରୁ ପ୍ରବେଶ କରିଛନ୍ତି ମଝିଆଭାଇ ମହେନ୍ଦ୍ରବାବୁ ) କ'ଣ କହି ଆଉ ମା'କୁ ବୁଝେଇବା । ମୁଁ ନିଜେ ବି ଠିକ୍ ବୁଝିପାରୁନି । କୁନି ଆଉ ମୁଁ ତା'କୁ କେତେ ସାନ୍ତ୍ୱନା ଦବୁ ! ଯେତେ କନ୍ଦାକଟା କଲେ... ଯେତେ ଛେଚି କଚାଡ଼ି ହେଲେ ବି ବାପା ତ ଆଉ ଫେରି ଆସିବେନି !

ଦେବେନ୍ଦ୍ର : ମୁଁ ବି ତ ଠିକ୍ ସେଇ କଥା ଭାବୁଥିଲି । ବାପା ତ ତାଙ୍କର ଯିବା ବାଟରେ ସବୁଦିନପାଇଁ ଚାଲିଗଲେ । ତେଣୁ ଏ ସବୁଥିରେ ଆଉ ବିଳମ୍ବ କରି କିଛି ଲାଭ ନାଇଁ । ସବୁ କାମ ସାରି ଆମେ ଯିଏ ଯା' ବାଟରେ ଏଠୁ ଫେରିଯିବା ଆଗରୁ ଅନ୍ତତଃ ମା' ସାଙ୍ଗରେ ଭଲଭାବେ ଟିକେ ପରାମର୍ଶ କରି...

ଚଞ୍ଚଳା : ମାଇଲା ! ମା' କ'ଣ ତାଙ୍କ ତିନି ପୁଅଙ୍କ କଥାରେ ଅରାଜି ହେବେ ନା କ'ଣ ମ !

ମହେନ୍ଦ୍ର : କୋଉ କଥାରେ...

ଦେବେନ୍ଦ୍ର : କଥା କ'ଣ କି ମହେନ୍ଦ୍ର, ବାପାଙ୍କର ଗାଁରେ ଏଇ ଯୋଉ ସମ୍ପତ୍ତି ଅଛି...

ମହେନ୍ଦ୍ର : ସମ୍ପତ୍ତି... ?

ଦେବେନ୍ଦ୍ର : ମାନେ ଏଇ ଯୋଉ ଘର, ତୋଟା, ପୋଖରୀ ଆଉ ଜମି । ତୁ ପରା କହୁଥିଲୁ – ସବୁଗୁଡ଼ାକର ଭାଲ୍ୟୁଏସନ ସମାନ ହବ ?

ମହେନ୍ଦ୍ର : ହଁ, ତୋଟା ଆଉ ପୋଖରୀକୁ ଗୋଟାଏ ବୋଲି ଧରିଲେ ପ୍ରାୟ ସମାନ ହବ । ଘର ମୂଲ୍ୟ ଯେତିକି ହବ, ଜମି ମୂଲ୍ୟ ବି ପ୍ରାୟ ସେତିକି ହବ । ମାନେ ବାପା ମତେ ଥରେ ଏଇ କଥା କହୁଥିଲେ । ହେଲେ ହଠାତ୍ ସେ ପ୍ରସଙ୍ଗ କାଇଁକି ?

ଚଞ୍ଚଳା : ମାଇଲା ! ତା' ମାନେ ତ ଜମାରୁ ଅସୁବିଧା ନାଇଁ । କଥା ଆଉ କାମ-ଦି'ଟା ଯାକ ଏକାଥରକେ ଠ ଠା ଠି ହେଇ ଛିଡ଼ିଯିବ !

ମହେନ୍ଦ୍ର : ମୁଁ କଥାଟାକୁ ଠିକ୍ ଠଉରେଇ ପାରିଲିନି, ଭାଉଜ !

ଚଞ୍ଚଳା : ଆହେ, ରାଜେନ୍ଦ୍ର, କହୁନ ତମେ !

ରାଜେନ୍ଦ୍ର : ନା...ହଁ, ମାନେ ସେ ସବୁକୁ ଆମେ ତିନି ଭାଇ ଏବେଠୁଁ ବାଣ୍ଟି ନେବାଟା ଭଲ । ନା କ'ଣ କହୁଚ, ଦେବଭାଇ ?

ଦେବେନ୍ଦ୍ର : କିଛି ମନ୍ଦ ହୁଅନ୍ତାନି ।

ଚଞ୍ଚଳା : ମାଇଲା ! କାଇଁକି... ବେଶ୍ ଭଲ ହୁଅନ୍ତା ବୋଲି କହିପାରୁନ ?

ମହେନ୍ଦ୍ର : ହେଲେ ମା'ର ଏଇ ଅବସ୍ଥାରେ...

ଚଞ୍ଚଳା : ସେଇଥିପାଇଁ ତ ଭାଇମାନେ ତମର କହୁଚନ୍ତି.... କେତେବେଳେ କ'ଣ ଯେ ଘଟିବ, ତା' ବା କିଏ କହିବ !

ରାଜେନ୍ଦ୍ର : ଆଜିକାଲି ଦେଖୁନ, ମହେନ୍ଦ୍ରଭାଇ... ବୋମା ଫୁଟେଇ ଗାଁମାନଙ୍କରେ କେମିତି ଡକେଇତି ହଉଚି । ମା' ଆମର ବୁଢ଼ୀଲୋକ... ଏକେଲା ମଣିଷ !

ଚଞ୍ଚଳା : ବୁଝିଲ, ମହେନ୍ଦ୍ର – ଟକେ ଗଡ଼ିଲେ ବାର ହାତ ! ଆଜିଠୁ ସେ ସବୁ ଝାମେଲା ତୁଟେଇ ନ ଦେଲେ, ତୁମର ଏଇ ଯୋଉ ଭାଇ ନା...ଛାଡ଼ !

ମହେନ୍ଦ୍ର : ଦେଖୁଚି, ୟା' ଭିତରେ ତମେ ସବୁ ତୁଟେଇ ଦେଇସାରିଚ ।

ଦେବେନ୍ଦ୍ର : ଦେଖ୍ ଭାଇ, ଆମ ଭିତରେ ତ ସେମିତି କିଛି ଭୁଲ୍ ବୁଝାମଣା ନାଇଁ । ତେଣୁ ବଡ଼ଭାଇ ଭାବେ ମୁଁ ଯୋଉ ପ୍ରସ୍ତାବ ଦେବି, ଭାବୁଚି.... ତମେ କେହି ଅପସନ୍ଦ କରିବନି ।

ମହେନ୍ଦ୍ର : କୁହ ଦେଖି... ଶୁଣିବା !

ଦେବେନ୍ଦ୍ର : ମୋର ପ୍ରସ୍ତାବ ହଉଚି – ଏଇ ପୁରୁଣା ଖାନଦାନୀ ଘରଖଣ୍ଡକ ଖଞ୍ଜା ସହିତ ତୁ ନବୁ ।

ମହେନ୍ଦ୍ର : ମୋର ଆପତ୍ତି ନାଇଁ । ସହରରେ ମୋ' କୋଠାଟା ଅଧା ତିଆରି ହେଇ ପଡ଼ିରହିଚି । ଗାଁର ଏଇ ଖଞ୍ଜା ଘରଖଣ୍ଡକ କାହାରିକୁ ବିକିଦେଇ ସେଇଟା ପୂରା କରିଦେଇପାରିବି । ଜରୁର୍ ଗ୍ରାହକ ମିଳିଯିବେ ।

ଦେବେନ୍ଦ୍ର : ଆଉ ପୋଖରୀ ସହ ତୋଟାଟା ରାଜୁ ଭାଗରେ ପଡ଼ିଲେ କେମିତି ହୁଅନ୍ତା ?

ରାଜେନ୍ଦ୍ର : ମୋର ତ ଆଉ ଗାଁରେ ଆସି ମାଛ ଚାଷ କରିବାର ନାଇଁ କିମ୍ବା ତୋଟାରେ ଆମ୍ବ ଆଉ ନଡ଼ିଆ ଫଳେଇ ବେପାର କରିବାର ନାଇଁ । ବରଂ ଠିକଣା ଲୋକ ଦେଖି ସେତକ ବିକ୍ରିବଟା କରିଦେଲେ, ଅନ୍ତତଃ ଫ୍ୟାକ୍ଟରୀଟା ପାଇଁ ଅତ୍ୟାବଶ୍ୟକ ଟଙ୍କାଟା ଯୋଗାଡ଼ ହେଇ ଯାଇପାରନ୍ତା । ବାକି ଟଙ୍କା ଫାଇନାନ୍ସ କର୍ପୋରେସନରୁ ମିଳିଯିବ ! ବଡ଼ଭାଇଙ୍କ କଥାରେ ମୁଁ ବିଲ୍‌କୁଲ୍ ରାଜି ।

ଦେବେନ୍ଦ୍ର : ବାକି ରହିଲା ଜମି... ସେତକ ମୋ' ଭାଗରେ ।

ମହେନ୍ଦ୍ର : ସହରରେ ରହି ଭାଇ ବୋଧେ ଗାଁରେ ଭାଗଚାଷ କରିବା ମତଲବରେ ଅଛନ୍ତି ।

ଚଞ୍ଚଳା : ମାଇଲା ! ପାଞ୍ଚ ପାଞ୍ଚଟା ଝିଅକୁ ଜନମ ଦେଇଚି । ଖଣ୍ଡେଖଣ୍ଡେ ଜମି ବିକିଲେ, ଗୋଟାଏଗୋଟାଏ ଝିଅ ଉଠିବେ । ଚଢ଼ା ଯଉତୁକ ନ ଦେଲେ ଆଜିକାଲି କ'ଣ ଭଲ ଜ୍ୱାଇଁ ମିଳୁଚନ୍ତି ? ପୋଡ଼ା କପାଳକୁ ଝିଅଗୁଡ଼ାକ ଟିକେ ସୁନ୍ଦର ହୋଇଥା'ନ୍ତେ ଭଲା !

ମହେନ୍ଦ୍ର : ଗାଁରେ ରହିବାକୁ ଆମ ଭିତରୁ କେହି ଯେତେବେଳେ ରାଜି ନୁହନ୍ତି, ସେତେବେଳେ ଏଠି ଏତେ ସବୁ ସମ୍ପତ୍ତି ରଖି ଲାଭ ବା କ'ଣ ? ତେଣୁ ତମମାନଙ୍କ ଚିନ୍ତା ଆଉ ହିସାବ ସହ ମୁଁ ଏକମତ ।

(ତିନି ଭାଇ ଯାକ ଖୁସିରେ କୋଳାକୋଳି ହାତ ମିଳାମିଳି ହେଲାବେଳେ ଭିତରୁ ଝିଅ କୁନି ସହ ମା' ପ୍ରବେଶ କରିଛନ୍ତି । ହଠାତ୍ ବାତାବରଣ ଗମ୍ଭୀର ହୋଇପଡ଼ିଛି)

ତିନିହେଁ : ମା'.... !! ତୁ ??

ମା' : ଶୁଣିଚି... ସବୁ ଶୁଣିଚି । ଭଲ...ବେଶ୍ ଭଲ କରିଚ ! ଭାଇଭାଇ ଭିତରେ ବିଚାର ଆଲୋଚନା କରି ଭଲରେ ଭଲରେ ସବୁ ତୁଟେଇ ଦେଇପାରିଚ । ଦେବତା ଭଳି ବାପା ତମର, ସିଏ ଟଳି ପଡ଼ିଲେ... ତମକୁ ଛାଡ଼ି ଚାଲିଗଲେ ! ମୋର ବା ଆଉ କେତେ କାଳ ? ତମ ପ୍ରସ୍ତାବରେ ମୁଁ ଖୁସି । ମଲାଗଲା କାଳକୁ ମୁଁ ବା କାଇଁକି ବଇରୀ ମୁଣ୍ଡେଇବି ? ମୋ' ମୁଣ୍ଡକୁ ବା କାଇଁକି ଆହୁରି ବୋଝ ରଖିବି ?

ଦେବେନ୍ଦ୍ର : ମା'...କଥା କ'ଣ କି ବାପା ଥିଲେ, କଥା ଅଲଗା ଥିଲା । ଏଇନେ ତୁ ଅଛୁ, ଏକାଏକା ତୁ କେତେ କ'ଣ କରିବୁ ଯେ ?

ମା' : ହେଲେ ଦେବ, କୁନି ବି ତ ଏ ଘରର ଝିଅ । ତମମାନଙ୍କର ଗୋଟିଏ ବୋଲି ଭଉଣୀ ସିଏ । ବାହାସାହା ହେଇ ପରଘରକୁ ବୋହୂ ହୋଇ ଚାଲିଯାଇଚି ବୋଲି ତା' ଭାଗଟାକୁ ଯେମିତି ବୁଡ଼େଇ ନ ଦିଅ-

ଚଞ୍ଚଳା : (ଆଢୁଆଳରେ) ମାଇଲା ! ତମେ କହୁନ, ମହେନ୍ଦ୍ର - କୁନି ବାହା ହେଇ ଗଲାବେଳେ ତାଙ୍କ ଯଉତୁକରେ ହାତୀ-ଛତି ସବୁ ଦିଆ ହୋଇଥିଲା । ଭାଇଙ୍କ ଭାଗରେ ପୁଣି ଭଉଣୀଙ୍କ ଭାଗ କାହିଁକି ?

ମହେନ୍ଦ୍ର : ସତ କହିବାକୁ ଗଲେ, ଭାଉଜ - ଆଇନ୍ ଅନୁଯାୟୀ ବାପାଙ୍କ ସମ୍ପତ୍ତି ଉପରେ ପୁଅ ସହ ଝିଅର ବି ଭାଗ ଅଛି । ତେଣୁ କୁନି ନିଶ୍ଚେ ଭାଗ ପାଇବାର କଥା ।

କୁନି : ମୋର ବେଶି କିଛି ଦରକାର ନାହିଁ, ଭାଇ । ମୁଁ ତ ଭାବିଚି, ମା'ର ଗହଣାତକ ଯାହା ନେବି ।

ଚଞ୍ଚଳା : ମାଇଲା ! ମୋ ଝିଅମାନେ ତା' ହେଲେ କ'ଣ ତାଙ୍କ ଗୋସେଇଁମା'ଙ୍କଠୁ କିଛି ବି ଗହଣା ପାଇବେନି ? ସେମାନେ ବି ତ ଏ ଘରର ନାତୁଣୀ । ତାଙ୍କପାଇଁ ବି କିଛି ଗୋଟାଏ ଆଇନ୍ ପଏଣ୍ଟ ବାହାର କରୁନ ?

ମା' : ସବୁ ହେଲା, ସମସ୍ତେ ସବୁ ପାଇଗଲେ । ସମ୍ପତ୍ତିର ଭାଗବଣ୍ଟା ସରିଗଲା । ସମସ୍ତେ ବି ସନ୍ତୁଷ୍ଟ ହେଲେ । ମୋର ଆଉ କ'ଣ ଦରକାର ? ତୁମମାନଙ୍କର ଖୁସିରେ ଇ ତ ମୋର ଖୁସି ।

ତିନିଭାଇ : ମା'... !!

ମା' : ଆଜି ହାତରୁ ମୁଁ ଶଙ୍ଖା କାଢ଼ିଚି । ମଥାରୁ ମୋ ସିନ୍ଦୂର ଲିଭିଚି । ଏଇନେ ତମେମାନେ ଇ ତ ମୋ ସାହା ! ମୋର ଭରସା !! ହେଲେ ମତେ ଖାଲି ଟିକେ ଏତିକି ଜଣେଇଦିଅ - ତମମାନଙ୍କର ଭାଗବଣ୍ଟାରେ ତମର ଏଇ ହୀନକପାଳୀ ବୁଢ଼ୀ ମା'ଟା କାହା ଭାଗରେ ପଡ଼ିଲା ??

ଚଞ୍ଚଳା : ମାଇଲା !

ଦେବେନ୍ଦ୍ର : ଭାଗ ବଣ୍ଟାରେ ମା'.... ?

ମହେନ୍ଦ୍ର : ମା' ପୁଣି କାହା ଭାଗରେ କ'ଣ... ?

ରାଜେନ୍ଦ୍ର : ମୁଁ ମା' କଥା କିଛି ବୁଝିପାରିଲିନି ।

କୁନି : ଏ ତୁ କ'ଣ କହୁଚୁ, ମା' ?

ମା' : କୁହ- ମୁଁ ମୋ ଏ ପୋଡ଼ା ଜୀବନର ବାକିତକ ଦିନ କାହା ପାଖରେ ରହି କାଟିବି ? କିଏ ରଖିବ ମତେ ନେଇ ?

(ହଠାତ୍ ସମସ୍ତେ ନିରୁତ୍ତର ହୋଇଯାଇ ପରସ୍ପରକୁ ଚାହିଁଛନ୍ତି ।)

ମା' : କ'ଣ ସବୁ ମୋ' ପାଇଁ ଠିକ୍ କରିଚ, ଶୁଣେ - ? ମୋର ଥଇଥାନପାଇଁ କି କି ବ୍ୟବସ୍ଥା ତମେ ସବୁ କରିଚ ?

| | | |
|---|---|---|
| ଦେବେନ୍ଦ୍ର | : | ମୁଁ.....ମାନେ ମତେ କହିବାପାଇଁ କହୁଚୁ ? |
| ଚଞ୍ଚଳା | : | କିହୋ, କହୁନ - ଏଡ଼େ ବଡ଼ ସହରଟାରେ ଅଢ଼େଇ ବଖରା ଭଡ଼ା ଘରେ ପାଞ୍ଚ ପାଞ୍ଚଟା ପାଠପଢୁଆ ଝିଅଙ୍କୁ ନେଇ ଆମେ କେମିତି ଚଢ଼ା ବଜାର ଦର ଭିତରେ ଦହଗଞ୍ଜ ହେଇ ଚଳୁଚୁଁ, ସେଥିରେ ପୁଣି ମା'ଙ୍କୁ ନେଲେ, କୋଉଠି ରଖିବୁ ? ତମର ତ ପୁଣି ଯୋଉ ଦରମା ! ନା ଉପୁରି ଅଛି, ନା ସପୁରୀ ! ଛାଡ଼- |
| ଦେବେନ୍ଦ୍ର | : | ତା' ନ ହେଇଥିଲେ, କଷ୍ଟେମଷ୍ଟେ ଚଳିଯାଇ ହୁଅନ୍ତା ! ବରଂ, ମୁଁ କହିବି - ମା' ମହେନ୍ଦ୍ର ପାଖରେ ରହୁ । ସହରରେ ସେ ନିଜେ ଘର ତୋଳିଚି । ଛୋଟ ପରିବାର ତା'ର । ରୋଜଗାର ବି ବେଶ୍ କରୁଚି । |
| ମହେନ୍ଦ୍ର | : | ମୋର ସେଥିରେ କିଛି ଆପତ୍ତି ନାଇଁ । ହେଲେ ମା' ତୁ ତ ଜାଣୁ - ମୂଳରୁ ଇ ତ ତମ ଶାଶୂ ବୋହୂଙ୍କର ଜମା ପଡୁନି । କଲେଜ୍ ପଢୁଆ ବଡ଼ଲୋକ ଘରର ଝିଅ ସେ ! ଦେଖିଲୁନି, କେମିତି ସେ ଦି'ଟା ଦିନ ବି କୁନି ବାହାଘରେ ଖଟିଚି କି ନାଇଁ, ରାଗିରୁଷି ପଳେଇଗଲା । ସେଇ ରାଗ ନେଇ ଏଥର ଟିକେ ଶୁଦ୍ଧ ହବାକୁ ବି ଆସିଲାନି । ତୁ ଯଦି ତା' ପାଖରେ ଟିକେ ଆଡ୍‌ଜଷ୍ଟ କରି ଚଳିଯାଇପାରିବୁ - ତା' ହେଲେ ମୋର କିଛି କହିବାର ନାହିଁ । ତେବେ ସେ ରାଜି ହେଲେ ହେଲା । ମୁଁ ଯାଇ ଆଗ ତା'ଠୁ ବୁଝେ । ଆଚ୍ଛା, ରାଜେନ୍ଦ୍ର - ମା' ତୋ' ପାଖରେ ରହିଗଲେ କ୍ଷତି କ'ଣ ହୁଅନ୍ତା ? ଆରେ, ତୁ ତ ଆମ ଭିତରେ ସାନ । ସ୍ୱାମୀ-ସ୍ତ୍ରୀ-ଦୁଇ ପ୍ରାଣୀର କୁଟୁମ୍ବ ତୁମର । ବିଶେଷ ସମସ୍ୟା ବି ନାଇଁ । |
| ରାଜେନ୍ଦ୍ର | : | ବୁଝିଲେ, ଭାଇ - ସେଇ ଦୁଇ ପ୍ରାଣୀ ବୋଲି ଇ ତ ସବୁଠୁ ବେଶି ସମସ୍ୟା ! ସେ ଗୋଟାଏ ଜାଗାରେ ଏକା ତ ମୁଁ ଆଉ ଗୋଟାଏ ଏକେଲା ! ସେ ତା' ଚାକିରିକୁ ନେଇ ବ୍ୟସ୍ତ ତ ମୁଁ ଫ୍ୟାକ୍ଟରୀ କରିବି ବୋଲି ବିବ୍ରତ ! ନା ତାକୁ ଫୁରୁସତ୍ ମିଳୁଚି, ନା ମତେ ! ନା ସେ ସେଠି ଦିନସାରା ଘରେ ରହୁଚି, ନା ମୋର କୋଉଠି ଘର ବୋଲି କିଛି ଠିକଣା ଅଛି ? ଏମିତିରେ ମା'ର ଦେଖାଶୁଣା କିଏ କରିବ ? ତା'ର ଯତ୍ନ କିଏ ନେବ ? ବଡ଼ ସମସ୍ୟା ! ସେଇ ସମସ୍ୟା ଯୋଗୁଁ ଇ ତ ସେ ଏତେଗୁଡ଼ାଏ ଦିନ ଛୁଟି ନେଇ ଏତେ ବାଟରୁ ଦଶାହ ଖଟିବାକୁ ଆସିପାରିଲାନି । ଚାକିରିର ଚାପ ! କ'ଣ ଆଉ କରାଯାଏ । ଆଚ୍ଛା କୁନି ! ମା' ଯଦି ତୋ' ପାଖରେ ରହିଯା'ନ୍ତା.. ? |
| କୁନି | : | ଯଦି ଏଇଟା ସମ୍ଭବ ହୁଅନ୍ତା ନା, ତା'ହେଲେ ତ ସବୁଠୁ ବେଶି ଖୁସି ମୁଁ ହୁଅନ୍ତି ! ସେ ବି ମୋ କଥାରେ କେବେ ଅରାଜି ହୁଅନ୍ତେନି ! ତାଙ୍କର ବି ତ ମା' ନାହାନ୍ତି । ତେଣୁ ମା'ର ସାନ୍ନିଧ୍ୟଟା ଆମ ଦୁହିଙ୍କୁ ମିଳନ୍ତା । କିନ୍ତୁ - ଲୋକେ କ'ଣ କହିବେ ? ପୁଅମାନେ ଥାଉ ଥାଉ ମା' ଯଦି ଝିଅ ଘରେ ଆଶ୍ରା ନିଏ, ତା' ହେଲେ ଲୋକନିନ୍ଦା ହବନି ? |
| ମା' | : | ସାବାସ୍ ! ଦେଖୁଚି, ତମେ ସମସ୍ତେ ମିଶି ଜୀବନସାରା କଷ୍ଟ କରି ବାପା ଅର୍ଜନ କରିଥିବା ସମ୍ପତ୍ତିତକ ନିଜ ନିଜ ଭିତରେ ଖୁବ୍ ସହଜରେ ବାଣ୍ଟି ଦେଇପାରିଲ । (କାନ୍ଦି ଉଠି) ଅଥଚ ଦଶମାସ ଦଶଦିନ ଗର୍ଭରେ ଧରି ଜନ୍ମ କରିଥିବା ଏଇ ବିଧବା ମା'ଟାକୁ ଟିକେହେଲେ ବି ବାଣ୍ଟି ପାରିଲନି । ତମମାନଙ୍କ ଭିତରୁ କାହାରି ଜଣକ ଭାଗରେ ବି ସେ ପଡ଼ିଲାନି । ଆଉ ଆଜି - ଏଇଟା ଇ ବୋଧେ ମୋ' ଭାଗ୍ୟର ଭାଗଶେଷ ! (କଣ୍ଠ ବାଷ୍ପରୁଦ୍ଧ ହୋଇ ପଡ଼ିଛି) । |
| | | (ହଠାତ୍ ସମସ୍ତେ ନିଜ ସ୍ଥିତି ଓ ଭଙ୍ଗୀରେ ନିଶ୍ଚଳ ହୋଇ ପଡ଼ିଛନ୍ତି । ମଞ୍ଚର ଆଲୋକ ସଙ୍କୁଚିତ ହୋଇପଡ଼ିଛି ।) |

## ଶେଷଦୃଶ୍ୟ

(ମଞ୍ଚରେ ପୂର୍ଣ୍ଣାଲୋକ ଆସିବା ମାତ୍ରେ ପୂର୍ବର ପାରିବାରିକ ପରିବେଶ ପୁନଶ୍ଚ ପ୍ରତିଷ୍ଠିତ ହୋଇଛି । ସମସ୍ତେ ନିଶ୍ଚଳତା ଭଙ୍ଗ କରିଛନ୍ତି ।)

ଓକିଲ : (ହାତରେ ଲଫାପାଟିଏ ଧରି ବାହାରୁ ପ୍ରବେଶି ଏବଂ ସମସ୍ତଙ୍କୁ ଗମ୍ଭୀର ମୁଦ୍ରାରେ ଦେଖି ମା'ଙ୍କ ପ୍ରତି) କ୍ଷମା କରିବେ, ଭାଉଜ - କଚେରିରୁ ଆସୁ ଆସୁ ମୋର ଟିକେ ଡେରି ହୋଇଗଲା । ଭାଇ ଯେ, ଏତେ ଜଲ୍‌ଦି ଏମିତି ଚାଲିଯିବେ, କେହି କ'ଣ କେବେ ଭାବିଥିଲା ! ଗାଁଟା ସାରା କାହାରି ମନରେ ଟିକେ ସୁଖ ନାଇଁ । ସବୁରି ମୁହଁରେ ତାଙ୍କରି ଚର୍ଚ୍ଚା...ତାଙ୍କରି ପ୍ରଶଂସା !

ମା' : ହଁ, ଆଜି ବସି ସବୁ ଭାବିଲାବେଳକୁ ବହୁତ ଡେରି ହୋଇଗଲାଣି ।

ଓକିଲ : ତମେ ଏମିତି କାହିଁକି କହୁଚ, ଭାଉଜ ? ଭାଇ ତ ଆମର ମଣିଷ ନ ଥିଲେ, ଥିଲେ ଦେବତା ! ହଁ...ହଁ.... ଦେବତା !

ଦେବେନ୍ଦ୍ର : ସେଇତକ ଇ ତ ଆମ ପାଇଁ ସାନ୍ତ୍ୱନା, ଓକିଲ ମଉସା ! ତା'ଙ୍କୁ ଇ ତ ନେଇ ଆମର ଗର୍ବ କରିବାର ଅଛି ।

ଓକିଲ : ନିଶ୍ଚୟ...ନିଶ୍ଚୟ । ତମେ ସମସ୍ତେ ଯେ ବଡ଼ ଭାଗ୍ୟବାନ୍ । ବାପା ତମର ଯେମିତି ଦେବତା, ମା' ବି ସେମିତି ଲକ୍ଷ୍ମୀ ସାଆନ୍ତାଣୀ !!

ଦେବେନ୍ଦ୍ର : ହଁ, ମଉସା - ମୁଁ ଏଇନେ ମହେନ୍ଦ୍ରକୁ ଆପଣଙ୍କ ପାଖକୁ ପଠେଇବି ବୋଲି ଭାବିଥିଲି ।

ଓକିଲ : ଅଥଚ ମୁଁ ଆସି ହାଜର ହେଇଗଲି । ଦେଖିବ, ତମର ଏଇ ବୁଢ଼ା ଓକିଲ ମଉସା ବେଶିଦିନ ବଞ୍ଚିବ ।

ମହେନ୍ଦ୍ର : କଥା କ'ଣ କି, ଏଇ ଗାଁରେ ଆପଣ ଯେତେବେଳେ ବାପାଙ୍କର ସବୁଠୁ ପୁରୁଣା ବନ୍ଧୁ.... ଭାଇ, ତାଙ୍କ ସୁଖ-ଦୁଃଖର ସାଥୀ - ତେଣୁ ଆମେ ବାପାଙ୍କର ଏଇ ସମ୍ପତ୍ତି ବିଷୟରେ ଟିକେ ଆପଣଙ୍କ ସହ ପରାମର୍ଶ କରିବାକୁ ଚାହୁଁଥିଲୁ ।

ଓକିଲ : ମୁଁ ବି ତ ଆଜି ତୁମ ବାପାଙ୍କ ସମ୍ପତ୍ତି କଥା ଇ କହିବାକୁ ଆସିଚି !

ରାଜେନ୍ଦ୍ର : ସତେ ନା କ'ଣ ? ଆଚ୍ଛା, ମଉସା - ଆମ ତିନି ଭାଇଙ୍କ ଭିତରେ ଭାଗବଣ୍ଟାରେ ଆଇନଗତ ସେମିତି କିଛି ଅସୁବିଧା ହବନି ତ ? ଭାଗବଣ୍ଟାପାଇଁ ଆମ ଭିତରେ ଗୋଟିଏ ବୁଝାମଣା....ଗୋଟାଏ ରାଜିନାମା ବି ହେଇସାରିଚି !

ଓକିଲ : ଭାଗବଣ୍ଟା !! କ'ଣ କହୁଛ ତମେ ? ତା' କେମିତି ଆଉ ସମ୍ଭବ ??

ତିନିହେଁ : କାଇଁକି ସମ୍ଭବ ନୁହଁ ?

ଓକିଲ : ବାପା ତମର ଯେ କେବେଠୁଁ ତାଙ୍କର ସ୍ୱ-ଅର୍ଜିତ ସମସ୍ତ ସମ୍ପତ୍ତିକୁ ଏକା ତୁମ ମା'ଙ୍କ ନାଁରେ ଇ ଉଇଲ୍ କରି ଦେଇଯାଇଚନ୍ତି !!

| | | |
|---|---|---|
| ତିନିହେଁ | : | (କିଂକର୍ତ୍ତବ୍ୟବିମୂଢ଼ ହୋଇ)<br>ହ୍ୱାଟ୍ ? ମାନେ,ମାନେ ମା'ଙ୍କ ନାଁରେ ସମସ୍ତ ସମ୍ପତ୍ତିର ଉଇଲ୍... !! |
| ଓକିଲ | : | ସେଇ ଉଇଲ୍‌ନାମାଟିକୁ ଇ ତ ମୁଁ ଆଜି ମା'ଙ୍କ ହାତରେ ଦେଇ ମୋର କର୍ତ୍ତବ୍ୟ ସମ୍ପାଦନ କରିବି ବୋଲି ଆସିଥିଲି । (ଲଫାପାରେ ଆଣିଥିବା ଉଇଲ୍‌ନାମାଟିକୁ ମା'ଙ୍କୁ ବଢ଼େଇ ଦେଇଛନ୍ତି) ସତ କହିବାକୁ ଗଲେ, ବାପାଙ୍କ ଅନ୍ତେ...ପୁଅ ବା ଝିଅଙ୍କର ନୁହେଁ, ସମ୍ପତ୍ତି ଉପରେ ମା'ର ଇ ପ୍ରଥମ ଅଧିକାର ! |
| ମା' | : | (ଉଇଲ୍‌ନାମାଟିକୁ ଛାତିରେ ଚାପି ହସିବାକୁ ଚେଷ୍ଟା କରି ଖୁବ୍ ଜୋରରେ କାନ୍ଦି ଉଠିଛନ୍ତି ।)<br>(ନେପଥ୍ୟରୁ ଶୀର୍ଷକ ଆଳାପ/ସଂଗୀତ ଗୁଞ୍ଜରି ଉଠିବା ସହ କ୍ରମଶଃ ଯବନିକା ପତନ ।) |

**ଆସ, ଜାଣିବା କେତୋଟି ନୂତନଶବ୍ଦ ।**

| | | | |
|---|---|---|---|
| ପହର | ସଲାସୁତୁରା | ବଇରୀ | ଗମ୍ଭୀର ମୁଦ୍ରା |
| ଉଜାଗର | ଭେଜା | ରାଜିନାମା | ବିବ୍ରତ |
| ହରବର | ହଡ଼ପ | ସମ୍ପାଦନ | ସାନ୍ନିଧ |

## ଅଭ୍ୟାସକାର୍ଯ୍ୟ

**(୧) ଆସ, କଥାବାର୍ତ୍ତା ହେବା ।**

(କ) ବାପାଙ୍କ ଫଟୋକୁ ଦାଣ୍ଡଘରେ କାହିଁକି ଟଙ୍ଗାହେଲା ?

(ଖ)ଚଞ୍ଚଳା ଝିଅ ବାହାଘର ପାଇଁ ବ୍ୟସ୍ତ ହେଉଥିଲେ କାହିଁକି ?

(ଗ) ଦେବେନ୍ଦ୍ରଙ୍କୁ ରାଜେନ୍ଦ୍ର ଟଙ୍କା ମାଗିବାର କାରଣ କ'ଣ ଥିଲା ?

(ଘ) ଚଞ୍ଚଳାଙ୍କ କଥାରେ ଦେବେନ୍ଦ୍ର କାହିଁକି ଚମକି ପଡ଼ିଥିଲେ ?

(ଙ) ମା'ଙ୍କୁ କେଉଁକଥା ବୁଝାଇ ହେବ ନାହିଁ ବୋଲି ଦେବେନ୍ଦ୍ର କହିଥିଲେ ?

**(୨) ଆସ, ତଳେ ଦିଆଯାଇଥିବା ପ୍ରତି ପ୍ରଶ୍ନର ଉତ୍ତର ଦୁଇ ବା ତିନୋଟି ଲେଖାଁଏ ବାକ୍ୟରେ ଲେଖିବା ।**

(କ) 'ମୁଗୁରାମେଲା' ବୋଲି ଚଞ୍ଚଳା କାହିଁକି କହିଥିଲେ ?

(ଖ) ରାଜେନ୍ଦ୍ରଙ୍କ ପାଖରେ ନିଜ ମନ କଥା କହିବାକୁ ଚଞ୍ଚଳା କିପରି ଛଳନା କରିଥିଲେ ?

(ଗ) ଭାଇଭାଗ ସମ୍ପର୍କରେ ଦେବେନ୍ଦ୍ର କ'ଣ କହିଥିଲେ ?

(ଘ) ଦେବେନ୍ଦ୍ରଙ୍କୁ ମା' କ'ଣ କହିଥିଲେ ?

(ଙ) ମା'ଙ୍କୁ ପାଖରେ ରଖିବାକୁ କୁନି ମନାକଲେ କାହିଁକି ?

**(୩) ତଳେ ଦିଆଯାଇଥିବା ବାକ୍ୟକୁ ଉତ୍ତର ସରଳ ଭାଷାରେ ବୁଝାଇ ଲେଖ ।**

(କ) ଏଡ଼େ ସୁନ୍ଦର ଘର......... ଏଡ଼େ ଗୁଣର ବରକୁ ଛାଡ଼ିଦେଲେ, ତମ ଝିଅର କପାଳ ତ ଫିଟିବନି, ହେଲେ ଜରୁର୍ ଫାଟିବ - ମୁଁ କହି ରଖୁଛି, ହଁ...!

(ଖ) ଆଜିଠୁ ସେ ସବୁ ଝାମେଲା ତୁଟେଇ ନଦେଲେ, ତୁମର ଏଇ ଯୋଉ ଭାଇ ନା.... ଛାଡ଼ ।

**(୪) ତଳେ ଦିଆଯାଇଥିବା ଉକ୍ତିଗୁଡ଼ିକର ଅର୍ଥ ବୁଝାଇ ଲେଖିବା।**

(କ) 'ମୁଗୁରାମେଲା' __________

(ଖ) 'ଠ ଠା ଠି' ହେଇ ଛାଡ଼ିଯିବ __________

(ଗ) ନା ଉପୁରି ଅଛି ନା ସପୁରୀ __________

(ଘ) 'ଚକେ ଗଲେ ବାର ହାତ' __________

(ଙ) ପୋଡ଼ାକପାଳକୁ ଝିଅଗୁଡ଼ିକ ଟିକେ ସୁନ୍ଦର ହୋଇଥା'ନ୍ତି ଭଲା! __________

**(୫) ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକୁ ବ୍ୟବହାର କରି ବାକ୍ୟଗଠନ କରିବା ।**

ସାନ୍ତ୍ୱନା __________________________________________

ବିବ୍ରତ __________________________________________

ସାନିଧ୍ୟ __________________________________________

ବୁଝାମଣା__________________________________________

ଉଜାଗର __________________________________________

**(୬) ଆସ, ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକୁ ନେଇ ଗୋଟିଏ ଅନୁଚ୍ଛେଦ ଲେଖିବା ।**

| | | | |
|---|---|---|---|
| ବାଟଖର୍ଚ୍ଚ, | ତୀର୍ଥ, | ଯୋଗାଡ଼ଯନ୍ତ୍ର | |
| ଥଇଥାନ, | ସମ୍ପାଦନ, | ଅର୍ଜନ, | ବରାଦ |

**(୭) ତଳେ ଦିଆଯାଇଥିବା ସଂଳାପ ଗୁଡ଼ିକ କିଏ କହିଛନ୍ତି, ଡାହାଣ ପାଖ ବନ୍ଧନୀରେ ତାଙ୍କ ନାମ ଲେଖିବା ।**

(କ) ହଁ, ଭାଇ - ଚାକିରିରୁ ରିଟାୟାର୍ଡ୍ କରି ଗାଁକୁ ଫେରିଲା ପରେ ଏଇ ବୈଠକଖାନା ଇ ତ ଥିଲା ବାପାଙ୍କର ସବୁଠୁ ବଡ଼ ତୀର୍ଥ । (                    ) ।

(ଖ) ବାପା ଗଲା ଦିନଠୁ ମା'ର ଅବସ୍ଥା ତ ଦେଖୁଛ ! ପାଞ୍ଚଦିନ ହୋଇଗଲା, ପାଣି ଟୋପାଏ ବି ମୁହଁରେ ଦଉନି ।

( ) ।

(ଗ) ହଁ, ଆଜି ବସି ସବୁ ଭାବିଲା ବେଳକୁ ବହୁତ ଡେରି ହୋଇଗଲାଣି ।

(ଘ) ବାପା ତମର ଯେ କେବେଠୁଁ ତାଙ୍କର ସ୍ୱ-ଅର୍ଜିତ ସମସ୍ତ ସମ୍ପତ୍ତିକୁ ଏକା ତୁମ ମା'ଙ୍କ ନାଁରେ ଇ ଉଇଲ୍ କରି ଦେଇଯାଇଛନ୍ତି । ( ) ।

(ଙ) ଯଦି ଏଇଟା ସମ୍ଭବ ହୁଅନ୍ତା ନା, ତା' ହେଲେ ତ ସବୁଠୁ ବେଶି ଖୁସି ମୁଁ ହୁଅନ୍ତି ।

( ) ।

## (୮) ତଳେ ଦିଆଯାଇଥିବା ଅନୁଚ୍ଛେଦଟିକୁ ପଢ଼ି ତା' ପାଇଁ କେତେଗୁଡ଼ିଏ ପ୍ରଶ୍ନ ତିଆରି କରିବା ।

ବୁଝିଲେ ଭାଇ - ସେଇ ଦୁଇ ପ୍ରାଣୀ ବୋଲି ଇ ତ ସବୁଠୁ ବେଶି ସମସ୍ୟା ! ସେ ଗୋଟାଏ ଜାଗାରେ ଏକା ତ ମୁଁ ଆଉ ଗୋଟାଏ ଏକେଲା ! ସେ ତା' ଚାକିରିକୁ ନେଇ ବ୍ୟସ୍ତ ତ ମୁଁ ଫ୍ୟାକ୍ଟରୀ କରିବି ବୋଲି ବିବ୍ରତ ! ନା ତାକୁ ଫୁରୁସତ୍ ମିଳୁଚି, ନା ମତେ ! ନା ସେ ସେଠି ଦିନସାରା ଘରେ ରହୁଚି, ନା ମୋର କୋଉଠି ଘର ବୋଲି କିଛି ଠିକଣା ଅଛି ? ଏମିତିରେ ମା'ର ଦେଖାଶୁଣା କିଏ କରିବ ? ତା'ର ଯତ୍ନ କିଏ ନେବ ? ବଡ଼ ସମସ୍ୟା ! ସେଇ ସମସ୍ୟା ଯୋଗୁଁ ଇ ତ ସେ ଏତେଗୁଡ଼ାଏ ଦିନ ଛୁଟି ନେଇ ଏତେ ବାଟରୁ ଦଶାହ ଖଟିବାକୁ ଆସିପାରିଲାନି । ଚାକିରିର ଚାପ ! କ'ଣ ଆଉ କରାଯାଏ । ଆଚ୍ଛା କୁନି ! ମା' ଯଦି ତୋ' ପାଖରେ ରହିଯା'ନ୍ତା........ ?

## (୯) 'ହରବର' ପରି ଆଉ ପାଞ୍ଚଟି ଶବ୍ଦ ଲେଖିବା ।

________ ________ ________

________ ________

## (୧୦) ଭୁଲଥିବା ଶବ୍ଦକୁ ବାଛି ତା' ପାଖରେ ଠିକ୍ କରି ଲେଖିବା ।

| | |
|---|---|
| ବଇରି- | ପୁଝାରୀ- |
| ଅର୍ଥନିତୀ- | ପୁରା- |
| ବୋହୁ- | ମୁହୁର୍ତ୍ତ- |
| ଯାଗା- | ପ୍ରସ୍ଥାବ- |
| ସିନ୍ଦୁର- | ପ୍ରସଂସା- |

## ତୁମପାଇଁ କାମ :

ଏହି ଏକାଙ୍କିକାରେ ତୁମକୁ ସବୁଠାରୁ କେଉଁ ଚରିତ୍ରଟି ଅଧିକ ଭଲ ଲାଗୁଛି ଓ କାହିଁକି ସେ ସଂପର୍କରେ ଗୋଟିଏ ଅନୁଚ୍ଛେଦ ଲେଖ ଓ ଶ୍ରେଣୀରେ ପଢ଼ି ସାଙ୍ଗମାନଙ୍କୁ ଶୁଣାଅ ।

***